# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୩/୨୦୨୨ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, September 3/2022 Page 14 ₹ 7.00 ★★★★

୪୮ଶ ଭାଗ ୨୭୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 48 ISSUE 279 ମୂଲ୍ୟ₹୭/-





**୭୪ କୋଟିର ମାଲିକାଣୀ ସୋନାକ୍ଷୀ**

ବଲିଉଡ୍ ଦବଙ୍ଗ ଗାର୍ଲ ସୋନାକ୍ଷୀ ସିହ୍ନା ୭୪ କୋଟି ମୂଲ୍ୟ ସମ୍ପତ୍ତିର ମାଲିକାଣୀ।

୧୦



୧୪

**କଲ୍ୟାଣ ଚୌବେ ଏଆଇଏଫ୍ଏଫର ନୂଆ ସଭାପତି**

କଲ୍ୟାଣ ଚୌବେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍)ର ନୂଆ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି।






କେରଳର କୋଚି ଶିପ୍‌ୟାର୍ଡରୁ ଗୁରୁବାର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଭାରତର ପ୍ରଥମ ବିମାନବାହୀ ଯୁଦ୍ଧଜାହାଜ ଆଇଏନ୍ଏସ୍ ବିକ୍ରାନ୍ତର ଜଳାବତରଣ।

# ବିଚାରପତିଙ୍କ ସନ୍ଦେହଜନକ ମୃତ୍ୟୁ

## କ୍ୱାର୍ଟର୍ସରୁ ମିଳିଲା ଝୁଲନ୍ତା ମୃତଦେହ, ପୋଲିସ କହୁଛି ଆତ୍ମହତ୍ୟା

- **୨ ଦିନ ଛୁଟିରେ ଥିଲେ, ପୁଣି ଶୁକ୍ରବାର ଛୁଟି ନେଇଥିଲେ**
- **ବାପାଙ୍କ ଶ୍ରାଦ୍ଧ ଦିବସରେ ଅଘଟଣ**
- **୨ ବର୍ଷରେ ଦେଇଥିଲେ ୭୬ କେସ୍‌ର ରାୟ**

**କଟକ ଅଫିସ/ଯାଜପୁର ଅଫିସ,୨।୯**

କଟକ ସ୍ୱତନ୍ତ୍ର ପୋକ୍ସୋ (ପ୍ରୋଟେକସନ ଅଫ୍ ଚିଲଡ୍ରେନ୍ ଫ୍ରମ୍ ସେକ୍ସୁଆଲ ଅଫେନ୍‌ସେସ୍) କୋର୍ଟର ବିଚାରପତି ସୁବାସ କୁମାର ବିହାରୀ (୫୦)ଙ୍କର ସିଡିଏ ସେକ୍ଟର-୯ସ୍ଥିତ ସରକାରୀ ବାସଭବନରେ ସନ୍ଦେହଜନକ ମୃତ୍ୟୁ ହୋଇଛି। ଶୁକ୍ରବାର ତାଙ୍କ ବାପା ବିଷ୍ଣୁ ଚରଣ ବିହାରୀଙ୍କ ଶ୍ରାଦ୍ଧ ଥିବା ବେଳେ ତାଙ୍କର ଏଭଳି ମୃତ୍ୟୁ ଘଟଣା ଅନେକଙ୍କୁ ବିଷାଦଗ୍ରସ୍ତ କରିଛି। ସେ ୨୦୨୨ରେ ୭୬ ମାମଲାର ରାୟ ଦେଇଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ କେସ୍‌ରେ ଦୋଷୀଙ୍କୁ ଦଣ୍ଡବିଧାନ କରି ନ୍ୟାୟ ବ୍ୟବସ୍ଥାରେ ଏକ ଉଲ୍ଲେଖନୀୟ ଛାପ ସୃଷ୍ଟି କରିଛନ୍ତି। ତାଙ୍କ ମୃତଦେହକୁ ମର୍କତନଗର ଫେଜ୍-୧ ପୋଲିସ ସ୍ଥାନୀୟ ଏକ ହସ୍ପିଟାଲରୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣା ଚର୍ଚ୍ଚାର ବିଷୟ ହେବା ସହ ଅନେକଙ୍କୁ ସ୍ତମ୍ଭୀଭୂତ କରିଦେଇଛି।

ଏସିପି ତାପସ ପ୍ରଧାନଙ୍କ ସୂଚନା ଅନୁସାରେ, ବିଚାରପତି ବିହାରୀ ୨ ଦିନ ଛୁଟିରେ ରହିଥିଲେ। ଶୁକ୍ରବାର ସେ କାର୍ଯ୍ୟରେ ଯୋଗଦେବାର ଥିଲା। ମାତ୍ର



ସୁବାସ କୁମାର ବିହାରୀ

ତାଙ୍କ ବାପାଙ୍କ ଶ୍ରାଦ୍ଧ ଥିବାରୁ ସେ କୋର୍ଟ କାର୍ଯ୍ୟରେ ଯୋଗଦେବା ବଦଳରେ ପୁଣି ଛୁଟି ନେବା ନିମନ୍ତେ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାବେଳେ ତାଙ୍କ ଷ୍ଟେନୋଙ୍କୁ ଦରଖାସ୍ତ ଟାଇପ୍ କରି ପଠାଇବାକୁ କହିଥିଲେ। ସେ ଛୁଟି ମଧ୍ୟ ନେଇଥିଲେ। ହେଲେ ଏହାର କିଛି ଘଣ୍ଟା ପରେ ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହୋଇଥିଲା। ଏସିପି କହିଛନ୍ତି ଯେ, ବିଚାରପତି ବିହାରୀଙ୍କ ସ୍ତ୍ରୀ ବାହାରକୁ ଯାଇଥିବାବେଳେ ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ସେ ତାଙ୍କ ଅଡରର୍ଲିଙ୍କୁ ଆଉ କିଛି କାମ ନାହିଁ, ଯାଅ ବୋଲି କହିଥିଲେ। ଅଡରର୍ଲି ଜଣକ କ୍ୱାର୍ଟର୍ସରୁ ଚାଲିଯିବା ପରେ ବିଚାରପତି ବିହାରୀ ଏକୁଟିଆ ରହିବାର ସୁଯୋଗରେ ଆତ୍ମହତ୍ୟା କରିଥାଇ ପାରନ୍ତି। ସ୍ତ୍ରୀ ଫେରିବା ପରେ ସ୍ୱାମୀ ବେକରେ ରଶି ଲଗାଇ ଝୁଲୁଥିବା ଦେଖିଥିଲେ। ତୁରନ୍ତ ଅଡରର୍ଲିଙ୍କ ସହାୟତାରେ ସେ ଝୁଲନ୍ତା ଶରୀରକୁ ତଳକୁ ଓହ୍ଲାଇଥିଲେ। ଏହାପରେ ସ୍ଥାନୀୟ ଏକ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ହସ୍ପିଟାଲ ପକ୍ଷରୁ ସୂଚନା ପାଇ ପୋଲିସ ମୃତଦେହ ଜବତ କରି ଏସ୍‌ସିବି ମେଡିକାଲକୁ ☞ପୃଷ୍ଠା-୪

# ନୌସେନାର ନୂଆ ପତାକା ଉନ୍ମୋଚିତ

**ନୂଆଦିଲ୍ଲୀ,୨।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର କେରଳର କୋଚି ଶିପ୍‌ୟାର୍ଡରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଦେଶର ପ୍ରଥମ ବିମାନବାହୀ ଯୁଦ୍ଧଜାହାଜ ଆଇଏନ୍ଏସ୍ ବିକ୍ରାନ୍ତର ଜଳାବତରଣ କରିବା ଅବସରରେ ନୌସେନାର ନୂଆ ପତାକା (ଏନ୍‌ସାଇନ) ଉନ୍ମୋଚନ କରିଛନ୍ତି। ନୂଆ ପତାକାର ଉପର ଭାଗରେ ଭାରତର ଜାତୀୟ ପତାକା ଏବଂ ଏହା ପାଖକୁ ନୀଳ ରଙ୍ଗର ଅଷ୍ଟଭୁଜ ଆକୃତି ମଧ୍ୟରେ ଜାତୀୟ ସଙ୍କେତ ରହିଛି। ଛତ୍ରପତି ଶିବାଜୀଙ୍କ ସିଲ୍ ଦ୍ୱାରା ଅନୁପ୍ରାଣିତ ହୋଇ ଏଭଳି ଅଷ୍ଟକୋଣୀୟ ଡିଜାଇନ କରାଯାଇଛି। ନୂଆ ଏନ୍‌ସାଇନ ଗ୍ରହଣ କରି ଭାରତ ଏହାର ଦାସତ୍ୱର ବୋଝକୁ ହଟାଇଦେଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

୧୯୩୪ରେ ନୌସେନାକୁ ରୟାଲ ଇଣ୍ଡିଆନ ନାଭି (ଆର୍ଆଇଏନ୍) ଭାବେ ନାମିତ କରାଯାଇଥିଲା। ସ୍ୱାଧୀନତା ପରେ ଦେଶ ବିଭାଜନ ସହ ନୌସେନା ରୟାଲ ଇଣ୍ଡିଆନ ନାଭି ଓ ରୟାଲ ☞ପୃଷ୍ଠା-୪

ପୂର୍ବରୁ



ଏବେ




**ଆଜିର ସମ୍ପାଦକୀୟ**

**ସଙ୍କୁଚିତ କ୍ଷେତ୍ର**



**୫ ଆଇପିଏସ୍ ଅଫିସରଙ୍କୁ ଡିଜି ପାହ୍ୟା**

☞ପୃଷ୍ଠା-୪







# ୧୨ ବର୍ଷ ହେଲା ଭଣ୍ଡାଉଛି ଏମ୍‌ସିଏଲ୍

## ■ ଧାରଣାରେ ବସିଲେ ଗୋପାଳପ୍ରସାଦ କ୍ଷତିଗ୍ରସ୍ତ

**ତାଳଚେର, ୨।୯ (ନି.ପ୍ର.)**

ଜମି ବଦଳରେ ମିଳିବ ପର୍ଯ୍ୟାପ୍ତ କ୍ଷତିପୂରଣ। ଖଣିରେ ଦିଆଯିବ ନିଯୁକ୍ତି। ଥଇଥାନ ବ୍ୟବସ୍ଥା ମଧ୍ୟ କରିବ କୋଇଲା କମ୍ପାନୀ। ଏପରି ପ୍ରଲୋଭନ ଦେଖାଇ ହିଙ୍ଗୁଳା କ୍ଷେତ୍ର ନିମନ୍ତେ ୨୦୧୦ରେ ତାଳଚେର ଗୋପାଳପ୍ରସାଦବାସୀଙ୍କ ୩୪୮ ଏକର ଜମି ଅଧିଗ୍ରହଣ କରିଥିଲା ମହାନଦୀ କୋଲ୍ ଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ୍)। ହେଲେ ୧୨ ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି, କ୍ଷତିପୂରଣ ନ ଦେଇ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଭଣ୍ଡାଇ ଚାଲିଥିବା କ୍ଷତିଗ୍ରସ୍ତମାନେ ଅଭିଯୋଗ କରିଛନ୍ତି। ଏପରି କି ଅନୁଗୋଳ ଜିଲା ପ୍ରଶାସନର ବାରମ୍ବାର ନିର୍ଦ୍ଦେଶକୁ ଏମ୍‌ସିଏଲ୍ ବେଖାତିର କରୁଥିବାରୁ ଶୁକ୍ରବାରଠାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଗୋପାଳପ୍ରସାଦର ୧୫୦ରୁ ଊର୍ଦ୍ଧ୍ୱ କ୍ଷତିଗ୍ରସ୍ତ। ସେମାନେ ହିଙ୍ଗୁଳା ଏରିଆ ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି। ୪ ତାରିଖ ମଧ୍ୟରେ ନ୍ୟାୟ ନ ମିଳିଲେ ୫ରେ ସମୂହ ଗଣଧାରଣା ଦିଆଯିବା ସହ ୬ ତାରିଖରୁ ଏମ୍‌ସିଏଲ୍ କର୍ମଚାରୀଙ୍କୁ ଗୋପାଳପ୍ରସାଦ ସୀମାରେ ପୂରାଇ ଦିଆଯିବ ନାହିଁ ବୋଲି କ୍ଷତିଗ୍ରସ୍ତମାନେ ଚେତାବନୀ ଦେଇଛନ୍ତି।

ଆନ୍ଦୋଳନକାରୀଙ୍କ କହିବା ଅନୁଯାୟୀ, ୨୦୧୦ ମସିହାରେ ତାଳଚେରସ୍ଥିତ ହିଙ୍ଗୁଳା କ୍ଷେତ୍ର ନିମନ୍ତେ ଏମ୍‌ସିଏଲ୍ ପକ୍ଷରୁ ୩ୟ ପର୍ଯ୍ୟାୟରେ ଗୋପାଳପ୍ରସାଦ ☞ପୃଷ୍ଠା-୪

# ବ୍ଲଡ୍ ଗ୍ରୁପ୍ ଜଣାଇବ ହୃଦ୍‌ଘାତ ଆଶଙ୍କା

**ୱାଶିଂଟନ,୨।୯**

**'ଏ' ବ୍ଲଡଗ୍ରୁପଧାରୀଙ୍କୁ ଅଧିକ ବିପଦ**

୬୦ ବର୍ଷ ବୟସ ପୂର୍ବରୁ କେଉଁ ବ୍ୟକ୍ତିଙ୍କଠାରେ ହୃଦ୍‌ଘାତ ଆଶଙ୍କା କେତେ ତାହା ବ୍ଲଡ୍ ଗ୍ରୁପ୍‌ରୁ ଜଣାପଡ଼ିବ। ଆମେରିକାର ମାରିଲାଣ୍ଡସ୍ ସ୍କୁଲ ଅଫ୍ ମେଡିସିନ୍ ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଏହା ଜଣାପଡ଼ିଛି। କମ୍ ବୟସ ବର୍ଗଙ୍କ କ୍ଷେତ୍ରରେ ହୃଦ୍‌ଘାତ ସମସ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ଅନୁସନ୍ଧାନ କରାଯାଇଥିଲା। ଦୁଇ ପ୍ରକାର ବ୍ୟକ୍ତି ବିଶେଷଙ୍କ ବ୍ଲଡ୍ ଗ୍ରୁପ୍‌କୁ ନେଇ ବିଶେଷଜ୍ଞମାନେ ଏହି ଷ୍ଟଡି କରିଛନ୍ତି। ଯୁବଗୋଷ୍ଠୀ ଯେଉଁମାନଙ୍କଠାରେ ହୃଦ୍‌ଘାତ ସମସ୍ୟା ଦେଖାଦେଇଛି ଏବଂ ବୟସ୍କ ବର୍ଗ ଯେଉଁମାନେ ଆଦୌ ଏହି ସମସ୍ୟା ଅନୁଭବ କରିନାହାନ୍ତି। ଅଧ୍ୟୟନ ରିପୋର୍ଟ ମୁତାବକ 'ଏ' ବ୍ଲଡ୍‌ଗ୍ରୁପ୍ ଧାରୀ ବକ୍ତିମାନଙ୍କ କ୍ଷେତ୍ରରେ ୬୦ ବର୍ଷ ପୂର୍ବରୁ ହୃଦ୍‌ଘାତ ଜନିତ ସମସ୍ୟା ଦେଖାଯିବାକୁ ଥିବବେଳେ ଯେଉଁମାନଙ୍କ ବ୍ଲଡ୍‌ଗ୍ରୁପ୍ 'ଓ' ସେମାନଙ୍କଠାରେ ହୃଦ୍‌ଘାତ ଆଶଙ୍କା କମ୍ ।

ନ୍ୟୁରୋଲୋଜି ଜର୍ନାଲରେ ପ୍ରକାଶିତ ଏହି ଷ୍ଟଡି ରିପୋର୍ଟ ଅନୁସାରେ ହୃଦ୍‌ଘାତ ସଂକ୍ରାନ୍ତରେ ବିଶେଷଜ୍ଞଙ୍କ ଦ୍ୱାରା ମୋଟ ୪୮ଟି ଅନୁସନ୍ଧାନ ହୋଇଛି। ୧୭ ହଜାର ହୃଦ୍‌ଘାତ ଦ୍ୱାରା ଆକ୍ରାନ୍ତଙ୍କ ସହ ୬ ଲକ୍ଷ ସୁସ୍ଥ ବ୍ୟକ୍ତିଙ୍କୁ ନେଇ ଏହି ଷ୍ଟଡି କରାଯାଇଛି। କ୍ରୋମୋଜୋମ୍‌ରେ ଥିବା ଜିନ୍‌ରୁ ବ୍ୟକ୍ତିଙ୍କ କେଉଁ ବ୍ଲଡ୍‌ଗ୍ରୁପ୍ ତାହା ଜଣାପଡ଼ିଥାଏ। ସମସ୍ତ ବ୍ଲଡ୍ ଗ୍ରୁପ୍ ମଧ୍ୟରୁ 'ଏ' ବ୍ଲଡ୍ ଗ୍ରୁପ୍ ଥିବା ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରେ ହୃଦ୍‌ଘାତ ହେବାର ଆଶଙ୍କା ୧୬% ଅଧିକ ରହିଥାଏ। ସେହିପରି 'ଓ' ବ୍ଲଡ୍ ଗ୍ରୁପ୍ ଥିବା ଲୋକଙ୍କଠାରେ ଏହି ଆଶଙ୍କା ୧୨% କମ୍ ଥାଏ। କାନାଡିଆନ୍ ବ୍ଲଡ୍ ସର୍ଭିସ୍ ଅନୁସାରେ ୩୯% କାନାଡାବସୀଙ୍କ ବ୍ଲଡ୍‌ଗ୍ରୁପ୍ 'ଓ' ପଜିଟିଭ୍ ହୋଇଥିବାବେଳେ ୩୬% ଲୋକଙ୍କର 'ଏ' ପଜିଟିଭ ବ୍ଲଡ୍ ଗ୍ରୁପ୍ । ଏ ବ୍ଲଡ୍ ଗ୍ରୁପ୍ ବ୍ୟକ୍ତିଙ୍କଠାରେ କେଉଁ କାରଣରୁ ହୃଦ୍‌ଘାତ ସମସ୍ୟା ଅଧିକ ତାହା ଜଣାପଡ଼ି ନଥିବା ଅଧ୍ୟୟନର କୋ-ଅଥର ଷ୍ଟିଭେନ୍ ଜେ.କିଟନର କହିଛନ୍ତି। ଅଧ୍ୟୟନ ମୁତାବକ 'ପୋଲିପିଲ୍' ଔଷଧ ସେବନ ଦ୍ୱାରା ରକ୍ତ ଚାପ ନିୟନ୍ତ୍ରଣ ହୁଏ। ସେହିପରି କମ୍ ସମୟ ଶୋଇବା ଦ୍ୱାରା ହୃଦ୍‌ଘାତ ଜନିତ ସମସ୍ୟା ଦେଖାଯିବାର ଆଶଙ୍କା ଅଧିକ ରହିଥିବା ଅନୁସନ୍ଧାନରୁ ଜଣାପଡ଼ିଛି।




**କାର୍ ମାଡ଼ିଯାଇ ୭ ଶ୍ରଦ୍ଧାଳୁଙ୍କ ମୃତ୍ୟୁ**

ଗୁଜରାଟର ଆରାବଲୀରେ ଶୁକ୍ରବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୭ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଶ୍ରଦ୍ଧାଳୁମାନେ ୫ ତାରିଖରେ ଆରମ୍ଭ ହେବାକୁ ଥିବା ଭାଦ୍ରବ ପୂର୍ଣ୍ଣିମା ଉତ୍ସବରେ ଯୋଗଦେବା ଲାଗି ଚାଲି ଚାଲି ବନସକଣ୍ଠାସ୍ଥିତ ଅମ୍ବାଜି ମନ୍ଦିର ଅଭିମୁଖେ ଯାଉଥିବାବେଳେ ଦ୍ରୁତ ବେଗରେ ଆସୁଥିବା ଇନୋଭା ସେମାନଙ୍କ ଉପରେ ମାଡ଼ିଯାଇଥିଲା। ଶ୍ରଦ୍ଧାଳୁମାନେ ଦାହୋଡ଼ରୁ ବାହାରିଥିବାବେଳେ କ୍ରିଷ୍ଣପୁର ଗ୍ରାମ ନିକଟ ୪-ଲେନ୍ ରାଜପଥରେ ଦୁର୍ଘଟଣା ଘଟିଥିଲା।

## ସଂକ୍ଷେପରେ

### ତିସ୍ତା ସିତଲଭାଡ୍‌ଙ୍କୁ ଅନ୍ତରୀଣ ଜାମିନ



**ନୂଆଦିଲ୍ଲୀ,୨।୯(ପି.ଟି.):** ୨୦୦୨ ଗୁଜରାଟ ଦଙ୍ଗା ଷଡ଼ଯନ୍ତ୍ର ମାମଲାରେ ଗତ ଜୁନ୍ ୨୫ରେ ଗିରଫ ହୋଇଥିବା ସାମାଜିକ କର୍ମୀ ତିସ୍ତା ସିତଲଭାଡ୍‌ଙ୍କୁ ସୁପ୍ରିମକୋର୍ଟ ଶୁକ୍ରବାର ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଗୁଜରାଟ ହାଇକୋର୍ଟ ତାଙ୍କ ନିୟମିତ ଜାମିନ ଆବେଦନ ଉପରେ ନିଷ୍ପତ୍ତି ନେବା ପର୍ଯ୍ୟନ୍ତ ପାସ୍‌ପୋର୍ଟ ତଳକୋର୍ଟରେ ସମର୍ପଣ କରିବାକୁ ପ୍ରଧାନ ବିଚାରପତି ୟୁ.ୟୁ.ଲଳିତ, ଜଷ୍ଟିସ ଏସ୍ ରବୀନ୍ଦ୍ର ଭଟ୍ଟ ଏବଂ ସୁଧାଂଶୁ ଧୁଲିଆଙ୍କ ଖଣ୍ଡପୀଠ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରମାଣ ଜାଲିଆତି କରି ନିରୀହ ଲୋକଙ୍କୁ ଦଙ୍ଗାରେ ଫସାଇବା ମାମଲାର ତଦନ୍ତରେ ସହାୟତା କରିବାକୁ ତାଙ୍କୁ କୁହାଯାଇଛି। ଆବେଦନକାରୀ ଜଣେ ମହିଳା ଓ ସେ ଦୁଇମାସ ହେଲା ଜେଲ୍‌ରେ ରହିଲେଣି। ତାଙ୍କ ଆବେଦନ ହାଇକୋର୍ଟରେ ବିଚାର ଅପେକ୍ଷାରେ ପଡ଼ିରହିଥିବାରୁ ବର୍ତ୍ତମାନ ସ୍ଥିତିରେ ସେ ଅନ୍ତରୀଣ ଜାମିନ ପାଇବାକୁ ହକ୍‌ଦାର ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ। ଏହା ସାଧାରଣ ଆଇପିସି ଅପରାଧ ମାମଲା ହୋଇଥିବାରୁ ଜାମିନ ପ୍ରଦାନରେ ପ୍ରତିବନ୍ଧକ ରହିବ ନାହିଁ ବୋଲି ଗୁରୁବାର ମାମଲା ଶୁଣାଣି ବେଳେ ସିଜେଆଇ ଜଷ୍ଟିସ ଲଳିତ କହିଥିଲେ।

### ହରିୟାଣାରେ ଭାଜପା ନେତାଙ୍କୁ ହତ୍ୟା

**ଗୁରୁଗ୍ରାମ,୨।୯:** ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟରଙ୍କ ଘନିଷ୍ଠ ସହଯୋଗୀ ଭାବେ ପରିଚିତ ଭାଜପା ନେତା ତଥା ସୋହନା ବଜାର କମିଟିର ପୂର୍ବତନ ଉପସଭାପତି ସୁଖବୀର ଖଟାନାଙ୍କୁ ୫ ଜଣ ଦୁର୍ବୃତ୍ତ ଗୁରୁଗ୍ରାମର ଏକ ଶୋ'ରୁମ୍ ଭିତରେ ଗୁଳିକରି ହତ୍ୟା କରିଛନ୍ତି। ସୁଖବୀର ସୋହନାରୁ ଜିଲା ପରିଷଦ ନିର୍ବାଚନ ଲଢ଼ିବା ଲାଗି ପ୍ରସ୍ତୁତି ଚଳାଇଥିଲେ। ତାଙ୍କ ପୁଅଙ୍କ ଅଭିଯୋଗକ୍ରମେ ପୋଲିସ ତାଙ୍କ ଭିଣୋଇଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିଛି। ରେମଣ୍ଡ ଶୋ'ରୁମ୍‌ରେ ଖଞ୍ଜାଯାଇଥିବା ସିସିଟିଭି କ୍ୟାମେରାରେ ଆକ୍ରମଣକାରୀଙ୍କ ଫଟୋ କଏଦ ହୋଇଛି। ତେବେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିବାବେଳେ କାହାକୁ ଗିରଫ କରିନାହିଁ।

### ଆଜି ଶ୍ରୀଲଙ୍କା ଫେରିବେ ଗୋଟାବାୟା

**କଲମ୍ବୋ,୨।୯:** ଦୁଇମାସ ପୂର୍ବେ ଥାଇଲାଣ୍ଡ ପଳାଇଯାଇଥିବା ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେ ଶନିବାର ସ୍ୱଦେଶ ଫେରୁଛନ୍ତି।



ଶ୍ରୀଲଙ୍କା ପୋଦୁଜନ ପେରାମୁନା (ଏସ୍‌ଏଲ୍‌ପିପି)ର ଅନୁରୋଧକ୍ରମେ ରାଷ୍ଟ୍ରପତି ରାନିଲ ୱିକ୍ରମସିଂଘେ ପୂର୍ବତନ ରାଷ୍ଟ୍ରପତି ଗୋଟାବାୟାଙ୍କୁ ଫେରାଇ ଆଣିବାର ବ୍ୟବସ୍ଥା କରିଥିବା ରିପୋର୍ଟ ପ୍ରକାଶ ପାଇଛି। ଶ୍ରୀଲଙ୍କାରେ ଆର୍ଥିକ ସଙ୍କଟ ପାଇଁ ଗୋଟାବାୟାଙ୍କୁ ଦାୟୀ କରାଯାଇ ତାଙ୍କର ଇସ୍ତଫା ଦାବି କରାଯାଇଥିଲା। ଜନଆକ୍ରୋଶରୁ ବର୍ତ୍ତିବା ଲାଗି ଜୁଲାଇ ୧୩ ଭୋର ସମୟରେ କଲମ୍ବୋ ଛାଡ଼ିଥିଲେ। ସିଙ୍ଗାପୁରରେ ପହଞ୍ଚିବା ପରେ ୧୪ ତାରିଖରେ ଗୋଟାବାୟା ରାଷ୍ଟ୍ରପତି ପଦରୁ ଇସ୍ତଫା ଘୋଷଣା କରିଥଲେ। ଏବେ ସେ ଥାଇଲାଣ୍ଡରେ ରହିଛନ୍ତି।

# କେଜିଏଫ୍ ଦେଖି ସିରିଏଲ କିଲର

- ମଧ୍ୟପ୍ରଦେଶରେ ସିକ୍ୟୁରିଟି ଗାର୍ଡ ହତ୍ୟା ଅଭିଯୁକ୍ତ ଗିରଫ
- ଚର୍ଚ୍ଚିତ ଗ୍ୟାଙ୍ଗଷ୍ଟାର ହେବାକୁ ମର୍ଡର

**ଭୋପାଳ, ୨।୯**

ମଧ୍ୟପ୍ରଦେଶରେ ସିକ୍ୟୁରିଟି ଗାର୍ଡଙ୍କୁ ଟାର୍ଗେଟ କରି ହତ୍ୟା କରୁଥିବା ସିରିଏଲ କିଲରଙ୍କୁ ଧରିବାରେ ପୋଲିସକୁ ବଡ଼ ସଫଳତା ମିଳିଛି। ଅଦ୍ୟାବଧି ୫ ଜଣଙ୍କ ହତ୍ୟାରେ ସମ୍ପୃକ୍ତ ଅଭିଯୁକ୍ତ ୧୯ ବର୍ଷୀୟ ଶିବପ୍ରସାଦ ଧ୍ରୁବେଙ୍କୁ ଶୁକ୍ରବାର ଗିରଫ କରାଯାଇଛି। କେଜିଏଫ୍-୨ ଫିଲ୍ମରୁ ଅନୁପ୍ରାଣିତ ହୋଇ ଚର୍ଚ୍ଚିତ ଗ୍ୟାଙ୍ଗଷ୍ଟାର ହେବା ଉଦ୍ଦେଶ୍ୟରେ ସେ ଏପରି କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଏଥିସହ ସେ ଗତ ୫ ଦିନରେ ୪ଟି ହତ୍ୟାକାଣ୍ଡ ଘଟାଇଥିବା ମାନିଛନ୍ତି ବୋଲି ପୋଲିସ କହିଛି। ଶୁକ୍ରବାର ଭୋର୍ ପ୍ରାୟ ସାଢ଼େ ୩ଟାରେ ତାଙ୍କୁ ଧରାଯିବା ପୂର୍ବରୁ ସେ ଆଉ ଜଣଙ୍କୁ ହତ୍ୟା କରିଥିବା ସୂଚନା ଦିଆଯାଇଛି। ତେବେ ଗତ ମେ'ରେ ଆଉ ଜଣେ ଜଗୁଆଳିଙ୍କ ମର୍ଡରରେ ସମ୍ପୃକ୍ତ ଅଛନ୍ତି କି ନା ତାହାର ତଦନ୍ତ ଚାଲିଛି ବୋଲି ପୋଲିସ କହିଛି।



ଶିବପ୍ରସାଦ ଧ୍ରୁବେ

ସାଗର ସହରର କେସ୍‌ଲି ଅଞ୍ଚଳ ବାସିନ୍ଦା ଶିବପ୍ରସାଦ ଗୁରୁବାର ରାତିରେ ଏକ ମାର୍ବଲ ପଥରରେ ଭୋପାଳର ଲାଲଘାଟିରେ ଜଣେ ସିକ୍ୟୁରିଟି ଗାର୍ଡଙ୍କୁ ହତ୍ୟା କରିଥିବା ଜଣାପଡ଼ିଥିଲା। ସିସିଟିଭି ଫୁଟେଜ୍ ଏବଂ ମୋବାଇଲ ଫୋନ୍ ଟ୍ରାକିଂ ଜରିଆରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଶିବପ୍ରସାଦ କେଜିଏଫ୍-୨ ଫିଲ୍ମର ରକି ଭାଇ ଚରିତ୍ରରୁ ଅନୁପ୍ରାଣିତ ହୋଇଥିଲେ। ଏପରି ହତ୍ୟା ମାଧ୍ୟମରେ ପାଣ୍ଠି ସଂଗ୍ରହ କରି ସେ ଗ୍ୟାଙ୍ଗଷ୍ଟାର ହେବାକୁ ଯୋଜନା କରିଥିଲେ। ଏହା ଦ୍ୱାରା ଭବିଷ୍ୟତରେ ପୋଲିସ ଅଧିକାରୀମାନଙ୍କୁ ଟାର୍ଗେଟ କରି ହତ୍ୟା କରିପାରିବେ ଭାବିଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଶିବପ୍ରସାଦ କେବଳ ଶୋଇଥିବା ସିକ୍ୟୁରିଟି ଗାର୍ଡଙ୍କୁ ହତ୍ୟା କରୁଥିଲେ। ସେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ିଥିବାବେଳେ ଗୋଆରେ କୌଣସି କାମ କରୁଥିଲେ। ସେ କିଛି ମାତ୍ରାରେ ଇଂଲିଶ ମଧ୍ୟ କହିଜାଣିଛନ୍ତି। ପ୍ରଥମେ ସେ ମହାରାଷ୍ଟ୍ରର ପୁଣେରେ ଜଣଙ୍କୁ ହତ୍ୟା ଉଦ୍ୟମ କରିଥିଲେ। ପରେ ମଧ୍ୟପ୍ରଦେଶର ସାଗର ସହରକୁ ଆସିଥିଲେ। ଅଗଷ୍ଟ ୨୮ରୁ ଲଗାତର ୩ ଦିନରେ ୩ଟି ହତ୍ୟାକାଣ୍ଡ ଘଟିବା ପରେ ପୋଲିସ ତାଙ୍କୁ ଧରିବା ପାଇ ସ୍କେଚ୍ ଜାରି କରିବା ସହ ଅଭିଯୁକ୍ତ ବିଷୟରେ ସୂଚନା ଦେଲେ ୩୦ ହଜାର ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଅନ୍ୟପକ୍ଷରେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ସିକ୍ୟୁରିଟି ଗାର୍ଡ ମଙ୍ଗଲ୍ ଅହିରୱାରଙ୍କ ମୃତ୍ୟୁ ଘଟିଛି।

# ଆଇଏନ୍‌ଏସ୍ ବିକ୍ରାନ୍ତର ଜଳାବତରଣ

## ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଭାରତର ପ୍ରଥମ ବିମାନବାହୀ ଯୁଦ୍ଧଜାହାଜ




### ଯୁଦ୍ଧଜାହାଜର ବୈଶିଷ୍ଟ୍ୟ

- ୧୯୭୧ ଯୁଦ୍ଧରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିବା ଭାରତର ପ୍ରଥମ ଯୁଦ୍ଧବିମାନବାହୀ ନୌବହର ନାଁ ଅନୁସାରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଯୁଦ୍ଧଜାହାଜର ନାମ ଆଇଏନ୍‌ଏସ୍ ବିକ୍ରାନ୍ତ ରଖାଯାଇଛି।
- ଏହାର ସର୍ବାଧିକ ବେଗ ୨୮ ନଟିକାଲ ମାଇଲ ଏବଂ ସ୍ୱାଭାବିକ ବେଗ ୧୮ ନଟିକାଲ ମାଇଲ। ଥରେ ଇନ୍ଧନ ଭରିଲେ ଏହା ସମୁଦ୍ରରେ ୭,୫୦୦ ନଟିକାଲ ମାଇଲ ଅତିକ୍ରମ କରିପାରିବ। ଯୁଦ୍ଧଜାହାଜର ଲମ୍ବ ୨୬୨ ମିଟର ହୋଇଥିବାବେଳେ ପ୍ରସ୍ଥ ୬୨ ମିଟର ଓ ଉଚ୍ଚା ୫୯ ମିଟର ରହିଛି।
- ଯୁଦ୍ଧଜାହାଜ ଡିଜାଇନ ବ୍ୟୁରୋ ଏହାର ଆଇଏନ୍‌ଏସ୍ ବିକ୍ରାନ୍ତର ଡିଜାଇନ କରିଥିବାବେଳେ କୋଚି ଶିପ୍‌ୟାର୍ଡ ଲିମିଟେଡ ନିର୍ମାଣ କରିଛି। ୪୫,୦୦୦ ଟନ୍ ଓଜନର ଏହି ଯୁଦ୍ଧଜାହାଜରେ ୨,୫୦୦ କିଲୋମିଟର ଇଲେକ୍ଟ୍ରିକ୍ କେବୁଲ ରହିଛି।
- ଯୁଦ୍ଧଜାହାଜରେ ୧,୭୦୦ ନୌସେନା କର୍ମଚାରୀ ରହିବା ଲାଗି ୨,୩୦୦ ପ୍ରକୋଷ୍ଠ ରହିଛି। ମହିଳା ଅଫିସରମାନଙ୍କ ଲାଗି ରହିଛି ସ୍ୱତନ୍ତ୍ର କମ୍ପାର୍ଟମେଣ୍ଟ।
- ଆଇଏନ୍‌ଏସ୍ ବିକ୍ରାନ୍ତ ଭାରତୀୟ ନୌସେନାର ଆକ୍ରମଣାତ୍ମକ ଓ ପ୍ରତିରକ୍ଷା କ୍ଷମତାକୁ ବହୁଗୁଣିତ କରିବ।
- ଏଥିରେ ଅତ୍ୟାଧୁନିକ ଫିଚର ରହିଛି।

**କୋଚି,୨।୯**

ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଭାରତର ପ୍ରଥମ ବିମାନବାହୀ ଯୁଦ୍ଧଜାହାଜ ଆଇଏନ୍‌ଏସ୍ ବିକ୍ରାନ୍ତକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଜଳାବତରଣ କରାଇଛନ୍ତି। ଏଥିପାଇଁ କେରଳର କୋଚି ଶିପ୍‌ୟାର୍ଡରେ ଜଳାବତରଣ ଉତ୍ସବର ଆୟୋଜନ କରାଯାଇଥିଲା। ୪୫ ହଜାର ଟନ୍ ଓଜନ ବିଶିଷ୍ଟ ଏହି ଯୁଦ୍ଧଜାହାଜ ନିର୍ମାଣରେ ୨୦ ହଜାର କୋଟି ଟଙ୍କା ବ୍ୟୟ ହୋଇଛି। ୨୬୨ ମିଟର ଲମ୍ବ,୬୨ ମିଟର ଓସାର ଏବଂ ୫୯ ମିଟର ଉଚ୍ଚତା ବିଶିଷ୍ଟ ଆଇଏନ୍‌ଏସ୍ ବିକ୍ରାନ୍ତ ଭାରତ ନିର୍ମିତ ସବୁଠୁ ବଡ଼ ଯୁଦ୍ଧଜାହାଜ। ଏଥିରେ ଏକସଙ୍ଗେ ମିଗ୍-୨୯କେ ଫାଇଟର ଜେଟ୍, ହେଲିକପ୍ଟର ସମେତ ୩୦ ଯୁଦ୍ଧବିମାନ ମୁତୟନ ହୋଇପାରିବ। ଏଥିରେ ପ୍ରାୟ ୧,୬୦୦ ନୌସେନା ଯବାନ ମୁତୟନ ରହିବା ବ୍ୟବସ୍ଥା ରହିଛି। ଆଇଏନ୍‌ଏସ୍ ବିକ୍ରାନ୍ତ ଆତ୍ମନିର୍ଭର ଭାରତର ମିଶନ୍‌ର ପ୍ରତିଫଳନ ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଏହାଦ୍ୱାରା ଭାରତ ସ୍ୱଦେଶୀ ଜ୍ଞାନକୌଶଳରେ ଏଭଳି ବୃହତ୍ ଯୁଦ୍ଧଜାହାଜ ନିର୍ମାଣ କରୁଥିବା ଅଳ୍ପ କେତୋଟି ଦେଶ ତାଲିକାରେ ନିଜକୁ ସାମିଲ କରିପାରିଛି। ବିକ୍ରାନ୍ତ ଭାରତୀୟ ସେନାକୁ ନୂଆ ଆତ୍ମବିଶ୍ୱାସ ପ୍ରଦାନ କରିଛି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନୌସେନାର ନୂଆ ପତାକା ଉନ୍ମୋଚନ କରିଛନ୍ତି। ନୂଆ ଏନ୍‌ସାଇନ୍‌ର ଉପର କ୍ୟାଣ୍ଟନରେ ଜାତୀୟ ପତାକା ଏବଂ ଉପର ଆଙ୍କରରେ ଜାତୀୟ ସଙ୍କେତ ଏକ ନୀଳ ରଙ୍ଗର ଅଷ୍ଟଭୁଜ ଆକୃତି ମଧ୍ୟରେ ରହିଛି। ଛତ୍ରପତି ଶିବାଜୀଙ୍କ ସିଲ୍ ଦ୍ୱାରା ଅନୁପ୍ରାଣିତ ହୋଇ ଏଭଳି ଅଷ୍ଟକୋଣୀୟ ଡିଜାଇନ କରାଯାଇଛି। ପୂର୍ବରୁ ରହିଥିବା ବ୍ରିଟେନ ପତାକା ହଟାଇଦିଆଯାଇଛି। ନୂଆ ଏନ୍‌ସାଇନ ଗ୍ରହଣ କରି ଭାରତ ଏହାର ଛାତିରୁ ଦାସତ୍ୱର ବୋଝକୁ ହଟାଇଦେଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଯୁଦ୍ଧଜାହାଜ ନିର୍ମାଣ ଲାଗି ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଲାଗିଥିବାବେଳେ ଗତ ମାସ ୨୧ ତାରିଖରେ ଏହା ସମ୍ପୂର୍ଣ୍ଣ ହୋଇଥିଲା। ଭାରତ ନିକଟରେ ଏବେ ଏକମାତ୍ର ଯୁଦ୍ଧବିମାନବାହୀ ନୌବହର ଆଇଏନ୍‌ଏସ୍ ବିକ୍ରମାଦିତ୍ୟ ରହିଛି। ଏହା ରୁଷିଆ ପ୍ଲାଟ୍‌ଫର୍ମରେ ନିର୍ମିତ ହୋଇଛି। ପ୍ରତିରକ୍ଷା ବାହିନୀ ଏଭଳି ୩ଟି ଯୁଦ୍ଧବିମାନବାହୀ ଯୁଦ୍ଧଜାହାଜ ଆବଶ୍ୟକ କରୁଛି।

ଆଇଏନ୍‌ଏସ୍ ବିକ୍ରାନ୍ତ ଜଳାବତରଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମସ୍ତ ଶ୍ରେୟ ନେବାକୁ ଉଦ୍ୟମ କରୁଥିବାରୁ କଂଗ୍ରେସ ଏହାର ସମାଲୋଚନା କରିଛି। ଏଥିରେ ପୂର୍ବ ସରକାରର ଅବଦାନ ରହିଛି, ଯାହାକୁ ସ୍ୱୀକୃତି ଦେବାକୁ ଚାହୁଁ ନ ଥିବା ପ୍ରଧାନମନ୍ତ୍ରୀଙ୍କୁ କଂଗ୍ରେସ କପଟୀ ବୋଲି କହିଛି। ବିକ୍ରାନ୍ତର ଜଳାବତରଣ ଲାଗି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭାରତୀୟ ନୌସେନା, ନାଭାଲ ଡିଜାଇନ ବ୍ୟୁରୋ ଏବଂ କୋଚି ଶିପୟାର୍ଡକୁ ଅଭିନନ୍ଦନ ଜଣାଇଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଏ.କେ. ଆଣ୍ଟୋନି ୨୦୧୩ ଅଗଷ୍ଟରେ ଆଇଏନ୍‌ଏସ୍ ବିକ୍ରାନ୍ତ ନିର୍ମାଣର ଶୁଭାରମ୍ଭ କରୁଥିବାବେଳର ଭିଡିଓକୁ କଂଗ୍ରେସର ସାଧାରଣ ସମ୍ପାଦକ ଜୟରାମ ରମେଶ ଶେୟାର କରିଛନ୍ତି। କଂଗ୍ରେସ ନେତୃତ୍ୱାଧୀନ ସରକାର ସମୟରେ ଯୁଦ୍ଧଜାହାଜର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ମୋଦି ସରକାରଙ୍କ ସମୟରେ ଏହା ଜଳାବତରଣ କରିଛି। ଆଇଏନ୍‌ଏସ୍ ବିକ୍ରାନ୍ତର ଡିଜାଇନ, ନିର୍ମାଣ, ପରୀକ୍ଷା ଓ ଶୁଭାରମ୍ଭ ପାଇଁ ୨୨ ବର୍ଷ ସମୟ ଲାଗିଥିବାରୁ ମୋଦି ସରକାର ଏକାକୀ ଶ୍ରେୟର ହକ୍‌ଦାର ନୁହନ୍ତି ବୋଲି ଜୟରାମ କହିଛନ୍ତି।

### ୪ ଦିନ ପୋଲିସ ହାଜତକୁ ଗଲେ ବଳାତ୍କାର ଅଭିଯୁକ୍ତ ମହନ୍ତ ଶିବମୂର୍ତ୍ତି



**ବେଙ୍ଗାଲୁରୁ,୨।୯**

କର୍ନାଟକର ଶକ୍ତିଶାଳୀ ଲିଙ୍ଗାୟତ ସମ୍ପ୍ରଦାୟର ଧର୍ମୀୟ ନେତା ତଥା ମୁରୁଘା ମଠର ମହନ୍ତ ଶିବମୂର୍ତ୍ତି ମୁରୁଘା ଶରାନାରୁଙ୍କୁ ନାବାଳିକା ବଳାତ୍କାର ଅଭିଯୋଗରେ ଗୁରୁବାର ଗିରଫ କରାଯାଇଥିଲା। ସ୍ଥାନୀୟ ଅଦାଲତ ତାଙ୍କୁ ୪ ଦିନ ପାଇଁ ପୋଲିସ ହାଜତକୁ ପଠାଇଦେଇଛନ୍ତି। ଗିରଫ ହେବା ପରେ ସ୍ୱାସ୍ଥ୍ୟଗତ କାରଣକୁ ନେଇ ଶୁକ୍ରବାର ସକାଳେ ତାଙ୍କୁ ଚିତ୍ରଦୁର୍ଗସ୍ଥିତ ହସ୍ପିଟାଲର ଇଣ୍ଟେନ୍‌ସିଭ୍ କେୟାର ୟୁନିଟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ହୁଇଲ୍ ଚେୟାରରେ କୋର୍ଟରେ ହାଜର ପାଇଁ ନିଆଯାଇଥିଲା। ଜେରା ପାଇଁ ମହନ୍ତଙ୍କୁ ୫ ଦିନ ରିମାଣ୍ଡରେ ନେବାକୁ ପୋଲିସ ପକ୍ଷରୁ ଆବେଦନ କରାଯାଇଥିଲା। ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ରଶ୍ମିଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ୩ ଜଣ ଫେରାର ଅଛନ୍ତି। ମଠ ପରିଚାଳିତ ଏକ ଆବାସିକ ସ୍କୁଲ୍‌ର ୨ ଜଣ ନାବାଳିକା ଛାତ୍ରୀ ୬ ଦିନ ପୂର୍ବରୁ ୬୪ ବର୍ଷୀୟ ମହନ୍ତଙ୍କ ବିରୋଧରେ ବଳାତ୍କାର ଓ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ତାଙ୍କ ବିରୋଧରେ ପୋକ୍ସୋ ଆଇନ ଏବଂ ଅନୁସୂଚିତ ଜାତି ଜନଜାତି ସୁରକ୍ଷା ଆଇନରେ ମାମଲା ରୁଜୁ ହୋଇଛି।

## ଝାଡ଼ଖଣ୍ଡ ସଙ୍କଟ: ଦିଲ୍ଲୀ ଗଲେ ରାଜ୍ୟପାଳ

**ରାଞ୍ଚି,୨।୯**

ଝାଡ଼ଖଣ୍ଡରେ ରାଜନୈତିକ ଅନିଶ୍ଚିତତା ଲାଗିରହିଥିବାବେଳେ ଜେଏମ୍‌ଏମ୍-କଂଗ୍ରେସ ମେଣ୍ଟର ବିଧାୟକମାନେ ଗୁରୁବାର ରାଜ୍ୟପାଳ ରମେଶ ବୈଶଙ୍କୁ ଭେଟି ନିର୍ବାଚନ କମିଶନଙ୍କ ସୁପାରିସ ଉପରେ ତୁରନ୍ତ ନିଷ୍ପତ୍ତି ନେବାକୁ ଅନୁରୋଧ କରିଥିଲେ। ରାଜ୍ୟପାଳ ଶୁକ୍ରବାର ଦିଲ୍ଲୀ ଗସ୍ତ କରିଥିବାରୁ ନିଷ୍ପତ୍ତି ନେବାରେ ଅଧିକ ବିଳମ୍ବ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ତେବେ ରାଜ୍ୟପାଳ ମେଡିକାଲ ଚେକ୍‌ଅପ୍ ପାଇଁ ବ୍ୟକ୍ତିଗତ କାର୍ଯ୍ୟରେ ଦିଲ୍ଲୀ ଯାଇଥିବା ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ନିଜ ନାମରେ ଖଣି ଲିଜ୍ ନେଇଥିବା ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ବିଧାୟକ ପଦ ରଦ୍ଦ ଲାଗି ନିର୍ବାଚନ କମିଶନ ରାଜ୍ୟପାଳ ବୈଶଙ୍କୁ ସୁପାରିସ କରିଥିଲେ। ଇତିମଧ୍ୟରେ ସପ୍ତାହେରୁ ଅଧିକ ସମୟ ବିତିଥିଲେ ମଧ୍ୟ ରାଜ୍ୟପାଳ ଏହା ଉପରେ କୌଣସି ନିଷ୍ପତ୍ତି ନ ନେଇ ସମୟ ଗଡ଼ାଇ ଚାଲିଛନ୍ତି। ଶାସକ ବିଧାୟକମାନଙ୍କୁ କିଣିବା ଲାଗି ରାଜ୍ୟପାଳ ଭାଜପାକୁ ସୁଯୋଗ ଦେଉଥିବା ଅଭିଯୋଗ ହୋଇଛି। ଘୋଡ଼ାବେପାର ଆଶଙ୍କାରେ ଶାସକ ବିଧାୟକମାନଙ୍କୁ ଛତିଶଗଡ଼ରେ ରଖାଯାଇଛି। ଇସିଙ୍କ ଚିଠି ରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ ପ୍ରଘଟ ହେବା ପରେ ରାଜ୍ୟରେ ରାଜନୈତିକ ସଙ୍କଟ ସାଙ୍ଗକୁ ପ୍ରଶାସନିକ ଅଚଳାବସ୍ଥା ଦେଖାଦେଇଛି।



ରମେଶ ବୈଶ

## ମସ୍‌ଜିଦରେ ବିସ୍ଫୋରଣ: ୧୮ ମୃତ

**କାବୁଲ, ୨।୯**

ଆଫଗାନିସ୍ତାନର ହେରାତ୍ ସହରରେ ଥିବା ଏକ ମସ୍‌ଜିଦରେ ଶୁକ୍ରବାର ବିସ୍ଫୋରଣ ଘଟି ୧୮ ଜଣ ନିହତ ହୋଇଛନ୍ତି। ଅନ୍ୟୁନ ୨୧ ଜଣ ଆହତ ହୋଇଛନ୍ତି। ମଧ୍ୟାହ୍ନରେ ମସ୍‌ଜିଦରେ ପ୍ରାର୍ଥନା ପାଇଁ ଭିଡ଼ ଲାଗିଥିବାବେଳେ ଏକ ବୋମା ବିସ୍ଫୋରଣ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ବରିଷ୍ଠ ମୌଲବୀ ରହିଛନ୍ତି। ତାଙ୍କ ନାଁ ମୁଜିବ୍-ଉଲ୍ ରେହମାନ ଅନ୍‌ସାରୀ। ଆଫଗାନିସ୍ତାନରେ ପାଶ୍ଚାତ୍ୟ ରାଷ୍ଟ୍ରର ହସ୍ତକ୍ଷେପକୁ ସେ ସମାଲୋଚନା କରି ଆସୁଥିଲେ। ତାଲିବାନ୍ ସହ ତାଙ୍କର ଘନିଷ୍ଠତା ଥିଲା। ବିସ୍ଫୋରଣ ପାଇଁ ଅଦ୍ୟାବଧି କେହି ନିଜକୁ ଦାୟୀ କରିନାହନ୍ତି। ଏଥିରେ ଆଇଏସ୍‌ର ସମ୍ପୃକ୍ତି ଥିବା କୁହାଯାଉଛି।



ରୁଷିଆ ଆକ୍ରମଣ ମଧ୍ୟରେ ୟୁକ୍ରେନ୍‌ର ସ୍କୁଲରେ ପାଠପଢ଼ା ଆରମ୍ଭ ହୋଇଛି। କିଭ୍‌ର ଏକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ବେଲୁନ୍ ଉଡ଼ାଉଛନ୍ତି।

## ସଂସ୍କୃତକୁ ରାଷ୍ଟ୍ରଭାଷା ଘୋଷଣା ଆବେଦନ ଖାରଜ

**ନୂଆଦିଲ୍ଲୀ,୨।୯**

ସଂସ୍କୃତକୁ ଭାରତର ଜାତୀୟ ଭାଷା ଘୋଷଣା କରିବା ଲାଗି ଦାଏର ଏକ ପିଟିଶନକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। କୌଣସି ଭାଷାକୁ ଜାତୀୟ ମାନ୍ୟତା ଦେବା ଏକ ନୀତିଗତ ନିଷ୍ପତ୍ତି ହୋଇଥିବାରୁ ଏଥିପାଇଁ କୋର୍ଟ ନିର୍ଦ୍ଦେଶ ଦେଇପାରିବେ ନାହିଁ। ଏଥିପାଇଁ ସମ୍ବିଧାନ ସଂଶୋଧନର ଆବଶ୍ୟକ ଥିବା ଦର୍ଶାଇ ଜଷ୍ଟିସ ଏମ୍.ଆର୍. ଶାହା ଏବଂ କ୍ରିଷ୍ଣ ମୁରାରୀଙ୍କ ଖଣ୍ଡପୀଠ ପିଟିଶନକୁ ଅଗ୍ରାହ୍ୟ କରିଦେଇଥିଲେ।

ଭାରତର କେତୋଟି ସହରରେ ସଂସ୍କୃତ ଭାଷାରେ ଲୋକେ କଥା ହେଉଛନ୍ତି। ଆବେଦନକାରୀ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ତଥା ଆଇନଜୀବୀ କେ.ଜି. ବଞ୍ଜାରା ସଂସ୍କୃତ ଭାଷା କୁହନ୍ତି କି ଏବଂ ସଂସ୍କୃତରେ ସେ ଗୋଟିଏ ଧାଡ଼ି ଆବୃତ୍ତି କରିପାରିବେ କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷରେ ସଂସ୍କୃତ ଭାଷା ସବୁ ଭାଷାର ଜନନୀ ବୋଲି ଆବେଦନକାରୀଙ୍କ ଓକିଲ ଖଣ୍ଡପୀଠଙ୍କୁ ଜଣାଇଥିଲେ।

# ବଳାତ୍କାରକୁ ପ୍ରତିରୋଧ କରିବାରୁ ମହିଳାଙ୍କୁ ଟ୍ରେନ୍‌ରୁ ଫିଙ୍ଗିଦେଲେ

- କୋଚ୍‌ରେ ଏକୁଟିଆ ଥିଲେ ୯ ବର୍ଷର ପୁଅ
- ଷ୍ଟେଶନରେ ଅପେକ୍ଷା କରିଥିଲେ ସ୍ୱାମୀ

**ଚଣ୍ଡିଗଡ଼, ୨।୯**

ହରିୟାଣାର ଫରିଦାବାଦ୍‌ରେ ଏକ ଲୋମଟାଙ୍କୁରା ଘଟଣା ଘଟିଛି। ବଳାତ୍କାର ଉଦ୍ୟମ କରୁଥିବା ଅଭିଯୁକ୍ତଙ୍କୁ ପ୍ରତିରୋଧ କରିବାରୁ ଜଣେ ୩୦ ବର୍ଷୀୟା ମହିଳାଙ୍କୁ ଚଳନ୍ତା ଟ୍ରେନ୍‌ରୁ ଫିଙ୍ଗି ହତ୍ୟା କରାଯାଇଛି। ମହିଳାଙ୍କ ସାଙ୍ଗରେ ତାଙ୍କର ୯ ବର୍ଷୀୟ ପୁଅ ଥିଲେ। ମା'ଙ୍କୁ ଜଣେ ନିଶାସକ୍ତ ବ୍ୟକ୍ତି ଟ୍ରେନ୍‌ରୁ ଠେଲିଦେବା ପରେ ସେ କୋଚ୍‌ରେ ଏକୁଟିଆ କାନ୍ଦୁଥିବା ଦେଖିବାକୁ ମିଳିଥିଲା। ତୋହନା ଷ୍ଟେଶନରେ ସ୍ତ୍ରୀଙ୍କୁ ଅପେକ୍ଷା କରିଥିବା ସ୍ୱାମୀ ଟ୍ରେନ୍‌ରେ କେବଳ ପୁଅଙ୍କୁ ଦେଖିବାକୁ ପାଇଥିଲେ। ପୁଅଠାରୁ ଘଟଣା ଜାଣିବା ପରେ ସେ ପୋଲିସକୁ ସୂଚନା ଦେଇଥିଲେ।

ଗୁରୁବାର ରାତିରେ ମହିଳା ଜଣଙ୍କ ଯାତ୍ରା କରୁଥିବା କୋଚ୍‌ରେ କେବଳ ଅଭିଯୁକ୍ତ ସନ୍ଦୀପ(୨୭), ସେ ଏବଂ ତାଙ୍କ ପୁଅ ଥିଲେ। କେହି ନ ଥିବାର ସୁଯୋଗ ନେଇ ସନ୍ଦୀପ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣକ ଏହାକୁ ପ୍ରତିରୋଧ କରିଥିଲେ। ନିଶାସକ୍ତ ଅବସ୍ଥାରେ ସନ୍ଦୀପ ମହିଳାଙ୍କୁ ଜବରଦସ୍ତି ଟାଣି ନେଇ ବାହାରକୁ ଫିଙ୍ଗି ଦେଇଥିଲେ। ପରେ ନିଜେ ଟ୍ରେନ୍‌ରୁ ଡେଇଁ ଖସିଯିବାକୁ ଉଦ୍ୟମ କରିଥିଲେ।



ଟ୍ରେନ୍‌ରୁ ଡେଇଁ ସେ ଆହତ ହୋଇଛନ୍ତି। ତାଙ୍କୁ ପୋଲିସ ଗିରଫ ପରେ ଡାକ୍ତରଖାନାରେ ଭର୍ତ୍ତି କରିଛି। ମହିଳା ଜଣକ ହରିୟାଣାର ରୋହତକ୍‌ରେ ରହୁଥିବାବେଳେ ଗୁରୁବାର ରାତିରେ ୧୪୫ କି.ମି. ଦୂର ତୋହନାକୁ ପୁଅ ସହ ଟ୍ରେନ୍‌ରେ ଆସୁଥିଲେ। ୨୦ କି.ମି. ଦୂରରେ ଥିବାବେଳେ ସେ ସ୍ୱାମୀଙ୍କୁ ଫୋନ୍ କରିଥିଲେ। ଘଟଣା ପରେ ମହିଳାଙ୍କ ପରିବାର ଲୋକେ ରେଲ୍‌ୱେ ଟ୍ରାକ୍‌ରେ ରାତିସାରା ଖୋଜାଖୋଜି କରିଥିଲେ। ସକାଳେ ତାଙ୍କ ମୃତଦେହ ମିଳିଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୦,୯୦,୭୬,୯୪୧ | ୬୪,୯୯,୩୫୭ | ୫୮,୫୩,୫୯,୬୨୫ |
| ଭାରତ | ୪,୪୪,୪୨,୫୦୭ | ୫,୨୭,୯୩୨ | ୪,୩୮,୫୫,୩୬୫ |
| ଓଡ଼ିଶା | ୧୩,୨୮,୦୭୦ | ୯୧୨୮(+୫୩) | ୧୩,୧୭,୦୪୨ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଆଜିଠୁ ସ୍ୱତନ୍ତ୍ର ଓଜେଇଇ

**ଭୁବନେଶ୍ୱର, ୨।୯(ବ୍ୟୁରୋ):** ସ୍ୱତନ୍ତ୍ର ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ବା ଦ୍ୱିତୀୟ ଓଜେଇ ଶନିବାରଠାରୁ ଆରମ୍ଭ ହେବ। ୩, ୪ ଓ ୭ ତାରିଖରେ ପରୀକ୍ଷା ଅନୁଷ୍ଠିତ ହେବ। ପ୍ରଥମ ଦିନ ୪ଟି ଶିଫ୍ଟରେ ପରୀକ୍ଷା ହେବାକୁ ଥିବାବେଳେ ବାକି ଦୁଇଦିନ ତିନୋଟି ଶିଫ୍ଟରେ ହେବ। ସବୁ ପରୀକ୍ଷାର ସମୟ ଏକ ଘଣ୍ଟା ଲେଖାଏ ରହିଛି। ପ୍ରଥମ ଶିଫ୍ଟ ସକାଳ ୯ଟାରୁ ୧୦ଟା ପର୍ଯ୍ୟନ୍ତ ଥିବାବେଳେ ଦ୍ୱିତୀୟ ଶିଫ୍ଟ ସାଢ଼େ ୧୧ଟାରୁ ସାଢ଼େ ୧୨ଟା, ତୃତୀୟ ଶିଫ୍ଟ ଅପରାହ୍ନ ୨ଟାରୁ ୩ଟା ଏବଂ ଚତୁର୍ଥ ଶିଫ୍ଟ ସାଢ଼େ ୪ଟାରୁ ସାଢ଼େ ୫ଟା ଯାଏ ହେବ। ପ୍ରଥମ ଓ ଦ୍ୱିତୀୟ ଶିଫ୍ଟରେ ଏମ୍‌ବିଏ, ତୃତୀୟ ଏବଂ ଚତୁର୍ଥ ଶିଫ୍ଟରେ ଲାଟେରାଲଏଣ୍ଟ୍ରି-ଟେକ୍(ଡିପ୍ଲୋମା) ବିଷୟରେ ପରୀକ୍ଷା ରହିଛି। ୪ ତାରିଖରେ ପ୍ରଥମ ତିନୋଟି ଶିଫ୍ଟରେ ବିଟେକ୍ ପାଇଁ ପରୀକ୍ଷା ହେବ। ୭ ତାରିଖରେ ପ୍ରଥମ ଶିଫ୍ଟରେ ବି.ଫାର୍ମ, ଦ୍ୱିତୀୟ ଶିଫ୍ଟରେ ବି.ଫାର୍ମ, ଏମ୍‌ଟେକ୍(ସମସ୍ତ ବିଷୟ), ଏମ୍ ଆର୍କ, ଏମ୍ ଫାର୍ମ, ଲାଟେରାଲ ଏଣ୍ଟ୍ରି-ଟେକ୍(ବିଏସ୍‌ସି) ଏବଂ ତୃତୀୟ ଶିଫ୍ଟରେ ଏମ୍‌ସିଏ ପାଇଁ ପରୀକ୍ଷା ଅନୁଷ୍ଠିତ ହେବ। ମୋଟ ୨୮,୬୨୦ଜଣ ଛାତ୍ରୀଛାତ୍ର ସ୍ୱତନ୍ତ୍ର ଓଜେଇଇ ଦେବେ। ଏଥିପାଇଁ ୨୮ଟି ସହରରେ ୩୮ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଓଡ଼ିଶା ବାହାରେ କୋଲକାତା, ରାଞ୍ଚି ଏବଂ ପାଟଣା ଆଦି ତିନୋଟି ସହରରେ ଗୋଟିଏ ଲେଖାଏ ପରୀକ୍ଷା କେନ୍ଦ୍ର ହୋଇଛି।

### ନାଟ୍ୟକାର ଅକ୍ଷୟ ମହାନ୍ତିଙ୍କ ପରଲୋକ

**ଭୁବନେଶ୍ୱର, ୨।୯(ବ୍ୟୁରୋ):** ନାଟ୍ୟକାର ତଥା ଲେଖକ ଅକ୍ଷୟ କୁମାର ମହାନ୍ତିଙ୍କ ଶୁକ୍ରବାର ସକାଳେ ଭୁବନେଶ୍ୱର ନୀଳାଦ୍ରିବିହାରସ୍ଥିତ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୮୩ବର୍ଷ ବୟସ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ନୂଆଦିଲ୍ଲୀ ମଣ୍ଡି ହାଉସ୍‌ର କାର୍ଯ୍ୟକ୍ରମ ମୁଖ୍ୟ ଥିଲେ। ଏଥିସହ ଦିଲ୍ଲୀ ଦୂରଦର୍ଶନର ବରିଷ୍ଠ ଅଧିକାରୀ ଓ ଇଟିଭିର ବରିଷ୍ଠ ପ୍ରଯୋଜକ ତଥା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ଏଥିସହ ଓଡ଼ିଆ ଭାଷା ସାହିତ୍ୟର ବିଶିଷ୍ଟ ଲେଖକ ଭାବେ ବେଶ୍ ପରିଚିତ ଥିଲେ। ଅବସର ପରେ ସେ ଓଡ଼ିଆ ଦୃଶ୍ୟମାନ ସାହିତ୍ୟ ଉପରେ ଡ. ହରିହର କାନୁନ୍‌ଗୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରି ପିଏଚ୍.ଡି ଲାଭ କରିଥିଲେ। ତାଙ୍କ ମୃତ୍ୟୁରେ ସାହିତ୍ୟ, ନାଟ୍ୟ ଓ ଦୂରଦର୍ଶନରେ ତାଙ୍କ ସହ କାମ କରିଥିବା ବ୍ୟକ୍ତିବିଶେଷ ଶୋକ ପ୍ରକାଶ କରିଛନ୍ତି।



### ଭିଜିଲାନ୍ସ ଜାଲରେ ବ୍ଲକ କନିଷ୍ଠ ଯନ୍ତ୍ରୀ

**ଗାଈ ଗୁହାଳ ବିଲ୍ ପାସ୍ କରିବାକୁ ଲାଞ୍ଚ**

**ଖଲ୍ଲିକୋଟ(ଡି.ଏନ୍.ଏ.)/ବ୍ରହ୍ମପୁର ଅଫିସ/୨।୯:** ଗଞ୍ଜାମ ଜିଲା ବେଗୁନିଆପଡ଼ା ବ୍ଲକ କନିଷ୍ଠ ଯନ୍ତ୍ରୀ ସୁଧାଂଶୁ ଶେଖର ମଲ୍ଲିକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଜଣେ ହିତାଧିକାରୀଙ୍କ ବକେୟା ବିଲ୍ ପାସ କରିବା ପାଇଁ ୭ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସେ ଗିରଫ ହୋଇଛନ୍ତି। ଲାଞ୍ଚ ଟଙ୍କା ସହ କାର୍ଯ୍ୟାଳୟରୁ କାଗଜପତ୍ର ଜବତ କରାଯାଇଛି। ସେହିପରି କନିଷ୍ଠ ଯନ୍ତ୍ରୀଙ୍କ କବିସୂର୍ଯ୍ୟନଗର ମାଝି କଲୋନୀର ଭଡ଼ାଘର, ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ କେଉଟଲଙ୍ଗୁଆ ବାସଭବନ ଓ ଅଫିସ ଚାମ୍ବରରେ ଭିଜିଲାନ୍ସ ଟିମ ଏକକାଳୀନ ଚଢ଼ାଉ ଜାରି ରହିଥିବା ଭିଜିଲାନ୍ସ ଏସ୍‌ପି ଗଣେଶ ପ୍ରଧାନ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ବେଗୁନିଆପଡ଼ା ବ୍ଲକ ବୁରୁଝରି ପଞ୍ଚାୟତରେ ମୋ ଗୁହାଳ ଯୋଜନାରେ ଜଣେ ହିତାଧିକାରୀ ଟଙ୍କା ପାଇବାର ଥିଲା। ତେଣୁ ସେ କନିଷ୍ଠ ଯନ୍ତ୍ରୀ ମଲ୍ଲିକଙ୍କ ସହ ଯୋଗାଯୋଗ କରିଥିଲେ। ହେଲେ ଉକ୍ତ ବିଲ୍ ପାସ୍ କରିବା ପାଇଁ ହିତାଧିକାରୀଙ୍କୁ କନିଷ୍ଠ ଯନ୍ତ୍ରୀ ୭ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ହିତାଧିକାରୀ ଜଣଙ୍କ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ହିତାଧିକାରୀ ଜଣଙ୍କ ଶୁକ୍ରବାର ବ୍ଲକକୁ ଯାଇ କନିଷ୍ଠ ଯନ୍ତ୍ରୀ ମଲ୍ଲିକଙ୍କୁ ଭେଟି ତାଙ୍କ ଦାବି ମୁତାବକ ୭ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ଏହି ସମୟରେ ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ ଚଢ଼ାଉ କରି ଉକ୍ତ ଲାଞ୍ଚ ଟଙ୍କା ଜବତ କରିବା ସହ କନିଷ୍ଠ ଯନ୍ତ୍ରୀ ମଲ୍ଲିକଙ୍କୁ ଗିରଫ କରିଥିବା ଏସପି ପ୍ରଧାନ କହିଛନ୍ତି। ଏ ନେଇ ମାମଲା ନଂ.୧୬/୨୨ରେ ମାମଲା ରୁଜୁ କରାଯାଇଛି।



# ପ୍ରେମିକଙ୍କ ନିର୍ଯାତନାରୁ ଆତ୍ମହତ୍ୟା କରିଥିଲେ ଶୁଭଶ୍ରୀ

## ଅଭିଯୁକ୍ତ ନୟାଗଡ଼ର ଚିତ୍ତରଞ୍ଜନ ଗିରଫ



ଶୁଭଶ୍ରୀ ମହାପାତ୍ର

- ୨ମାସ ତଳେ ଭୁବନେଶ୍ୱର ଆସି ସ୍କୁଲ ବସ୍ ଡ୍ରାଇଭର ଥିଲେ
- ରିମାଣ୍ଡରେ ଅଣାଯାଇ ତଦନ୍ତ କରାଯିବ: ଡିସିପି



ଚିତ୍ତରଞ୍ଜନ ଜେନା

**ଭୁବନେଶ୍ୱର,୨।୯(ବ୍ୟୁରୋ)**

ଭୁବନେଶ୍ୱର ଖାରବେଳନଗର ଥାନା ଅନ୍ତର୍ଗତ ଶାସ୍ତ୍ରୀନଗରରେ ପରିବାର ସହ ରହୁଥିବା ଶୁଭଶ୍ରୀ ମହାପାତ୍ରଙ୍କ ରହସ୍ୟଜନକ ମୃତ୍ୟୁ ମାମଲା ଉପରୁ ଶୁକ୍ରବାର ପରଦା ହଟିଛି। ବ୍ୟବଚ୍ଛେଦ ରିପୋର୍ଟ ଓ ଅଭିଯୁକ୍ତ ପ୍ରେମିକଙ୍କୁ ପଚରାଉଚରା ପରେ ଏହା ହତ୍ୟା ନୁହେଁ, ପରକୀୟାପ୍ରୀତିରୁ ଆତ୍ମହତ୍ୟା ବୋଲି ଜଣାପଡିଛି। ପ୍ରେମିକ ନୟାଗଡ଼ ଜିଲା ଇଟାମାଟି ଥାନା ଅଞ୍ଚଳର ଚିତ୍ତରଞ୍ଜନ ଜେନାଙ୍କ ନିର୍ଯାତନାରୁ ଶୁଭଶ୍ରୀ ଓଢ଼ଣି ବେକରେ ବାନ୍ଧି ଆତ୍ମହତ୍ୟା କରିଥିବା ପୋଲିସ ସ୍ପଷ୍ଟ କରିଛି। ଏପରି କି ନିଜ ସମ୍ପୃକ୍ତି ଏଡ଼ାଇବାକୁ ଚିତ୍ତରଞ୍ଜନ ପ୍ରମାଣ ମଧ୍ୟ ଲୁଚାଇଥିଲେ। ତେଣୁ ପୋଲିସ ଉକ୍ତ ମାମଲା(ନଂ.୨୮୧/୨୨)ରେ ଲାଗିଥିବା ଦଫା ୩୦୨କୁ ୩୦୬ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା)ରେ ବଦଳାଇଛି। ସେହିଭଳି ପ୍ରମାଣ ନଷ୍ଟ କରିବା ଦଫା ୨୦୧ ଲଗାଯାଇ ପ୍ରେମିକ ଚିତ୍ତରଞ୍ଜନଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ଗୋଟିଏ ସ୍କୁଟି, ମୋବାଇଲ ଜବତ ହୋଇଛି। ଚିତ୍ତଙ୍କୁ ପୋଲିସ ଶନିବାର କୋର୍ଟଚାଲାଣ କରିବ। ଏହାପରେ ତାଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ତଥ୍ୟ ହାସଲ କରାଯିବ ବୋଲି ଡିସିପି ପ୍ରତୀକ ସିଂ ଶୁକ୍ରବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

### ସନ୍ଦେହରୁ ଝଗଡ଼ା, ମାଡ଼ମାରି ଥିଲେ ଚିତ୍ତ

ରବିବାର ସ୍ୱାମୀ ଅନନ୍ତ ନାରାୟଣ ନାଥ ଜଗତ୍‌ସିଂହପୁର ଯାଇଥିଲେ। ଏପଟେ ସୋମବାର ସ୍ୱାମୀଙ୍କର ଜଣେ ସମ୍ପର୍କୀୟଙ୍କ ସହ ଜଣେ ବ୍ୟକ୍ତିଙ୍କୁ ଦେଖା କରିବାକୁ ଶୁଭଶ୍ରୀ କ୍ୟାପିଟାଲ ହସ୍ପିଟାଲ ଯାଇଥିଲେ। ଏହାକୁ ସନ୍ଦେହ କରି ଶୁଭଶ୍ରୀଙ୍କୁ ଚିତ୍ତ ଗାଳିଗୁଲଜ କରିଥିଲେ। ଏପରିକି ସେହିଦିନ ରାତିରେ ଶାସ୍ତ୍ରୀନଗରସ୍ଥିତ ଭଡ଼ାଘରକୁ ଚିତ୍ତ ଆସିବା ପରେ ଉଭୟଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ହୋଇଥିଲା। ସେଠାରେ ଚିତ୍ତ ଗାଳିଦେବା ସହ ଶୁଭଶ୍ରୀଙ୍କୁ ମାଡ଼ ମଧ୍ୟ ମାରିଥିଲେ। ଚିତ୍ତ ସବୁ ସମ୍ପର୍କ କାଟି ଦେବାର ଧମକ ଦେଇ ସେଠାରୁ ଚାଲି ଆସିଥିଲେ। ଏହାପରେ ଶୁଭଶ୍ରୀ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ସେ ଚିତ୍ତଙ୍କୁ ୭ରୁ ଅଧିକ ଥର ଫୋନ କରିଥିଲେ। ଶେଷ କଲ୍ ଚିତ୍ତ ଉଠାଇବାରୁ ଆତ୍ମହତ୍ୟା କରୁଥିବା ଶୁଭଶ୍ରୀ ଜଣାଇଥିଲେ। ଏପଟେ ଚେନ୍ନାଇରେ ରହୁଥିବା ସାନଭାଇଙ୍କୁ ମଧ୍ୟ ଆତ୍ମହତ୍ୟା କରିବେ ବୋଲି କହିଥିଲେ। ଏପରିକି ତାଙ୍କ ମୃତ୍ୟୁ ପରେ ପୁଅର ଦେଖାଶୁଣା କରିବାକୁ ମଧ୍ୟ କହିଥିଲେ।

### ପାଣି ଛାଟି ବଞ୍ଚାଇବାକୁ ଉଦ୍ୟମ କରିଥିଲେ

ଶୁଭଶ୍ରୀଙ୍କଠାରୁ ଆତ୍ମହତ୍ୟାର ଧମକ ଶୁଣି ଚିତ୍ତ ଡରିଯାଇଥିଲେ। ସେ ସଙ୍ଗେ ସଙ୍ଗେ ଶୁଭଶ୍ରୀଙ୍କ ଘର ନିକଟରେ ରହୁଥିବା ଟ୍ୟୁଶନ ମାଡାମ୍‌ଙ୍କୁ ଜଣାଇଥିଲେ। ସେହି ସମୟରେ ଶୁଭଶ୍ରୀଙ୍କ ପୁଅ ତାଙ୍କ ପାଖରେ ଟ୍ୟୁଶନ ହେଉଥିଲେ। ସେ ଶୁଭଶ୍ରୀଙ୍କ ଘରକୁ ଆସି କବାଟ ବନ୍ଦ ଥିବାରୁ ଡାକ ପକାଇବା ସହ ଏକ କଣାରେ ଭିତରକୁ ଚାହିଁଥିଲେ। ହେଲେ ଶୁଭଶ୍ରୀ ଏକ ପାଇପରେ ଓଢ଼ଣିରେ ଝୁଲୁଥିବା ଦେଖି ଚିତ୍ତଙ୍କୁ ଜଣାଇଥିଲେ। କିଛି ସମୟ ପରେ ଚିତ୍ତ ସେଠାକୁ ଆସି ଶୁଭଶ୍ରୀଙ୍କୁ ଝୁଲନ୍ତା ଅବସ୍ଥାରୁ ତଳକୁ ଓହ୍ଲାଇ ବେକରେ ବନ୍ଧାହୋଇଥିବା ଓଢ଼ଣି କାଢ଼ିଥିଲେ। ଏଥିସହ ପାଣି ଛାଟି ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ହେଲେ ଶୁଭଶ୍ରୀଙ୍କ ମୃତ୍ୟୁ ହୋଇଥିବା ଜାଣିବା ପରେ ସେଠାରୁ ପଳାଇଥିଲେ। ଟ୍ୟୁଶନ ମାଡାମ୍‌ଙ୍କଠାରୁ ଖବର ପାଇ ଶୁଭଶ୍ରୀଙ୍କ ସ୍ୱାମୀ ଅନନ୍ତ ଘରେ ପହଞ୍ଚି ଥାନାରେ ଅଭିଯୋଗ କରିଥିଲେ।

### ବରୁଣେଇ ପାହାଡ଼ ନିକଟରେ ଫୋପାଡ଼ିଥିଲେ ଓଢ଼ଣି

ପ୍ରମାଣ ନଷ୍ଟ କରିବାକୁ ଶୁଭଶ୍ରୀଙ୍କ ଓଢ଼ଣି ନେଇ ଚିତ୍ତ ସେଠାରୁ ସ୍କୁଟି ଯୋଗେ ଗାଁକୁ ବାହାରିଥିଲେ। ତାହାକୁ ପୋଡିବା ପାଇଁ ସାଙ୍ଗରେ ଏକ ଡିଆସିଲ୍ ପ୍ୟାକେଟ ମଧ୍ୟ ନେଇଥିଲେ। ହେଲେ କୌଣସି କାରଣରୁ ସେ ଓଢ଼ଣିକୁ ନ ପୋଡ଼ି ଖୋର୍ଦ୍ଧା ବରୁଣେଇ ପାହାଡ଼ ନିକଟ ବାଇପାସ୍ ରାସ୍ତା କଡ଼ରେ ଫୋପାଡ଼ି ଗାଁକୁ ପଳାଇଥିଲେ। କଲ୍ ଡିଟେଲ୍ସ ରିପୋର୍ଟରୁ ତାଙ୍କ ସମ୍ପୃକ୍ତି ପୋଲିସ ଜାଣିବା ପରେ ତାଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରିଥିଲା।

### ହୋଟେଲ ଯାଞ୍ଚ, ଓଢ଼ଣି ଓ ଡିଆସିଲ ପ୍ୟାକେଟ ଜବତ

ଜେରା ସମୟରେ ଶୁଭଶ୍ରୀଙ୍କ ସହ ପଟିଆସ୍ଥିତ ଏକ ହୋଟେଲରେ କିଛିଦିନ ତଳେ ରହିଥିଲେ ବୋଲି ଅଭିଯୁକ୍ତ ପ୍ରେମିକ ଚିତ୍ତ କହିଥିଲେ। ତେଣୁ ପ୍ରମାଣ ଯୋଗାଡ଼ ପାଇଁ ପୋଲିସ ଶୁକ୍ରବାର ପଟିଆସ୍ଥିତ ଉକ୍ତ ହୋଟେଲକୁ ଯାଇ ରହଣୀ ବିବରଣୀ ଯାଞ୍ଚ କରିଥିଲା। ସେହିପରି ପୋଲିସ ଚିତ୍ତଙ୍କୁ ବରୁଣେଇ ପାହାଡ଼ ନିକଟକୁ ନେଇ ଉକ୍ତ ସ୍ଥାନରୁ ଓଢ଼ଣି ସହ ଏକ ଡିଆସିଲ୍ ପ୍ୟାକେଟ ମଧ୍ୟ ଜବତ କରିଥିଲା।

### ସ୍ୱାମୀଙ୍କ ବାରଣ ସତ୍ତ୍ୱେ ପ୍ରେମିକ ସହ ବୁଲୁଥିଲେ

ନୟାଗଡ ଜିଲା ଇଟାମାଟି ଥାନା ମାଣପୁର ଗ୍ରାମର ଶୁଭଶ୍ରୀ ୨୦୧୪ରେ ଜଗତ୍‌ସିଂହପୁର ଜିଲାର ଅନନ୍ତ ନାରାୟଣ ନାଥଙ୍କୁ ବିବାହ କରିଥିଲେ। ପରେ ଗୋଟିଏ ପୁଅ ହୋଇଥିଲା। ୨୦୧୯ ଡିସେମ୍ବରରେ ମାଣପୁର ମନ୍ଦିରରେ ହେଉଥିବା ବନ୍ଧୁମିଳନରେ ଚିତ୍ତ ଓ ଶୁଭଶ୍ରୀଙ୍କ ଚିହ୍ନା ପରିଚୟ ହୋଇଥିଲା। ପରେ ଏହା ପ୍ରେମ ସମ୍ପର୍କର ରୂପ ନେଇଥିଲା। ଉଭୟ ବହୁ ସମୟ ଫୋନରେ କଥା ହେଉଥିଲେ। ପ୍ରେମକୁ ସାକାର କରିବା ପାଇଁ ଚିତ୍ତ ୨ ମାସ ହେବ ସତ୍ୟନଗରରେ ରହି ଏକ ଘରୋଇ ସ୍କୁଲ ବସ୍‌ର ଡ୍ରାଇଭର ଭାବେ କାର୍ଯ୍ୟ କରିଥିଲେ। ସେମାନଙ୍କ ନିବିଡ଼ ପ୍ରେମ ସମ୍ପର୍କ ବିଷୟରେ ସ୍ୱାମୀ ଅନନ୍ତ ଜାଣିବା ପରେ ଶୁଭଶ୍ରୀଙ୍କୁ ବାରଣ କରିଥିଲେ। ଏପରିକି ପଟିଆସ୍ଥିତ ଘର ବଦଳାଇ ଶାସ୍ତ୍ରୀନଗର ଚାଲିଆସିଥିଲେ। ଚିତ୍ତଙ୍କ ସହ ଆଉ ସମ୍ପର୍କ ରଖିବେ ନାହିଁ ବୋଲି ଶୁଭଶ୍ରୀ ସ୍ୱାମୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସ୍ୱାମୀ ଅଫିସ୍ ଯିବା ପରେ ସେ ପ୍ରେମିକ ଚିତ୍ତଙ୍କ ସହ ବୁଲାବୁଲି କରୁଥିଲେ। ଏପରିକି ଲଜ୍‌ରେ ମଧ୍ୟ ରହୁଥିଲେ ବୋଲି ଡିସିପି ସିଂହ କହିଛନ୍ତି।

## ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

**ବ୍ରହ୍ମପୁର ଅଫିସ,୨।୯**

ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ-୨) ଡ. ଇନ୍ଦୁଶର୍ମା ଶୁକ୍ରବାର ଏକ ଯୌତୁକଜନିତ ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ପାଟପୁର ଥାନା ଅଞ୍ଚଳର ସୁଶାନ୍ତ ବିଶୋୟୀ (୩୬)। ସୁଶାନ୍ତ ଗିରଫ ପରଠାରୁ ଏଯାବତ୍ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହିଥିଲେ।

୨୦୧୬ ଡିସେମ୍ବର ୧୬ରେ ସୁଶାନ୍ତ ତାଙ୍କ ସ୍ତ୍ରୀ ସଙ୍ଗୀତାଙ୍କ ଦେହରେ କିରୋସିନ ଢାଳି ହତ୍ୟା ଉଦ୍ୟମ କରିଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଅଭିଯୋଗ ପରେ ପୋଲିସ ନଂ.୨୧୪/୧୬ରେ ମାମଲା ରୁଜୁ କରିଥିଲା। ସଙ୍କଟାପନ୍ନ ଥିବା ସଙ୍ଗୀତାଙ୍କୁ ପୋଲିସ ଏମ୍‌କେସିଜି ମେଡିକାଲରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତ୍ୟୁକାଳୀନ ଜମାନବନ୍ଦୀ ନେଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ୮ ଦିନ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଏନେଇ ଯୌତୁକଜନିତ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ସୁଶାନ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ଶୁକ୍ରବାର ଏହି ମାମଲାର ବିଚାର ବେଳେ ସୁଶାନ୍ତଙ୍କୁ ଜେଲରୁ ଆଣି କୋର୍ଟରେ ହାଜର କରାଯାଇଥିଲା। ୨୦ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସର ଚାର୍ଜଶିଟକୁ ଆଧାର କରି ଏଡିଜେ-୨ ଆଜୀବନ କାରାଦଣ୍ଡାଦେଶ ଶୁଣାଣି କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି କୁରେଶ ଚନ୍ଦ୍ର ଗୌଡ଼ ମକଦ୍ଦମା ପରିଚାଳନା କରିଥିଲେ।

# ବିସର୍ଜନ ନ ହୋଇ ଗଛତଳେ ଗଜାନନ

## ପୋଖରୀ ତୁଠ ଜଗିଲେ ଏସ୍‌ଏଚ୍‌ଜି ସଭ୍ୟା

**ବ୍ରହ୍ମପୁର ଅଫିସ,୨।୯**

କରୋନା କଟକଣା ହଟିବା ପରେ ଚଳିତବର୍ଷ ବ୍ରହ୍ମପୁର ସହରରେ ଆଡ଼ମ୍ବରରେ ଗଣେଶ ପୂଜା ହୋଇଥିଲା। ସହରର ବିଭିନ୍ନ ପୂଜା କମିଟି, ଶିକ୍ଷାନୁଷ୍ଠାନ ଓ ପ୍ରତ୍ୟେକ ସାହିରେ ପୂଜା ପାଇଥିବା ଗଣେଶଙ୍କ ମୂର୍ତ୍ତି ବିସର୍ଜନ ପର୍ବ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ବିସର୍ଜନ ପାଇଁ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଏ ଯାଏ ଅସ୍ଥାୟୀ ପୋଖରୀ କରାଯାଇ ନ ଥିବାରୁ ପୋଖରୀଗୁଡିକରେ ଲୋକେ ମୂର୍ତ୍ତି ପକାଇ ପାଣି ଅପରିଷ୍କାର କରିବା ସମ୍ଭାବନା ଥିବାରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚଜି)ସଭ୍ୟାମାନଙ୍କୁ ତୁଠରେ ଜଗାଇ ଦିଆଯାଇଛି। ଯଦ୍ୱାରା ମୂର୍ତ୍ତି ବିସର୍ଜନ ପାଇଁ ଆସୁଥିବା ଲୋକେ ପୋଖରୀକୁ ନ ଯାଇ ପାରି ଗଛମୂଳେ ଗଜାନନଙ୍କୁ ରଖି ଦେଇ ଫେରୁଛନ୍ତି। ଏହା ଧାର୍ମିକ ଭାବନାକୁ ଆଘାତ ଦେଉଥିବା ଅଭିଯୋଗ ହେଉଛି।

ପୋଖରୀରେ ମୂର୍ତ୍ତି ଓ ଅନ୍ୟ ପୂଜା ସାମଗ୍ରୀ ପଡ଼ିଲେ ପାଣି ଦୂଷିତ ହେଉଛି। ଏଥିସହ ମୂର୍ତ୍ତିରେ ବ୍ୟବହାର ହେଉଥିବା ରାସାୟନିକ ରଙ୍ଗ ପାଣିରେ ମିଶିଲେ ଓ ସେହି ପାଣିରେ ଗାଧୋଇଲେ ବିଭିନ୍ନ ଚର୍ମ ରୋଗ ହେବା ଆଶଙ୍କା ରହୁଛି। ଏହାକୁ ଏଡାଇବା ପାଇଁ ବିଏମସି ପକ୍ଷରୁ ସହରର ପ୍ରତ୍ୟେକ ଛୋଟବଡ଼ ପୋଖରୀ ତୁଠରେ ଏସ୍‌ଏଚଜି ସଭ୍ୟାମାନଙ୍କୁ ନିୟୋଜିତ କରାଯାଇଛି। ଏମାନେ ପୋଖରୀ ତୁଠ ଜଗି ରହିଛନ୍ତି। ଅନ୍ୟପଟେ ବିଏମସି ପକ୍ଷରୁ ଏ ଯାଏ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇ ନ ଥିବାରୁ ମୂର୍ତ୍ତି ବିସର୍ଜନ ପାଇଁ ଅସୁବିଧା ହେଉଛି। ସହରର ବିଜିପୁର, ଗୋଷାଣି ନୂଆଗାଁ, ଗେଟ ବଜାର, ହରିଡାଖଣ୍ଡି, ଆଙ୍କୁଲି, କମାପଲ୍ଲୀ, ପାୟଲ ହଲ ଆଦି ସ୍ଥାନରେ ଥିବା ପୋଖରୀଠାରେ ୧୨ଟି ଏସ୍‌ଏଚଜିଙ୍କୁ ନିୟୋଜିତ କରାଯାଇଛି। ମା' ଘଟଗାଁ ଏସ୍‌ଏଚଜିର ଜଣେ ସଭ୍ୟା କହିଛନ୍ତି ଯେ, ମୂର୍ତ୍ତିଗୁଡ଼ିକୁ ପୋଖରୀରେ ନ ପକାଇବା ପାଇଁ ବାରଣ କରାଯାଉଛି। ମୂର୍ତ୍ତିସବୁ ପୋଖରୀ ତୁଠରେ ରଖାଯିବା ପରେ ସେଗୁଡିକୁ ବିଏମସିର ଟ୍ରାକ୍ଟରରେ ଅସ୍ଥାୟୀ ପୋଖରୀକୁ ନେଇ ବିସର୍ଜନ କରାଯିବ। ସୂଚନାଯୋଗ୍ୟ, ପୂର୍ବରୁ ବିଏମସି ପକ୍ଷରୁ ଗୋଷାଣୀ ନୂଆଗାଁ, ନୂଆ ବସଷ୍ଟାଣ୍ଡ, ଆମ୍ବପୁଆ, ଆଙ୍କୁଲି, ଫାଷ୍ଟଗେଟ ଆଦି ଅଞ୍ଚଳରେ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଉଥିଲା। କିନ୍ତୁ ଚଳିତ ଥର ଅସ୍ଥାୟୀ ପୋଖରୀ ନିର୍ମାଣରେ ବିଳମ୍ବ ହୋଇଥିବାରୁ ଆଗାମୀ ଦିନରେ ସମସ୍ୟା ଉପୁଜିବ ବୋଲି ବହୁ ପୂଜାକମିଟି ପ୍ରକାଶ କରିଛନ୍ତି। ଏ ନେଇ ବିଏମସି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ତରୁଣକାନ୍ତ କହିଛନ୍ତି, ଅସ୍ଥାୟୀ ପୋଖରୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଶ୍ରଦ୍ଧାଳୁମାନେ ଉକ୍ତ ପୋଖରୀରେ ମୂର୍ତ୍ତି ବିସର୍ଜନ କରିପାରିବେ।



ପୋଖରୀ ତୁଠରେ ରହିଥିବା ଗଣେଶ ମୂର୍ତ୍ତି।

# ୯, ୧୦ରେ ପ୍ରବଳ ବର୍ଷା ସମ୍ଭାବନା

## ଆସୁଛି ଲଘୁଚାପ

- ୫ରୁ ପାଗରେ ହେବ ପରିବର୍ତ୍ତନ
- ଅସ୍ତବ୍ୟସ୍ତ କରୁଛି ଖରା, ଗୁଳୁଗୁଳି



**ଭୁବନେଶ୍ୱର,୨।୯(ବ୍ୟୁରୋ)**

ଆନ୍ଧ୍ର ଉପକୂଳ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ୨ ସପ୍ତାହ ମଧ୍ୟରେ ୨ଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ପ୍ରଥମଟି ସେପ୍ଟେମ୍ବର ୮ ମଧ୍ୟରେ ଏବଂ ଦ୍ୱିତୀୟଟି ସେପ୍ଟେମ୍ବର ୯ରୁ ୧୫ ମଧ୍ୟରେ ସୃଷ୍ଟି ହୋଇପାରେ। ଏହାର ପ୍ରଭାବରେ ରାଜ୍ୟରେ ୫ ତାରିଖରୁ ପାଗରେ ପରିବର୍ତ୍ତନ ହେବ। ଦକ୍ଷିଣ ପଶ୍ଚିମ ମୌସୁମୀ ସକ୍ରିୟ ରହିବ। ବର୍ଷା ପରିମାଣ ବଢ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ୪ ତାରିଖ ପର୍ଯ୍ୟନ୍ତ ପ୍ରବଳ ଖରାରୁ ମୁକ୍ତି ମିଳିବା ସମ୍ଭାବନା କମ୍। ଏହି ସମୟରେ ବିଭିନ୍ନ ଅଞ୍ଚଳରେ ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଏହାକୁ ନଜରରେ ରଖି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ଥିବାରୁ ଶନିବାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ବଲାଙ୍ଗୀର, ସୋନପୁର, ବୌଦ୍ଧ, ନୟାଗଡ଼, ଅନୁଗୋଳ, ଢେଙ୍କାନାଳ, କଟକ, କେନ୍ଦୁଝର ଓ ମୟୂରଭଞ୍ଜ ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ୪ ତାରିଖରେ ଗଜପତି, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼ ଓ ବାଲେଶ୍ୱର ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

ଅନ୍ୟପଟେ ରାଜ୍ୟରେ ଦୁଇ ସପ୍ତାହ ହେଲା ମୌସୁମୀ ଦୁର୍ବଳ ଅବସ୍ଥାରେ ରହିଛି। ଏହାର ପ୍ରଭାବରେ ତାପମାତ୍ରା ବୃଦ୍ଧି ପାଇଛି। ଏପରି କି କେତେକ ଅଞ୍ଚଳରେ ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ସେଲ୍‌ସିୟସ ପାର୍ କରିଛି। ଶୁକ୍ରବାର ଚାନ୍ଦବାଲିରେ ସର୍ବୋଚ୍ଚ ତାପମାତ୍ରା ୩୬.୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ପ୍ରବଳ ଗ୍ରୀଷ୍ମ ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଉଚ୍ଚ ତାପମାତ୍ରା ଏବଂ ଆର୍ଦ୍ରତା ପ୍ରଭାବରେ ଉପକୂଳ ସମେତ ବିଭିନ୍ନ ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ଗୁଳୁଗୁଳି ଜାରି ରହିଛି ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି।

# ସ୍ତ୍ରୀଙ୍କୁ ଫେରାଇ ଆଣିବାକୁ ଔଷଧ କାମ ଦେଲାନି

## ଜ୍ୟୋତିଷଙ୍କୁ ହତ୍ୟା

**ଯାଜପୁର ଅଫିସ,୨।୯**

ସ୍ତ୍ରୀଙ୍କୁ ଘରକୁ ଫେରାଇ ଆଣିବା ନିମନ୍ତେ ଜଣେ ଜ୍ୟୋତିଷ ଦେଇଥିବା ଔଷଧ କାମ ଦେଲାନାହିଁ। ଏଥିରେ ଉତ୍କ୍ଷିପ୍ତ ହୋଇ ଜଣେ ଯୁବକ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଉକ୍ତ ଜ୍ୟୋତିଷଙ୍କୁ ହାଣି ହତ୍ୟା କରିଛନ୍ତି। ଏହି ଘଟଣା ଘଟିଛି ଯାଜପୁର ଜିଲା ସୁକିନ୍ଦା ଥାନା ଅନ୍ତର୍ଗତ ବନ୍ଧଗାଁରେ। ନିହତ ଜ୍ୟୋତିଷ ଜଣକ ହେଲେ ମହାରାଷ୍ଟ୍ର ନାଗପୁର ଅଞ୍ଚଳର ମାନିଆ ବାବର(୪୮)। ସେ ଡୁବୁରି ଅଞ୍ଚଳରେ ଏକ ଭଡ଼ା ଘରେ ରହି ଆଖପାଖ ଗ୍ରାମକୁ ଯାଇ ହାତ ଏବଂ ଜାତକ ଦେଖିବା କାର୍ଯ୍ୟ କରି ଆସୁଥିଲେ। ଅଭିଯୁକ୍ତ ଯୁବକ ହେଲେ ବନ୍ଧଗାଁର ଶାନ୍ତନୁ ବେହେରା(୪୨)। ମାନିଆଙ୍କୁ ହତ୍ୟା କରିବା ପରେ ଶାନ୍ତନୁ ମାରଣାସ୍ତ୍ର ସହ ସୁକିନ୍ଦା ଥାନାରେ ଆତ୍ମସମର୍ପଣ କରିଛନ୍ତି।

ଶାନ୍ତନୁ ପ୍ରାୟ ୯ ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ଦୁଇ ପୁତ୍ର ସନ୍ତାନ ରହିଛନ୍ତି। ପାରିବାରିକ ବିବାଦରୁ ତାଙ୍କ ସ୍ତ୍ରୀ ମଝିରେ ମଝିରେ ବାପଘରକୁ ଚାଲିଯାଆନ୍ତି। ପରେ ଶାନ୍ତନୁ ବୁଝାଶୁଝା କରି ଘରକୁ ଆଣନ୍ତି। ହେଲେ ପୁଣି କଳହ ହେବା ଯୋଗୁ ଗତ ୮ ମାସ ହେଲା ସ୍ତ୍ରୀ ବାପଘରକୁ ଆଉ ଫେରି ନ ଥିଲେ। ତାଙ୍କୁ ଫେରାଇ ଆଣିବା ପାଇଁ ଶାନ୍ତନୁ ଚେଷ୍ଟା କରି ବିଫଳ ହୋଇଥିଲେ। ଫଳରେ ସେ ଗାଁକୁ ଆସିଥିବା ଜ୍ୟୋତିଷ ମାନିଆ ବାବରଙ୍କ ସହାୟତା ନେଇଥିଲେ। ପୂଜାପାଠ ଏବଂ ବିଭିନ୍ନ ଔଷଧ ବାବଦକୁ ଶାନ୍ତନୁ ୫ ହଜାର ଟଙ୍କା ଜ୍ୟୋତିଷଙ୍କୁ ଦେଇଥିଲେ। ତେବେ ତାହା କାମ ନ ଦେବାରୁ ଶାନ୍ତନୁ କ୍ରୋଧାନ୍ୱିତ ଥିଲେ। ଶୁକ୍ରବାର ଜ୍ୟୋତିଷ ମାନିଆ ବନ୍ଧଗାଁ ଆସିଥିବାବେଳେ ଔଷଧର ବିଫଳତାକୁ ନେଇ ତାଙ୍କ ସହିତ ଶାନ୍ତନୁଙ୍କର ବଚସା ହୋଇଥିଲା। ଶେଷରେ ଶାନ୍ତନୁ ଏକ ଫାଉଡାରେ ଜ୍ୟୋତିଷଙ୍କ ମୁଣ୍ଡକୁ ବାରମ୍ବାର ଆଘାତ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜ୍ୟୋତିଷ ମାନିଆଙ୍କ ମୃତ୍ୟୁ ଘଟିଥିଲା। ସୁକିନ୍ଦା ଥାନା ପୋଲିସ ୧୭୦/୨୨ ନମ୍ବରରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇବା ସହ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ଶାନ୍ତନୁଙ୍କ ମୁଣ୍ଡ ଦୋଷ ରହିଛି, ଯେଉଁଥିପାଇଁ ତାଙ୍କ ସ୍ତ୍ରୀ ବାରମ୍ବାର ମାନସିକ ଅତ୍ୟାଚାର ପାଇ ବାପଘରକୁ ପଳାଇ ଯାଆନ୍ତି।

# ଓପିଜିସିକୁ ପୁଣି ଘରୋଇ କମ୍ପାନୀକୁ ବିକ୍ରି ପାଇଁ ପ୍ରୟାସ

**ଝାରସୁଗୁଡ଼ା ଅଫିସ,୨।୯**

ବିଦ୍ୟୁତ୍ ଚାହିଦାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ତରଫରୁ ଓଡ଼ିଶା ପାୱାର ଜେନେରେଶନ୍ କର୍ପୋରେଶନ (ଓପିଜିସି) ଗଠନ ହୋଇଥିଲା। ଏହା ଅଧୀନରେ ରାଜ୍ୟରେ ୬ଗୋଟି କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ (ମିନି ମାଇକ୍ରୋ ହାଇଡ୍ରୋ ପାୱାର) ଓ ଗୋଟିଏ ତାପଜ ବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ ହୋଇଥିଲା। ଏଥିମଧ୍ୟରେ କେତେକ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ ଅଚଳ ହୋଇ ବନ୍ଦ ହୋଇଯାଇଥିବାବେଳେ ଆଉ କେତେକ ରଗ୍‌ଣ ଅବସ୍ଥାରେ ଚାଲିଛି। ଫଳରେ ଏହିସବୁ ପ୍ରକଳ୍ପରୁ ବିଦ୍ୟୁତ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଏ ନେଇ ସରକାରଙ୍କ ବ୍ୟାପକ କ୍ଷତି ହେବାରେ ଲାଗିଛି।

ଅନ୍ୟପକ୍ଷେ ନିଗମର ଏକମାତ୍ର ତାପଜ ବିଦ୍ୟୁତ୍ କେନ୍ଦ୍ର ଝାରସୁଗୁଡ଼ା ଜିଲାର ବନହରପାଲିଠାରେ ଗଢିଉଠିଛି। ଏଠାରେ ସର୍ବପ୍ରଥମେ ୨୧୦ମେଗାୱାଟ୍ ବିଶିଷ୍ଟ ୨ୟୁନିଟ୍ ୧୯୮୪ରେ ସ୍ଥାପିତ ହୋଇଥିଲା। ଏହା କାର୍ଯ୍ୟକ୍ଷମ ହେବା ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ କାର୍ଯ୍ୟକାଳ ସମୟରେ ରାଜ୍ୟ ସରକାର ଏହାର ୪୯ପ୍ରତିଶତ ଅଂଶଧନକୁ ବହୁଦେଶୀୟ ଏଇଏସ୍ କମ୍ପାନୀକୁ ୬୦୩କୋଟି ଟଙ୍କାରେ ବିକ୍ରି କରିଦେଇଥିଲେ। ରାଜ୍ୟ ସରକାରଙ୍କ ହାତରେ ୫୧ପ୍ରତିଶତ ଅଂଶଧନ ରହିଥିବାବେଳେ ବହୁଦେଶୀୟ ଏଇଏସ୍ ହାତରେ ୪୯ପ୍ରତିଶତ ରହିଥିଲା। ଏହି ନିଗମ ଭାଗୀଦାରିରେ ଚାଲିଥିବାବେଳେ କମ୍ ଅଂଶଧନ ଥିବା ଏଇଏସ୍ ହାତରେ ପରିଚାଳନା କ୍ଷମତା ଅଧିକ ରହିଥିବାରୁ ଘରୋଇ କମ୍ପାନୀର ମନମାନି ଚାଲିଥିଲା। ଅନେକ ସମୟରେ ଏହା ଉପରେ ରାଜ୍ୟ ସରକାରଙ୍କ କର୍ତ୍ତୃତ୍ୱ ରହୁ ନ ଥିଲା। ଇତିମଧ୍ୟରେ ତାପଜ ବିଦ୍ୟୁତ୍ କେନ୍ଦ୍ରର ସମ୍ପ୍ରସାରଣ ହୋଇ ୧୧ହଜାର କୋଟି ଟଙ୍କା ବ୍ୟୟରେ ୬୨୦ମେଗାୱାଟ୍ ବିଶିଷ୍ଟ ୩ୟ ଓ ୪ର୍ଥ ୟୁନିଟ୍ ସ୍ଥାପନ ହୋଇଥିଲା। ଏହି ୟୁନିଟ୍ ଦ୍ୱୟ ନିର୍ମାଣବେଳେ ନିଗମ କର୍ତ୍ତୃପକ୍ଷ ଏହାର ତଦାରଖ ଠିକ୍‌ରେ କରି ନ ଥିବାରୁ ଏଥିରେ କେତେକ ତ୍ରୁଟି ଦେଖାଦେଇଥିଲା। ତ୍ରୁଟି ସୁଧାରିବା ପାଇଁ ପୁଣି ମୋଟା ଅଙ୍କର ଅର୍ଥ ଆବଶ୍ୟକ ରହିଥିବାବେଳେ ଏଇଏସ୍ ଏଥିରେ ମନୋନିବେଶ ନ କରି ୨୦୨୧ ଡିସେମ୍ବର ୨୦ରେ ନିଗମରୁ ତା'ର ୪୯ପ୍ରତିଶତ ଅଂଶଧନ ପ୍ରତ୍ୟାହାର କରିନେଇଥିଲା। ଏଇଏସ୍ କମ୍ପାନୀ ତାର ଅଂଶଧନକୁ ଆଉ ଏକ ଘରୋଇ କମ୍ପାନୀକୁ ଟେକିଦେବା ପାଇଁ ବସିଥିବାବେଳେ ଏଥିରେ ସରକାର ହସ୍ତକ୍ଷେପ କରି ନିଜ ଅଧୀନରେ ରଖିବା ପାଇଁ ପ୍ରୟାସ ଆରମ୍ଭ କରିଥିଲେ। ଏ ନେଇ ଓଏଚ୍‌ପିସିରୁ ୧୦୫୦କୋଟି ଟଙ୍କା ଆଣି ଏହାର ଅଂଶଧନକୁ କ୍ରୟ କରିଥିଲେ। ଏବେ ଏହି ନିଗମ ସରକାରଙ୍କ ଶତପ୍ରତିଶତ ଅଂଶଧନରେ ଚାଲିଥିବାବେଳେ ଏହା ଏବେ ଲାଭରେ ଚାଲିଛି। ଏଭଳି ସ୍ଥିତିରେ ଏହାକୁ ପୁଣି ଘରୋଇ କମ୍ପାନୀକୁ ଟେକିଦେବା ପାଇଁ ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ରାଜ୍ୟ ମୁଖ୍ୟ ଶାସନ ସଚିବ କୁଆଡେ ଶନିବାର ଓପିଜିସିର ବନହରପାଲିସ୍ଥିତ ଇବ୍ ତାପଜ ବିଦ୍ୟୁତ୍ ପ୍ରକଳ୍ପ ପରିଦର୍ଶନ କରିବେ ବୋଲି ସରକାରୀ କାର୍ଯ୍ୟସୂଚୀରୁ ଜଣାପଡିଛି। ଓପିଜିସି ଗଠନବେଳେ ପ୍ରଥମେ ସ୍ଥାୟୀ କ୍ୟାଡର ଭାବେ ଅଧିକାରୀ ଓ କର୍ମଚାରୀ ନିଯୁକ୍ତି ହୋଇଥିଲେ। ସେତେବେଳେ ଏହି ନଗମ ପରିଚାଳନା ପାଇଁ ୫ଶହରୁ ଊର୍ଦ୍ଧ୍ୱ ମେନ୍‌ପାୱାର ନିଯୁକ୍ତି ହୋଇଥିଲେ। ଏବେ ଧୀରେ ଧୀରେ ଓପିଜିସି ସ୍ଥାୟୀ କ୍ୟାଡରମାନେ ଅବସର ନେଲାପରେ ଏହିସବୁ ସ୍ଥାନରେ ସ୍ଥାୟୀ କ୍ୟାଡର ନିଯୁକ୍ତି ଦିଆ ନ ଯାଇ ଏମ୍‌ବିଏସ୍ କ୍ୟାଡରଙ୍କ ହାତରେ ନିଗମର ଗୁରୁତ୍ୱପୂର୍ଣ୍ଣ ପରିଚାଳନା ଦାୟିତ୍ୱ ଦିଆଯାଉଛି। ମେନ୍ ପାୱାର ଅଭାବରୁ ଜଣଙ୍କୁ ଏକାଧିକ ଦାୟିତ୍ୱ ଦିଆଯାଇଛି। ଫଳରେ କାମ ଠିକ୍‌ରେ ହୋଇପାରୁନାହିଁ। ଏଇଏସ୍ କମ୍ପାନୀ ନିଗମରୁ ଓହରିଗଲା ପରେ ଓପିଜିସିର ପେରିଫେରି ଉନ୍ନୟନ କାମରେ ଅଗ୍ରଗତି ହୋଇପାରୁନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଓପିଜିସି ସ୍ଥାୟୀ କ୍ୟାଡର, ମାର୍କେଟ ବେଶ୍ ସାଲାରି (ଏମ୍‌ବିଏସ୍), ରିସର୍ଚ୍ଚ ଶେୟାରିଂ, ଟ୍ରାଇ କନ୍‌ସଲ୍‌ଟିଂ ଆଦି ରହିଛି। ଏଥିରେ ସମାନ କାମକୁ ସମାନ ଦରମା ଦିଆ ନ ଯାଇ ଓପିଜିସି ସ୍ଥାୟୀ କ୍ୟାଡରଙ୍କଠାରୁ ସେମାନଙ୍କୁ ଅଧିକ ଦରମା ଦିଆଯାଉଛି। ଏହାକୁ ନେଇ ଓପିଜିସି ସ୍ଥାୟୀ କ୍ୟାଡରମାନେ ଅଭିଯୋଗ କରିଆସୁଛନ୍ତି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଯେତେବେଳେ ଶକ୍ତି ସଚିବ ରହିଥିଲେ ସେତେବେଳେ ସେ ଓପିଜିସିରେ ଏମ୍‌ବିଏସ୍ କ୍ୟାଡର ଲାଗୁ କରିଥିଲେ। ଏହି କ୍ୟାଡର ଲାଗୁହେବା ଫଳରେ ନିଗମ ଏଥିରେ ଅଧିକ ଦରମା ଦେଇ କ୍ଷତିଗ୍ରସ୍ତ ହେଉଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୪ ଆଇପିଏସ୍ ଅଫିସରଙ୍କୁ ଡିଜି ପାହ୍ୟା

**ଭୁବନେଶ୍ୱର,୨।୯(ବ୍ୟୁରୋ)**

ରାଜ୍ୟ ସରକାର ୧୯୮୯ ବ୍ୟାଚ୍‌ର ୪ ଜଣ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି। ଶୁକ୍ରବାର ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୧୯୮୯ ବ୍ୟାଚ୍ ଆଇପିଏସ୍ ଅଫିସର ପ୍ରଣବିନ୍ଦୁ ଆଚାର୍ଯ୍ୟ, ସିଦ୍ଧାର୍ଥ ମହାଦୁ ନରଭଣେ, ଅମ୍ରିତ ମୋହନ ପ୍ରସାଦ ଏବଂ ବି. ରାଧିକାଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ପେ ମାଟ୍ରିକ୍ସ ଲେଭଲ-୧୬ ଅନୁଯାୟୀ ସେମାନଙ୍କୁ ଦରମା ଓ ଅନ୍ୟାନ୍ୟ ସୁବିଧା ମିଳିବ। ଅମ୍ରିତ ମୋହନ ପ୍ରସାଦ ଏବଂ ବି. ରାଧିକା ଏବେ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜରକଲା ଧାନ କୁଟା ବେଳକୁ
ଛାଡ଼ିଗଲା ଭାତ ଫୁଟା ବେଳକୁ ।**

କାମ କରିବା କଥା କହିଲେ କିଛି ବ୍ୟକ୍ତି ଆଳ ଦେଖାଇ ବା ବାହାନା କରି ସେଠାରୁ ଖସି ଯାଇଥାନ୍ତି। ଅଥଚ ଖାଇବା କଥା ହେଲେ ସେହି ବ୍ୟକ୍ତି ବଡ଼ ଆଗ୍ରହରେ ଖାଇବା ଲାଗି ଆଗଭର ହୋଇଯାଇଥାନ୍ତି। ଅଳସୁଆ ତଥା ନିକମା ବ୍ୟକ୍ତିଙ୍କ ଏପରି ସ୍ୱଭାବ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଜଳ ତ ଜଳ ଇନ୍ଦ୍ର ଜଳ
ବଳ ତ ବଳ ବୁଦ୍ଧି ବଳ ।**

ବର୍ଷା ପାଣି ଜଳର ମୁଖ୍ୟ ଉତ୍ସ କହିଲେ ଅତ୍ୟୁକ୍ତି ହେବନାହିଁ। ଇନ୍ଦ୍ର କୃପା କଲେ ଭଲ ବର୍ଷା ହୁଏ। ବର୍ଷା ଜଳ ପ୍ରାଣୀଙ୍କର ବହୁ ଉପକାରରେ ଲାଗିଥାଏ। ସେହିପରି ଶାରୀରିକ ସାମର୍ଥ୍ୟ ବା ବଳଠାରୁ ବୁଦ୍ଧିର ବଳ ବଡ଼ ହୋଇଥାଏ। ଯାହାପାଖରେ ବୁଦ୍ଧି ଥାଏ ସେ କୌଣସି ପରିସ୍ଥିତିରେ ହାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

## ଆଜିର ମନ୍ତବ୍ୟ

“କଂଗ୍ରେସ ଅଧକ୍ଷ ନିର୍ବାଚନ ପୂର୍ବରୁ ଭୋଟର ତାଲିକା ସର୍ବସାଧାରଣରେ ପ୍ରକାଶ କରାଯାଉ। ଅଧକ୍ଷ ପଦ ପାଇଁ କେଉଁମାନେ ପ୍ରାର୍ଥୀ ହେଉଛନ୍ତି ଓ କେଉଁମାନେ ଭୋଟ ଦେବେ ତାହା ସମସ୍ତେ ଜାଣିବା ଆବଶ୍ୟକ।
-ଶଶୀ ଥରୁର, ବରିଷ୍ଠ କଂଗ୍ରେସ ନେତା

## ପ୍ରଥମ ପୃଷ୍ଠାରୁ...

### ୧୨ ବର୍ଷ ହେଲା ...



ହିଙ୍ଗୁଳା ଏରିଆ ଅଫିସ ସମ୍ମୁଖରେ କ୍ଷତିଗ୍ରସ୍ତମାନେ ଧାରଣାରେ ବସିଛନ୍ତି।

ଗ୍ରାମର ୧୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ୩୪୮ ଏକର ଜମି ଅଧିଗ୍ରହଣ କରାଯାଇଥିଲା। ସେହି ଏକା ସମୟରେ ନିକଟସ୍ଥ ମଲ୍ଲିବନ୍ଧ ଓ କୁସୁମପାଳ ଗ୍ରାମର ଜମି ମଧ୍ୟ ଅଧିଗୃହୀତ ହୋଇଥିଲା। ହେଲେ ମଲ୍ଲିବନ୍ଧ ଓ କୁସୁମପାଳ ଗ୍ରାମର କ୍ଷତିଗ୍ରସ୍ତଙ୍କୁ ନ୍ୟାୟ ମିଳିସାରିଥିବା ବେଳେ ଗୋପାଳପ୍ରସାଦର କ୍ଷତିଗ୍ରସ୍ତଙ୍କୁ ଏମ୍‌ସିଏଲ୍ ପକ୍ଷରୁ ଉପେକ୍ଷା କରାଯାଇ ଆସୁଛି। ଅଧିଗ୍ରହଣ ହୋଇଥିବା ଜମିରେ ଚାଲିଥିବା ଖଣି କାର୍ଯ୍ୟ ଏବେ ଗ୍ରାମର ଅତି ନିକଟକୁ ଚାଲିଆସିଲାଣି। ଫଳରେ ଘନ ଘନ ବିସ୍ଫୋରଣ ଓ ପ୍ରଦୂଷଣ ଯୋଗୁ ଗ୍ରାମରେ ଆଉ ରହିହେଉ ନାହିଁ। ଏ ସମ୍ପର୍କରେ ବହୁବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହେବା ପରେ ଗତ ଜୁନ ୨୩ ତାରିଖରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲାପାଳ, ଭୂ-ଅର୍ଜନ ଅଧିକାରୀ, ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଓ କ୍ଷତିଗ୍ରସ୍ତମାନେ ଉପସ୍ଥିତ ଥିଲେ। ଅଗଷ୍ଟ ୧୫ ତାରିଖ ସୁଦ୍ଧା ନିଯୁକ୍ତି ପ୍ରଦାନ କରାଯିବା ସହିତ ଉଚିତ କ୍ଷତିପୂରଣ ନିର୍ଦ୍ଧାରଣ କରିବାକୁ ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଥିଲା। ହେଲେ ପ୍ରଶାସନର ନିର୍ଦ୍ଦେଶକୁ ଏମ୍‌ସିଏଲ୍ ପକ୍ଷରୁ ଅଦ୍ୟାବଧି କାର୍ଯ୍ୟକାରୀ କରାଗଲା ନାହିଁ। ତେଣୁ ତୁରନ୍ତ କଟ୍ ଅଫ୍ ଡେଟ୍ ଘୋଷଣା କରାଯିବା, ସମସ୍ତ କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି, ଉଚିତ କ୍ଷତିପୂରଣ ପ୍ରଦାନ ଦାବିରେ ଆନ୍ଦୋଳନ ଆରମ୍ଭ କରାଯାଇଛି। ଏଥିପାଇଁ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଲେ କେବଳ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଆନ୍ଦୋଳନକାରୀମାନେ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ତୃତୀୟ ପର୍ଯ୍ୟାୟ କ୍ଷତିଗ୍ରସ୍ତ ସଭାପତି ପ୍ରଶାନ୍ତ କୁମାର ବେହେରା କହିଛନ୍ତି, ଯେଉଁଠି ଜିଲା ପ୍ରଶାସନର ନିର୍ଦ୍ଦେଶକୁ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ପାଳନ କରୁନାହାନ୍ତି, ସେଠି ଗ୍ରାମବାସୀଙ୍କୁ କିଭଳି ଗୁରୁତ୍ୱ ଦେଉଥିବେ ଏଥିରୁ ଅନୁମାନ କରାଯାଇପାରେ। ଉପଦେଷ୍ଟା ରାଜେନ୍ଦ୍ର କୁମାର ସିଂହ କହିଛନ୍ତି, କ୍ଷତିଗ୍ରସ୍ତମାନେ ନିଜ ଅଧିକାର ନ ପାଇବା ପର୍ଯ୍ୟନ୍ତ ଏମ୍‌ସିଏଲ୍‌କୁ ଅସହଯୋଗ କରିବାକୁ ସ୍ଥିର କରାଯାଇଛି। ଗୋପାଳପ୍ରସାଦ ଗ୍ରାମ ସଭାପତି ନରେନ୍ଦ୍ର ସିଂହ କହିଛନ୍ତି, ଜିଲାପାଳ, ଉପଜିଲାପାଳ ଓ ତାଳଚେର ପ୍ରଶାସନ ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କୁ ତାଗିଦ୍ କଲେ ମଧ୍ୟ କର୍ତ୍ତୃପକ୍ଷ ନିଯୁକ୍ତି, କ୍ଷତିପୂରଣ ପ୍ରଦାନ ପାଇଁ ପଦକ୍ଷେପ ନେଉନାହାନ୍ତି। ସାଧାରଣ ସମ୍ପାଦକ ରଣଜିତ ବେହେରା କହିଛନ୍ତି, ଧୂଳି, ଧୂଆଁ ଓ ପ୍ରଦୂଷଣ ଯୋଗୁ ଗ୍ରାମରେ ରହିହେଉ ନାହିଁ। ଗ୍ରାମବାସୀଙ୍କ କଥା ଶୁଣିବାକୁ କେହି ନାହାନ୍ତି। ଅଭିଯୋଗ ସମ୍ପର୍କରେ ହିଙ୍ଗୁଳା କ୍ଷେତ୍ର ମହାପ୍ରବନ୍ଧକ ଏ.କେ. ସ୍ୱର୍ଣ୍ଣକାର ଓ ଏମ୍‌ସିଏଲ୍ ଲୋକ ସମ୍ପର୍କ ଅଧିକାରୀ ଏଲ୍.ଏନ୍. ମିଶ୍ରଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ମିଳିପାରି ନାହିଁ।

### ବିଚାରପତିଙ୍କ ସନ୍ଦେହଜନକ ...

ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରି ଏକ ରଶି ଜବତ କରିଛି। ପାରିପାର୍ଶ୍ୱିକ ଅବସ୍ଥାରୁ ଏହା ଆତ୍ମହତ୍ୟା ବୋଲି ଜଣାପଡୁଥିବାବେଳେ ଏହାର କାରଣ ଜଣାପଡ଼ିନାହିଁ ବୋଲି ଏସିପି କହିଛନ୍ତି।

ଅନ୍ୟପକ୍ଷରେ ବିଚାରପତିଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ତାଙ୍କ କୋର୍ଟର କର୍ମଚାରୀ, ଅଧିକାରୀ, ସରକାରୀ ଓକିଲ ରମେଶ ଚନ୍ଦ୍ର ମହାନ୍ତିଙ୍କ ସମେତ ଆଇନଜୀବୀମାନେ ପହଞ୍ଚିଥିଲେ। ବିଚାରପତିଙ୍କ ପୈତୃକ ଗାଁ ଯାଜପୁର ଜିଲା ସଦର ଥାନା ଅନ୍ତର୍ଗତ ଭୁବନେଶ୍ୱରପୁରରେ ଶୋକର ଛାୟା ଖେଳିଯାଇଛି। ଘରେ ତାଙ୍କ ମା’ ଏବଂ ସାନ ଭାଇ ରହୁଥିବା ବେଳେ ବିଚାରପତି ବିହାରୀ କଟକରେ ୨ ଝିଅ ଓ ସ୍ତ୍ରୀଙ୍କ ସହ ରହନ୍ତି। ସେ ଯାଜପୁରର ବିରଜା ଆଇନ ମହାବିଦ୍ୟାଳୟରେ ପାଠ ପଢ଼ିବା ପରେ ଯାଜପୁରରେ ଲ ପ୍ରାକ୍ଟିସ କରିଥିଲେ। ପରେ ଓଜେଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ୨୦୦୪ରେ ବିଚାର ବିଭାଗରେ ନିଯୁକ୍ତି ପାଇଥିଲେ। ସେ ପୂର୍ବରୁ ଜି. ଉଦୟଗିରି, ଭୁବନେଶ୍ୱର ଓ ବାଲିଗୁଡ଼ାରେ କାର୍ଯ୍ୟ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବିଚାରପତି ବିହାରୀ ୧୫ ବର୍ଷ ପୂର୍ବରୁ ଭୁବନେଶ୍ୱରପୁର ନିକଟ କଳସଡିହ ଗ୍ରାମର ଜଣେ ଯୁବତୀଙ୍କୁ ପ୍ରେମ ବିବାହ କରିଥିଲେ। ତାଙ୍କର ୧୦ ଓ ୬ ବର୍ଷର ଦୁଇ ଝିଅ ଅଛନ୍ତି। ତାଙ୍କ ସାନ ଭାଇ ଗାଁରେ ଚାଷବାସ କରି ପରିବାର ସହ ରୁହନ୍ତି। ବିଚାରପତି ବିହାରୀ ଅନେକ ସମୟରେ ଗାଁକୁ ଯାଇ ସମସ୍ତ ପର୍ବପର୍ବାଣିରେ ସକ୍ରିୟ ଭୂମିକା ନେଇଥାନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ସେ ଜଣେ ମିଷ୍ଟଭାଷୀ ଏବଂ ସରଳ ସ୍ୱଭାବର ବ୍ୟକ୍ତି ଥିଲେ ବୋଲି ଗ୍ରାମବାସୀଙ୍କଠାରୁ ସୂଚନା ମିଳିଛି। ତାଙ୍କ ଆତ୍ମହତ୍ୟାକୁ ଗ୍ରାମବାସୀ ସହଜରେ ଗ୍ରହଣ କରି ପାରିନାହାନ୍ତି। ପରିବାରରେ କୌଣସି କଳହ ନ ଥିଲା ଏବଂ ଶାନ୍ତିରେ ଜୀବନ ଅତିବାହିତ କରୁଥିଲେ ବୋଲି ପରିବାର ଲୋକେ କହିଛନ୍ତି।

### ନୌସେନାର ନୂଆ ପତାକା ...

ପାକିସ୍ତାନ ନାଭି ଭାବେ ବିଭକ୍ତ ହୋଇଥିଲା। ୧୯୫୦ ଜାନୁୟାରୀ ୨୬ରେ ଭାରତ ସାଧାରଣତନ୍ତ୍ରରେ ପରିଣତ ହେବା ସହ ‘ରୟାଲ’ ଶବ୍ଦ ହଟାଇ ଦିଆଯାଇ ନୌସେନା କେବଳ ଇଣ୍ଡିଆନ ନାଭି ଭାବେ ପରିଚିତ ହୋଇଥିଲା। ସେବେଠାରୁ ଚଳିଆସୁଥିବା ନୌସେନା ଏନ୍‌ସାଇନ୍ ଧଳା ରଙ୍ଗର ପତାକାରେ ଲାଲ୍ ରଙ୍ଗର ଭୂସମାନ୍ତର ଓ ଭୂଲମ୍ବ ପଟି ଥିଲା। ଏହି ଦୁଇ ଷ୍ଟ୍ରିପ୍ (କ୍ରସ୍ ଅଫ୍ ସେଣ୍ଟ ଜର୍ଜ) ମଧ୍ୟରେ ଭାରତର ଜାତୀୟ ସଙ୍କେତ ରହିଥିଲା। ୧୯୪୭ରେ ଭାରତ ସ୍ୱାଧୀନ ହେବା ପରେ ପତାକାର ଉପର ଭାଗରେ ଥିବା ୟୁନିୟନ ଜାକ୍‌କୁ ହଟାଇ ସେଠାରେ ତ୍ରିରଙ୍ଗା ରଖାଯାଇଥିଲା। କ୍ରସ୍ ଅଫ୍ ସେଣ୍ଟ ଜର୍ଜ ଉପନିବେଶୀୟ ଶାସନ ସମୟର ପ୍ରତୀକ ହୋଇଥିବାରୁ ଶୁକ୍ରବାର ଉନ୍ମୋଚିତ ହୋଇଥିବା ନୌସେନାର ନୂଆ ପତାକାରେ ତାହାକୁ ହଟାଇ ଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସମସ୍ୟା ଅବଶ୍ୟ ରହିବ, କିନ୍ତୁ ଦୃଢ଼ ମନୋବଳ ହେତୁ କିଛି ଅସୁବିଧା ହେବନାହିଁ । ଅଫିସରେ ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ଘଟିବ। ଆର୍ଥିକ ସଂକଟ ଥିଲେ ମଧ୍ୟ ନୂତନ ଯୋଜନା ସକାଶେ ମନ ବଳାଇ ସଫଳତା ପାଇବେ। କୃତ୍ତିକା ନକ୍ଷତ୍ରର ଆକସ୍ମିକ ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ବୃଷ** ରୋହିଣୀ ନକ୍ଷତ୍ରର ମାନସିକ ଶାନ୍ତି ପାଇବେ। ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ। ସାମାଜିକ ସ୍ତରରେ ସମ୍ମାନ ପାଇବେ, ଯାହାକି ଆପଣଙ୍କୁ ଆଗକୁ ବଢ଼ିବାରେ ସାହାଯ୍ୟ କରିବ । କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର ପ୍ରଭୃତିରେ ଉନ୍ନତି କରିବେ ଓ ପ୍ରଶଂସିତ ମଧ୍ୟ ହେବେ ।

**ମିଥୁନ** ବିବାଦୀୟ ପରିସ୍ଥିତିରେ ପ୍ରତିଦ୍ୱନ୍ଦ୍ୱୀମାନେ ସମସ୍ୟାକୁ ବଢ଼ାଇ ଦେଇପାରନ୍ତି । ପ୍ରତ୍ୟେକ କ୍ଷେତ୍ରରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି, ଯାହାକି କଳହର କାରଣ ହୋଇପାରେ । ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ନିଅନ୍ତୁ। ଆର୍ଦ୍ରାର ପାଖରେ ପାଇ ପାରି ନ ଥିବା ଫାଇଲ୍‌ପତ୍ର ପାଇଁ ତର୍କ ଓ ବିବାଦ ବଢ଼ିପାରେ।

**କର୍କଟ** ଆଜି ଯାହା କରନ୍ତୁ ନା କାହିଁକି, ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରିବେ । କର୍ମାରମ୍ଭ ପ୍ରୀତିପଦ ହେବ, ମାତ୍ର ଏଥିପାଇଁ ବହୁତ ଶ୍ରମ ଓ ସମୟ ବିନିଯୋଗ କରିବାକୁ ପଡ଼ିବ । ପୁନର୍ବସୁ ନକ୍ଷତ୍ରର କର୍ମକ୍ଷେତ୍ରରେ ତଥା ବନ୍ଧୁଙ୍କ ମଧ୍ୟରେ ପ୍ରଶଂସିତ ହେବେ। ପରିବାରରେ କୌଣସି ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ସିଂହ** ପାରିବାରିକ କ୍ଷେତ୍ର ଭଲ ରହିବ, ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପୂର୍ବାଫାଲଗୁନୀ ପ୍ରତ୍ୟେକ କ୍ଷେତ୍ରରେ ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିବେ।

**କନ୍ୟା** ବିଭିନ୍ନ ପ୍ରତିବନ୍ଧକ କାରଣରୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇବ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ, କୌଣସି କାରଣ ନ ଥାଇ ଅନ୍ୟମାନେ ଦୋଷ ଦେଇପାରନ୍ତି। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ମନୋଭାବ ବଦଳିଯିବା କାରଣରୁ ପ୍ରିୟ ବନ୍ଧୁଟି ପାଖ ମାଡ଼ିବ ନାହିଁ। ଚିତ୍ରା ନକ୍ଷତ୍ରର ବ୍ୟବସାୟରେ ଲାଭ ଅପେକ୍ଷା କ୍ଷତି ଅଧିକ ହେବ।

**ତୁଳା** କର୍ମକ୍ଷେତ୍ରରେ ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟା ସମାଧାନ ହେବ। ଅବଶ୍ୟ ଏହି ଦିଗରେ ଜଣେ ବୁଦ୍ଧିଜୀବୀ ସାହାଯ୍ୟ ସହଯୋଗ କରିବେ। କାର୍ଯ୍ୟ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ସ୍ୱାତୀ ନକ୍ଷତ୍ର ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ବିଛା** ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତା ହେତୁ ଟଙ୍କା ପଇସା ହଜିଯାଇପାରେ। କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। କାମ ହାସଲ ପାଇଁ କୌଣସି ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଜ୍ୟେଷ୍ଠା ନକ୍ଷତ୍ର ସମ୍ପର୍କୀୟମାନେ ମିତ୍ରତା ସ୍ଥାପନ କରିବା ସକାଶେ ମନ ବଳାଇପାରନ୍ତି।

**ଧନୁ** ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ଉତ୍ତରାଷାଢ଼ା ନକ୍ଷତ୍ର ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବନ୍ଧୁଙ୍କ ଜରିଆରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ । ବିବାଦୀୟ ଘଟଣାରେ, ପରିବହନରେ, ବ୍ୟବସାୟରେ, ଆଧାତ୍ମିକ କାର୍ଯ୍ୟକ୍ରମ ପ୍ରତି ଆଗ୍ରହୀ ହେବେ।

**ମକର** ସାମାନ୍ୟ ଅସୁସ୍ଥତା ଜନିତ କାରଣରୁ ମନଟା ଭଲ ଲାଗିବ ନାହିଁ। ଶିଳ୍ପ, ବାଣିଜ୍ୟ, କଳା, ସାହିତ୍ୟ, ପରିବହନରେ ସମସ୍ୟା ସମାଧାନ ହୋଇଯିବ। ଶ୍ରବଣା ନକ୍ଷତ୍ର ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ। ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କୁମ୍ଭ** ଅନ୍ୟମାନଙ୍କ ସକାଶେ ଯେତିକି ସହଜ ଓ ସୁବିଧାଜନକ ହୋଇ ପାରୁଛି ଆପଣଙ୍କ ପାଇଁ ତାହା ନ ହେବା କାରଣରୁ ଚିନ୍ତା କରିବେ। ପାରିବାରିକ ଶୃଙ୍ଖଳା ରକ୍ଷା କରିବାରେ ସମ୍ପର୍କୀୟଙ୍କ ସହାୟତା ନେଇପାରନ୍ତି। କେତେକ କ୍ଷେତ୍ରରେ ଜାଣିଶୁଣି ନୀରବ ରହିବେ। ପୂର୍ବଭାଦ୍ରବ ନକ୍ଷତ୍ର କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଦେଖାଦେଲେ ମଧ୍ୟ ପରକ୍ଷଣରେ ସବୁ ଠିକ୍ ହୋଇଯିବ। ଇଚ୍ଛା ନ ଥିଲେ ମଧ୍ୟ ହଠାତ୍ ଜରୁରୀ କାମରେ ବାହାରକୁ ଯିବାକୁ ପଡ଼ିପାରେ। ଅଫିସ୍ କାମରେ କିମ୍ବା ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବ। ରେବତୀ ନକ୍ଷତ୍ର ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ।

## ଶ୍ରୀମନ୍ଦିରରେ ମହାଲକ୍ଷ୍ମୀ ପାଳିଲେ କୁକୁଟି ବ୍ରତ

ପୁରୀ ଅଫିସ,୨।୯ - ଭାଦ୍ରବ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥି ଶୁକ୍ରବାର ଅବସରରେ ଶ୍ରୀମନ୍ଦିରରେ ମହାଲକ୍ଷ୍ମୀ ବା ଶ୍ରୀଦେବୀ କୁକୁଟି ବ୍ରତ ପାଳନ କରିଛନ୍ତି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ସକାଳ ଧୂପ ବଢ଼ିବା ପରେ ଶ୍ରୀଦେବୀ ବା ମହାଲକ୍ଷ୍ମୀ କୁକୁଟୀ ବ୍ରତ ନିମନ୍ତେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ସାତପାହାଚ ଦ୍ୱାର ପାଖେ ଥିବା ପାଲିଙ୍କିରେ ବିଜେ କରିଥିଲେ। ପରେ ଘଣ୍ଟ, ଛତା ସହ ବିମାନବଡୁ ସେବକମାନେ ଶ୍ରୀଦେବୀଙ୍କୁ ନେଇ ଶ୍ରୀମନ୍ଦିର ବେଢାରେ ଥିବା ମା’ ମହାଲକ୍ଷ୍ମୀଙ୍କ ମନ୍ଦିର ଅଭିମୁଖେ ବିଜେ କରାଇଥିଲେ। ପରେ ମହାଜନ ସେବକମାନେ ଶ୍ରୀଦେବୀଙ୍କୁ ମା’ମହାଲକ୍ଷ୍ମୀଙ୍କ ମନ୍ଦିର ଜଗମୋହନରେ ଥିବା ଖଟ ଶେଜ ଉପରେ ବିଜେ କରାଇଥିଲେ। ପରେ ସେଠାରେ ଠାକୁରାଣୀଙ୍କର ମାଜଣା ନୀତି ଅନୁଷ୍ଠିତ ହୋଇ ବେଶ ବଢ଼ିଥିଲା।

## classifieds Everyday
0674-2580101, 2549302

**real estate**

**SALE**

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-73299

**Gated community Gharabari plot sale at Pipili NH side near Ranch Hotel - 9437522339.** D-74106

**Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455.** D-74105

ଭୁବନେଶ୍ୱର ହଂସପାଳଛକରୁ ମାତ୍ର **5K.M.** ବ୍ୟବଧାନରେ ନୀଳକଣ୍ଠେଶ୍ୱର ମନ୍ଦିରକୁ ଲାଗି **2800sqft.** ଘରବାରି ଜାଗା ପାଚେରି ସହ ବିକ୍ରିହେବ। **sqft. 1250/-, 9040744989, 9776366322, 7873219026.** D-74103

Bhubaneswar କାଟେଣୀ-ପିତାପଲ୍ଲୀ ଏରିଆରେ 2000sqft. gharabari plot ୨୮ଟି ବିକ୍ରିହେବ। 9938016295. D-74104

**Bhubaneswar Sum Hospital 6K.M. ଦୂରରେ କଣ୍ଟାବାଡ଼ଠାରେ NH-16A ରୋଡ୍‌ରୁ ୧୦୦ଫୁଟ ଛାଡ଼ି 30' ROAD, ଘରବାରି, ବାଉଣ୍ଡରୀ, ଇଲେକ୍ଟ୍ରି ସହ ପ୍ଲଟ୍ ମିଳୁଛି। 9090963952.** D-74101

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-1367

1600sqft. ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। ରବିଟକିଜ୍‌ରୁ 1.5 ମିଟର। 9827119799. D-73864

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-1368

**construction**

**Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332.** D-73295

Do you want to construct buildings on your own plot. Contact: 7008268129, 9439143273. D-71352

**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-73297

**to-let**

Semifurnished airconditioned room near Lingraj Temple, Bhubaneswar 5000/-. Contact: 9437388990. D-73718

**3BHK 1200 sft. house for rent with 2 toilets, car parking at Mahadev Nagar mainroad, Jharpada, Bhubaneswar. Contact: 9668644665.** D-1396

House having 2 rooms, toilet & kitchen. Opposite Hotel Presidency, Nayapalli, Bhubaneswar- 7077754377. D-74107

**healthcare**

**One hour any therapy by expert therapist @999 only. 9078484455.** D-73637

Mesmerizing, energetic body, mind qualitative relaxing massage experienced therapists. 7751083098. D-73865

**Relax, Refresh your body, Mind at Saikrupa SPA with best therapies. 8984068077.** D-1387

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73962

Full body massage in homely atmoshpere. All therapy. Mob.- 8447881641. D-73411

Ayurvedic fullbody massage, refresh you mind with relaxed by expert Lady Therapist. Contact: 8480939300. D-1404

**business**

ଘରେ ବସି Part time matter forwarding କାମକରି 9000/-ରୁ ଅଧିକ ରୋଜଗାର କରନ୍ତୁ । ନାମ Registration ପାଇଁ ଯୋଗାଯୋଗ: 7008255583. D-1405

**AFFIDAVIT**

By virtue of an affidavit before Executive Magistrate, Narasinghpur I, Jagabandhu Sahoo, my son's actual name was Himanshu Sekhar Sahoo aged about 15 years, Vill. Baselihata, P.O.- Balijhari, P.S.- Kanpur, Dist.- Cuttack, State- Odisha, Pin- 754037 do hereby state that, in some documents my son's name has been mentioned as Himansu Sekhar Sahoo. Hence Himanshu Sekhar Sahoo and Himansu Sekhar Sahoo is same and one person for all purpose. D-1403

By the virtue of an affidavit dated 25.7.2009 before the Court of Executive Magistrate, New Delhi, I, Nathuram Jena, At- Bhaincho, P.O.-Mohimadeipur, P.S.- Erasama, Dist.- Jagatsinghpur have changed my name from Nathuram Jena to Narender Jena for all the future purposes. My current address: DB-113E, DDA Flats, Gate No.-2, Hari Nagar, New Delhi-110064. D-1407

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your classified advertisement published in Dharitri will be listed free in Dharitri online edition: **dharitriepaper.in**

ଧରିତ୍ରୀ DHARITRI
ଶନିବାର, ୩ ସେପ୍ଟେମ୍ବର, ୨୦୨୨

ମାନୁଷୀ ପ୍ରବଣତା ବାସ୍ତବକୁ ପୀଡନ କରିବା ବା ଅସ୍ୱୀକାର କରିବା ପରିବର୍ତ୍ତେ ତା'ର ପ୍ରତିମା ଓ ପ୍ରତୀକକୁ ପୂଜା କରିବା। ଏହା ବିରୁଦ୍ଧରେ ନିଜକୁ ସର୍ବଦା ସଜାଗ ରଖ। ଅପଶକ୍ତିର ସୁଯୋଗ ହେଲା- ମାନୁଷୀ ଦୁର୍ବଳତା। ମାନୁଷୀ ଦୁଷ୍କର୍ମ ନୁହେଁ। -ଶ୍ରୀଅରବିନ୍ଦ



# ସଙ୍କୁଚିତ କ୍ଷେତ୍ର



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପ୍ରଶାସନରେ ଆଇଏଏସ୍‌ଙ୍କ ସମ୍ମାନଜନକ କ୍ଷେତ୍ର ଏବେ ସଙ୍କୁଚିତ ହେଉଛି କି? ହିଁ, ନିଶ୍ଚିତ ଭାବେ ଏହା ଘଟୁଛି। ମୋଦି ସରକାର କ୍ଷମତାକୁ ଆସିବା ପର ବର୍ଷଗୁଡ଼ିକରେ ଯୁଗ୍ମ ସଚିବ ଓ ଅତିରିକ୍ତ ସଚିବ ସ୍ତରରେ ଆଇଏଏସ୍ କ୍ୟାଡର ସଂଖ୍ୟା ବହୁତ କମିଯାଇଛି। ୨୦୧୫-୨୦୧୭ ମଧ୍ୟରେ ଆଇଏଏସ୍ ଅଧିକାରୀଙ୍କ ସଂଖ୍ୟା ୨୪୯ରୁ (ମୋଟ ୩୯୧ ଯୁଗ୍ମ ସଚିବରୁ) ହ୍ରାସ ପାଇ ଚଳିତ ବର୍ଷ ଜାନୁୟାରୀ ସୁଦ୍ଧା ଏହା କେବଳ ୭୭ରେ ସୀମିତ ରହିଥିଲା। ସେହିପରି ୨୦୧୫ରେ ଅତିରିକ୍ତ ସଚିବଙ୍କ ସଂଖ୍ୟା ୯୮ ଥିଲାବେଳେ ଚଳିତ ବର୍ଷ ଏହା ରହିଛି ୭୬। ଏହି ଧାରା ଜାରି ରହିଛି। ଖୁବ୍ ନିକଟରେ ସରକାର ସବୁ ମନ୍ତ୍ରଣାଳୟରେ ୩୧ ଅଧିକାରୀଙ୍କୁ ଯୁଗ୍ମ ସଚିବ ଓ ଅତିରିକ୍ତ ସଚିବ ର୍‍ୟାଙ୍କକୁ ପଦୋନ୍ନତି ଦେଇଥିବାବେଳେ ଏମାନଙ୍କ ମଧ୍ୟରେ ଆଇଏଏସ୍ ଅଧିକାରୀଙ୍କ ସଂଖ୍ୟା ମାତ୍ର ୧୨। ଆଉ ସବୁ ଅଧିକାରୀ ଅନ୍ୟ ସେବାରୁ ଆସିଛନ୍ତି। ଏହା ନିଶ୍ଚିତ ଭାବେ ଏକ ଧାରଣା ସୃଷ୍ଟି କରୁଛି ଯେ, ମୋଦି ସରକାର ଆଇଏଏସ୍‌ର ପ୍ରାଧାନ୍ୟ ଭାଙ୍ଗିବା ପାଇଁ ଚେଷ୍ଟା କରୁଛନ୍ତି। କିନ୍ତୁ ଏଭଳି କରିବା ପଛରେ ଆଉ ଏକ କାରଣ ରହିଛି, ଯେଉଁଥିରେ ସରକାର ଉପୁନ୍ନ ସମସ୍ୟାର ତତ୍କାଳ ସମାଧାନ କରିବାକୁ ଚାହୁଁଛନ୍ତି। ସରକାର ମଧ୍ୟ ସେଣ୍ଟ୍ରାଲ୍ ଡେପୁଟେଶନ ପାଇଁ ଦେଖାଦେଇଥିବା ଆଇଏଏସ୍ ଅଧିକାରୀଙ୍କ ସଙ୍କଟର ସମାଧାନ କରିବାକୁ ଚାହୁଁଛନ୍ତି। ଏଭଳି ଅଭାବର ସମ୍ମୁଖୀନ ହୋଇ ସରକାର ଅସମନ୍ୱୟରେ ସୁଧାର ନ ଆସିବା ପର୍ଯ୍ୟନ୍ତ ସମ୍ଭବତଃ ଆଗାମୀ ଦୁଇ ବର୍ଷରେ ଅଭାବ ପୂରଣ କରିବା ସହ ସର୍ବୋତ୍ତମ ପରିଣାମ ପାଇବାକୁ ଅନ୍ୟ ସେବାର ଅଧିକାରୀମାନଙ୍କୁ ଉପଯୋଗ କରିବେ। ଯାହା ହେଲେ ବି ଉକ୍ତ ସ୍ୱଳ୍ପକାଳୀନ ପରିବର୍ତ୍ତନ ବର୍ତ୍ତମାନ ପାଇଁ ଭଲ ହୋଇପାରେ।

### ଅଣବାବୁଙ୍କ ହାତରେ ପଦବୀ

ଦ୍ୱିତୀୟ ଥର ଲାଗି ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭଳି ସମ୍ମାନଜନକ ପଦବୀ ଅଣବାବୁଙ୍କ ହାତକୁ ଚାଲିଯାଇଛି। ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା କେ.ଭି.ସୁବ୍ରମଣ୍ୟନ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍)ରେ ଭାରତର ନୂଆ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ହୋଇଛନ୍ତି। ସୁରଜିତ୍ ଭାଲାଙ୍କ ସ୍ଥାନରେ ତାଙ୍କୁ ନିଯୁକ୍ତି ଦିଆଯାଇଛି। ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, ସୁବ୍ରମଣ୍ୟନଙ୍କ ନିଯୁକ୍ତି ସମ୍ପୂର୍ଣ୍ଣ ଅବଧି ୩ ବର୍ଷ ପାଇଁ ହୋଇଛି ଓ ଡ. ସୁରଜିତ ଏସ୍. ଭାଲାଙ୍କ କାର୍ଯ୍ୟକାଳ କମାଯାଇ ଏହା କରାଯାଇଛି। ନିର୍ଦ୍ଦେଶନାମାରେ ଯାହା ଉଲ୍ଲେଖ ହୋଇଛି ତାହାକୁ ନେଇ ଲୋକମାନେ ଅନେକ କଥା କହୁଛନ୍ତି। ଉଲ୍ଲିଖିତ ଶବ୍ଦରୁ ଜଣାପଡୁଛି ଯେ, ସୁବ୍ରମଣ୍ୟନଙ୍କୁ ନିଯୁକ୍ତ କରିବା ଲାଗି ଭାଲାଙ୍କୁ ପଦବୀ ଛାଡ଼ିବାକୁ ବାଧ କରାଯାଇଥିଲା। ଭାଲା ଦିଲ୍ଲୀରେ ଥିଲେ। ଏଣୁ ସେ ଯେତେବେଳେ ୱାଶିଂଟନ ଡିସିରେ ଓହ୍ଲାଇଲେ ସେତେବେଳେ ତାଙ୍କ ସ୍ଥାନରେ ନିଯୁକ୍ତି ପାଇଥିବା ସୁବ୍ରମଣ୍ୟନଙ୍କ ସମ୍ପର୍କରେ ନିଶ୍ଚିତ ଭାବେ ଶୁଣିଥିବେ। ଏହି ଘଟଣା ସମ୍ପର୍କରେ ଯେଉଁମାନେ ଭଲ ଭାବେ ଅବଗତ ସେମାନେ ଭାଲାଙ୍କ ଅପସାରଣ ସମ୍ପର୍କରେ ଅଧିକ ଜାଣିବାକୁ ଆଗ୍ରହ ପ୍ରକାଶ କରିନାହାନ୍ତି। ସ୍ପଷ୍ଟତଃ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକମାନେ ଆଇଏମ୍ଏଫ୍ ବୋର୍ଡ ଦ୍ୱାରା ନିର୍ବାଚିତ ହୋଇଥାନ୍ତି ଏବଂ ଭାଲା ମଧ୍ୟ ପୂର୍ବରୁ ଅନ୍ୟମାନଙ୍କ ଭଳି ତାଙ୍କ ୩ ବର୍ଷ କାର୍ଯ୍ୟକାଳ ପୂରଣ କରିଥିଲେ। ଏଣୁ ଏଭଳି ଅନାବଶ୍ୟକ ବିବାଦ ପାଇଁ ଖରାପ ଡ୍ରାଫ୍ଟିଂର ଦୋଷ। ଭାଲାଙ୍କ ପରେ ନିଯୁକ୍ତ ହୋଇଥିବା ସୁବ୍ରମଣ୍ୟନଙ୍କର ଏକ ଖରାପ ରେକର୍ଡ ରହିଛି। ଏଣୁ ତାଙ୍କ ନିଯୁକ୍ତିକୁ ନେଇ ଦିଲ୍ଲୀର ବାବୁମାନେ ଆଶ୍ଚର୍ଯ୍ୟ ପ୍ରକଟ କରୁଛନ୍ତି। ତେବେ ଏହା ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ଯାହା ବାବୁଙ୍କ କ୍ଷେତ୍ରର ସୀମା ବାହାରକୁ ଚାଲିଯାଇଥିବା ଜଣାପଡୁଛି।

### ମୁଖ୍ୟ ପାଇଁ ଅପେକ୍ଷା

ନିକଟରେ ତୈଳ ଓ ପ୍ରାକୃତିକ ବାଷ୍ପ (ଓଏନ୍‌ଜିସି) ପାଇଁ ନୂଆ ମୁଖ୍ୟ ନିଯୁକ୍ତି ନିମନ୍ତେ ସର୍ଚ୍ଚ ଆଣ୍ଡ ସିଲେକ୍ସନ କମିଟି ୯ ଜଣ ପ୍ରାର୍ଥୀଙ୍କୁ ଇଣ୍ଟରଭ୍ୟୁ ଲାଗି ଡାକିଥିଲା। କିନ୍ତୁ ସେମାନଙ୍କ ମଧ୍ୟରୁ କେବଳ ୬ ଜଣ ପହଞ୍ଚିଥିଲେ। ପଦ ଛାଡୁଥିବା ଓଏନ୍‌ଜିସିର ମୁଖ୍ୟ ଅଲକା ମିତ୍ତଲ, ଯିଏ କି ପଦବୀର ଅତିରିକ୍ତ ଦାୟିତ୍ୱରେ ରହିଆସିଛନ୍ତି, ସେ କମିଟି ସମ୍ମୁଖରେ ଉପସ୍ଥିତ ହେବାକୁ ଚାହିଁନାହାନ୍ତି। ତେବେ ସମ୍ପୂର୍ଣ୍ଣ ପ୍ରକ୍ରିୟା ଶେଷ କରିବାକୁ ଉକ୍ତ କମିଟି ଆଉ ଦୁଇ କି ତିନି ମାସ ସମୟ ନେବ। ଅଧିକାଂଶ ବାବୁ ପର୍ଯ୍ୟବେକ୍ଷକ କହନ୍ତି ଯେ, ସେ ପର୍ଯ୍ୟନ୍ତ ଓଏନ୍‌ଜିସି ଜଣେ ଅସ୍ଥାୟୀ ବା ସ୍ୱଳ୍ପକାଳୀନ ଚେୟାରପର୍ସନକୁ ନେଇ କାର୍ଯ୍ୟ କରିବାକୁ ପଡ଼ିବ; ଯାହା ନିଶ୍ଚିତ ଭାବେ ଏକ ରେକର୍ଡ। ଗତବର୍ଷ ମାର୍ଚ୍ଚରେ ମୁଖ୍ୟ ପଦବୀରୁ ଶଶୀ ଶଙ୍କର ସେବାନିବୃତ୍ତ ହେବା ପରେ ତାହା ଖାଲିପଡ଼ିଛି। ସେବେଠାରୁ ୧୭ ମାସ ହେଲା ଦେଶର ସବୁଠୁ ଲାଭକାରୀ କମ୍ପାନୀ ଓଏନ୍‌ଜିସି ଜଣେ ପୂର୍ଣ୍ଣକାଳୀନ ବା ସ୍ଥାୟୀ ମୁଖ୍ୟ ପାଇବାକୁ ସକ୍ଷମ ହୋଇନାହିଁ। ଶଶୀ ଶଙ୍କରଙ୍କ ପରେ ଓଏନ୍‌ଜିସି ମ୍ୟାନେଜ୍‌ମେଣ୍ଟର ସୁବାସ କୁମାର ଓ ତାଙ୍କ ପରେ ମିତ୍ତଲଙ୍କ ଦ୍ୱାରା କାମ ଚଳାଇ ଆସିଛି। ତେବେ ସବୁଠୁ ବରିଷ୍ଠ ନିର୍ଦ୍ଦେଶକ ଆର୍.କେ. ଶ୍ରୀବାସ୍ତବ (ଏକ୍ସପ୍ଲୋରେଶନ ନିର୍ଦ୍ଦେଶକ) ଅନ୍ତରୀଣ ମୁଖ୍ୟ ହେବାର ବହୁତ ସମ୍ଭାବନା ରହିଛି। କୌତୂହଳର କଥା, ପବ୍ଲିକ ଏଣ୍ଟରପ୍ରାଇଜ୍ ସିଲେକ୍ସନ ବୋର୍ଡ (ପିଇଏସ୍‌ବି) ମୁଖ୍ୟ ମଲ୍ଲିକା ଶ୍ରୀନିବାସନଙ୍କ ନେତୃତ୍ୱରେ ଗଠିତ ସିଲେକ୍ସନ କମିଟିରେ ପେଟ୍ରୋଲିୟମ ସଚିବ ପଙ୍କଜ ଜୈନ ଏବଂ ପୂର୍ବତନ ଇଣ୍ଡିଆନ୍ ଅଏଲ୍ ଚେୟାରମ୍ୟାନ ବି. ଅଶୋକ ରହିଛନ୍ତି। ଉକ୍ତ କମିଟି ଫେବୃୟାରୀରେ ଗଠନ କରାଯାଇଥିଲେ ମଧ୍ୟ ଚଳିତ ମାସରେ ଏହା କାମ ଆରମ୍ଭ କଲା। ଏହି ସମୟରେ ଏହା ମଧ୍ୟ ମନେରଖିବା ଦରକାର ଯେ, ଓଏନ୍‌ଜିସି ସହ ଅତି କମ୍‌ରେ ୨୦ଟି ପବ୍ଲିକ୍ ସେକ୍ଟର ଏଣ୍ଟରପ୍ରାଇଜେସ୍‌ରେ ପୂର୍ଣ୍ଣକାଳୀନ ମୁଖ୍ୟ ନାହାନ୍ତି।

Email: dilipcherian@gmail.com

# ବୃକ୍ଷର ଅବଦାନ: ଏକ ମୂଲ୍ୟାୟନ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ଆଜକୁ ପ୍ରାୟ ୨.୪ ହଜାର ନିୟୁତ(ବିଲିୟନ) ବର୍ଷ ପୂର୍ବେ ବାୟୁମଣ୍ଡଳ ମୁଖ୍ୟତଃ ଯବକ୍ଷାରଜାନ, ଜଳୀୟ ବାଷ୍ପ, ଅଙ୍ଗାରକାମ୍ଳ ଏବଂ ନିଷ୍କ୍ରିୟ ବାଷ୍ପଗୁଡ଼ିକରେ ଗଠିତ ହୋଇଥିଲା ବୋଲି ମନେକରାଯାଏ। ଏହାପରେ ଏଥିରେ ଅମ୍ଳଜାନ ସୃଷ୍ଟି ହେଲା। ତେବେ ପ୍ରାୟ ୬୦୦ ନିୟୁତ ବର୍ଷ ପର୍ଯ୍ୟନ୍ତ ତହିଁରେ ଏହାର ପରିମାଣ ଅସ୍ଥିର ରହୁଥିଲା; ଯାହାକି ଜୀବଜଗତ ପାଇଁ ସହାୟକ ନ ଥିଲା। ତାହା ସ୍ଥିର ଅବସ୍ଥାକୁ ଆସିଲା ପ୍ରାୟ ୪୦୦ ନିୟୁତ ବର୍ଷ ପୂର୍ବେ, ଉଦ୍ଭିଦଜଗତ ସୃଷ୍ଟି ହେଲା ପରେ। ଏହାଅନ୍ତେ ପ୍ରାଣୀମାନଙ୍କର, ବିଶେଷକରି ଶ୍ୱାସକ୍ରିୟା ଲାଗି ଅମ୍ଳଜାନ ଆବଶ୍ୟକ କରୁଥିବା ପଶୁପକ୍ଷୀମାନଙ୍କର ସୃଷ୍ଟି ସମ୍ଭବ ହେଲା। ଧରାପୃଷ୍ଠକୁ ମଣିଷ ଆସିଲା ଆଜକୁ ମାତ୍ର ୫ରୁ ୭ ନିୟୁତ ବର୍ଷ ପୂର୍ବେ। ଅତଏବ ବୃକ୍ଷ ପ୍ରକୃତରେ ଖାଲି ମଣିଷ କାହିଁକି ସମଗ୍ର ଜୀବଜଗତର ଜନନୀ-କେବଳ ଜନ୍ମଦାତ୍ରୀ ନୁହେଁ, ପାଳନକର୍ତ୍ତ୍ରୀ ମଧ୍ୟ।

ଆମେରିକାର କୃଷି ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ (୨୦୧୫) ଅନୁସାରେ, ଏକ ଏକର ଭୂମିରେ ଥିବା ବୃକ୍ଷରାଜି ବା ଅରଣ୍ୟ ବର୍ଷକୁ ୫ ଟନ୍ ସବୁଜ ଗୃହ ବାଷ୍ପ ଅଙ୍ଗାରକାମ୍ଳ ଶୋଷଣ କଲାବେଳେ ୪ଟନ୍ ଅମ୍ଳଜାନ ନିର୍ଗମନ କରିଥାଏ, ଯାହାକି ୧୮ଜଣ ଲୋକଙ୍କ ଶ୍ୱାସକ୍ରିୟା ସମ୍ପାଦନ କରିପାରେ। ପୁନଶ୍ଚ ଏହା ବାୟୁରୁ ଧୂଳିକଣା ନିଷ୍କାସନ ଏବଂ କାର୍ବନ ମନୋକ୍ସାଇଡ, ସଲଫରଡାଇ ଅକ୍ସାଇଡ, ନାଇଟ୍ରୋଜେନ ଡାଇଅକ୍ସାଇଡ ଆଦି ପ୍ରଦୂଷକ ଶୋଷଣ ତଥା ସୌରତାପ, ଅତ୍ୟଧିକ ବୃଷ୍ଟିପାତ ଓ ବାତ୍ୟାର ଧ୍ୱଂସକାରୀ ପ୍ରଭାବକୁ ନିୟନ୍ତ୍ରଣ କରିବା ସହିତ ବୃଷ୍ଟିଜଳ ସଂରକ୍ଷଣ, ଭୂତଳ ଜଳର ପୁନଃଭରଣ, ମୃତ୍ତିକାର ସ୍ୱାସ୍ଥ୍ୟରକ୍ଷା ଏବଂ ବିବିଧ ଜୀବଜନ୍ତୁ ଓ ପକ୍ଷୀମାନଙ୍କୁ ଖାଦ୍ୟ ଓ ବାସ ଯୋଗାଇଥାଏ। ଦେଖାଯାଇଛି ଯେ, ଘରର ଚତୁଃପାର୍ଶ୍ୱରେ ବୃକ୍ଷ ଥିଲେ ଶୀତ-ତାପ ନିୟନ୍ତ୍ରଣର ଆବଶ୍ୟକତା ୩୦ରୁ ୫୦ ଶତାଂଶ ହ୍ରାସପାଏ।

ଆମକୁ ସଚେତନ କରିବା ନିମନ୍ତେ ବୈଜ୍ଞାନିକମାନେ ବୃକ୍ଷର ମୂଲ୍ୟ ଆକଳନ କରିଛନ୍ତି। ପ୍ରଥମେ ୧୯୭୯ରେ ଏହାର ଏକ ସୂଚନା 'ଇଣ୍ଡିଆନ ବାୟୋଲୋଜିଷ୍ଟ' ନାମକ ଗବେଷଣା ପତ୍ରିକାରେ ପ୍ରଦାନ କରିଥିଲେ କଲିକତା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଟି.ଏମ୍. ଦାସ। ସେ ସୂଚିତ କରିଥିଲେ ଯେ, ପ୍ରାୟ ୫୦ ବର୍ଷ ପର୍ଯ୍ୟନ୍ତ ବଞ୍ଚୁଥିବା ଗୋଟିଏ ବୃକ୍ଷ ସେ ସମୟର ମୂଲ୍ୟସୂଚୀ ଅନୁସାରେ ଆମକୁ ୧,୯୬,୨୫୦ ଡଲାର (X ୮୦ ଟଙ୍କାର) ମୂଲ୍ୟର ଅବଦାନ ଦେଇଥାଏ। ତେବେ ୨୦୧୧-୧୨ ରେ ପୁନଃ ମୂଲ୍ୟାୟନ କରି ତାହା ୮,୦୯,୭୬୦ ଡଲାର (X ୮୦ ଟଙ୍କାର) ବୋଲି ସ୍ଥିର କରାଯାଇଛି। ତହିଁରେ ରହିଛି ଅମ୍ଳଜାନ ଉତ୍ପାଦନ (୧୦,୫୦୦ ଡଲାର), ପଶୁପାଳନ (୩୦୦୦ ଡଲାର), ମୃତ୍ତିକା କ୍ଷୟ ହ୍ରାସ (୧୦,୦୦୦ ଡଲାର), ଜଳ ପୁନଃଚକ୍ରଣ, ବାୟୁରେ ଜଳୀୟ ବାଷ୍ପ ଏବଂ ତାପମାତ୍ରା ନିୟନ୍ତ୍ରଣ (୧,୫୪,୫୬୦ ଡଲାର), ବନ୍ୟ ପଶୁପକ୍ଷୀଙ୍କୁ ଆଶ୍ରୟ ପ୍ରଦାନ ମାଧ୍ୟମରେ ପରିସଂସ୍ଥାର ସମୃଦ୍ଧି (୧,୨୯,୭୦୦ଡଲାର) ଏବଂ ବାୟୁରୁ ଭାସମାନ ସୂକ୍ଷ୍ମକଣିକା, ଅଙ୍ଗାରକାମ୍ଳ, ସଲଫର୍ ଡାଇଅକ୍ସାଇଡ୍ ଆଦି ପ୍ରଦୂଷକ ନିଷ୍କାସନ (୪,୦୨,୦୦୦ ଡଲାର)।



ବୃକ୍ଷର ଆମ ପାଇଁ ସବୁଠାରୁ ଉପଯୋଗୀ ଅବଦାନ ହେଲା ଅମ୍ଳଜାନ। ଏକ ଆକଳନ ଅନୁସାରେ ଜଣେ ବ୍ୟକ୍ତି ପ୍ରତ୍ୟହ ଶ୍ୱାସକ୍ରିୟାରେ ଗ୍ରହଣ କରୁଥିବା ଏହାର ପରିମାଣ ଚିକିତ୍ସାଳୟଗୁଡ଼ିକରେ ଉପଲବ୍ଧ ୩ଟି ସିଲିଣ୍ଡରରେ ଥିବା ବାଷ୍ପ ସହିତ ସମାନ। ଏ ପ୍ରକାର ଗୋଟିଏ ସିଲିଣ୍ଡରର ଦାମ ହେଲା ୭୦୦ରୁ ୯୦୦ ଟଙ୍କା। ତେଣୁ ଜଣେ ଲୋକ ପ୍ରତିଦିନ ଆବଶ୍ୟକ କରୁଥିବା ୭୦୦x୩=୨୧୦୦ ବା ୯୦୦x୩=୨୭୦୦ ଟଙ୍କାର ଅମ୍ଳଜାନ ବୃକ୍ଷମାନଙ୍କଠାରୁ ପ୍ରାପ୍ତ ହୋଇଥାଏ। ଦୁଇଟି ୩୨ ଫୁଟ୍ ଉଚ୍ଚତାର ଗଛ ଏହା ଉତ୍ପାଦନ କରିଥାନ୍ତି।

ପୁନଶ୍ଚ ଉଭୟ ବନ୍ୟ ଓ ଗୃହପାଳିତ ପଶୁପକ୍ଷୀଙ୍କ ପାଇଁ ଏବଂ ଆମ ପରିସଂସ୍ଥାକୁ ସରସ ସୁନ୍ଦର ରଖିବା ଲାଗି ଆହୁରି ଅଧିକ ଅମ୍ଳଜାନ ଲୋଡ଼ା। ତା' ବ୍ୟତୀତ ଘରେ, ଶିଳ୍ପାୟନରେ ଏବଂ ଯାନବାହନ ଆଦିରେ ଆବଶ୍ୟକ ଶକ୍ତି ଉତ୍ପାଦନ ଲାଗି ଇନ୍ଧନର ଦହନ ପ୍ରକ୍ରିୟାରେ ମଧ୍ୟ ପ୍ରଚୁର ଅମ୍ଳଜାନ ଲାଗିଥାଏ। ଏହାର କଳନା କରିବା ସମ୍ଭବ ନୁହେଁ। ଏହା ବ୍ୟତୀତ ବୃକ୍ଷର ଅନ୍ୟାନ୍ୟ ଅବଦାନ ମଧ୍ୟରେ ରହିଛି ଘରୋଇ ଇନ୍ଧନ ଯୋଗାଣ (ଶୁଖିଲା ଡାଳପତ୍ର), ଆର୍ଦ୍ରଭୂମିରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି, ଧ୍ୱନି ପ୍ରଦୂଷଣ ହ୍ରାସ, ବୃଷ୍ଟିପାତ ବୃଦ୍ଧି, ମୃତ୍ତିକାକ୍ଷୟ ପ୍ରତିରୋଧ ଇତ୍ୟାଦି। ପୁନଶ୍ଚ ପ୍ରାୟ ୮୦୦୦ ପ୍ରଜାତିର ବୃକ୍ଷଲତା ଓ ଗୁଳ୍ମ ଆଦିର ଔଷଧୀୟ ଗୁଣଥିବାର ଚିହ୍ନଟ କରାଯାଇଛି।

ଏକ ସମୁନ୍ନତ ପରିବେଶ ଏବଂ ସନ୍ତୁଳିତ ପରିସଂସ୍ଥା ପାଇଁ ଭୂଭାଗର ଏକ ତୃତୀୟାଂଶ ବୃକ୍ଷ ଓ ଅରଣ୍ୟରେ ଆଚ୍ଛାଦିତ ରହିବା ଉଚିତ। କିନ୍ତୁ ଆମେ ବିଚାରଶୂନ୍ୟ ଭାବେ ବୃକ୍ଷଚ୍ଛେଦନ ଓ ବନ ବିଧ୍ୱଂସ କରିଚାଲିଛେ। 'ନେଚର୍' ପତ୍ରିକା (୨୦୧୫)ରେ ପ୍ରକାଶିତ ଏକ ବିବରଣୀ ଅନୁସାରେ ଆମେ ବର୍ଷକୁ ଛେଦନ କରୁଥିବା ବୃକ୍ଷସଂଖ୍ୟା ପ୍ରାୟ ୧୫ ହଜାର ନିୟୁତ (ବିଲିୟନ)। ଏଥିସହିତ ବାତ୍ୟାଗ୍ନି ମଧ୍ୟ ଏ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛି। ଅତଏବ ବିଶ୍ୱବ୍ୟାଙ୍କର ଆକଳନ ଅନୁସାରେ ୧୯୯୦ରୁ ୨୦୧୬ ଭିତରେ ଦୁନିଆରୁ ଉଭେଇଯାଇଛି ୧.୩ ନିୟୁତ ବର୍ଗ କିଲୋମିଟର ଅରଣ୍ୟ। ଫଳରେ ପରିବେଶ, ପରିସଂସ୍ଥା ତଥା ସମଗ୍ର ଜୀବଜଗତ ଠେଲି ହୋଇଯାଉଛି ବିଷମରୁ ଅତି ବିଷମ ପରିଣାମ ମଧ୍ୟକୁ ଏବଂ ପୃଥିବୀ ହରାଇବାରେ ଲାଗିଛି ତା'ର ବାସୋପଯୋଗିତା। ଏହି ଧାରା ଅବ୍ୟାହତ ରହିଲେ ଏହା ଏକ ମୃତଗ୍ରହରେ ପରିଣତ ହେବାକୁ ଅଧିକ ସମୟ ଲାଗିବ ନାହିଁ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ନୂତନ ବନୀକରଣ ବନବିଧ୍ୱଂସ ଜନିତ ସମସ୍ୟାଗୁଡ଼ିକର ସମାଧାନ ନୁହେଁ, କାରଣ ପ୍ରଥମତଃ ପ୍ରାକୃତିକ ଅରଣ୍ୟର ପରିସଂସ୍ଥାରେ ଥିବା ସମସ୍ତ ବୃକ୍ଷଲତା ଓ ତୃଣଗୁଳ୍ମ ଏବଂ ତହିଁରେ ବାସ କରୁଥିବା ପଶୁପକ୍ଷୀ, କୀଟପତଙ୍ଗ ଓ ସୂକ୍ଷ୍ମ ଜୀବମାନେ ଏଥିରେ ସୃଷ୍ଟି କରାଯାଇପାରିବ ନାହିଁ। ପୁନଶ୍ଚ ନୂତନ ଭାବେ ରୋପିତ ବୃକ୍ଷଗୁଡ଼ିକୁ ବଢ଼ିବା ପାଇଁ ପ୍ରଜାତି ଉପରେ ନିର୍ଭର କରି ୨୦/୩୦ ବର୍ଷ ଲାଗିଯାଇପାରେ। ସେହିପରି ଏ ବନୀକରଣ କରାଯାଉଛି ପୂର୍ବତନ ବନଭୂମିଠାରେ ଦୂରବର୍ତ୍ତୀ ସ୍ଥାନରେ, ଯେଉଁଠିକି ଯୁଗ ଯୁଗ ଧରି ରହିଆସିଥିବା ପ୍ରାକୃତିକ ପରିସଂସ୍ଥା ପାଇଁ ଏହା ଅନୁକୂଳ ନୁହେଁ। ଉଦାହରଣ ସ୍ୱରୂପ ଉପକୂଳବର୍ତ୍ତୀ ଅଞ୍ଚଳରେ ଶିଳ୍ପ କେନ୍ଦ୍ରଟିଏ ପ୍ରତିଷ୍ଠା ଲାଗି ସେଠାର ଅରଣ୍ୟକୁ ବିଧ୍ୱଂସ କରି ଅନ୍ୟତ୍ର ଏକ ମରୁଭୂମିରେ ବନୀକରଣ କରାଗଲେ ତାହାକୁ ତା'ର ବିକଳ୍ପ ବୋଲି କୁହାଯାଇପାରିବ ନାହିଁ, ବରଂ ତଦ୍ୱାରା ଏଠାରେ ପ୍ରାକୃତିକ ପରିବେଶ ନକାରାତ୍ମକ ଭାବେ ପ୍ରଭାବିତ ହେବ।

ଏ କଥା ଭାବିଲେ ମନକୁ ଆସେ ଊନବିଂଶ ଶତାବ୍ଦୀର ରାଜସ୍ଥାନୀ କବି ଜୟସ୍ କିଲମରଙ୍କ ରଚିତ କବିତା 'ବୃକ୍ଷ ଓ କବିତା'। ବୃକ୍ଷଭଳି ସୁନ୍ଦର କବିତାଟିଏ ଲେଖିବାରେ ବିଫଳ ହୋଇ ସେ ଏହାର କାରଣ ସ୍ୱରୂପ ଶେଷ ପଂକ୍ତିରେ ସୂଚାଇଛନ୍ତି, ''ମୋ ଭଳି ମୂରୁଖମାନେ ଲେଖନ୍ତି କବିତା, ହେଲେ ବୃକ୍ଷକୁ ଯେ ଗଢ଼ିଛନ୍ତି ନିଜେ ବିଶ୍ୱପିତା''। ପ୍ରକୃତରେ ମଣିଷ ଯେତେ ଜ୍ଞାନୀ ହେଲେ ମଧ୍ୟ ସୃଜନାତ୍ମକ କଳାରେ ସେ କଦାପି ପ୍ରକୃତିକୁ ଟପି ପାରିବ ନାହିଁ। ଏଣୁ ପରିବେଶ ଓ ପରିସଂସ୍ଥାକୁ ସୁସ୍ଥ ଓ ସନ୍ତୁଳିତ ରଖିବାକୁ ହେଲେ ବୃକ୍ଷକୁ ଜନନୀ ରୂପେ ଶ୍ରଦ୍ଧା ଓ ସମ୍ମାନ ଦେଇ ପ୍ରାକୃତିକ ବନରାଜିକୁ ସମ୍ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରିବା ଏବଂ ଯେଉଁଠାରେ ତାହାର ଅବକ୍ଷୟ ଘଟିଛି ସେଠାରେ ଯଥାସମ୍ଭବ ପ୍ରାକୃତିକ ଭାବେ ତାହା ପୁନଃ ସୃଷ୍ଟିହେବା ଲାଗି ସୁଯୋଗ ଦେବା ଏକମାତ୍ର ପନ୍ଥା ବୋଲି ତାକୁ ହୃଦୟଙ୍ଗମ କରିବାକୁ ପଡ଼ିବ।

ଉଷାନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର, ମୋ: ୯୯୩୭୯୮୫୭୬୭

# କିଏ ବା ଅଛି କେଉଁ ମତେ



ଡ. ନିରଞ୍ଜନ ମିଶ୍ର

ଭବିଷ୍ୟତରେ ଭାରତରେ କ'ଣ ଘଟିବ ତାକୁ ନିର୍ଭୁଲ୍ ଭାବେ କହିପାରୁଥିଲେ ଚକ୍ରବର୍ତ୍ତୀ ରାଜଗୋପାଳଚାରୀ। ତାଙ୍କୁ ଶ୍ରଦ୍ଧାରେ ଆମେ ସିଆର୍ ବା ମାଡ୍ରାସ ଫକ୍ସ ବୋଲି କହୁ। ସ୍ୱାଧୀନତାର ୨ବର୍ଷ ପୂର୍ବରୁ ସେ ବମ୍ବେର ଏକ ସାଧାରଣ ସଭାରେ କହିଥିଲେ, ବ୍ରିଟିଶ ଇଣ୍ଡିଆର ବିଭାଜନ ନିଶ୍ଚିତ। ଧରାଯାଉ ଜଣେ ଲୋକ ଏକ ଲୁଗାକୁ କଛାମାରି ପିନ୍ଧିଛି। ଯଦି ଏହାର ଗୋଟିଏ ପାଖ ଚିରିଯାଏ ଏବଂ ବାରମ୍ବାର ସିଲେଇ କଲେ ବି ପୁଣି ଫାଟିଯାଏ, ଜଣେ ବୁଦ୍ଧିମାନ ଲୋକ ସେହି ଅଂଶଟି ପୂରାପୂରି ଚିରି ବାକି ଅଂଶକୁ ଲୁଙ୍ଗି ରୂପେ ବ୍ୟବହାର କରିପାରିବେ। ଠିକ୍ ସେହିପରି କଂଗ୍ରେସ ଓ ମୁସ୍‌ଲିମ୍ ଲିଗ୍ ମଧ୍ୟରେ ବାରମ୍ବାର ବୈଠକ ହେଲେ ବି ଟିକିଏ ହେଲେ ସୁଫଳ ମିଳୁନାହିଁ, ବରଂ ବେଶି ଫାଟ ସୃଷ୍ଟି ହେଉଛି। ବ୍ରିଟିଶ ଇଣ୍ଡିଆର ଏକ ଅଂଶକୁ ପାକିସ୍ତାନ ନାମରେ ନାମିତ କରାଯାଉ ଓ ଏ ମର୍ମରେ ଏକ ରିଜୋଲ୍ୟୁଶନ କଂଗ୍ରେସରେ ପାସ୍ କରାଯାଉ। ୨ଭାଗରେ ବିଭକ୍ତ ନ ହେଲେ ବ୍ରିଟିଶ ସାମ୍ରାଜ୍ୟବାଦୀ ଶାସକମାନେ ଅଧିକ ବିଭ୍ରାଟ ସୃଷ୍ଟି କରିବେ। ତାଙ୍କ ଭବିଷ୍ୟବାଣୀ ସତ ହେଲା।

ରାଜନୀତି କଲେ ଅନେକ ଦମ୍ଭୋକ୍ତି କରିବାକୁ ପଡ଼ିଥାଏ। ଜାତିର ପିତା ମହାତ୍ମା ଗାନ୍ଧୀ କହୁଥିଲେ, ସେ ବଞ୍ଚିଥିବା ଯାଏ ଭାରତର ବିଭାଜନ ଅସମ୍ଭବ। ନିଆଁଗିଳା ଚର୍ଚ୍ଚିଲ ଆମକୁ କେବେହେଲେ ସ୍ୱାଧୀନତା ଦିଆଯିବ ନାହିଁ ବୋଲି କହୁଥିଲେ। ୧୯୪୫ରୁ ୧୯୫୫ ଯାଏ କଳେ ବଳେ କୌଶଳେ ଭାରତରେ ଜବରଦସ୍ତ ଶାସନ କରିବା ପାଇଁ ସେ ଭାଇସ୍‌ରାୟ ଲିନ୍‌ଲିଥ୍‌ଗୋଙ୍କୁ ପ୍ରବର୍ତ୍ତାଇଲେ। ଚର୍ଚ୍ଚିଲ ଥରେ କହିଥିଲେ- ''ଆଇ ଉଇଲ୍ ବି ହର୍ ମାଜେଷ୍ଟିସ୍ ଲାଷ୍ଟ ପ୍ରାଇମ୍ ମିନିଷ୍ଟର ଟୁ ପ୍ରିଜାଇଡ୍ ଓଭର୍ ଦି ଲିକ୍ୱିଡେଶନ୍ ଅଫ୍ ବ୍ରିଟିଶ ଏମ୍ପାୟର। '' ୧୯୪୨ରେ ଭାରତକୁ କ୍ଷମତା ହସ୍ତାନ୍ତର ବିଷୟରେ କଥାବାର୍ତ୍ତା ପାଇଁ ସାର୍ ଷ୍ଟାଫୋର୍ଡ କ୍ରିପ୍‌ସ ଆମ ଦେଶକୁ ଆସିଲେ। ସେ ଆମକୁ ଏକ ଅଖଣ୍ଡ ଭାରତ ଦେଇଥାଆନ୍ତେ, ଯେଉଁଠି ୫ଶହ ପ୍ରିନ୍ସିଲି ଷ୍ଟେଟ୍ ରହିଥାଆନ୍ତେ; ତାଙ୍କ ଇଚ୍ଛା ନ ହେଲେ ସେମାନେ ଇଣ୍ଡିଆନ୍ ୟୁନିୟନରୁ ବାହାରି ପାରୁଥାଆନ୍ତେ। ଡିଫେନ୍ସ ରହିଥାଆନ୍ତା ଗଭର୍ନର ଜେନେରାଲଙ୍କ ହାତରେ। ଆମକୁ ସ୍ୱାଧୀନ ଦେଶ ବୋଲି କୁହାଯାଉଥାଆନ୍ତା। ଗାନ୍ଧିଜୀ ତାଙ୍କ ପ୍ରସ୍ତାବ ଶୁଣି ତାଙ୍କୁ ପରବର୍ତ୍ତୀ ଉଡ଼ାଜାହାଜରେ ଇଂଲଣ୍ଡ ଫେରିଯିବା ପାଇଁ ଉପଦେଶ ଦେଲେ। ତାଙ୍କ ପ୍ରସ୍ତାବକୁ 'ପୋଷ୍ଟଡେଟେଡ୍ ଚେକ୍ ଅନ୍ ଏ କ୍ରାସିଂ ବ୍ୟାଙ୍କ୍' ବୋଲି କହି ପ୍ରତ୍ୟାଖ୍ୟାନ କରିଥିଲେ। ବିଭାଜନକୁ ଦୃଢ଼ଭାବରେ ସମର୍ଥନ କରିଥିଲେ ନେହେରୁ, ପଟେଲ ଓ କ୍ରିପାଲିନୀ ପ୍ରମୁଖ ଦୂରଦୃଷ୍ଟିସମ୍ପନ୍ନ ନେତାମାନେ। ସେମାନେ ଆମକୁ 'ବଲ୍‌କାନାଇଜେଶନ'ରୁ ରକ୍ଷା କରିଛନ୍ତି।

ଭାରତରେ ପୁରାଣ ଓ ଇତିହାସର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ। ମହିଷାସୁରର ନିଧନ ପାଇଁ ଜଗଜ୍ଜନନୀ ମା' ଦୁର୍ଗାଙ୍କୁ ଦେବତାମାନେ ଦିବ୍ୟ ଅସ୍ତ୍ର ପ୍ରଦାନ କରିଥିଲେ। ତଥାପି ତା'ର ପତନ ନ ହେବାରୁ ବାଧ୍ୟହୋଇ ସେ ସୃଷ୍ଟି ରକ୍ଷା ଲାଗି ଅଙ୍ଗବସ୍ତ୍ର ତ୍ୟାଗକରି ବିବସନା ହେଲେ। ଠିକ୍ ସେହିଭଳି ଆମର ଅସଂଖ୍ୟ ବିଚକ୍ଷଣ ନେତା କିଂ କର୍ତ୍ତବ୍ୟ ବିମୂଢ଼ ହୋଇ ଶେଷରେ ବିଭାଜନକୁ ଗ୍ରହଣ କଲେ। ଅଖଣ୍ଡ ଭାରତ ଚିନ୍ତା ସବୁଦିନ ପାଇଁ ପରିହାର କଲେ।



ଦ୍ୱିତୀୟ ମହାଯୁଦ୍ଧ ପରେ କମ୍ୟୁନିଷ୍ଟ ରୁଷିଆ ଓ କ୍ୟାପିଟାଲିଷ୍ଟ ଆମେରିକା ମଧ୍ୟରେ ଶୀତଳ ଯୁଦ୍ଧ ଆରମ୍ଭ ହୁଏ। ପୁଣି ଥରେ ସିଆର୍‌ଙ୍କ ପାଖକୁ ଫେରିବା। ଥରେ ଭାଷଣ ପ୍ରସଙ୍ଗରେ ସେ କହିଥିଲେ, ଦେଖ- କ୍ୟାପିଟାଲିଜମ୍ ହେଲା 'ଅସନା ତେଲ' ଓ କମ୍ୟୁନିଜମ୍ ହେଉଛି 'କଷ୍ଟିକ୍ ସୋଡ଼ା' ଯାହା ହାତକୁ ପୋଡ଼ିଦିଏ। କିନ୍ତୁ ଦୁଇଟିଯାକକୁ ମିଶାଇଦେଲେ ହୁଏ ଏକ ସାବୁନ, ଯାହାଦ୍ୱାରା ଆମେ ଲୁଗାର ମଇଳା ସଫାକରୁ। ସେହିପରି କମ୍ୟୁନିଜମ୍ ଓ କ୍ୟାପିଟାଲିଜମ୍ ଦେଶଗୁଡ଼ିକ ଏ ପୃଥିବୀର ସମସ୍ୟାକୁ ମିଳିମିଶି ସମାଧାନ କରନ୍ତୁ। ଏହାଦ୍ୱାରା ସମଗ୍ର ମାନବ ସମାଜ ଉପକୃତ ହେବ।

କିନ୍ତୁ ଏବର ପରିସ୍ଥିତି ପୂରାପୂରି ଓଲଟା। ବର୍ତ୍ତମାନର ୟୁକ୍ରେନ୍-ରୁଷିଆ ଯୁଦ୍ଧକୁ ଆମେରିକା ଓ ରୁଷିଆର ଯୁଦ୍ଧ ବୋଲି କୁହାଯାଇପାରେ। ନାଟୋ ଜରିଆରେ ପ୍ରଚୁର ମାରାତ୍ମକ ଦାମୀ ଯୁଦ୍ଧାସ୍ତ୍ର ବିକିବା ଆମେରିକାର ଅସଲ ଉଦ୍ଦେଶ୍ୟ। ଏ ଯୁଦ୍ଧ ଯେମିତି ଅଧିକ ଦିନ ଲାଗିବ ସେ ବ୍ୟବସ୍ଥା ସେ କରୁଛି। ସାମ୍ରାଜ୍ୟବାଦୀ ଦେଶଗୁଡ଼ିକ ସଦାବେଳେ ଡାହାଣୀ ହୋଇ ଲାଗନ୍ତି ଓ ଗୁଣିଆ ହୋଇ ଝାଡ଼ନ୍ତି। ଏଠାରେ ସ୍ମରଣ କରାଯାଇପାରେ ଯେ ପ୍ରଥମେ ଆଫଗାନିସ୍ତାନକୁ ରୁଷିଆ ଆକ୍ରମଣ କଲା। ତାକୁ ପରାସ୍ତ କରିବାପାଇଁ ଆମେରିକା 'ତାଲିବାନ୍' ମାନଙ୍କୁ ସୃଷ୍ଟି କଲା ଓ ଓସାମା ବିନ୍ ଲାଡେନର ଆବିର୍ଭାବ ହେଲା । ପାକିସ୍ତାନର ଉଗ୍ରପନ୍ଥୀମାନଙ୍କୁ ଚାଇନା ସଦାବେଳେ ସାହାଯ୍ୟ କରି ଆସିଛି। ଚାଇନାର ସାମ୍ରାଜ୍ୟବାଦ ସମସ୍ତଙ୍କୁ ଜଣା। ଋଣଜାଲରେ ଛନ୍ଦିହୋଇ ଶ୍ରୀଲଙ୍କାର ଅବସ୍ଥା ଶୋଚନୀୟ ହୋଇଯାଇଛି। ନାନା ପ୍ରକାର ପରମାଣୁ ଅସ୍ତ୍ର ତିଆରି କରାଯାଏ କେବଳ ଅନ୍ୟ ଦେଶଗୁଡ଼ିକୁ ଡରାଇବା ପାଇଁ। ୧୯୭୧ ମସିହାର ବାଂଲାଦେଶ ମୁକ୍ତି ସଂଗ୍ରାମ ବିଷୟ ଚିନ୍ତା କରିବା। ପାକିସ୍ତାନ ସୃଷ୍ଟିହେବା ଦିନୁ ସେଠାରେ ଗଣତନ୍ତ୍ରକୁ ଧ୍ୱଂସ କରିଚାଲିଛି ଆମେରିକା। ପଶ୍ଚିମ ପାକିସ୍ତାନର ମିଲିଟାରି ଶାସକମାନେ ପୂର୍ବ ପାକିସ୍ତାନରେ ଅକଥନୀୟ ଅତ୍ୟାଚାର କଲେ ଓ ଆମେରିକା ରାଷ୍ଟ୍ରପତି ରିଚାର୍ଡ ନିକ୍ସନ ପାକିସ୍ତାନକୁ ପୂର୍ଣ୍ଣପ୍ରାଣରେ ସମର୍ଥନ କଲେ। ମୁକ୍ତି ସଂଗ୍ରାମକୁ ଭଣ୍ଡୁର କରିବା ଓ ଭାରତକୁ ଡରାଇବା ପାଇଁ ଭାରତ ମହାସାଗରରେ ସେଭେନ୍‌ଥ ଫ୍ଲିଟ୍ ରଖିଲେ। କିନ୍ତୁ ଇନ୍ଦିରା ଗାନ୍ଧୀ ତା'ର ଦୃଢ଼ ଜବାବ ଦେଇ ବାଂଲାଦେଶ ସୃଷ୍ଟି କଲେ। ଥରେ ହେନେରି କିସିଞ୍ଜର ବିରକ୍ତ ହୋଇ କହିଥିଲେ, ''ଦାଟ୍ ଲେଡି ଇଜ୍ କୋଲ୍ଡ ଆଣ୍ଡ୍ ଟଫ୍, ଦେୟାର ଇଜ୍ ଏ ପାୱାର ଅଫ୍ ଅନ୍‌କାନି ଇନ୍ ହର୍ ସେନ୍‌ସ ଅଫ୍ ଟାଇମିଂ।'' ସାମ୍ରାଜ୍ୟବାଦୀ ଦେଶର ଶାସକମାନେ ଇତିହାସରୁ କିଛି ଶିଖନ୍ତି ନାହିଁ। ସେମାନେ କ'ଣ ଭାବନ୍ତି ଓ କରନ୍ତି - ଏ ସବୁ ଚିନ୍ତା କଲେ ଆମର ପରମ ଉଦାର ବୈଷ୍ଣବ କବି ଜଗନ୍ନାଥ ଦାସଙ୍କ ଭାଗବତର ଦୁଇଧାଡ଼ି ମନେପଡ଼େ-

''କିଏ ବା ଅଛି କେଉଁ ମତେ,
ତାହା ମୁଁ ଜାଣିବି କେମନ୍ତେ ?''

ଆଇଆର୍‌ସି ଭିଲେଜ, ଭୁବନେଶ୍ୱର
ମୋ-୯୪୩୭୨୫୮୯୩୬

### ଏଇ ଭାରତରେ

୨୦ ଟଙ୍କା ପାଇଁ ୨୨ ବର୍ଷ ନ୍ୟାୟିକ ଲଢ଼େଇ କଥା ଶୁଣିଛନ୍ତି କି? ଏମିତି ଏକ ଘଟଣା ସାମ୍ନାକୁ ଆସିଛି ମଥୁରାରେ। ସେଠାରେ ରହୁଥିବା ତୁଙ୍ଗନାଥ ଚତୁର୍ବେଦୀ ଏମିତି କେସ୍ ଲଢ଼ିଛନ୍ତି। ୨୦ ଟଙ୍କା ଫେରିପାଇବା ବଡ଼ କଥା ନୁହେଁ, ବରଂ ଭ୍ରଷ୍ଟାଚାରକୁ ପରାସ୍ତ କରି ନ୍ୟାୟ ଲାଗି ସେ ଏହି ସଂଗ୍ରାମ ଜାରି ରଖିଥିଲେ। ୨୫ ଡିସେମ୍ବର ୧୯୯୯ରେ ତୁଙ୍ଗନାଥ ମୋରଦାବାଦ ଯିବାର ଥିଲା ଓ ସେ ମଥୁରା ରେଲୱେ ଷ୍ଟେଶନରେ ଦୁଇଟି ଟିକେଟ କରିଥିଲେ। ଟିକେଟ କାଉଣ୍ଟରରେ ଥିବା କ୍ଲର୍କ ତାଙ୍କଠାରୁ ୯୦ ଟଙ୍କା ନେଇଥିଲେ। କିନ୍ତୁ ବାସ୍ତବରେ ଏହି ଦୁଇ ଟିକେଟର ମୂଲ୍ୟ ଥିଲା ୭୦ ଟଙ୍କା। ଏହା ଜାଣିବା ପରେ ତୁଙ୍ଗନାଥ ସେହି କ୍ଲର୍କଙ୍କୁ ୨୦ଟଙ୍କା ଫେରାଇବା ଲାଗି କହିଥିଲେ ଓ ବହୁ ଯୁକ୍ତିତର୍କ ବି ହୋଇଥିଲା । ଇତିମଧ୍ୟରେ ଟ୍ରେନ ଆସିଯିବାରୁ ସେ ଚାଲିଯାଇଥିଲେ। ପରେ ତୁଙ୍ଗନାଥ ମଥୁରା ଷ୍ଟେଶନ ମାଷ୍ଟର, ଉତ୍ତରପୂର୍ବ ରେଲୱେ ମହାପ୍ରବନ୍ଧକଙ୍କୁ ଏ ସମ୍ପର୍କରେ ଜଣାଇବା ପରେ କୌଣସି ଫଳ ନ ମିଳିବାରୁ ସେ କଞ୍ଜ୍ୟୁମର ଫୋରମରେ ମାମଲା ଦାୟର କରିଥିଲେ। ତୁଙ୍ଗନାଥ ପେସାରେ ଜଣେ ଓକିଲ। ଏହି ମାମଲାର ୧୨୦ରୁ ଅଧିକ ଥର ଶୁଣାଣି ହୋଇଥିଲା। ଶେଷରେ କୋର୍ଟ ତାଙ୍କ ସପକ୍ଷରେ ରାୟ ଦେଇଛନ୍ତି ଓ ଆର୍ଥିକ ଖର୍ଚ୍ଚ ଲାଗି ପ୍ରତି ବର୍ଷ ୨୦ ଟଙ୍କାର ୧୨ ପ୍ରତିଶତ ସୁଧ ସହ ୧୫,୦୦୦ ଟଙ୍କା ଜରିମାନା କରି ୩୦ ଦିନରେ ପଇଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ୨୫ ବର୍ଷ ତଳର ଧରିତ୍ରୀ

୩ ସେପ୍ଟେମ୍ବର ୧୯୯୭

- ତ୍ରିନିଦାଦ ଏବଂ ଟବାଗୋର ପ୍ରଧାନମନ୍ତ୍ରୀ ବାସ୍‌ଦେଓ ପାଣ୍ଡେ ଏବଂ ଗୁଆନାର ପୂର୍ବତନ ରାଷ୍ଟ୍ରପତି ଚେଡ୍ଡି ଜଗନଙ୍କୁ ଗ୍ଲୋବାଲ ଅର୍ଗାନାଇଜେସନ ଅଫ୍ ପିପୁଲ ଅଫ୍ ଇଣ୍ଡିଆନ୍ ଅରିଜିନ୍ ଦ୍ୱାରା ପ୍ରଦତ୍ତ ଫ୍ରିଡମ୍ ୫୦ ପୁରସ୍କାର।
- ଉତ୍ତର ସିକିମରେ ବୋଫର୍ସ କମାଣ ପରୀକ୍ଷଣ ସ୍ଥଳ ପ୍ରତିଷ୍ଠା ପ୍ରସ୍ତାବକୁ ପରିବେଶ ଦୃଷ୍ଟିକୋଣରୁ ସିକିମ ସରକାରଙ୍କ ପ୍ରତ୍ୟାଖ୍ୟାନ।
- ଛତରପୁରରୁ ମାହୋବା ଯାଉଥିବା ଏକ ଯାତ୍ରୀବାହୀ ବସ୍ କାଇଲ ନଦୀରେ ଖସିପଡ଼ିବା ଫଳରେ ୪୦ ଯାତ୍ରୀଙ୍କ ମୃତ୍ୟୁ।

### ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | 7 | | | | | | | |
| 3 | | 9 | | | | | 4 | 1 |
| | 6 | 4 | | 9 | 2 | | | 7 |
| | 4 | | 6 | | | | | 5 |
| | | 7 | | | 4 | | | |
| | | | 7 | | 5 | 8 | | |
| 8 | | | | | | | 4 | 6 |
| | | | | | | | | |
| | | 1 | 3 | | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 8 | 7 | 6 | 2 | 9 | 4 | 1 | 3 |
| 3 | 1 | 9 | 7 | 5 | 4 | 2 | 8 | 6 |
| 4 | 2 | 6 | 3 | 8 | 1 | 5 | 7 | 9 |
| 6 | 4 | 3 | 2 | 9 | 7 | 1 | 5 | 8 |
| 8 | 9 | 2 | 1 | 3 | 5 | 6 | 4 | 7 |
| 1 | 7 | 5 | 8 | 4 | 6 | 3 | 9 | 2 |
| 7 | 3 | 4 | 5 | 6 | 8 | 9 | 2 | 1 |
| 2 | 5 | 8 | 9 | 1 | 3 | 7 | 6 | 4 |
| 9 | 6 | 1 | 4 | 7 | 2 | 8 | 3 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବନ୍ୟା ନିୟନ୍ତ୍ରଣର ସ୍ଥାୟୀ ବ୍ୟବସ୍ଥା ହେଉ

ମହାଶୟ,

ରାଜ୍ୟରେ ପ୍ରତିବର୍ଷ ବିଭିନ୍ନ ଅଞ୍ଚଳରେ ମଧ୍ୟମଧରଣର ବନ୍ୟା ପ୍ରାୟ ହୋଇଥାଏ। ଏଥିରେ ଜଳସମ୍ପଦଠାରୁ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ସମେତ ଅନ୍ୟାନ୍ୟ ସରକାରୀ ସଂସ୍ଥା ବ୍ୟସ୍ତ ରୁହନ୍ତି। ସରକାର ଏଥିପାଇଁ ଶହ ଶହ କୋଟି ଟଙ୍କା ବ୍ୟୟ କରୁଥିଲେ ମଧ୍ୟ ବନ୍ୟାର ସ୍ଥାୟୀ ନିୟନ୍ତ୍ରଣ ବ୍ୟବସ୍ଥା ହୋଇପାରୁନାହିଁ। ପ୍ରବଳ ବର୍ଷା ଫଳରେ ଛତିଶଗଡ଼ ଉବୁଟୁବୁ ହେବାରୁ ହୀରାକୁଦ ନଦୀବନ୍ଧରୁ ଜଳ ନିଷ୍କାସନ ପାଇଁ ରାଜ୍ୟ ସରକାର ଉପରେ ଚାପ ପକାଉଛି। ଗ୍ରୀଷ୍ମଋତୁରେ ରାଜ୍ୟର ନଦୀଗୁଡ଼ିକ ଶୁଖିଲା ରହୁଥିବାରୁ ଜନସାଧାରଣ ଅସୁବିଧା ଭୋଗୁଛନ୍ତି। ଛତିଶଗଡ଼ ପାଣି ଛାଡ଼ିବାକୁ ଟାଳଟୁଳ ନୀତି ଅବଲମ୍ବନ କରୁଛି ଓ କଳକାରଖାନାକୁ ଜଳ ବିକ୍ରୟ କରି କୋଟି କୋଟି ଆୟ କରୁଥିବା ବେଳେ ଓଡ଼ିଶା ପାନୀୟ ଜଳ ପାଇଁ ସଂଗ୍ରାମ କରୁଛି। ଛତିଶଗଡ଼ର ଲାଭଖୋର ଓ ଓଡ଼ିଶା ବିରୋଧୀ ନୀତିର ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଛତିଶଗଡ଼ ଓଡ଼ିଶାର ସ୍ୱାର୍ଥ ପ୍ରତି ଦୃଷ୍ଟି ନ ଦେବା ଦୁଃଖର ବିଷୟ। ଆପୋସ ଆଲୋଚନା ମାଧ୍ୟମରେ ୨ ରାଜ୍ୟର ଜଳ ବିବାଦ ତୁଟାଇବା ପରିବର୍ତ୍ତେ ଛତିଶଗଡ଼ ବ୍ୟାରେଜ ନିର୍ମାଣ କରିଚାଲିଛି। ୨ ରାଜ୍ୟର ମନ୍ତ୍ରୀ, ଯନ୍ତ୍ରୀ ଓ ପ୍ରଶାସନ ସ୍ତରୀୟ ଆଲୋଚନାକୁ ଛତିଶଗଡ଼ ସରକାର ପ୍ରତ୍ୟାଖ୍ୟାନ କରିବା ଘୋର ନିନ୍ଦାର ବିଷୟ।

-ନିର୍ମଳ ସାମଲ, ବଡ଼ଚଣା, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

ଜାଗିଥିଲା ତହିଁ ସହସା ମୋ କବି-ପାଗଳ
ମାନସର ଶିଶୁ ନାଚିଥିଲା ଅତି ଚପଳ
ସେଇ ପାହାଡ଼ର ଚୂଳେ ହୋଇ ଠିଆ-
ଡାକିବାକୁ ମୋର ଲୋଡ଼ିଥିଲା ହିଆ।
ଜଗତ ଭିତରେ ଅକୁହା ବାରତା ସକଳ
କୁଟିଳ ଘାଟିରେ ଉଠିଥିଲା ହୋଇ ବିକଳ।

-(ଜୟପୁର ଘାଟି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଜମି ଦୁର୍ନୀତି ଗନ୍ତାଘର ପାଲଟିଛି କେନ୍ଦ୍ରାପଡ଼ା

**କେନ୍ଦ୍ରାପଡ଼ା ଅଫିସ, ୨।୯:**

କେନ୍ଦ୍ରାପଡ଼ା ଜିଲା ଜମି ଦୁର୍ନୀତିର ଗନ୍ତାଘର ପାଲଟିଛି। ଜିଲାର ପଟ୍ଟାମୁଣ୍ଡାଇ ବ୍ଲକ ତୋରେହୀ ଗ୍ରାମର ୨ ଏକର ସରକାରୀ ଜମିକୁ ଜଣେ ବ୍ୟକ୍ତି ହାତେଇ ନେଇଛନ୍ତି। ଏହା ସରକାରୀ ଖାତାକୁ ଫେରାଇ ଆଣିବା ଓ ଜମି ହସ୍ତାନ୍ତର କରିଥିବା ସରକାରୀ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ସୂଚନା ଅଧିକାର କର୍ମୀ ଦୁଷ୍ମନ୍ତ ଆଚାର୍ଯ୍ୟ ଜିଲାପାଳଙ୍କ ବାସଭବନ କାର୍ଯ୍ୟାଳୟ ନିକଟ ଗରାପୁରର ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ଗତ ୩ ଦିନ ଧରି ଧାରଣା ଦେଇଛନ୍ତି। କେବଳ ଏହି ୨ ଏକର ଜମି ନୁହେଁ, ଜିଲାର ବିଭିନ୍ନ ଅଞ୍ଚଳରେ ସରକାରୀ କର୍ମଚାରୀଙ୍କ ସହାୟତାରେ ବହୁ ସରକାରୀ ଜମି ହଡପ ହୋଇଥିବା ସେ ଅଭିଯୋଗ ଆଣିଛନ୍ତି। ଜଙ୍ଗଲ ଜମିକୁ ଜବରଦଖଲ ହେଉଥିଲେ ମଧ୍ୟ ଫର୍ମ କେ'ରେ ରାଜସ୍ୱ ଆଦାୟ ସୀମିତ ରହିଛି। ସେହିପରି ବସୁନ୍ଧରା ଯୋଜନାରେ ଦୁର୍ନୀତି ରହିଥିବା ତାଙ୍କ ସହ ସାମାଜିକ କର୍ମୀମାନେ ମତ ରଖିଛନ୍ତି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ଦିଲୀପ କୁମାର ମହାନ୍ତି କହିଛନ୍ତି, ବସୁନ୍ଧରା ଯୋଜନାରେ ଜିଲା ପ୍ରଶାସନ ପକ୍ଷରୁ ଜୁଲାଇ ଶେଷ ସୁଦ୍ଧା ମୋଟ ୪୫୩.୦୦୮ ଏକର ପତିତ ଜମିର ପଟ୍ଟା ୫,୩୩୪ ଜଣଙ୍କୁ ପ୍ରଦାନ କରାଯାଇଛି। ରାଜକନିକା ଓ ମହାକାଳପଡ଼ା ତହସିଲ ଅଞ୍ଚଳରେ ସର୍ବାଧିକ ଏପରି ହିତାଧିକାରୀ ଅଛନ୍ତି। ରାଜକନିକାରେ ୫୯୨ ହିତାଧିକାରୀଙ୍କୁ ମୋଟ ୧୯୯.୨୫୦ ଏକର ଓ ମହାକାଳପଡ଼ାରେ ୧୪୫୨ ଜଣଙ୍କୁ ୧୧୦. ୭୭୧ ଏକର ଜମିର ପଟ୍ଟା ଦିଆଯାଇଛି। ଏହି ଦୁଇ ତହସିଲରେ ଥିବା କେତେଜଣ ହିତାଧିକାରୀ ଭୂମି, ବ୍ୟାଙ୍କ ବାଲାନ୍ସ ଥିଲେ ମଧ୍ୟ ଭୂମିହୀନ ଦର୍ଶାଇ ପଟ୍ଟା ନେଇଥିବା ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି। ସୂଚନା ଅଧିକାର କର୍ମୀ ଅମିତାଭ ଚାନ୍ଦ କହିଛନ୍ତି, ବସୁନ୍ଧରା ଯୋଜନା ହେଉ ଅଥବା ଜଙ୍ଗଲ ଜମି ସମସ୍ୟାରେ ଦୁର୍ନୀତି ରହିବାର ବହୁ ପ୍ରମାଣ ମିଳିଛି। ଏହି ଯୋଜନାରେ ଭୂମିହୀନଙ୍କୁ ଆବାସ ଗୃହ ପାଇଁ ଜମି ପ୍ରଦାନ କରାଯାଏ। ଏହାର ସୁଯୋଗ କେତେଜଣ ଧନୀ ଓ ରାଜନେତାଙ୍କ ପାଖ ଲୋକ ଜମି ହଡପ କରିଛନ୍ତି। ମହାକାଳପଡ଼ାରେ ତହସିଲ କର୍ମଚାରୀଙ୍କ ସହାୟତାରେ ଜାତି ପ୍ରମାଣ ପତ୍ର ଜାଲିଆତି କରି ଜମି ଅଧିଗ୍ରହଣ କରିଥିବା ମାମଲା କୋର୍ଟ ଓ ଆରଡିସିଙ୍କ ଦପ୍ତରରେ ଚାଲିଛି। ଏହା ବ୍ୟତୀତ ଜଙ୍ଗଲ ଜମିକୁ ଡିଟିପିରେ ହୋଇଥିବା କୁଜଙ୍ଗ ରାଜାଙ୍କ ହାତପଟ୍ଟାରେ ହଡପ କରାଯାଇଛି। ଏହି ମାମଲା ଦୀର୍ଘ ୩ ବର୍ଷ ଧରି ଚାଲିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି, ମହାକାଳପଡ଼ା ତହସିଲ ଅଧୀନ ଜଙ୍ଗଲ ଜମି କିସମ ଅଞ୍ଚଳର ୧୭ ଗ୍ରାମରେ ମୋଟ ୪,୯୦୭ ପରିବାର ୬୦୫୬.୫୯ ଏକର ଜମି ଜବରଦଖଲ କରି ଆସୁଛନ୍ତି। ଏଠାରେ ଜିଲା ପ୍ରଶାସନ ମାତ୍ର ୨୯.୫ ଏକର ଜମି ଲିଜ୍ ଆକାରରେ ଦେଇପାରିବ। ଅବଶିଷ୍ଟ ଜମି ଜଙ୍ଗଲ କିସମ। ତେଣୁ କିସମ ପରିବର୍ତ୍ତନ ପାଇଁ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଅନୁମତି ଲୋଡାଯିବ ବୋଲି ସ୍ଥିର ହୋଇଛି। ଇତିମଧ୍ୟରେ ମାତ୍ର ୩୦୦ ପରିବାର ସମ୍ପର୍କରେ ଜିଲା ପ୍ରଶାସନ ତଦନ୍ତ କରିଥିବା ବେଳେ ଅବଶିଷ୍ଟ ୪,୬୦୭ ପରିବାର ଜବରଦଖଲ କରି ରହୁଛନ୍ତି। ତେବେ ୨୦୧୮ ଅକ୍ଟୋବର ୧୬ରେ ତତକାଳୀନ ଉପଜିଲାପାଳଙ୍କ ଚିଠି (ନଂ. ୬୫୪୫) ଅନୁଯାୟୀ ଫର୍ମ କେ' ମାଧ୍ୟମରେ ଜଙ୍ଗଲ ଜମିରେ ବସବାସ କରୁଥିବା ପରିବାରଠାରୁ ରାଜସ୍ୱ ଆଦାୟ ହେଉଛି। ଫର୍ମ କେ' ଏବେ ଜବରଦଖଲକାରୀଙ୍କ ପାଇଁ ଜିଲାରେ ସ୍ଥାୟୀ ହେବା ପାଇଁ ସିଧା ରାସ୍ତା ବାହାର କରିଛି। ଫଳରେ ଦିନକୁଦିନ ତହସିଲ କର୍ମଚାରୀଙ୍କ ସଲାସୁତରାରେ ଫର୍ମ କେ'ରେ ରାଜସ୍ୱ ଦେଇ ଜଙ୍ଗଲ ଜମିକୁ ଲୋକେ ଅକ୍ତିଆର କରୁଛନ୍ତି। ସେହିପରି ବସୁନ୍ଧରା ଯୋଜନାରେ କେତେଜଣ ଜଙ୍ଗଲ ଜମି ହାତେଇଥିବା ଲକ୍ଷ୍ୟ କରାଯାଉଛି। ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ଜଙ୍ଗଲ ଜମି ଜବରଦଖଲକୁ ନେଇ ଜିଲା ପ୍ରଶାସନ ତତ୍ପର ଅଛି। ବସୁନ୍ଧରା ଯୋଜନାରେ ଦୁର୍ନୀତି ସମ୍ପର୍କରେ ନଜରକୁ ଆସିଲେ ତଦନ୍ତ ହେବ ବୋଲି ସେ କହିଛନ୍ତି।



ସରକାରୀ ଜମିକୁ ଫେରାଇ ଆଣିବାକୁ ଜିଲାପାଳଙ୍କ ବାସଭବନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ଦୁଷ୍ମନ୍ତ ଆଚାର୍ଯ୍ୟ ଓ ଅନ୍ୟମାନେ।

- ୩ୟ ଦିନରେ ସରକାରୀ ଜମି ଦଖଲ ବିରୋଧରେ ଧାରଣା
- ଫର୍ମ-କେ ମାଧ୍ୟମରେ ରାଜସ୍ୱ ଦେଉଛନ୍ତି ହିତାଧିକାରୀ
- ଅନିଶ୍ଚିତତାରେ ୧୭ ଗ୍ରାମ ଅଧିବାସୀଙ୍କ ଅଧିକାର
- ବସୁନ୍ଧରା ଯୋଜନାରେ ମଧ ରହିଛି ଦୁର୍ନୀତିର ଛିଟା

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତ ଗିରଫ

ଆଳି,୨।୯(ଡି.ଏନ.ଏ.):ଆଳି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରାଜୀବ ମଲିକ (୬୫)। ନାବାଳିକାଙ୍କୁ ବଳାତ୍କାର କରିବା ଦ୍ୱାରା ସେ ୭ ମାସର ଗର୍ଭବତୀ ହୋଇଛନ୍ତି। ପୋଲିସ ରାଜୀବଙ୍କ ନାମରେ ପୋସ୍‌କୋ ଆକ୍ଟରେ ନଂ. ୩୨୭/୨୨ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଶୁକ୍ରବାର ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ କଣ୍ଟିପୁର ଅଞ୍ଚଳରୁ ରାଜୀବଙ୍କୁ ଗିରଫ କରାଯାଇଥିବା ଆଇଆଇସି ଦିଲୀପ ସାହୁ ସୂଚନା ଦେଇଛନ୍ତି।

### ୪ ବର୍ଷ ବିତିଲା : ଆଇଟିଆଇ କାର୍ଯ୍ୟକ୍ଷମ ହେଲାନାହିଁ



ରାଜକନିକା,୨।୯(ଡି.ଏନ.ଏ.) : ରାଜକନିକା ବ୍ଲକର ବଳରାମପୁର ପଞ୍ଚାୟତର ଢେଙ୍ଗା ଆଡିଆରେ ୪ ବର୍ଷ ବିତିଥିବା ବେଳେ ସରକାରୀ ଆଇଟିଆଇ ଆରମ୍ଭ ହୋଇଥିଲା। ହେଲେ ଏହି ଆଇଟିଆଇର ଭିତରେ ପ୍ଲାଷ୍ଟର ହୋଇ ନ ଥିବା ବେଳେ ଗୃହର ବାହାର ପାଖରେ ମଧ ରଙ୍ଗ ଦିଆଯାଇନାହିଁ। ବିଭିନ୍ନ ସ୍ଥାନରେ ଥିବା ଆଇଟିଆଇରେ ପାଠପଢା ଆରମ୍ଭ ହୋଇଥିବା ବେଳେ ଏଠାରେ ହୋଇନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ରାଜକନିକା ଗ୍ରାମ୍ୟ ଉନ୍ନୟନ ବିଭାଗର ଉପନିର୍ବାହୀଯନ୍ତ୍ରୀ ସତ୍ୟବ୍ରତ ପଣ୍ଡାଙ୍କ ନିକଟରେ ଦାବି ହେଉଛି। କେନ୍ଦ୍ରାପଡ଼ା ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ବଳରାମପୁର ପ୍ରାକ୍ତନ ସରପଞ୍ଚ ସୁବଳ ଚନ୍ଦ୍ର ସାହୁ, ପ୍ରାକ୍ତନ ସମିତିସଭ୍ୟ କୈଳାସ ବେହୁରା, ଓଲାଭର ସରପଞ୍ଚ ନହୁଶ ନାୟକ ଦାବି କରିଛନ୍ତି।

### ୨୨ ଛେଳି ଚୋରି ଅଭିଯୋଗ: ଅଭିଯୁକ୍ତ କୋର୍ଟ ଚାଲାଣ

ବାଲିଆ, ୨।୯(ସ୍ୱ.ପ୍ର.): ବିରିଡି ଥାନା ଅନ୍ତର୍ଗତ ୨୨ମୌଜାସ୍ଥିତ ବାରେଡିଆ ଗ୍ରାମର ସୁକାନ୍ତ ସାମଲଙ୍କ ଗୁହାଳରୁ ଗତ ମଙ୍ଗଳବାର ରାତିରେ ୨୨ ଛେଳି ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ପୋଲିସ ଗ୍ରାମର ରାଜେନ୍ଦ୍ର ସାମଲଙ୍କୁ ଅଟକ ରଖି ପଚାରଉଚୁରା ଚଳାଇଥିଲା। ସାମଲ ଚୋରି କରିଥିବା ନେଇ ସ୍ୱୀକାର କରିବା ପରେ ଥାନାରେ ମାମଲା (ନଂ. ୧୮୪/୨୨) ରୁଜୁ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚୋରିରେ ଆଉ ୨ ଜଣଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ପୋଲିସ ସେମାନଙ୍କୁ ଧରିବା ପାଇଁ ପ୍ରୟାସ ଚଳାଇଛି ବୋଲି ଥାନା ଅଧିକାରୀ ନିରଞ୍ଜନ ମଲ୍ଲିକ କହିଛନ୍ତି।

## ସମବାୟ ସମିତି ଖୋଲିବାକୁ ଏକାଠି ହେଲେ ଚାଷୀ


ବଡବେତରା ସମବାୟ ସମିତି ଓ ମିନି ବ୍ୟାଙ୍କ ୨ ବର୍ଷ ହେଲା ବନ୍ଦ ରହିଥିବାରୁ ଖୋଲିବାକୁ ଚାଷୀମାନେ ଏକଜୁଟ ହୋଇଛନ୍ତି।

**ପାଟକୁରା, ୨।୯ (ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ବଡବେତରା ପ୍ରାଥମିକ କୃଷି ସମବାୟ ସମିତି ଓ ମିନି ବ୍ୟାଙ୍କ ଦୁଇବର୍ଷ ହେଲା ବନ୍ଦ ରହିଛି। ଏହି ସମିତି ଓ ମିନି ବ୍ୟାଙ୍କ ଖୋଲିବା ଅଭିପ୍ରାୟରେ ସମିତିର ଶତାଧିକ ସଭ୍ୟାସଭ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଏକାଠି ହୋଇଛନ୍ତି। ସଭ୍ୟ ବିଜନ ରାୟଙ୍କ ଆବାହକତ୍ୱରେ ଅନୁଷ୍ଠିତ ସମାବେଶରେ ସମିତିର ସଭ୍ୟାସଭ୍ୟ ଏ ନେଇ ଥିବା ସମସ୍ୟାର ଆଲୋଚନା କରିଥିଲେ। ଏଥିରେ କିଶୋର କୁମାର ମହାପାତ୍ର, ଗୌତମ ବାରିକ, ବନବିହାରୀ ରାଉତରାୟ, ମୁରଲୀ ଚନ୍ଦ୍ର ଭଦ୍ର, ପୁଷ୍ପଲତା ଦାସ ପ୍ରମୁଖ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି, ସମବାୟ ବିଭାଗ ମନ୍ତ୍ରୀ, ବିଧାୟିକା ଓ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ ପାଇଁ ପ୍ରସ୍ତାବ ଆଗତ କରିଥିଲେ। ଏ ସମ୍ପର୍କରେ ଆବାହକ ରାୟ କହିଛନ୍ତି, ସମିତି ଓ ମିନିବ୍ୟାଙ୍କ ବିଗତ ଦିନରେ ଠିକ୍ ଚାଲିଥିଲା। ତେବେ କିଛିବର୍ଷରେ ଏ ନେଇ ଅନିୟମିତତା ହେବାରୁ ଏକ ମାମଲା ରୁଜୁ ହୋଇଥିଲା। ଉଚ୍ଚ ନ୍ୟାୟାଳୟ ଏହି ମାମଲାର ବିଚାର କରି ସମିତି ଓ ମିନିବ୍ୟାଙ୍କର କାର୍ଯ୍ୟ ଶୁଣାଣି ଶେଷ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ସମିତିର ସଭ୍ୟାସଭ୍ୟ ଏହି ସମିତି ମାଧ୍ୟମରେ ଋଣ ଦେଣନେଣ କରୁଥିବା ବେଳେ ମିନି ବ୍ୟାଙ୍କରେ ଟଙ୍କା ଜମା ରଖିଛନ୍ତି। ଏଥିସହ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ କୃଷି ଯୋଜନାକୁ ସମବାୟ ସମିତି ମାଧ୍ୟମରେ କାର୍ଯ୍ୟକାରୀ କରୁଛନ୍ତି। ସମିତି ଓ ମିନିବ୍ୟାଙ୍କ କାର୍ଯ୍ୟ ସ୍ଥଗିତ ରହିଥିବାରୁ ସ୍ଥାନୀୟ ଅଞ୍ଚଳ ଚାଷୀଙ୍କ ପରିବାର ପ୍ରତିପୋଷଣ, ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଭିନ୍ନ କାମ ଉପରେ ପ୍ରଭାବ ପଡୁଛି। ଚାଷୀ ଏବେ ସମବାୟ ସମିତିକୁ ଛାଡି ଗାଁ ମହାଜନ ମାଧ୍ୟମରେ ଋଣ ଆଣୁଛନ୍ତି। ଏହାବ୍ୟତୀତ ଚାଷକୁ ବୀମା କରାଇବା ସମ୍ଭବ ହେଉନାହିଁ। ନିକଟରେ ବନ୍ୟା ଯୋଗୁ ଫସଲ ନଷ୍ଟ ହୋଇଥିଲେ ମଧ୍ୟ କ୍ଷତିଭରଣା ପାଇବା କଷ୍ଟକର ହେବ। ଫଳରେ ଋଣ ଶୁଝିବା ଚିନ୍ତା ଚାଷୀମାନଙ୍କର ବଢିବାରେ ଲାଗିଛି। ସମିତି ଓ ମିନିବ୍ୟାଙ୍କ କାର୍ଯ୍ୟକାରୀ ପାଇଁ ସ୍ମାରକପତ୍ର ଦିଆଯିବ ବୋଲି ଆବାହକ ରାୟ କହିଛନ୍ତି। ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ଚାଷୀ ଅନନ୍ତ କୁମାର ପରିଡା, ପୁରୁଷୋତ୍ତମ ତ୍ରିପାଠୀ, ଅମରେନ୍ଦ୍ର ସ୍ୱାଇଁ, କାଞ୍ଚନବାଳା ଜେନା, ସାବିତ୍ରୀ ଜେନା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ନିଖୋଜ ଯୁବକଙ୍କ ମୃତଦେହ ଜବତ

**ପଟ୍ଟାମୁଣ୍ଡାଇ,୨।୯(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ପୌରାଧକ୍ଷ ହେମନ୍ତ ସାହୁଙ୍କ ସାନ ଭାଇ ପ୍ରମୋଦ (୪୩) ଗୁରୁବାରଠାରୁ ନିଖୋଜ ଥିବା ବେଳେ ଶୁକ୍ରବାର ତାଙ୍କ ମୃତଦେହ କେନାଲରୁ ଜବତ କରାଯାଇଛି। ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ବକ୍ତାରପୁର ଗାଁର ପ୍ରମୋଦ ଗୁରୁବାର ସନ୍ଧ୍ୟାରୁ ନିଖୋଜ ଥିଲେ। ଏ ନେଇ ଶୁକ୍ରବାର ସକାଳେ ଥାନାରେ ପୌରାଧକ୍ଷ ସାହୁ ଅଭିଯୋଗ କରିଥିଲେ। ଅପରାହ୍ନ ପ୍ରାୟ ୩ଟାରେ ପ୍ରମୋଦଙ୍କ ମୃତଦେହ ପାଖ କେନାଲରେ ମିଳିଛି। ପରେ ପରିବାର ଲୋକ ମୃତଦେହକୁ ଚିହ୍ନଟ କରିବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ପ୍ରମୋଦଙ୍କ ମୃତଦେହକୁ ଜବତ କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୫/୨୦୨୨) ରୁଜୁ ହୋଇଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଅଧିକ ତଦନ୍ତ ଚଳାଇଛି। ଶନିବାର ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିବା ସହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ପ୍ରମୋଦ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ୪ ଶ୍ରେଣୀ କର୍ମଚାରୀ ଥିଲେ। ତାଙ୍କର ପତ୍ନୀ ସହ ୨ ଝିଅ ଅଛନ୍ତି। ତାଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଟାଙ୍କିରୁ ମିଳୁନି ପାନୀୟ ଜଳ

**ମାର୍ଶାଘାଇ, ୨।୯(ଡି.ଏନ.ଏ.)**



ରାଜ୍ୟ ସରକାର ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ମାଧ୍ୟମରେ ପ୍ରତ୍ୟେକ ଘରକୁ ପାଇପ ଯୋଗେ ବିଶୁଦ୍ଧ ପାଣି ଯୋଗାଇଦେବାର ବ୍ୟବସ୍ଥା କରାଯାଉଛି। ହେଲେ କେଉଁଠି ବିଦ୍ୟୁତ ସମସ୍ୟା ତ କେଉଁଠାରେ ଓଭରହେଡ଼ ପାଣି ଟାଙ୍କିକୁ ବୋରିଂରୁ ପାଣି ଯିବାରେ ସମସ୍ୟା ଯୋଗୁ ଲୋକେ ପାଣି ପିଇବାରୁ ବଞ୍ଚିତ ହେଉଛନ୍ତି। ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଯମପଡା ଗାଁରେ ୨୦୧୧-୧୨ ମସିହା ଆର୍ଥିକ ବର୍ଷରେ ପ୍ରାୟ କୋଡିଏ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଓଭରହେଡ଼ ପାଣି ଟାଙ୍କି କରାଯାଇଥିଲା। ଏହି ପାଣି ଟାଙ୍କି ପ୍ରଥମ ଦିନରୁ ଲୋକଙ୍କ କାମରେ ଆସୁ ନ ଥିବା ଅଭିଯୋଗ ହେଉଛି। ଗ୍ରାମର ୩ଶହରୁ ଊର୍ଦ୍ଧ୍ୱ ପରିବାରଙ୍କୁ ପାନୀୟ ଜଳ ଯୋଗାଇ ଦେବାର ଲକ୍ଷ୍ୟ ନେଇ ୫୦ ହଜାର ଲିଟର କ୍ଷମତା ବିଶିଷ୍ଟ ଓଭରହେଡ଼ ଟାଙ୍କି ନିର୍ମାଣ କରାଯାଥିଲା। ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଟାଙ୍କି ନିର୍ମାଣ ସରି ଯାଇଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ହେତୁ ଦିନଟିଏ ବି ଜଳ ଯୋଗାଣ ସମ୍ଭବ ହୋଇପାରିନାହିଁ ବୋଲି ରାଜ୍ୟ ଖଦି ଓ ଗ୍ରମୋଦ୍ୟାଗ ବୋର୍ଡର ପୂର୍ବତନ ସଭାପତି ତେଜେଶ୍ୱର ପରିଡା ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ପାଣି ଟାଙ୍କିକୁ କାର୍ଯ୍ୟକ୍ଷମ କରିବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ବସନ୍ତ ସେଠୀଙ୍କୁ ପଚାରିବାରେ ପୁରୁଣା ବୋରିଂ ଜାଗାରେ ମାସକ ତଳେ ନୂଆ ବୋରିଂ ହୋଇଛି। ପାଇପ, ଭାଲବ ଆଦି ମରାମତି ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି। ଖୁବ୍‌ଶୀଘ୍ର ଲୋକଙ୍କୁ ପାନୀୟ ଜଳ ଓଭର ହେଡ଼ ଟାଙ୍କି ଜରିଆରେ ଯୋଗାଇ ଦିଆଯିବ।

## ସପ୍ତାହେ ହେବ ଜଳୁନି ଷ୍ଟ୍ରିଟ ଲାଇଟ


ଷ୍ଟ୍ରିଟ୍ ଲାଇଟ ଜଳୁ ନ ଥିବାରୁ ବଜାର ଅନ୍ଧାରରେ ରହିଛି।

**ଆଳି,୨।୯(ଡି.ଏନ.ଏ.):**

ରାଜ୍ୟ ସରକାର ଗାଁ ଗହଳିଠାରୁ ଆରମ୍ଭ କରି ବଜାର ଘାଟ ସବୁ ସ୍ଥାନରେ ଆଲୋକୀକରଣ ନିମନ୍ତେ ଷ୍ଟ୍ରିଟ ଲାଇଟର ବ୍ୟବସ୍ଥା କରିଛନ୍ତି। ଏହି ଅବସରରେ ଆଳି ବ୍ଲକ ନିଆଳ ପଞ୍ଚାୟତର ହାଟ ନିକଟରୁ ଆଳି ରାଜବାଟି ପର୍ଯ୍ୟନ୍ତ ଆଲୋକୀକରଣ ନିମନ୍ତେ ଷ୍ଟ୍ରିଟ ଲାଇଟ ଲଗାଯାଇଛି। ଏହି ଆଲୋକୀକରଣ ପରେ ନିଆଳ ଗ୍ରାମ ଆଲୋକୀକରଣ ହେବା ସହ ମହାବୀର ବଜାର, ତହସିଲ ରୋଡ, ଦେମାଳ ଆଦି ଗ୍ରାମ ଆଲୋକିତ ହୋଇଥିଲା। କିନ୍ତୁ ସପ୍ତାହେ ହେବ ନିଆଳ ପଞ୍ଚାୟତ କାର୍ଯ୍ୟାଳୟଠାରୁ ମହାବୀର ବଜାର ପର୍ଯ୍ୟନ୍ତ ଲାଗିଥିବା ଷ୍ଟ୍ରିଟ ଲାଇଟ ଜଳୁନାହିଁ। ଫଳରେ ମହାବୀର ବଜାର ସମ୍ପୂର୍ଣ୍ଣ ଭାବେ ଅନ୍ଧାର ରହିଛି। ବଜାର ଆଲୋକୀକରଣ ନିମନ୍ତେ ଲାଗିଥିବା ଏହି ଷ୍ଟ୍ରିଟ ଲାଇଟ ଅଚଳ ହୋଇ ପଡିଥିବାରୁ ସାଧାରଣ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ଷ୍ଟ୍ରିଟ ଲାଇଟ ମରାମତି କରିବା ନିମନ୍ତେ ମହାବୀର ବଜାରର ବ୍ୟବସାୟୀମାନେ ଦାବି କରିଛନ୍ତି।

**ଅନ୍ଧାରରେ ଆଳି ମହାବୀର ବଜାର**

# ସମବାୟ ସମିତିରେ ମିଳୁନି ସାର

**ପଟ୍ଟାମୁଣ୍ଡାଇ, ୨।୯(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକରେ ସମବାୟ ସମିତି ମାଧ୍ୟମରେ ସାର ଯୋଗାଣ ସମ୍ପୂର୍ଣ୍ଣ ଫେଲ୍ ମାରିଛି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଥିବା ୧୬ଟି ସମବାୟ ସମିତି ସାର ଉଠାଇ ନ ଥିବାବେଳେ ଚାଷୀମାନେ ଅସୁବିଧା ଭୋଗ କରୁଛନ୍ତି। ଚଳିତ ଖରିଫ ଋତୁରେ ବ୍ଲକର ୩୧ ପଞ୍ଚାୟତରେ ୧୧,୭୦୦ ହେକ୍ଟର ଜମିରେ ଖରିଫ ଧାନ ଫସଲ ହେଉଛି। ସେଥିମଧ୍ୟରୁ ଏ ଯାବତ ୬ ହଜାର ହେକ୍ଟର ଜମିରେ ରୁଆପୋତା କାମ ସରିଛି। ଅବଶିଷ୍ଟ ଜମିରେ ରୁଆଧାନ ପାଇଁ ତଳି ପଡି ରହିଛି। ଚଳିତ ଖରିଫ ଚାଷ ଆରମ୍ଭରୁ ବର୍ଷା ଲୁଚକାଳି ଖେଳ, ବିହନ ଅଭାବ ସହ ସଂଗ୍ରାମ କରି ଚାଷୀମାନେ ନିଜର ଚାଷ କାର୍ଯ୍ୟକୁ ଆଗେଇ ନେଉଥିଲେ। ଧାନ ତଳି ରୁଆ, ବୁଣା ହୋଇଥିବା ଜମିରେ ଚାଷୀ ସାର ପକାଇବାକୁ ପାଉ ନ ଥିବା ଅଭିଯୋଗ ହେଉଛି। ମାର୍କଫେଡ ପକ୍ଷରୁ ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ଚାଷୀଙ୍କୁ ସାର ଯୋଗାଣର ବ୍ୟବସ୍ଥା ହୋଇଛି ବୋଲି କୁହାଯାଉଛି। ହେଲେ ସାରର ଉତ୍କଟ ଅଭାବ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

କୃଷକ ନେତା ବିଜୟ ଦାସ କୁହନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଥିବା ୧୬ ପ୍ରାଥମିକ କୃଷି ସମବାୟ ସମିତି ଉପରେ ୩୧ ପଞ୍ଚାୟତର ଚାଷୀମାନେ ନିର୍ଭରଶୀଳ। ମାତ୍ର ପଟ୍ଟାମୁଣ୍ଡାଇ ମାର୍କଫେଡ ପରିଚାଳକଙ୍କ ମନମାନି ଓ ସମବାୟ ସମିତିର ସମ୍ପାଦକଙ୍କ ବେପରୁଆ ମନୋଭାବ ପାଇଁ ଚାଷ ଆରମ୍ଭରୁ ସାର ମିଳୁନାହିଁ। ଅଞ୍ଚଳରେ ଥିବା ୧୬ଟି ସମବାୟ ସମିତିରେ ସାର ପହଞ୍ଚି ପାରି ନ ଥିବାରୁ ଚାଷୀ ସାର ପାଇ ପାରୁନାହାନ୍ତି। ମାର୍କଫେଡ ସାର ଆବଣ୍ଟନ କରୁ ନ ଥିବାରୁ ଚାଷୀମାନଙ୍କୁ ବଜାରରୁ ଚଢା ଦରରେ ସାର କିଣିବାକୁ ପଡୁଛି ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। ଖୋଲା ବଜାରରୁ ଚାଷୀ ୟୁରିଆ, ଗ୍ରୋମୋର ଓ ପଟାସ୍ ବସ୍ତା ପିଛା ୧୦୦ରୁ ୪୦୦ ଟଙ୍କା ଯାଏ ଅଧିକ ଦରରେ କିଣି କାମରେ ଲଗାଉଛନ୍ତି। ଚାଷୀଙ୍କ ପାଇଁ ଆବଶ୍ୟକ ସାର ସମବାୟ ସମିତିକୁ ଯୋଗାଇ ଦିଆଯାଉଛି ବୋଲି ସରକାର ଘୋଷଣା କରିଥିଲେ। ହେଲେ ତାହା ସମ୍ପୂର୍ଣ୍ଣ ନିଷ୍ପ୍ରଭ ହୋଇଛି। ଫଳରେ ଚଳିତବର୍ଷ ଖରିଫ ଫସଲ ଅମଳ ବାଧାପ୍ରାପ୍ତ ହେବ ବୋଲି ସେ କହିଛନ୍ତି। ସମବାୟବିତ୍ ବନମାଳୀ ମହାପାତ୍ର କୁହନ୍ତି, ଗତ ୨ ସପ୍ତାହ ହେବ ବର୍ଷା ନାହିଁ। କେବଳ କେନାଲ ପାଣିକୁ ମୋଟର ଯୋଗେ ମଡ଼ାଇ ଧାନ ଫସଲକୁ ବହୁ କଷ୍ଟରେ ବଞ୍ଚାଇ ରଖାଯାଇଛି। ମାତ୍ର ଏହି ସମୟରେ ଚାଷ ପାଇଁ ଆବଶ୍ୟକ ହେଉଥିବା ୟୁରିଆ ସାରର ଉତ୍କଟ ଅଭାବ ଯୋଗୁ ଅଞ୍ଚଳର ଚାଷୀ ହଇରାଣ ହେଉଛନ୍ତି। ଚାଷୀମାନେ ସାର ପାଇବା ପାଇଁ ସମବାୟ ସମିତି ସମ୍ପାଦକଙ୍କୁ ଯୋଗାଯୋଗ କରୁଥିଲେ ମଧ୍ୟ କୌଣସି ସମିତିରେ ବସ୍ତାଏ ହେଲେ ସାର ନ ଥିବା ସମ୍ପାଦକମାନେ ଚାଷୀଙ୍କୁ କହିଛନ୍ତି। ଅନ୍ୟପକ୍ଷେ ପଟ୍ଟାମୁଣ୍ଡାଇ ମାର୍କଫେଡ ଗୋଦାମଟି ବହୁ ସମୟରେ ବନ୍ଦ ରହୁଛି। ବର୍ତ୍ତମାନ ଏହି ଗୋଦାମରେ ଅତ୍ୟାବଶ୍ୟକ ଗ୍ରୋମୋର ଓ ଡିଏପି ସାର ମହଜୁଦ ନାହିଁ। ଏହାର ସୁଯୋଗ ନେଇ ସାରଗୁଡିକ ବଜାରରେ ଉଚ୍ଚା ଦରରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ତେବେ ମାର୍କଫେଡ ସାରଗୁଡିକ କେତେବେଳେ ଆସି କେତେବେଳେ ବିକ୍ରି ହୋଇଯାଉଛି ତାହା ଜଣାପଡୁନାହିଁ ବୋଲି ସେ କହିଛନ୍ତି। ମାର୍କଫେଡ ଗୋଦାମର ପରିଚାଳକ ପ୍ରଶାନ୍ତ କୁମାର ରାଉତଙ୍କୁ ପଚାରିବାରେ ଜିଲାରେ ୧୨୧ଟି ସମବାୟ ସମିତି ମଧ୍ୟରୁ ୬୫ଟି ସମିତିକୁ ଆବଶ୍ୟକତାଠାରୁ ଅଧିକ ସାର ଯୋଗାଇ ଦିଆଯାଇଛି। ମାତ୍ର ପଟ୍ଟାମୁଣ୍ଡାଇର ୧୬ଟି ସମବାୟ ସମିତି ସହ ଅନ୍ୟ କେତେଗୋଟି ସମିତି ମାର୍କଫେଡ ସହ ଯୋଗାଯୋଗ କରିନାହାନ୍ତି। ପଟ୍ଟାମୁଣ୍ଡାଇରେ ଥିବା ସମବାୟ ସମିତି ମାର୍କଫେଡ ଗୋଦାମରେ ଉପଯୁକ୍ତ କାଗଜପତ୍ର ସହ ଯୋଗାଯୋଗ କଲେ ସାର ଆସିଲେ ତାଙ୍କୁ ପର୍ଯ୍ୟାୟ କ୍ରମେ ଦିଆଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ସମବାୟ ବିଭାଗ ଉପନିବନ୍ଧକ କଟକ-୨ ଡିଭିଜନ ରୁଦ୍ର ପ୍ରସାଦ ଦାଶଙ୍କୁ ପଚାରବାରେ ସାର ଯୋଗାଇ ଦେବାକୁ ଆମେ କାହାରିକୁ ମନା କରିନୁ। ଯଦି ସେମାନେ ଷ୍ଟକ୍ କରିନାହାନ୍ତି ଏ ବିଷୟରେ ଏଆର୍‌ଙ୍କ ସହ ଆଲୋଚନା କରି ଚାଷୀଙ୍କ ସମସ୍ୟା ଦୂର କରିବାକୁ ଉଦ୍ୟମ କରାଯିବ ବୋଲି ସେ କହିଛନ୍ତି।



ପଟ୍ଟାମୁଣ୍ଡାଇଠାରେ ମାର୍କଫେଡ ଗୋଦାମ ଘର ବନ୍ଦ ହୋଇ ରହିଛି।

- ଆଗେଇ ପାରୁନି ଚାଷକାମ
- କ୍ଷେତ ପଡିଆ ପଡିବା ଆଶଙ୍କାରେ ଚାଷୀ

# ୟୁଟିଆ ସମ୍ମିଳନୀରେ ମନ୍ତ୍ରୀଙ୍କୁ ୧୧ଦଫା ଦାବି ଜଣାଇବ ସଂଘ

ଭୁବନେଶ୍ୱର,୨୧୯(ବ୍ୟୁରୋ)

ଆସନ୍ତା ୫ ତାରିଖ ତଥା ଗୁରୁଦିବସ ଅବସରରେ ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ (ୟୁଟିଆ)ର ବାର୍ଷିକୋତ୍ସବ ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହେବ। ଏହି ଅବସରରେ ସଂଘର ୧୧ ଦଫା ଦାବି ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଖବରଦାତା ସମ୍ମିଳନୀ ଜରିଆରେ ୟୁଟିଆର ସଭାପତି ଡ. ଉପେନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସମ୍ମିଳନୀରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ବିଧାୟକ ଅମର ପ୍ରସାଦ ଶତପଥୀ, ଲତିକା ପ୍ରଧାନ ପ୍ରମୁଖ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସଂଘର ବିଭିନ୍ନ ଦାବି ଯଥା– ସରକାରୀ ଶିକ୍ଷା କମିଟିରେ ୟୁଟିଆକୁ ସାମିଲ କରିବା, ପୂର୍ଣ୍ଣ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ କର୍ମଚାରୀଙ୍କ ଅବସର ବୟସସୀମା ୬୨ ବର୍ଷକୁ ବୃଦ୍ଧି, ବେସରକାରୀ ବିଦ୍ୟାଳୟ କର୍ମଚାରୀଙ୍କୁ ବିଭିନ୍ନ ସୁବିଧା, ଇନିସିଆଲ ଆପଏଣ୍ଟି ଶିକ୍ଷକଙ୍କ ସମସ୍ୟା ସମାଧାନ, ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ କର୍ମଚାରୀଙ୍କୁ ୭ମ ବେତନ କମିଶନ ହାରରେ ୨୧ ମାସର ଦରମା ଆଦି ଉପସ୍ଥାପନ କରାଯିବ। ଏହି ଅବସରରେ ୨୫ଜଣ ଶିକ୍ଷକଙ୍କୁ ସମ୍ମାନିତ କରାଯିବ ବୋଲି ସଂଘର ସାଧାରଣ ସମ୍ପାଦକ ପ୍ରଣବ ରାଉତରାୟ କହିଛନ୍ତି। ସଂଘ କାର୍ଯ୍ୟକାରୀ ସଭାପତି ଅର୍ଜୁନ ବିଶ୍ୱାଳ, କୈଳାସ ଚନ୍ଦ୍ର ମିଶ୍ର, ଶରତ ଚନ୍ଦ୍ର ପାଇକରାୟ ପ୍ରମୁଖ ସେଠାରେ ଉପସ୍ଥିତ ଥିଲେ।


## ଓଡ଼ିଶା ସରକାର

# ଦେବଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଘୋଷଣା

ବିଜ୍ଞପ୍ତି ସଂଖ୍ୟା: 307/WE ତାରିଖ: 26.04.2021 ଜିଲ୍ଲା: ଦେବଗଡ଼

XXXII-04: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (ଆରଏଫ୍‌ସିଟିଏଲ୍‌ଏଆର୍‌&ଆର Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣା ଦିଆଯାଉଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ଜଗନ୍ନାଥପୁର, ଥାନା: ବାରକୋଟ, ଥାନା ନଂ.– ୧୮, ତହସିଲ: ବାରକୋଟ, ଜିଲ୍ଲା: ଦେବଗଡ଼ରେ ନିମ୍ନ ସୂଚିତ – ''କ'' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଦେବଗଡ଼ ଜିଲ୍ଲାର ତାଳଚେର – ବିମଳାଗଡ଼ ନୂତନ ଓସାରିଆ ରେଳପଥ, ପ୍ରକଳ୍ପ ନିମନ୍ତେ ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨) ପୂର୍ବତଟ ରେଳପଥ, ଅନୁଗୁଳ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା – ୭୦୨ ତା୧୭।୦୭।୨୦୧୯ରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଛି ଯେ, ମୌଜା: ଜଗନ୍ନାଥପୁର, ଥାନା: ବାରକୋଟ, ଥାନା ନଂ.– ୧୮, ତହସିଲ: ବାରକୋଟ, ଜିଲ୍ଲା: ଦେବଗଡ଼ରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.deogarh.nic.inରେ ଓ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାରେ ଭୂମି ନକ୍ସା ଭୂ-ଅର୍ଜନ ଜୋନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ – କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
### ଜିଲ୍ଲା: ଦେବଗଡ଼, ତହସିଲ: ବାରକୋଟ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଜଗନ୍ନାଥପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ହୋଇଅଛି | | | | ଏ.୧୬.୦୫୦ | ଏଥି ସହିତ ସଂଲଗ୍ନ ହୋଇଅଛି |

### ତଫସିଲ – ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ:..............................

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁଧାଂଶୁ ମୋହନ ସାମଲ, ଭା.ପ୍ର.ସେ.)
ଜିଲ୍ଲାପାଳ, ଦେବଗଡ଼

### ସମ୍ପୂର୍ଣ୍ଣ ଜମି ବିବରଣୀ
### ମୌଜା: ଜଗନ୍ନାଥପୁର, ଥାନା: ବାରକୋଟ, ତହସିଲ: ବାରକୋଟ, ଥାନା ନଂ.– ୧୮, ଜିଲ୍ଲା: ଦେବଗଡ଼

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ହାଲ କିସମ | ମୋଟ ରକବା (ଏକରରେ) | ପ୍ରସ୍ତାବିତ ଭୂ-ଅର୍ଜନ ରକବା (ଏକରରେ) | ବନ୍ଦୋବସ୍ତରେ ରେକର୍ଡ ହୋଇଥିବା ରୟତଙ୍କ ନାମ, ପିତାଙ୍କ ନାମ, ଜାତି, ବାସସ୍ଥାନ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୦୩ | ୧୨୦ (ସ୍ଥ) | ଗୋଡ଼ା ଏକ | ୦.୪୦୦ | ୦.୧୮୦ | ଆସାଢୁ ଭୂମିଜ, ପି.: ଜଗନ୍ନା ଭୂମିଜ, ବାବି ଭୂମିଜ, ପି.: ରଢ଼େ ଭୂମିଜ, ବା: ନିଜଗାଁ |
| | | ୩୫୬ (ସ୍ଥ) | ଗୋଡ଼ା ଏକ | ୦.୬୨୦ | ୦.୧୧୦ | |
| | | ୩୫୬/୪୯୨ (ସ୍ଥ) | ବେଣ୍ଟା ସାଧାରଣ | ୦.୯୧୦ | ୦.୦୪୦ | |
| | | ୩୬୦/୪୯୩ (ସ୍ଥ) | ଗୋଡ଼ା ଦୁଇ | ୧.୫୨୦ | ୦.୧୩୦ | |
| ୨ | ୧୧ | ୩୬୭/୫୧୧ (ସ୍ଥ) | ଗୋଡ଼ା ଦୁଇ | ୧.୫୮୦ | ୦.୩୫୦ | କେଲ୍ଲୁ କିସାନ, ଜେନା କିସାନ, ପି.: ଚଟ କିସାନ, ପ୍ରଧାନ କିସାନ, ପି.: ମଙ୍ଗୁଲୁ କିସାନ, ଜା: କିସାନ, ବା: ନିଜଗାଁ |
| | | ୩୬୮ (ସ୍ଥ) | ମାଳ ସାଧାରଣ/୪ | ୨.୮୯୦ | ୦.୦୧୦ | |
| | | ୩୬୯ (ସ୍ଥ) | ଗୋଡ଼ା ଏକ | ୩.୧୪୦ | ୦.୨୭୦ | |
| | | ୩୭୦/୫୨୧ (ସ୍ଥ) | ଗୋଡ଼ା ଦୁଇ | ୧.୦୮୦ | ୦.୫୯୦ | |
| ୩ | ୧୨ | ୧୦୧/୫୩୮ (ସ୍ଥ) | ଗୋଡ଼ା ଦୁଇ | ୦.୪୪୦ | ୦.୦୩୦ | ଖୁଦୁ ଭୂମିଜ, ପି.: ମନୋହର ଭୂମିଜ, ଛେରନ ଭୂମିଜ, ପି.: ବୁଧୁ ଭୂମିଜ, ଜା: ଭୂମିଜ, ବା: ନିଜଗାଁ |
| | | ୧୪୪ (ସ୍ଥ) | ଗୋଡ଼ା ଦୁଇ | ୦.୭୭୦ | ୦.୦୪୦ | |
| | | ୧୪୫ (ସ୍ଥ) | ମାଳ ସାଧାରଣ/୨ | ୦.୮୩୦ | ୦.୫୪୦ | |
| ୪ | ୧୪ | ୧୪୮ (ସ୍ଥ) | ମାଳ ସାଧାରଣ/୧୭ | ୪.୨୯୦ | ୦.୩୫୦ | ଗୁମି ଓରାମ, ମାଙ୍ଗେ ଓରାମ, ବିରିଷି ଓରାମ, ପି.: ଜଟା ଓରାମ, ଜା: ଓରାମ, ବା: ହାତୀଧର୍ସା, ଜିଲ୍ଲା: ସୁନ୍ଦରଗଡ଼, ଲାଥେ ଓରାମ, ପି.: ଉଦେ ଓରାମ, ଜା: ଓରାମ, ବା: ନିଜଗାଁ |
| ୫ | ୧୮ | ୧୪୭/୪୬୫ (ସ୍ଥ) | ମାଳ ସାଧାରଣ | ୪.୨୨୦ | ୦.୭୨୦ | ଚୂଡ଼ାମଣି ପଣ୍ଡା, ପି.: ବିଦ୍ୟାଧର ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | ୧୪୭/୪୬୯ (ସ୍ଥ) | ଗୋଡ଼ା ଦୁଇ | ୨.୮୬୦ | ୦.୭୯୦ | |
| ୬ | ୨୩ | ୩୬ (ସ୍ଥ) | ଗୋଡ଼ା ଦୁଇ | ୧.୭୫୦ | ୦.୨୦୦ | ଯୁଧିଷ୍ଠିର ଦ୍ୱିବେଦୀ, ପି.: ସୋମନାଥ ଦ୍ୱିବେଦୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | ୩୮ (ସ୍ଥ) | ଗୋଡ଼ା ଦୁଇ | ୧.୪୨୦ | ୦.୧୨୦ | |
| ୭ | ୨୬ | ୧୦୪ (ସ୍ଥ) | ଗୋଡ଼ା ଦୁଇ | ୮.୪୦୦ | ୦.୮୯୦ | M/s. ଅଗ୍ରୱାଲ ଷ୍ଟିପସ୍ ପ୍ରା. ଲି., ପରିଚାଳନା ନିର୍ଦ୍ଦେଶକ, ବା: ପ୍ଲଟ ନଂ.– Y-1, ପ୍ରଥମ ମହଲା, ସିଭିଲ ଟାଉନସିପ୍, ରାଉରକେଲା, ଥାନା: ରଘୁନାଥପାଲି, ଜି.: ସୁନ୍ଦରଗଡ଼ |
| ୮ | ୨୭ | ୧୦୩ (ସ୍ଥ) | ଗୋଡ଼ା ଦୁଇ | ୩.୫୦୦ | ୦.୭୪୦ | ନେଗି କିସାନ, ପି.: କର୍ମୁ କିସାନ, ତଲାଇ କିସାନ, ଗନ୍ଦର କିସାନ, ପି.: ଥରାଇ କିସାନ, ଜା: କିସାନ, ବା: ନିଜଗାଁ |
| ୯ | ୩୩ | ୪୩/୪୩୧ (ସ୍ଥ) | ଗୋଡ଼ା ଦୁଇ | ୦.୭୪୦ | ୦.୧୦୦ | ବଳରାମ ପସାଏତ, ପି.: ଜଗନ୍ନାଥ ପସାଏତ, ରୁଦ୍ର ପ୍ରସାଦ ପସାଏତ, ପି.: ସନାତନ ପସାଏତ, ପଦ୍ମାବତୀ ପସାଏତ, ସ୍ୱା.: ସନାତନ ପସାଏତ, ଗୁରୁଚରଣ ପସାଏତ, ପି.: ଲକ୍ଷ୍ମୀରାମ ପସାଏତ, ମହେଶ୍ୱର ପସାଏତ, ଧନେଶ୍ୱର ପସାଏତ, ପି.: ଦଲୁ ପସାଏତ, ପଦ୍ମିନ ପସାଏତ, ସ୍ୱା.: ଦଲୁ ପସାଏତ, ଜା: ଭଣ୍ଡାରି, ବା: ନିଜଗାଁ |
| | | ୪୩/୪୩୨ (ସ୍ଥ) | ଗୋଡ଼ା ଏକ | ୧.୧୦୦ | ୦.୨୬୦ | |
| | | ୪୩/୪୩୪ (ସ୍ଥ) | ଗୋଡ଼ା ଦୁଇ | ୦.୩୪୦ | ୦.୨୨୦ | |
| ୧୦ | ୩୬ | ୩୬୭/୫୧୦ (ସ୍ଥ) | ଗୋଡ଼ା ଦୁଇ | ୬.୩୦୦ | ୦.୪୬୦ | ବିକଢ଼ କିସାନ, ପି.: ବିର୍ଶା କିସାନ, ନିଲାମ କିସାନ, ବାବୁଲାଲ କିସାନ, ଫୁଲତୋଲି କିସାନ, ପି.: କଟି କିସାନ, ଗୁରୁବାରି କିସାନ, ସ୍ୱା.: କଟି କିସାନ, ଈଶ୍ୱର କିସାନ, ଯୁଗେଶ୍ୱର କିସାନ, ଭଦୁ କିସାନ, ସାବିତ୍ରୀ କିସାନ, ସାବ କିସାନ, ସରସ୍ୱତୀ କିସାନ, ପଦ୍ମା କିସାନ, ପି.: କପିଳ କିସାନ, ଶ୍ରୀମତୀ କିସାନ, ସ୍ୱା.: କପିଳ କିସାନ, ବା: ନିଜଗାଁ |
| ୧୧ | ୩୭ | ୪୧/୫୪୪ (ସ୍ଥ) | ଗୋଡ଼ା ଦୁଇ | ୯.୫୫୦ | ୦.୫୪୦ | ବିନାଏକ ମିଶ୍ର, ପି.: ଚୁଡ଼ାମଣି ମିଶ୍ର, ଜା: ବ୍ରାହ୍ମଣ, ବା: ଜମକେଇ ଥାନା ବଣେଇ, ଜିଲ୍ଲା: ସୁନ୍ଦରଗଡ଼ |
| ୧୨ | ୪୪ | ୩୫ (ସ୍ଥ) | ମାଳ ସାଧାରଣ/୩ | ୧.୫୬୦ | ୦.୩୯୦ | ମାଗୁଣୀ ଚନ୍ଦ୍ର ଦ୍ୱିବେଦୀ, ପି.: ବିଦ୍ୟାଧର ଦ୍ୱିବେଦୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | ୩୮/୫୩୪ (ସ୍ଥ) | ମାଳ ସାଧାରଣ | ୦.୮୦୦ | ୦.୧୯୦ | |
| | | ୮୭ (ସ୍ଥ) | ବହାଲ ସାଧାରଣ/୪ | ୪.୨୨୦ | ୦.୧୬୦ | |
| | | ୮୮ (ସ୍ଥ) | ଆଡ଼ି | ୦.୨୭୦ | ୦.୦୯୦ | |
| ୧୩ | ୫୦ | ୧୦୪/୪୫୫ (ସ୍ଥ) | ମାଳ ସାଧାରଣ | ୧.୧୦୦ | ୦.୩୯୦ | M/s. ଅଗ୍ରୱାଲ ଷ୍ଟିପସ୍ ପ୍ରା. ଲି., ତରଫେ ପରିଚାଳନା ନିର୍ଦ୍ଦେଶକ, ବା: ପ୍ଲଟ ନଂ.– Y-1, ପ୍ରଥମ ମହଲା, ସିଭିଲ ଟାଉନସିପ୍, ରାଉରକେଲା, ଥାନା: ରଘୁନାଥପାଲି, ଜି.: ସୁନ୍ଦରଗଡ଼ |
| ୧୪ | ୫୬ | ୩୭୧ (ସ୍ଥ) | ଗୋଡ଼ା ଦୁଇ | ୨.୧୫୦ | ୧.୧୯୦ | ସମ୍ବାରୀ କିସାନ, ପି.: ରେଞ୍ଜତ କିସାନ, ତାସରି କିସାନ, ସ୍ୱା.: ରେଞ୍ଜତ କିସାନ, ଦାପେ କିସାନ, ଝରଣା କିସାନ, ହରି କିସାନ, ପି.: ମଙ୍ଗଲା କିସାନ, ବୁଦ କିସାନ, ପି.: ଡିଲ କିସାନ, ଟିଣିଆ କିସାନ, ପି.: ଗମ୍ଭେଇ କିସାନ, ସମା କିସାନ, ପି.: ବୁଧୁ କିସାନ, ଜା: କିସାନ, ବା: ନିଜଗାଁ |
| | | ୩୭୩ (ସ୍ଥ) | ଗୋଡ଼ା ଦୁଇ | ୬.୨୦୦ | ୨.୫୧୦ | |
| | | ୩୭୩/୫୧୩ (ସ୍ଥ) | ଗୋଡ଼ା ଦୁଇ | ୩.୨୬୦ | ୦.୦୮୦ | |
| | | ୩୭୩/୫୧୪ (ସ୍ଥ) | ବେଣ୍ଟା ସାଧାରଣ | ୨.୩୦୦ | ୦.୦୬୦ | |
| | | ୩୭୩/୫୧୫ (ସ୍ଥ) | ଆଡ଼ି | ୦.୩୮୦ | ୦.୦୮୦ | |
| ୧୫ | ୬୧ | ୮୯/୪୪୧ (ସ୍ଥ) | ଗୋଡ଼ା ଦୁଇ | ୪.୨୩୦ | ୦.୪୮୦ | ଶ୍ରୀବତ୍ସ ପଣ୍ଡା, ପଙ୍କଜ ପଣ୍ଡା, ପି.: ସୁଦର୍ଶନ ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | ୧୧୭ (ସ୍ଥ) | ଗୋଡ଼ା ଏକ | ୩.୯୩୦ | ୦.୪୨୦ | |
| | | ୧୧୯ (ସ୍ଥ) | ଗୋଡ଼ା ଦୁଇ | ୩.୨୫୦ | ୦.୨୮୦ | |
| | | ୩୫୭ (ସ୍ଥ) | ମାଳ ସାଧାରଣ/୧୩ | ୧.୪୭୦ | ୦.୨୨୦ | |
| | | ୩୫୯ (ସ୍ଥ) | ଗୋଡ଼ା ଏକ | ୦.୮୮୦ | ୦.୨୪୦ | |
| ୧୬ | ୬୫/୫୧ | ୧୦୪/୪୫୬ (ସ୍ଥ) | ଗୋଡ଼ା ଦୁଇ | ୫.୬୦୦ | ୧.୨୬୦ | M/s. ଅଗ୍ରୱାଲ ଷ୍ଟିପସ୍ ପ୍ରା. ଲି., ପରିଚାଳନା ନିର୍ଦ୍ଦେଶକ, ବା: ପ୍ଲଟ ନଂ.– Y-1, ପ୍ରଥମ ମହଲା, ସିଭିଲ ଟାଉନସିପ୍, ରାଉରକେଲା, ଥାନା: ରଘୁନାଥପାଲି, ଜି.: ସୁନ୍ଦରଗଡ଼ |
| ୧୭ | ୬୫/୫୭ | ୩୫୮/୬୧୮ | ବେଣ୍ଟା ସାଧାରଣ | ୦.୧୫୦ | ୦.୧୫୦ | ଜାଠିଆ ମୁଣ୍ଡା, ପି.: ଲଦର ମୁଣ୍ଡା, ଜା: ମୁଣ୍ଡା, ବା: ନିଜଗାଁ |
| | | ୩୫୯/୬୧୯ | ଗୋଡ଼ା ଏକ | ୦.୧୮୦ | ୦.୧୮୦ | |
| | | | ମୋଟ | ୧୦୩.୫୩୦ | ୧୬.୦୫୦ | |

ଭୂ-ଅର୍ଜନ ଜୋନ ଅଧିକାରୀ
ତାଳଚେର-ବିମଳାଗଡ଼ ନୂତନ ଓସାରିଆ
ରେଳପଥ ପ୍ରକଳ୍ପ, ସୁନ୍ଦରଗଡ଼

ସୁଧାଂଶୁ ମୋହନ ସାମଲ, ଭା.ପ୍ର.ସେ.
ଜିଲ୍ଲାପାଳ, ଦେବଗଡ଼

OIPR-24010/14/0006/2223



## ଓଡ଼ିଶା ସରକାର

# ଦେବଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଘୋଷଣା

ବିଜ୍ଞପ୍ତି ସଂଖ୍ୟା: 335/WE ତାରିଖ: 26.04.2021 ଜିଲ୍ଲା: ଦେବଗଡ଼

XXXII-05: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (ଆରଏଫ୍‌ସିଟିଏଲ୍‌ଏଆର୍‌&ଆର Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣା ଦିଆଯାଉଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ବିଦେଇବଡ଼କୁଦର, ଥାନା: ବାରକୋଟ, ଥାନା ନଂ.– ୧୨୧, ତହସିଲ: ବାରକୋଟ, ଜିଲ୍ଲା: ଦେବଗଡ଼ରେ ନିମ୍ନ ସୂଚିତ – ''କ'' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଦେବଗଡ଼ ଜିଲ୍ଲାର ତାଳଚେର – ବିମଳାଗଡ଼ ନୂତନ ଓସାରିଆ ରେଳପଥ, ପ୍ରକଳ୍ପ ନିମନ୍ତେ ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨) ପୂର୍ବତଟ ରେଳପଥ, ଅନୁଗୁଳ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା – ୬୫୪ ତା୧୬।୦୭।୨୦୧୯ରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଛି ଯେ, ମୌଜା: ବିଦେଇବଡ଼କୁଦର, ଥାନା: ବାରକୋଟ, ଥାନା ନଂ.– ୧୨୧, ତହସିଲ: ବାରକୋଟ, ଜିଲ୍ଲା: ଦେବଗଡ଼ରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.deogarh.nic.inରେ ଓ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାରେ ଭୂମି ନକ୍ସା ଭୂ-ଅର୍ଜନ ଜୋନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ – କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
### ଜିଲ୍ଲା: ଦେବଗଡ଼, ତହସିଲ: ବାରକୋଟ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବିଦେଇବଡ଼କୁଦର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ହୋଇଅଛି | | | | ଏ.୧୦.୬୧୦ | ଏଥି ସହିତ ସଂଲଗ୍ନ ହୋଇଅଛି |

### ତଫସିଲ – ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ:..............................

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁଧାଂଶୁ ମୋହନ ସାମଲ, ଭା.ପ୍ର.ସେ.)
ଜିଲ୍ଲାପାଳ, ଦେବଗଡ଼

### ସମ୍ପୂର୍ଣ୍ଣ ଜମି ବିବରଣୀ
### ମୌଜା: ବିଦେଇବଡ଼କୁଦର, ଥାନା: ବାରକୋଟ, ତହସିଲ: ବାରକୋଟ, ଥାନା ନଂ.– ୧୨୧, ଜିଲ୍ଲା: ଦେବଗଡ଼

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ହାଲ କିସମ | ମୋଟ ରକବା (ଏକରରେ) | ପ୍ରସ୍ତାବିତ ଭୂ-ଅର୍ଜନ ରକବା (ଏକରରେ) | ବନ୍ଦୋବସ୍ତରେ ରେକର୍ଡ ହୋଇଥିବା ରୟତଙ୍କ ନାମ, ପିତାଙ୍କ ନାମ, ଜାତି, ବାସସ୍ଥାନ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୨ | ୨୧୮ ସ୍ଥ | ମାଳ ସାଧାରଣ/୫୬ | ୨.୧୪୦ | ୧.୬୮୦ | କଡ଼ି ପାଣ, ପି.: ବିମ୍ବା ପାଣ, ହାଡ଼ିବନ୍ଧୁ ପାଣ, ପି.: ମଙ୍ଗଲୁ ପାଣ, ଜା: ପାଣ, ବା: କଲା |
| ୨ | ୪ | ୩୧୭ | ମାଳ ସାଧାରଣ/୬ | ୦.୨୪୦ | ୦.୨୪୦ | କହ୍ନେଇ କିସାନ, ପି.: ଗୋବର୍ଦ୍ଧନ କିସାନ, ଜା: କିସାନ, ବା:ନିଜଗାଁ |
| | | ୩୨୦/୭୮୧ | ମାଳ ସାଧାରଣ | ୦.୦୪୦ | ୦.୦୪୦ | |
| | | ୩୨୮ | ମାଳ ସାଧାରଣ | ୦.୦୫୦ | ୦.୦୫୦ | |
| | | ୪୧୨/୭୯୮ | ବାହାଲ ସାଧାରଣ | ୦.୦୯୦ | ୦.୦୯୦ | |
| ୩ | ୫ | ୫୯୭/୮୮୧ | ଗୋଡ଼ା ଦୁଇ | ୦.୦୯୦ | ୦.୦୯୦ | କାଳି ଚରଣ ପ୍ରଧାନ, ପି.: ଘାସି ପ୍ରଧାନ, ଜା: ଚଷା, ବା: କଲା |
| | | ୬୦୨ ସ୍ଥ | ଗୋଡ଼ା ଦୁଇ | ୦.୫୪୦ | ୦.୦୬୦ | |
| ୪ | ୬ | ୩୦୮ ସ୍ଥ | ମାଳ ସାଧାରଣ/୬ | ୦.୩୧୦ | ୦.୦୧୦ | କାଶି କିସାନ, କଷ୍ଟ କିସାନ, ବିଷ କିସାନ, ପି.: ବୁଟା କିସାନ, ଜା: କିସାନ, ବା: ନିଜଗାଁ |
| ୫ | ୧୦ | ୩୧୦ ସ୍ଥ | ମାଳ ସାଧାରଣ/୮ | ୦.୩୯୦ | ୦.୧୪୦ | ଘାସିରାମ ପାଣ, କୁଳମଣି ପାଣ, ପି.: କେଶବ ପାଣ, ଦୁଖି ବେବା, ସ୍ୱା.: କେଶବ ପାଣ, ଜା: ପାଣ, ବା: ନିଜଗାଁ |
| | | ୪୧୩ | ବାହାଲ ସାଧାରଣ | ୦.୩୭୦ | ୦.୩୭୦ | |
| | | ୬୯୫ ସ୍ଥ | ଗୋଡ଼ା ଦୁଇ | ୧.୦୮୦ | ୦.୫୧୦ | |
| | | ୬୯୭/୮୯୭ ସ୍ଥ | ଗୋଡ଼ା ଦୁଇ | ୦.୦୬୦ | ୦.୦୨୦ | |
| | | ୬୯୮ | ଘରବାରି | ୦.୦୬୦ | ୦.୦୬୦ | |
| | | ୭୦୦/୮୯୮ | ଗୋଡ଼ା ଦୁଇ | ୦.୦୬୦ | ୦.୦୬୦ | |
| | | ୭୦୨ ସ୍ଥ | ଗୋଡ଼ା ଦୁଇ | ୦.୧୪୦ | ୦.୦୨୦ | |
| ୬ | ୧୧ | ୩୨୦ | ମାଳ ସାଧାରଣ | ୦.୦୫୦ | ୦.୦୫୦ | ଗାଧୁ କିସାନ, ପି.: ଗୋବର୍ଦ୍ଧନ କିସାନ, ଜା: କିସାନ, ବା: ନିଜଗାଁ |
| | | ୩୩୦ ସ୍ଥ | ମାଳ ସାଧାରଣ | ୦.୦୧୦ | ୦.୦୧୦ | |
| | | ୪୧୨/୭୯୯ | ବାହାଲ ସାଧାରଣ | ୦.୦୬୦ | ୦.୦୬୦ | |
| ୭ | ୧୩ | ୪୬୧/୮୩୧ ସ୍ଥ | ଗୋଡ଼ା ଦୁଇ | ୦.୦୯୦ | ୦.୦୨୦ | ଗୁରୁ ଚରଣ ପଧାନ, ପି.: ବଟକୃଷ୍ଣ ପଧାନ, ଜା: ଥୋରିଆ, ବା: ନିଜଗାଁ |
| | | ୫୦୧ ସ୍ଥ | ମାଳ ସାଧାରଣ | ୦.୫୭୦ | ୦.୦୧୦ | |
| | | ୬୯୪ ସ୍ଥ | ଗୋଡ଼ା ଦୁଇ | ୦.୧୬୦ | ୦.୦୨୦ | |
| ୮ | ୧୪ | ୩୨୧ | ମାଳ ସାଧାରଣ | ୦.୦୬୦ | ୦.୦୬୦ | ଗୋବିନ୍ଦ କିସାନ, ପି.: ଘାସି କିସାନ, ଜା: କିସାନ, ବା: ନିଜଗାଁ |
| | | ୩୨୨ | ମାଳ ସାଧାରଣ | ୦.୦୭୦ | ୦.୦୭୦ | |
| | | ୪୧୨/୭୯୭ | ବାହାଲ ସାଧାରଣ | ୦.୦୭୦ | ୦.୦୭୦ | |
| ୯ | ୧୫ | ୬୧୨ ସ୍ଥ | ଗୋଡ଼ା ଦୁଇ | ୦.୩୮୦ | ୦.୧୪୦ | ଚନ୍ଦ୍ର କିସାନ, ପି.: ତିଳ କିସାନ, ଜା: କିସାନ, ବା: ନିଜଗାଁ |
| ୧୦ | ୭୦/୮୧ | ୬୧୨/୧୦୧୧ | ଗୋଡ଼ା ଦୁଇ | ୦.୧୪୦ | ୦.୧୪୦ | ପରମାନନ୍ଦ କିସାନ, ପି.: ହରି କିସାନ, ଜା: କିସାନ, ବା: ନିଜଗାଁ |
| ୧୧ | ୧୬ | ୩୦୯ ସ୍ଥ | ମାଳ ସାଧାରଣ/୫ | ୦.୨୯୦ | ୦.୦୨୦ | ଚୁଳି କିସାନ, ପି.: ଘାସି କିସାନ, ଜା: କିସାନ, ବା: ନିଜଗାଁ |
| | | ୪୧୨/୭୯୬ ସ୍ଥ | ବାହାଲ ସାଧାରଣ | ୦.୦୭୦ | ୦.୦୪୦ | |
| ୧୨ | ୨୧ | ୫୯୭ | ଘରବାରି | ୦.୧୯୦ | ୦.୧୪୦ | ଜମୁନା କମାର, ସ୍ୱା.: ଚୈତନ୍ୟ କମାର, ଜା: କମାର, ବା: ନିଜଗାଁ |
| | | ୫୯୮ | ଘରବାରି | ୦.୦୩୦ | ୦.୦୩୦ | |
| ୧୩ | ୨୨ | ୩୧୧ ସ୍ଥ | ମାଳ ସାଧାରଣ | ୦.୧୨୦ | ୦.୦୪୦ | କୁରା କିସାନ, ପି.: ରାମ କିସାନ, ଜା: କିସାନ, ବା: ନିଜଗାଁ |
| | | ୩୧୬ ସ୍ଥ | ମାଳ ସାଧାରଣ/୧୨ | ୦.୬୨୦ | ୦.୫୨୦ | |
| | | ୩୧୯ | ମାଳ ସାଧାରଣ/୬ | ୦.୩୧୦ | ୦.୩୧୦ | |
| | | ୩୨୦/୭୮୦ | ମାଳ ସାଧାରଣ | ୦.୧୦୦ | ୦.୧୦୦ | |
| | | ୩୨୩ | ମାଳ ସାଧାରଣ | ୦.୦୫୦ | ୦.୦୫୦ | |
| | | ୪୧୯ ସ୍ଥ | ବାହାଲ ସାଧାରଣ/୨ | ୨.୦୫୦ | ୦.୧୦୦ | |
| ୧୪ | ୨୫ | ୨୯୨ ସ୍ଥ | ବାହାଲ ସାଧାରଣ | ୩.୫୮୦ | ୦.୦୨୦ | ଡିଲେଶ୍ୱର ପଧାନ, ପି.: ବଟକୃଷ୍ଣ ପଧାନ, ଜା: ଥୁରିଆ, ବା: ନିଜଗାଁ |
| | | ୬୦୦ ସ୍ଥ | ଘରବାରି | ୦.୧୩୦ | ୦.୦୨୦ | |
| | | ୬୦୪ ସ୍ଥ | ଗୋଡ଼ା ଦୁଇ | ୦.୩୬୦ | ୦.୦୭୦ | |
| | | ୬୦୫ ସ୍ଥ | ଗୋଡ଼ା ଦୁଇ | ୦.୬୨୦ | ୦.୩୨୦ | |
| | | ୬୦୭ ସ୍ଥ | ଘରବାରି | ୦.୧୦୦ | ୦.୦୪୦ | |
| ୧୫ | ୨୭ | ୨୯୨/୭୭୩ ସ୍ଥ | ବାହାଲ ସାଧାରଣ | ୧.୧୬୦ | ୦.୦୯୦ | ତାରା ଚାନ୍ଦ ପଧାନ, ପି.: ବଟକୃଷ୍ଣ ପଧାନ, ଜା: ଥୋରିଆ, ବା: ନିଜଗାଁ |
| | | ୪୬୧/୮୩୦ ସ୍ଥ | ଗୋଡ଼ା ଦୁଇ | ୦.୪୨୦ | ୦.୩୮୦ | |
| | | ୪୬୩ ସ୍ଥ | ମାଳ ସାଧାରଣ/୧୬ | ୦.୪୫୦ | ୦.୩୯୦ | |
| | | ୬୦୪/୯୧୦ | ଗୋଡ଼ା ଦୁଇ | ୦.୧୮୦ | ୦.୧୮୦ | |
| ୧୬ | ୨୯ | ୩୩୪ | ମାଳ ସାଧାରଣ | ୦.୦୨୦ | ୦.୦୨୦ | ଦୁଲଭ କିସାନ, ରବି କିସାନ, ତିଳ କିସାନ, ପି.: ସାଇବ କିସାନ, ଜା: କିସାନ, ବା: ନିଜଗାଁ |
| | | ୩୩୬ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୩୪୧ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୩୪୨ ସ୍ଥ | ମାଳ ସାଧାରଣ | ୦.୨୮୦ | ୦.୦୬୦ | |
| | | ୩୪୫ | ମାଳ ସାଧାରଣ/୫ | ୦.୧୧୦ | ୦.୧୧୦ | |
| ୧୭ | ୩୫ | ୩୧୮ | ମାଳ ସାଧାରଣ | ୦.୨୮୦ | ୦.୨୮୦ | ନାଗା କିସାନ, ପି.: ଘାସି କିସାନ, ଜା: କିସାନ, ବା: ନିଜଗାଁ |
| | | ୩୨୪ | ମାଳ ସାଧାରଣ | ୦.୦୬୦ | ୦.୦୬୦ | |
| | | ୪୧୨ | ବାହାଲ ସାଧାରଣ | ୦.୦୭୦ | ୦.୦୭୦ | |
| ୧୮ | ୪୩ | ୪୧୧ ସ୍ଥ | ଆଡ଼ି | ୦.୦୬୦ | ୦.୦୨୦ | ବିମଳା ସାହୁ, ସ୍ୱା.: ବଂଶୀଧର ସାହୁ, ଜା: ଚଷା, ବା: ଭଲ୍ଲ ବଡ଼କୁଦର |
| ୧୯ | ୪୪ | ୩୧୩ | ମାଳ ସାଧାରଣ | ୦.୦୭୦ | ୦.୦୪୦ | ବୁଟୁ କିସାନ, ପି.: ଗଙ୍ଗା କିସାନ, ଜା: କିସାନ, ବା: ନିଜଗାଁ |
| | | ୩୧୫ | ମାଳ ସାଧାରଣ/୬ | ୦.୨୩୦ | ୦.୧୬୦ | |
| | | ୩୨୦/୭୭୯ | ମାଳ ସାଧାରଣ | ୦.୦୪୦ | ୦.୦୪୦ | |
| | | ୩୨୭ | ମାଳ ସାଧାରଣ | ୦.୦୪୦ | ୦.୦୪୦ | |
| | | ୪୧୨/୭୯୫ ସ୍ଥ | ବାହାଲ ସାଧାରଣ | ୦.୦୭୦ | ୦.୦୧୦ | |
| | | ୫୧୨ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| ୨୦ | ୪୬ | ୨୧୯ ସ୍ଥ | ମାଳ ସାଧାରଣ/୧୦୦ | ୩.୩୨୦ | ୦.୮୭୦ | ବେଲ ପାଣ, ସ୍ୱା.: ଦୟାନିଧି ପାଣ, କ୍ଷୀରୋଦ ପାଣ, ଗିରିଧାରୀ ପାଣ, ପି.: ଦୟାନିଧି ପାଣ, ଜା: ପାଣ, ବା: କଲା |
| ୨୧ | ୪୮ | ୬୧୩ ସ୍ଥ | ଗୋଡ଼ା ଦୁଇ | ୦.୭୨୦ | ୦.୧୦୦ | ଭଗବାନ କିସାନ, କୁମୁଦ କିସାନ, ପି.: କାଶି କିସାନ, କଷ୍ଟ କିସାନ, ବିଷ କିସାନ, ପି.: ବୁଟା କିସାନ, ଜା: କିସାନ, ବା: ନିଜଗାଁ |
| ୨୨ | ୫୦ | ୬୯୬ ସ୍ଥ | ଗୋଡ଼ା ଦୁଇ | ୦.୩୨୦ | ୦.୧୮୦ | ଭିକ ନାଏକ, ଯୋଗୀ ନାଏକ, ଭୁବନ ନାଏକ, ପି.: ଅନାମୁ ନାଏକ, ଜା: ପାଣ, ବା: ନିଜଗାଁ |
| ୨୩ | ୫୫ | ୩୪୩ ସ୍ଥ | ମାଳ ସାଧାରଣ/୮ | ୦.୧୯୦ | ୦.୦୧୦ | ରଥି କିସାନ, ପି.: କୁଶ କିସାନ, ଜା: କିସାନ, ବା: ନିଜଗାଁ |
| | | ୩୪୪ ସ୍ଥ | ମାଳ ସାଧାରଣ/୪ | ୦.୨୨୦ | ୦.୦୬୦ | |
| ୨୪ | ୫୬ | ୨୧୬ ସ୍ଥ | ମାଳ ସାଧାରଣ/୯ | ୦.୨୯୦ | ୦.୨୧୦ | ରବି ପାଣ, କଷ୍ଟୁ ପାଣ, ପି.: ବାଞ୍ଛା ପାଣ, ଡମଣୀ ପାଣ, ସ୍ୱା.: ବାଞ୍ଛା ପାଣ, ହୃଦା ପାଣ, ପି.: ବକୁଳି ପାଣ, ହିମା ପାଣ, ଜୟନ୍ତି ପାଣ, ଚମ୍ପା ପାଣ, ପି.: ଗୋବର୍ଦ୍ଧନ ପାଣ, ନଳିନୀ ପାଣ, ସ୍ୱା.: ଗୋବର୍ଦ୍ଧନ ପାଣ, ଜା: ପାଣ, ବା: କଲା |
| | | ୨୧୭ | ମାଳ ସାଧାରଣ/୧୦ | ୦.୩୨୦ | ୦.୩୨୦ | |
| ୨୫ | ୫୭ | ୩୧୪ ସ୍ଥ | ମାଳ ସାଧାରଣ/୪ | ୦.୨୯୦ | ୦.୨୪୦ | ରାମ କିସାନ, ପି.: ଘାସି କିସାନ, ଜା: କିସାନ, ବା: ନିଜଗାଁ |
| | | ୩୨୫ | ମାଳ ସାଧାରଣ | ୦.୦୬୦ | ୦.୦୬୦ | |
| | | ୩୨୬ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୩୨୯ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| ୨୬ | ୬୦ | ୪୧୭ ସ୍ଥ | ଆଡ଼ି | ୦.୦୯୦ | ୦.୦୫୦ | ରାମ କିସାନ, ଚୁଳି କିସାନ, ନାଗା କିସାନ, ଗୋବିନ୍ଦ କିସାନ, ପି.: ଘାସି କିସାନ, ବୁଟୁ କିସାନ, ପି.: ଗଙ୍ଗା କିସାନ, କହ୍ନେଇ କିସାନ, ଗାଧୁ କିସାନ, ପି.: ଗୋବର୍ଦ୍ଧନ କିସାନ, ଜା: କିସାନ, ବା: ନିଜଗାଁ |
| ୨୭ | ୭୦/୧୧ | ୬୦୬ | ଗୋଡ଼ା ଦୁଇ | ୦.୧୫୦ | ୦.୧୫୦ | ଅର୍ଜୁନ ମୋହନ କିସାନ, ଦିର୍ଯ୍ୟ କିସାନ, ଅନାଦି କିସାନ, ସପନ କିସାନ, ପି.: ଇନ୍ଦ୍ର କିସାନ, ଜା: କିସାନ, ବା: ନିଜଗାଁ |
| ୨୮ | ୭୦/୧୩ | ୩୪୬ ସ୍ଥ | ମାଳ ସାଧାରଣ | ୦.୪୦୦ | ୦.୨୨୦ | ନିରଞ୍ଜନ ମାହାନ୍ତ, ପି.: ଶତ୍ରୁଘ୍ନ ମାହାନ୍ତ, ଜା: ମାହାନ୍ତ, ବା: ଖଡ଼ିନାଳି |
| | | ୩୪୭ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| ୨୯ | ୭୦/୬୭ | ୫୯୫ ସ୍ଥ | ଗୋଡ଼ା ଦୁଇ | ୦.୬୨୦ | ୦.୧୦୦ | ତେଜରାଜ ପ୍ରଧାନ, ପି.: ଡିଲେଶ୍ୱର ପ୍ରଧାନ, ଜା: ଥୋରିଆ, ବା: ନିଜଗାଁ |
| ୩୦ | ୭୦/୨୨ | ୫୯୪/୯୫୫ ସ୍ଥ | ଗୋଡ଼ା ଦୁଇ | ୦.୩୦୦ | ୦.୦୨୦ | ରାମଜି ପଟେଲ, ପି.: ଦେବାସି ପଟେଲ, ଜା: ପଟେଲ, ବା: ନିଜଗାଁ |
| ୩୧ | ୭୦/୮୫ | ୫୯୯ ସ୍ଥ | ଘରବାରି | ୦.୧୩୦ | ୦.୦୪୦ | ସସ୍ମିତା ପ୍ରଧାନ, ସ୍ୱା.: ତେଜରାଜ ପ୍ରଧାନ, ଜା: ଥୋରିଆ, ବା: ନିଜଗାଁ |
| | | | ମୋଟ | ୨୭.୧୯୦ | ୧୦.୬୧୦ | |

ଭୂ-ଅର୍ଜନ ଜୋନ ଅଧିକାରୀ
ତାଳଚେର-ବିମଳାଗଡ଼ ନୂତନ ଓସାରିଆ
ରେଳପଥ ପ୍ରକଳ୍ପ, ସୁନ୍ଦରଗଡ଼

ସୁଧାଂଶୁ ମୋହନ ସାମଲ, ଭା.ପ୍ର.ସେ.
ଜିଲ୍ଲାପାଳ, ଦେବଗଡ଼

OIPR-24010/14/0010/2223

## ଶେୟାର ବଜାରରେ ଅସ୍ଥିରତା ଜାରି

ନୂଆଦିଲ୍ଲୀ: ଗତ କିଛିଦିନ ହେବ ଦଲାଲ ଷ୍ଟ୍ରିଟ୍‌ର କାରବାର ଉପର ତଳ (ଲାଭ -କ୍ଷତି) ହୋଇ ଶେଷ ହେଉଛି। ବିଶେଷକରି ଚଳିତ ସପ୍ତାହର ସମସ୍ତ କାର୍ଯ୍ୟଦିବସ ଏକ ଅସ୍ଥିରତା କାରବାର ମଧ୍ୟରେ ବନ୍ଦ ହୋଇଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ମଧ ଭିନ୍ନ ରହିଛି। ଗୋଟିଏ ପଟରେ ବିଏସ୍‌ଇ ସେନ୍‌ସେକ୍ସ କିଛି ମାତ୍ରରେ ଲାଭ କରିଥିବା ବେଳେ ଏନ୍‌ଏସ୍‌ଇର ନିଫ୍ଟି କାରବାର କ୍ଷତି ହୋଇଥିବା ଜଣାପଡିଛି। ଫଳରେ ଶୁକ୍ରବାର ସେନ୍‌ସେକ୍ସ ୩୭ (୩୬.୭୩) ପଏଣ୍ଟ ବୃଦ୍ଧି ପାଇ ୫୮,୮୦୩.୩୩ ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ୩ (୩.୩୫) ପଏଣ୍ଟ ହ୍ରାସ ଘଟି ୧୭,୫୩୯.୪୫ ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଲକ୍ଷ୍ମଣ ନରସିଂହନ ଷ୍ଟାର୍‌ବକ୍ସର ସିଇଓ ନିଯୁକ୍ତ



ନୂଆଦିଲ୍ଲୀ,୨।୯: ବହୁରାଷ୍ଟ୍ରୀୟ କଫି କମ୍ପାନୀ ଷ୍ଟାର୍‌ବକ୍ସର ନୂତନ ସିଇଓ ଭାବେ ଲକ୍ଷ୍ମଣ ନରସିଂହନଙ୍କୁ ନିଯୁକ୍ତ କରାଯାଇଛି। ଚଳିତ ବର୍ଷ ଅକ୍ଟୋବର ୧ରୁ ଲକ୍ଷ୍ମଣ ଉକ୍ତ କମ୍ପାନୀରେ ଯୋଗଦେଲେ ବି ୨୦୨୩ ଏପ୍ରିଲରେ ସେ କମ୍ପାନୀର ମୁଖ୍ୟ ଭାବେ ଦାୟିତ୍ୱ ନିର୍ବାହ କରିବେ ବୋଲି ଷ୍ଟାର୍‌ବକ୍ସ ପକ୍ଷରୁ କୁହାଯାଇଛି। ଏପରିକି ସେ ପର୍ଯ୍ୟନ୍ତ ସେ ଅସ୍ଥାୟୀ ସିଇଓ ହାୱାର୍ଡ ସଲ୍‌ଟଙ୍କ ଅଧୀନରେ କାର୍ଯ୍ୟ କରିବେ। କମ୍ପାନୀର ସମସ୍ତ କାର୍ଯ୍ୟକଳାପ ଓ ଲୋକ ସମ୍ପର୍କ ସହ ବ୍ୟବସାୟିକ ଢାଞ୍ଚା ବିଷୟରେ ଅବଗତ ହୋଇଗଲା ପରେ ଲକ୍ଷ୍ମଣ ନେତୃତ୍ୱ ନେବେ ବୋଲି କମ୍ପାନୀ ମତପ୍ରକାଶ କରିଛି। ଉଲ୍ଲେଖଯୋଗ୍ୟ ଯେ, ଲକ୍ଷ୍ମଣ ଜଣେ ଭାରତୀୟ ଏବଂ ସେ ପୁଣେ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିଥିବାବେଳେ ଜର୍ମାନୀରୁ ସ୍ନାତକୋତ୍ତର ଏବଂ ୟୁନିଭର୍ସିଟି ଅଫ୍ ପେନିସଲ୍‌ଭାନିଆର 'ଲଡର ଇନ୍‌ଷ୍ଟିଚ୍ୟୁଟ୍‌ରୁ ଆନ୍ତର୍ଜାତିକ ଅଧ୍ୟୟନ ଶେଷ କରିଛନ୍ତି।

### ୱିଣ୍ଡଫଲ୍ ଟ୍ୟାକ୍ସ ବଢ଼ାଇଲେ ସରକାର

ନୂଆଦିଲ୍ଲୀ,୨।୯: ଚଳିତ ବର୍ଷ ସେପ୍ଟେମ୍ବର ୧ରୁ କେନ୍ଦ୍ର ସରକାର ପୁଣି ଥରେ ୱିଣ୍ଡଫଲ୍ ପ୍ରଫିଟ୍ ଟ୍ୟାକ୍ସ ବଢ଼ାଇଛନ୍ତି। ଏହା ପରେ ତେଲ କମ୍ପାନୀଗୁଡିକ ବିଦେଶକୁ ଡିଜେଲ ରପ୍ତାନି ଉପରେ ଲିଟର ପିଛା ୧୩.୫୦ ଟଙ୍କା ଏବଂ ଏଟିଏଫ୍‌ର ରପ୍ତାନି ଉପରେ ୯ ଟଙ୍କା ପ୍ରତି ଲିଟର ଦେବାକୁ ପଡ଼ିବ। ଏହା ସହ ଦେଶରେ ଉତ୍ପାଦିତ ହେଉଥିବା ଅଶୋଧିତ ତୈଳ ଉପରେ ୱିଣ୍ଡଫଲ୍ ପ୍ରଫିଟ୍ ଟ୍ୟାକ୍ସ ୩୦୦ ଟଙ୍କା ବୃଦ୍ଧିକରି ୧୩,୩୦୦ ଟଙ୍କା କରି ଦିଆଯାଇଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଏକ ଅଧିସୂଚନା ଜାରି କରି ଚତୁର୍ଥ ସମୀକ୍ଷା ବୈଠକରେ ୱିଣ୍ଡଫଲ ପ୍ରଫିଟ ଟ୍ୟାକ୍ସ ବଢାଇବା ନେଇ ନିଷ୍ପତ୍ତି ନିଆଯାଇଛି ବୋଲି କହିଛନ୍ତି।

# ୧ମ ତ୍ରୈମାସରେ ୩.୭ କୋଟି ଅଳଙ୍କାର ହଲ୍‌ମାର୍କ ଚିହ୍ନିତ

ନୂଆଦିଲ୍ଲୀ,୨।୯

ଦେଶର ସୁନା ବ୍ୟବସାୟ ଓ ଗ୍ରାହକ ଠକେଇ ଘଟଣାକୁ ଗୁରୁତ୍ୱ ସହ ନେଇ ସରକାର ୨୦୨୧ ଜୁନ୍ ୧୬ରେ ସୁନା କାରବାରରେ ହଲ୍‌ମାର୍କିଂକୁ ବାଧ୍ୟତାମୂଳକ କରାଯାଇଥିଲା। ଏପରିକି ସରକାରଙ୍କ ନିର୍ଦ୍ଦେଶନାମାକୁ କେନ୍ଦ୍ରୀୟ ସଂସ୍ଥା ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ପକ୍ଷରୁ ସୁନା ଅଳଙ୍କାରଗୁଡ଼ିକରେ ହଲ୍‌ମାର୍କର ବାଧ୍ୟତାମୂଳକ ସହ ବିନା ହଲ୍‌ମାର୍କରେ କାରବାର କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସମ୍ପର୍କରେ ଘୋଷଣା କରିଥିଲେ। ଫଳରେ ସୁନା କାରବାର ଓ ଠକେଇର ମାତ୍ରା ପୂର୍ବାପେକ୍ଷା କମିଥିଲା। ସେହିଭଳି ଚଳିତ ଆର୍ଥିକ ବର୍ଷର ୧ମ (ଏପ୍ରିଲ-ଜୁନ୍) ତ୍ରୈମାସିକରେ ପ୍ରାୟ ୩.୭ କୋଟି ଅଳଙ୍କାର ସାମଗ୍ରୀରେ ହଲ୍‌ମାର୍କ ଚିହ୍ନିତ କରାଯାଇଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ସେହିଭଳି ୨୦୨୧-୨୨ ଆର୍ଥିକ ବର୍ଷରେ ୮.୬୮ କୋଟି ଅଳଙ୍କାର ସାମଗ୍ରୀ ଗୁଡ଼ିକରେ ହଲ୍‌ମାର୍କ ଚିହ୍ନ ଦିଆଯାଇଥିଲା। ଗତ ବର୍ଷ ଜୁଲାଇ ୧ରେ ହଲ୍‌ମାର୍କ ସ୍ୱତନ୍ତ୍ର ଚିହ୍ନଟ (ଏଚ୍‌ୟୁଆଇଡି) ଆଧାରିତ ହଲ୍‌ମାର୍କ ପୋର୍ଟାଲର ମଧ ଶୁଭାରମ୍ଭ କରାଯାଇଥିଲା। ଏଥିରେ ଆସେସିଂ ଓ ହଲ୍‌ମାର୍କିଂ କେନ୍ଦ୍ର (ଏଏଚ୍‌ସ)ର ସବୁ କାର୍ଯ୍ୟକୁ ସ୍ୱୟଂଚାଳିତ ଏବଂ ଅନ୍‌ଲାଇନ୍ କରାଯାଇଛି। ଫଳରେ ମାନ୍ୟତାପ୍ରାପ୍ତ ଏଏଚ୍‌ସିଗୁଡ଼ିକର ସଂଖ୍ୟା ୧,୨୨୦କୁ ବୃଦ୍ଧି ପାଇଛି। ସେହିପରି ୨୦୨୨ ଏପ୍ରିଲ ୪ରୁ ବାଧ୍ୟତାମୂଳକ ହଲ୍‌ମାର୍କର ୨ୟ ପର୍ଯ୍ୟାୟ କାର୍ଯ୍ୟକାରୀ କରାଯାଇଥିଲା।

### ହ୍ରାସ ପାଉଛି ସୁନା ଅଳଙ୍କାର ମୂଲ୍ୟ

ନୂଆଦିଲ୍ଲୀ,୨।୯: ଗତ କିଛିଦିନ ହେବ ସୁନା ଦର ପୂର୍ବାପେକ୍ଷା ହ୍ରାସ ପାଉଛି। ଫଳରେ ଗ୍ରାହକ ମଧ ନିଜ ଆବଶ୍ୟକ ମୁତାବକ ସୁନା ଅଳଙ୍କାର କ୍ରୟ କରୁଥିବା ଦେଖାଯାଇଛି। ଏପରିକି ଚଳିତ ବର୍ଷର ପାର୍ବଣ ଋତୁକୁ ନଜରରେ ରଖି ସୁନା ବ୍ୟବସାୟୀମାନେ ନୂଆ ନୂଆ ଅଳଙ୍କାର ଡିଜାଇନ ସମ୍ଭାରର ବଜାର ପ୍ରବେଶ କରାଉଛନ୍ତି। ଇଣ୍ଡିଆନ ବୁଲିଆନ ଆଣ୍ଡ ଜୁଏଲର୍ସ ଆସୋସିଏଶନ (ଆଇବିଜେଏ) ର କହିବା ଅନୁସାରେ ନୂଆଦିଲ୍ଲୀରେ ଶୁକ୍ରବାର ସୁନା,ରୁପାର ମୂଲ୍ୟରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ସେହିଭଳି ଗୁରୁବାର ସୁନା କାରବାର ବନ୍ଦ ମୂଲ୍ୟ ତୁଳନାରେ ଶୁକ୍ରବାର ସୁନା ୩୦୦ ଟଙ୍କା ଏବଂ ରୁପା ୯୦୦ ଟଙ୍କା ଶସ୍ତାରେ ବିକ୍ରି ହୋଇଛି। ଫଳରେ ୯୯୯ ବର୍ଗ ୧୦ଗ୍ରାମର ସୁନା ମୂଲ୍ୟ ୫୦,୪୭୦ ଟଙ୍କାରେ ରହିଛି। ସେହିପରି ଭୁବନେଶ୍ୱରରେ ମଧ ୨୪ କ୍ୟାରେଟ ସୁନାର ମୂଲ୍ୟ ୫୦,୬୧୮ ଟଙ୍କା ଥିବା ବେଳେ ୨୨ କ୍ୟାରେଟର ମୂଲ୍ୟ ୪୬,୫୦୦ ଟଙ୍କା ରହିଛି।

# ଏସ୍‌ପିଆଇ ପକ୍ଷରୁ ରୁଫ୍ ଟପ୍ ସୋଲାର ପ୍ରୋଗ୍ରାମ

ଭୁବନେଶ୍ୱର,୨।୯

ଦେଶର ପ୍ରମୁଖ ସାମାଜିକ ଅନୁଷ୍ଠାନ ରକ୍‌ଫେଲର ଫାଉଣ୍ଡେଶନର ସହାୟକ ସଂସ୍ଥା ସ୍ମାର୍ଟ ପାୱାର ଇଣ୍ଡିଆ (ଏସ୍‌ପିଆଇ) ପକ୍ଷରୁ ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇ ବର୍ଗଙ୍କ ପାଇଁ ରୁଫ୍ ଟପ୍ ସୋଲାର ପ୍ରୋଗ୍ରାମର ଶୁଭାରମ୍ଭ କରାଯାଇଛି। ରୁଫ୍ ଟପ୍ ସୋଲାର ପ୍ରୋଗ୍ରାମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ୨୦୨୪ ସୁଦ୍ଧା ୧୫୦ ମେଗାୱାଟ ରୁଫ୍ ଟପ୍ ସୋଲାର ଇନ୍‌ଷ୍ଟାଲେଶନ କରିବା ସହ ବାର୍ଷିକ ୧,୫୦,୦୦୦ ଟନ ଅଙ୍ଗାରକାମ୍ଳ ସ୍ଥାନାନ୍ତର କରିବା। ଏକ ଇକୋସିଷ୍ଟମ ସୃଷ୍ଟିକରି ରାଜ୍ୟର ନିୟୁତାଧିକ ଏମ୍‌ଏସ୍‌ଏମ୍‌ଇଙ୍କ ତୈଳ (ଡିଜେଲ) ନିର୍ଭରଶୀଳତାକୁ ହ୍ରାସ କରିବା। ଫଳସ୍ୱରୂପ ବିଦ୍ୟୁତ୍ ପାଇଁ ବ୍ୟବହୃତ ଲକ୍ଷ ଲକ୍ଷ ଲିଟର ମହଙ୍ଗା ଡିଜେଲ ବ୍ୟବହୃତ ହେଉଛି। ରୁଫ୍ ଟପ୍ ସୋଲାର ପକ୍ଷରୁ ଡିଆର୍‌ଇ ବିକଳ୍ପ ଉତ୍ପାଦନ ହାଇ ଲୋଡ୍ ଏମ୍‌ଏସ୍‌ଏମ୍‌ଇ ଗ୍ରାହକଙ୍କ ପାଇଁ ବ୍ୟବହାର କରାଯାଉଛି। ଏସବୁ ଗ୍ରାହକ ୧୦ କିଲୋୱାଟରୁ ୫୦ କିଲୋୱାଟ ବିଦ୍ୟୁତ୍ ବ୍ୟବହାର କରିଥାନ୍ତି। ଏ ସମ୍ପର୍କରେ ସ୍ମାର୍ଟ ପାୱାର ଇଣ୍ଡିଆର ହେଡ୍-ପ୍ରୋଗ୍ରାମ ସମିତ ମିତ୍ର କହିଛନ୍ତି, ଆମେ ଓଡ଼ିଶାରେ ରୁଫ୍ ଟପ୍ ସୋଲାର ପ୍ରୋଗ୍ରାମର ଶୁଭାରମ୍ଭ କରି ବେଶ୍ ଆନନ୍ଦିତ ଅଛୁ। ଆମର ଦୃଷ୍ଟିକୋଣ ଗ୍ରାମାଞ୍ଚଳରେ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ସଶକ୍ତୀକରଣ ଏବଂ ସାମଗ୍ରିକ ସାମାଜିକ-ଅର୍ଥନୈତିକ ବିକାଶ ମାଧ୍ୟମରେ ଜୀବନକୁ ଉନ୍ନତ କରାଇବ।

# ଏସ୍‌ଏସ୍‌ଜି ମହିଳାଙ୍କୁ ମହିନ୍ଦ୍ରା ଟ୍ରିଓ ପ୍ରଦାନ



ଭୁବନେଶ୍ୱର,୨।୯

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ମହିନ୍ଦ୍ରା ଓ ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ନୂଆପଡ଼ାଠାରେ ଏକ ସ୍ୱତନ୍ତ୍ର ମହିଳା ସମାବେଶ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲାର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏସ୍‌ଜି)ର ମହିଳାମାନଙ୍କୁ ମହିନ୍ଦ୍ରାର ଇଲେକ୍‌ଟ୍ରିକ ଭେଇକିଲ (ଇଭି) ଯାନ 'ମହିନ୍ଦ୍ରା ଟ୍ରିଓ'ପ୍ରଦାନ କରାଯାଇଥିଲା। ବିଶେଷକରି ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ସାଙ୍ଗକୁ ରୋଜଗାର ଯୋଗାଇଦେବା ଲକ୍ଷ୍ୟରେ ଏଭଳି ସହଯୋଗ କରାଯାଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ଯୋଜନା ଓ ସଂଯୋଜନା ବିଭାଗ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିନ୍ଦ୍ରାର ଇଭି ଯାନ 'ମହିନ୍ଦ୍ରା ଟ୍ରିଓ'ର ଚାବି ଏସ୍‌ଏସ୍‌ଜି ମହିଳାମାନଙ୍କୁ ମିଶନ ଶକ୍ତି ଜରିଆରେ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଭୟ ମହିନ୍ଦ୍ରା ଓ ମିଶନ ଶକ୍ତିର ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ସ୍ଥାନୀୟ ଲୋକପ୍ରତିନିଧି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଖାଇବାତେଲ ଆମଦାନୀ ଶୁଳ୍କ ୬ ମାସ ବଢ଼ିଲା

ନୂଆଦିଲ୍ଲୀ,୨।୯

ବିଦେଶରୁ ଆମଦାନୀ ହେଉଥିବା ଖାଇବାତେଲ ଉପରେ ଲାଗୁ ହେଉଥିବା କଷ୍ଟମ ଡ୍ୟୁଟି, କୃଷି ଇନ୍‌ଫ୍ରା ଓ ଡେଭଲପମେଣ୍ଟ ସେସ୍‌ର ରିହାତି ଅବଧି ଆଉ ୬ ମାସ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ବର୍ତ୍ତମାନ ଖାଇବାତେଲ ଆମଦାନୀ ଉପରେ ୨୦୨୩ ମାର୍ଚ୍ଚ ପର୍ଯ୍ୟନ୍ତ ଏହି ଛାଡ଼ ସୁବିଧା ମିଳିବ। ୨୦୨୧ ଅକ୍ଟୋବରରେ ସରକାର ପ୍ରଥମ ଥର ପାଇଁ ଅଶୋଧିତ ସୋୟାବିନ, ସନ୍‌ଫ୍ଲାୱାର ଓ ପାମ୍ ଅଏଲ ଆମଦାନୀ ଉପରେ ୨୦୨୨ ମାର୍ଚ୍ଚ ପର୍ଯ୍ୟନ୍ତ କଷ୍ଟମ ଡ୍ୟୁଟି ଓ କୃଷି ଇନ୍‌ଫ୍ରା ଓ ଡେଭଲପମେଣ୍ଟ ସେସ୍ ଛାଡ଼ ଘୋଷଣା କରିଥିଲେ। ମାର୍ଚ୍ଚରେ ସେପ୍ଟେମ୍ବର ପର୍ଯ୍ୟନ୍ତ ଏହି ସମ୍ପ୍ରସାରଣ କରାଯାଇଥିବା ବେଳେ ସରକାର ଆଉ ୬ ମାସ ବଢ଼ାଇ ଦେଇଛନ୍ତି। ସେହିଭଳି ଗତ ଫେବୃଆରୀରେ ସରକାର ମସୁର ଆମଦାନୀ ଉପରେ କୃଷି ଇନ୍‌ଫ୍ରା ଓ ଡେଭଲପମେଣ୍ଟ ସେସ୍ ରିହାତି ଘୋଷଣା କରିଥିଲେ।

# ୟୁଏନ୍‌ଏସ୍‌ଏଟିର ୨ୟ ସଂସ୍କରଣ ଖୁବ୍‌ଶୀଘ୍ର

ଭୁବନେଶ୍ୱର,୨।୯

ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ବା ଟେଷ୍ଟ ପ୍ଲାଟ୍‌ଫର୍ମ ଅନ୍ ଏକାଡେମିର ଜାତୀୟସ୍ତରର ପରୀକ୍ଷା 'ଅନ୍‌ଏକାଡେମି ନ୍ୟାଶନାଲ ସ୍କଲାରଶିପ ଆଡମିଶନ ଟେଷ୍ଟ (ୟୁଏନ୍‌ଏସ୍‌ଏଟି) ର ୨ୟ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରୀକ୍ଷା ଚଳିତ ବର୍ଷ ସେପ୍ଟେମ୍ବର ୮ ରୁ ଅକ୍ଟୋବର ୧୫ ମଧ୍ୟରେ ଭାରତର ୬୪ଟି ପ୍ରମୁଖ ଶିକ୍ଷାନୁଷ୍ଠାନରେ ଅନୁଷ୍ଠିତ ହେବ। ଏପରିକି ୟୁଏନ୍‌ଏସ୍‌ଏଟି ପରୀକ୍ଷା ଏନ୍‌ଇଇଟି-ୟୁଜି, ଆଇଆଇଟି-ଜେଇଇ ଏବଂ ଫାଉଣ୍ଡେଶନ (୯ମରୁ ଦ୍ୱାଦଶ) ପାଠ୍ୟକ୍ରମର ସମସ୍ତ ଶିକ୍ଷାର୍ଥୀ ଦେଇପାରିବେ। ସେମାନଙ୍କର କାର୍ଯ୍ୟଦକ୍ଷତାକୁ ଆଧାରକରି, ଆବେଦନକାରୀମାନେ ଅନ୍‌ଲାଇନ୍ ସବ୍‌ସ୍କ୍ରିପସନ୍ ଏବଂ ଅନାକେଡେମି କେନ୍ଦ୍ରରେ ନାମଲେଖା ଉପରେ ୧୦୦% ସ୍କଲାରଶିପ୍ ପାଇବାକୁ ଯୋଗ୍ୟ ହେବେ। ଏହି ପରୀକ୍ଷା ଆସନ୍ତା ୮ ଏବଂ ୧୫ ଅକ୍ଟୋବରରେ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍ ମୋଡ୍‌ରେ ଅନୁଷ୍ଠିତ ହେବ। ଯେଉଁମାନେ ଅନ୍‌ଲାଇନ୍ ମୋଡ୍ ବାଛନ୍ତି ସେମାନେ ଘରୁ ପରୀକ୍ଷା ଦେଇପାରିବେ ଏବଂ ଅଫ୍‌ଲାଇନ୍ ମୋଡ୍ ବାଛିଥିବା ଆବେଦନକାରୀମାନେ ପରୀକ୍ଷା ଦିନ ସେମାନଙ୍କର ନିର୍ଦ୍ଧାରିତ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇପାରିବେ। ଏହାଛଡ଼ା ଅଧିକରୁ ଅଧିକ ଶିକ୍ଷାର୍ଥୀଙ୍କୁ ଉପକୃତ କରିବା ପାଇଁ ୧୨ ରୁ ୧୪ ଅକ୍ଟୋବର ପର୍ଯ୍ୟନ୍ତ କିଛି ବିଦ୍ୟାଳୟର ସହଯୋଗରେ ସେମାନଙ୍କ ପରିସରରେ ଅନ୍‌ଏକାଡେମି ନ୍ୟାଶନାଲ ସ୍କଲାରଶିପ୍ ଆଡମିଶନ ପରୀକ୍ଷା ଅନୁଷ୍ଠିତ ହେବ। ଅଫ୍‌ଲାଇନରେ ପରୀକ୍ଷା ଦେଉଥିବା ଆବେଦନକାରୀମାନଙ୍କ ପାଇଁ ସମସ୍ତ ପ୍ରଯୁଜ୍ୟ ବିବରଣୀ ସହ ଆଡମିଟ୍ କାର୍ଡ ଇମେଲ୍ ମାଧ୍ୟମରେ ପ୍ରଦାନ କରାଯିବ ଏବଂ ଫଳାଫଳ ଚଳିତ ବର୍ଷ ଅକ୍ଟୋବର ୨୧ରେ ଘୋଷଣା କରାଯିବ।

## ଫୁର୍‌ସତ୍

# ଡିଜିଟାଲ ରେପ୍: ବିପଦରେ ନାବାଳିକା

ନୂଆଦିଲ୍ଲୀ



ନୋଏଡା ସୁରଜପୁର ଜିଲା ସଲାରପୁର ଗ୍ରାମର ଜଣେ ୬୫ ବର୍ଷୀୟ ବ୍ୟକ୍ତିଙ୍କୁ ଡିଜିଟାଲ ରେପ୍ ଅଭିଯୋଗରେ ସେସନ୍ସ କୋର୍ଟ ମଙ୍ଗଳବାର ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ପୋସ୍କୋ ଆକ୍ଟ ଅନ୍ତର୍ଗତ ଆଇପିସି ଧାରା ୩୭୫ ଅଧୀନରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ନୋଏଡା ସେକ୍ଟର ୩୯ ପୋଲିସ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ଆକବର ଅଲ୍ଲୀଙ୍କ ଘର ପଶ୍ଚିମବଙ୍ଗରେ। ୨୦୧୯ରେ ନୋଏଡା ସଲାରପୁରରେ ରହୁଥିବା ତାଙ୍କ ଝିଅ ଘରକୁ ସେ ବୁଲିବା ପାଇଁ ଆସିଥିଲେ। ପାଖଘରେ ରହୁଥିବା ସାଢ଼େ ତିନି ବର୍ଷର ଝିଅଙ୍କୁ ଚକୋଲେଟ ଦେବାର ପ୍ରଲୋଭନ ଦେଖାଇ ଆକବର ଅଲ୍ଲୀ ତାଙ୍କୁ ଡିଜିଟାଲ ରେପ୍ କରିଥିବା ପୋଲିସ କହିଛି। ପୀଡ଼ିତା ନାବାଳିକା ଜଣକ ଘରକୁ ଆସି କାନ୍ଦି କାନ୍ଦି ତାଙ୍କ ମା'ଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ପୀଡିତାଙ୍କ ପରିବାର ଏ ନେଇ ଥାନାରେ ଅଭିଯୋଗ କଲା ପରେ ପୋଲିସ ତୁରନ୍ତ ଆକବରଙ୍କୁ ଗିରଫ କରିନେଇଥିଲା। ଜାମିନ ପାଇଁ ସେ ହାଇକୋର୍ଟରେ ଆବେଦନ କରିଥିଲେ ହେଁ କୋର୍ଟ ଆବେଦନ ପତ୍ରକୁ ଖାରଜ କରିଦେଇଥିଲେ। ଆଜୀବନ କାରାଦଣ୍ଡ ସାଙ୍ଗକୁ ଆକବରଙ୍କୁ ୫୦ ହଜାର ଟଙ୍କା ଜରିମାନା ଦେବା ଲାଗି କୋର୍ଟ ଶୁଣାଣିରେ କହିଛନ୍ତି।

### ଡିଜିଟାଲ ରେପ୍ କ'ଣ?

ପ୍ରତ୍ୟେକ ଦିନ ବଳାତ୍କାର ସମ୍ବନ୍ଧୀୟ ଘଟଣା ସବୁ ଖବରକାଗଜ ଓ ନ୍ୟୁଜ୍ ଚ୍ୟାନେଲରେ ଦେଖିବାକୁ ମିଳୁଛି। ଏହି ବଳାତ୍କାର ମାମଲାରେ ଏବେ ଡିଜିଟାଲ ରେପ୍ ଯୋଡ଼ିହୋଇଛି। ଅନେକଙ୍କ ମନରେ ଏହି ରେପ୍ ସମ୍ବନ୍ଧୀୟ ଭୁଲ ଧାରଣା ରହିଛି। ଏଥିରେ ବ୍ୟବହୃତ୍ ହୋଇଥିବା ଡିଜିଟାଲ ଶବ୍ଦର ଅର୍ଥ ଇଣ୍ଟରନେଟ୍ କିମ୍ବା ଭର୍ଚୁଆଲ ମୋଡ୍ ନୁହେଁ। ଇଂଲିଶ ଶବ୍ଦ କୋଷରେ ଡିଜିଟାଲର ଅର୍ଥ ଆଙ୍ଗୁଠି। ସରଳ ଭାବେ କହିବାକୁ ଗଲେ ଅଙ୍ଗୁଳକୁ ବ୍ୟବହାର କରି କରାଯାଉଥିବା ବଳାତ୍କାର ହେଉଛି ଡିଜିଟାଲ ରେପ୍। ୨୦୧୨ ଡିସେମ୍ବର ପର୍ଯ୍ୟନ୍ତ ଡିଜିଟାଲ ରେପ୍‌କୁ ବଳାତ୍କାର ଅନ୍ତର୍ଭୁକ୍ତ କରାଯାଇ ନ ଥିଲା। ଏହାକୁ ଶାରୀରିକ ନିର୍ଯାତନା ଭାବେ ଧରାଯାଉଥିଲା। ଅଧିକାଂଶ ବୟସ୍କ ବ୍ୟକ୍ତିଙ୍କ ବିରୋଧରେ ଡିଜିଟାଲ ରେପ୍ ଅନ୍ତର୍ଗତ ମାମଲା ରୁଜୁ ହୋଇଛି । ନିକଟରେ ନୋଏଡାର

### ବୟସ୍କଙ୍କ ନାଁରେ ଅଧିକ ମାମଲା

୫୦ ବର୍ଷୀୟ ମନୋଜ ଲାଲାଙ୍କୁ ଡିଜିଟାଲ ରେପ୍ ଅଭିଯୋଗରେ ଗିରଫ କରାଯାଇଥିବାବେଳେ ନୋଏଡାର ଆଉ ଜଣେ ବ୍ୟକ୍ତି ନିଜ ୫ ବର୍ଷର ଝିଅକୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ୨୦୨୧ରେ ୮୦ ବର୍ଷ ବୟସର ଜଣେ ପେଣ୍ଟର ତାଙ୍କ ଘରେ ରହୁଥିବା ଜଣେ ନାବାଳିକାଙ୍କୁ ଦୀର୍ଘ ୭ ବର୍ଷ ଧରି ଡିଜିଟାଲ ରେପ୍ କରିଥିବା ଅଭିଯୋଗ ହୋଇଥିଲା। ଡିଜିଟାଲ ରେପ୍ ସମ୍ବନ୍ଧୀୟ ଅଧିକାଂଶ ମାମଲା ବୟସ୍କ ଲୋକଙ୍କ ବିରୋଧରେ ଆସୁଛି। ଦେଶରେ ଏ ଭଳି ଅନେକ ଘଟଣା ଘଟୁଥିବାବେଳେ ଅଳ୍ପ ସଂଖ୍ୟକ ମାମଲା ହିଁ ଲୋକଲୋଚନକୁ ଆସୁଛି। ସାମାଜିକ ଅପବାଦ ଡରରେ ଡିଜିଟାଲ ରେପ୍‌ର ଶିକାର ହୋଇଥିବା ପୀଡ଼ିତା ଓ ସେମାନଙ୍କ ପରିବାର ଏ ନେଇ କୌଣସି ଅଭିଯୋଗ କରୁ ନ ଥିବା ମାମଲାର ଶୁଣାଣି ବେଳେ ସୁରଜପୁର ସେସନ୍ସ କୋର୍ଟ ଜଜ୍ କହିଛନ୍ତି।

# ୭୪ କୋଟି ଟଙ୍କାର ମାଲିକାଣୀ ସୋନାକ୍ଷୀ




ମୁମ୍ବାଇ: ଦବଙ୍ଗ, ରାଓଡି ରାଠୋର ଏବଂ ବୁଲେଟ ରାଜା ଭଳି ସୁପରହିଟ ଫିଲ୍ମରେ କାମ କରିଥିବା ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ବଲିଉଡରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସୋନାକ୍ଷୀ ତାଙ୍କ କଠିନ ପରିଶ୍ରମ ଆଧାରରେ କୋଟି କୋଟି ସମ୍ପତ୍ତିର ମାଲିକାଣୀ ହୋଇଛନ୍ତି। ସୋନାକ୍ଷୀ ଗୋଟିଏ ଫିଲ୍ମ ପାଇଁ ପ୍ରାୟ ୪ କୋଟି ଟଙ୍କା ନିଅନ୍ତି। ଏହା ବ୍ୟତୀତ, ସେ ବିଜ୍ଞାପନଗୁଡ଼ିକରୁ ଭଲ ଆୟ କରନ୍ତି। ତାଙ୍କର ମୋଟ ସମ୍ପତ୍ତି ମୂଲ୍ୟ ପ୍ରାୟ ୭୪ କୋଟି ଟଙ୍କା। ସୋନାକ୍ଷୀଙ୍କର ମୁମ୍ବାଇରେ ନିଜର ଏକ ବିଳାସପୂର୍ଣ୍ଣ ଘର ଅଛି। ସେ ୨୦୧୩ରେ ଏହି ଘର କିଣିଥିଲେ। ତାଙ୍କ ଘରର ମୂଲ୍ୟ ୧୧.୩ କୋଟି ଟଙ୍କା ବୋଲି କୁହାଯାଉଛି। ଏହି ଘର ବ୍ୟତୀତ ସୋନାକ୍ଷୀଙ୍କ ମୁମ୍ବାଇ ଏବଂ ଅନ୍ୟାନ୍ୟ ସହରରେ ମଧ ଅନେକ ସମ୍ପତ୍ତି ଅଛି। ସୋନାକ୍ଷୀ ସିହ୍ନାଙ୍କର କାର୍ ପ୍ରତି ଅଧିକ ଦୁର୍ବଳତା ରହିଛି। ଅଡ ସାଙ୍ଗକୁ ବିଏମଡବ୍ଲୁ, ରେଞ୍ଜ ରୋଭର ଏବଂ ମର୍ସିଡିଜ ଭଳି ମହଙ୍ଗା ବ୍ରାଣ୍ଡର ଗାଡି ତାଙ୍କର ଅଛି। ଗତ କିଛି ବର୍ଷ ମଧ୍ୟରେ ସୋନାକ୍ଷୀ ସିହ୍ନାଙ୍କ ସମ୍ପତ୍ତି ପ୍ରାୟ ୨୭ ପ୍ରତିଶତ ବୃଦ୍ଧି ପାଇଛି।

# ଜଳରୁ ବାହାରିବ ହାଇଡ୍ରୋଜେନ୍

ନୂଆଦିଲ୍ଲୀ: କାଲିଫର୍ନିଆ ୟୁନିଭର୍ସିଟିର ବୈଜ୍ଞାନିକମାନେ ଜଳରୁ ହାଇଡ୍ରୋଜେନ୍ ଉତ୍ପାଦନ କରିବା ଲାଗି ଏକ ମେଥଡ୍‌ର ଆବିଷ୍କାର କରିଛନ୍ତି। ରୁମ୍ ତାପମାତ୍ରାରେ ଜଳରୁ ହାଇଡ୍ରୋନ୍ ଉତ୍ପାଦନ କରାଯାଇ ପାରିବ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଆଲୁମିନିୟମ୍‌ର ନାନୋ ପାର୍ଟିକଲ ସହ ଜଳ ରସାୟନିକ କ୍ରିୟା ଦ୍ୱାରା ହାଇଡ୍ରୋଜେନ୍ ବାହାରିବ। ଆଲୁମିନିୟମ୍‌ର ଅତି କ୍ଷୁଦ୍ର କଣିକା ଜଳରେ ଥିବା ଅମ୍ଳଜାନ ସହ ରସାୟନିକ କ୍ରିୟା କରିବା ଫଳରେ ହାଇଡ୍ରୋଜେନ୍ ଉତ୍ପନ୍ନ ହୁଏ। ବହୁବର୍ଷ ଧରି ବୈଜ୍ଞାନିକାମାନେ ହାଇଡ୍ରୋଜେନ୍ ଉତ୍ପାଦନ ଲାଗି ଆଲୁମିନିୟମ ସଂକ୍ରାନ୍ତରେ ଅଧ୍ୟୟନ ଚଳାଇଥିବା କହିଛନ୍ତି। ଆଲୁମିନିୟମ୍ ଏବଂ ଜଳ ବ୍ୟତୀତ ଅନ୍ୟ କୌଣସି ରିଆକ୍ଟରର ଏଥିରେ ବ୍ୟବହାର କରାଯାଇ ନ ଥିବା କଲମ୍ବିଆ ସାଣ୍ଟାକ୍ରୁଜ୍ ପ୍ରଫେସର୍ ସ୍କଟ୍ ଅଲିଭର କହିଛନ୍ତି।




# ଚର୍ଚ୍ଚାରେ ଐଶ୍ୱର୍ଯ୍ୟାଙ୍କ ଡୁପ୍ଲିକେଟ୍



ମୁମ୍ବାଇ

ଆଜିର ସମୟରେ ସୋସିଆଲ ମିଡିଆ ଏମିତି ଏକ ପ୍ଲାଟଫର୍ମ ପାଲଟିଛି, ଯାହା କିଛି କ୍ଷଣକରେ ଜଣେ ସାଧାରଣ ଲୋକକୁ ଷ୍ଟାର୍ କରିଦେଉଛି। ବଲିଉଡ୍ ଷ୍ଟାରଙ୍କ ପରି ସୋସିଆଲ ମିଡିଆ ୟୁଜର ସେମାନଙ୍କ ପ୍ରତିଭା ଦେଖାଇବାରେ ଲାଗିଛନ୍ତି। ଏବେ ଜଣେ ଯୁବତୀଙ୍କ ଲୁକ ଅବିକଳ ନୀଳ ନୟନା ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ପରି। ଆଶିତା ରାଥୋଡ ନାମକ ଏହି ଯୁବତୀ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛନ୍ତି। ଯିଏ କି ଐଶ୍ୱର୍ଯ୍ୟାଙ୍କ ଗୀତରେ ଭିଡିଓ କରି ଏହି ଯୁବତୀ ଚର୍ଚ୍ଚାକୁ ଆସିଛନ୍ତି। କିନ୍ତୁ ଯେତେବେଳେ ପ୍ରଶଂସକମାନେ ତାଙ୍କ ଲୁକ ଦେଖନ୍ତି, ସେମାନେ ଆଉ ନଜର ହଟାନ୍ତି ନାହିଁ। ଆଶିତାଙ୍କୁ ତାଙ୍କ ପ୍ରଶଂସକମାନେ ଜୁନିୟର୍ ଐଶ୍ୱର୍ଯ୍ୟା ବୋଲି ଡାକୁଥାନ୍ତି। ଆଶିତା ତାଙ୍କ ବାୟୋରେ ଲେଖିଛନ୍ତି ସେ ଜଣେ କଳାକାର। ସୋସିଆଲ ମିଡିଆରେ ତାଙ୍କର ପାଖାପାଖି ୨ ଲକ୍ଷ ୫୩ ହଜାର ଫଲୋୟର୍ସ ଅଛନ୍ତି। ଲୋକମାନେ ସୋସିଆଲ ମିଡିଆ କମେଣ୍ଟ ଜରିଆରେ ତାଙ୍କୁ ଖୁବ୍ ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି। କେବଳ ଆଶିତା ନୁହଁନ୍ତି, ଅଭିନେତ୍ରୀ ସ୍ନେହା ଉଲାଲ ମଧ ଅବିକଳ ଐଶ୍ୱର୍ଯ୍ୟାଙ୍କ ଭଳି ଦେଖାଯାନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

ବାଲିଆ,୨।୯(ସ୍ୱ.ପ୍ର.): ବିରିଡି ଥାନା ହାଜିପୁର ପଞ୍ଚାୟତ ଅନ୍ତର୍ଗତ କମାଶାସନ(ବଗୁଲା) ଗ୍ରାମରେ ଶୁକ୍ରବାର ଅପରାହ୍ଣରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ଜଳନ୍ଧର ସ୍ୱାଇଁଙ୍କ ପୁଅ ଜୟଦେବ ସ୍ୱାଇଁ (୩୮) । ଜୟଦେବ ଘରେ ପଙ୍ଖା ସଜାଡୁଥିବାବେଳେ ହଠାତ୍ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଅଚେତ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ହାଜିପୁର ଓ କମାଶାସନ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗାଁ ଶ୍ମଶାନରେ ଜୟଦେବଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ଗାଁର ୩ ସ୍ଥାନରୁ ଚୋରି

ନାଉଗାଁ,୨।୯(ସ୍ୱ.ପ୍ର): ନାଉଗାଁ ଥାନା ଅଧୀନ ରୋହିଆ ପଞ୍ଚାୟତ ଅନ୍ତର୍ଗତ ନାରସିମା ଗାଁର ଗୁରୁବାର ରାତିରେ ୩ଟି ସ୍ଥାନରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ପୋଲିସ ପକ୍ଷରୁ ସୁମିତ୍ରା ଦାସଙ୍କ ଅଭିଯୋଗକୁ ଭିତ୍ତିକରି ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯାଇଛି। ସୁମିତ୍ରାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ୱାମୀ ବାହାରେ ରହୁନ୍ତି। ଗୁରୁବାର ରାତିରେ ତାଙ୍କ ପରିବାର ଲୋକ ଘରେ ଶୋଇଥିଲେ। ସେ ଭୋରୁ ଉଠି ଦେଖିଲାବେଳକୁ ଝିଅ ବାହାଘର ପାଇଁ ରଖିଥିବା ସୁନାଗହଣା ସମେତ ନଗଦ ୩୦ ହଜାର ଟଙ୍କା ଆଦି ଚୋରି ହୋଇଯାଇଛି। ଦୁର୍ବୃତ୍ତମାନେ ଛାତ ଘର ତାଲା ଭାଙ୍ଗି ଭିତରକୁ ଆସିଥିବା ନେଇ ସୁମିତ୍ରା ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ଗାଁର ପ୍ରହଲ୍ଲାଦ ଦାସ ଓ ଶିବପ୍ରସାଦ ଦାସଙ୍କ ଘରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ଥାନାରେ ମାମଲା (ନଂ ୧୯୫/୨୨) ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

### ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

ରାହାମା, ୨।୯(ଡି.ଏନ୍.ଏ.): ଜଗତସିଂହପୁର ଜିଲାସ୍ଥିତ ରାହାମା ବ୍ୟବସାୟୀ ସଂଗଠନ ବଜାର କମିଟି ପକ୍ଷରୁ ଶାରଦୀୟ ଦୁର୍ଗାପୂଜାକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବଜାର କମିଟି କାର୍ଯ୍ୟାଳୟରେ ଆୟୋଜିତ ଏହି ବୈଠକରେ ସମ୍ପାଦକ ଡ. ସୁନାକର ବେହେରା ସଂଯୋଜନା କରିଥିଲେ। ବୈଠକରେ ଦୁର୍ଗାପୂଜାକୁ କିପରି ଅଧିକ ସରସସୁନ୍ଦର ହୋଇପାରିବ ଓ ଶାନ୍ତି ଶୃଙ୍ଖଳା, ଟ୍ରାଫିକ ସମସ୍ୟା ଦୂର କରିବା ଉପରେ ଆଲୋଚନା ହୋଇଥିଲା। କୋଭିଡ୍ କଟକଣା କାରଣରୁ ୨ ବର୍ଷ ଧରି ଦଶହରା ବନ୍ଦ ରହିଥିବାରୁ ଚଳିତ ବର୍ଷ ଆନନ୍ଦ ଉଲ୍ଲାସର ସହ ପୂଜା କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ପ୍ରସ୍ତୁତି ବୈଠକରେ କମିଟି ସଭାପତି ଜଟାଧାରୀ ଦାସ, କାର୍ଯ୍ୟକାରୀ ସଭାପତି ମନୋଜ କୁମାର ସାହୁ, ଯୁଗ୍ମ ସମ୍ପାଦକ ଚିନ୍ମୟ ଦାସ, ଉପସଭାପତି ପ୍ରଶାନ୍ତ କୁମାର ସାହୁ, ସହସମ୍ପାଦକ ତାପସ କୁମାର ମଲ୍ଲ, କୋଷାଧକ୍ଷ ରବୀନ୍ଦ୍ରନାଥ ପ୍ରଧାନ, ଶିକ୍ଷାବିତ୍ ବିଭୂତି ଭୂଷଣ ସାହୁ,ସୁଶାନ୍ତ କୁମାର ସାହୁ, ବଇଁଶୀଧର କୁଣ୍ଡୁ ଓ ଦିଲୀପ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମାଦକଦ୍ରବ୍ୟ କାରବାର ବନ୍ଦ ଅଭିଯାନ ପ୍ରହସନ

- ରାଜ୍ୟ ସରକାରଙ୍କ ରାଜସ୍ୱ ବୃଦ୍ଧି ଚିନ୍ତା
- ବେଆଇନ ମାଦକଦ୍ରବ୍ୟ କାରବାରକୁ ପ୍ରୋତ୍ସାହନ
- ସରକାରୀ କର୍ମଚାରୀ, ନିଲାମଧାରୀଙ୍କ ଅସାଧୁ ମେଣ୍ଟ

ଜଗତ୍‌ସିଂହପୁର ଅଫିସ, ୨।୯

ନିଶା ସେବନ ଶରୀର ପାଇଁ କ୍ଷତିକାରକ। ଏଥିପାଇଁ ନିଶା ସେବନରୁ ଦୂରେଇ ରହିବାକୁ ସରକାରୀ ଓ ବେସରକାରୀ ମାଧ୍ୟମରେ ବର୍ଷ ବର୍ଷ ଧରି ସଚେତନତା କାର୍ଯ୍ୟକ୍ରମ ଚାଲିଛି। ଏ ବାବଦରେ ସରକାରୀ ଅର୍ଥ ବ୍ୟୟ ହେଉଛି। ଅପରପକ୍ଷରେ ରାଜସ୍ୱ ବୃଦ୍ଧି ପାଇଁ ସରକାର ମଦ, ଗଞ୍ଜେଇ ଆଦି ଦୋକାନ ସଂଖ୍ୟା ବଢାଇ ଚାଲିଛନ୍ତି। ଯାହାକି ସରକାରଙ୍କ ବିଚିତ୍ର ନୀତି କହିଲେ ଅତ୍ୟୁକ୍ତି ହେବନାହିଁ। କେବଳ ଏତିକି ନୁହେଁ, ମଦ କାରବାରକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ପରୋକ୍ଷରେ ଚୋରା ମଦ କାରବାରକାରୀଙ୍କୁ ଘଣ୍ଟ ଘୋଡ଼ାଇ ଚାଲିଛନ୍ତି। ଏଣେ ଚୋରା କାରବାର ବନ୍ଦ ପାଇଁ ଚଢ଼ାଉ ଚାଲିଥିବାବେଳେ ସରକାରୀ ମଦ ଦୋକାନୀଙ୍କ ଟାର୍ଗେଟ୍ ବଢୁଛି। ଏଭଳି ବ୍ୟତିକ୍ରମ ଫଳରେ ମାଦକଦ୍ରବ୍ୟ କାରବାର ବନ୍ଦ ଅଭିଯାନ ପ୍ରହସନ ପାଲଟିଛି।

ଜିଲାରେ ୨୬ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଥିବାବେଳେ ୪ ବିଦେଶୀ ଠିପି ଖୋଲା ମଦ ଦୋକାନ ରହିଛି। ସେହିପରି ରେଷ୍ଟୁରାଣ୍ଟ (ଠିପି ଖୋଲା) ୨୭, କ୍ଲବ ୧, ପାରାଦୀପସ୍ଥିତ ମିଲିଟାରୀ କ୍ୟାଣ୍ଟିନ୍ ୧, ଦେଶୀ (କଣ୍ଟ୍ରି ସ୍ପିରିଟ୍) ୧୩, ବିୟର ପାର୍ଲର ୨ ଓ ଭାଙ୍ଗ ଦୋକାନ ୮ଟି ରହିଛି। ନିୟମ ଅନୁଯାୟୀ, ପ୍ରତ୍ୟେକ ଦୋକାନ ଆଗରେ ବ୍ରାଣ୍ଡ ଅନୁଯାୟୀ ସରକାରଙ୍କ ପକ୍ଷରୁ ସ୍ଥିରୀକୃତ ମୂଲ୍ୟ ତାଲିକା (ରେଟ ଚାର୍ଟ) ରହିବା କଥା। କିନ୍ତୁ ମଦ ଦୋକାନୀମାନେ ସେମାନଙ୍କ ଦୋକାନ ଆଗରେ ଏହି ତାଲିକା ପ୍ରଦର୍ଶିତ କରୁନାହାନ୍ତି। କାରଣ ତାଲିକା ରହିଲେ କେଉଁ ମଦ କେତେ ଟଙ୍କାରେ ବିକ୍ରି ହେବା କଥା ତାହା ଜଣାପଡ଼ିଯିବ। କେବଳ ଏତିକି ନୁହେଁ, ଗ୍ରାହକ ମଦ କିଣିଲେ ବିଲ୍ ପାଇବା କଥା। କିନ୍ତୁ ତାହା ଦିଆଯାଉନାହିଁ। ବିଲ୍‌ରେ ଉପଯୁକ୍ତ ମୂଲ୍ୟ ଉଲ୍ଲେଖ କରିବା ବାଧ୍ୟବାଧକତା ଥିବାରୁ ମଦ ଦୋକାନୀମାନେ ମନମାନି କରୁଛନ୍ତି। ଯାହାର ଜ୍ୱଳନ୍ତ ପ୍ରମାଣ ଜିଲା ମୁଖ୍ୟାଳୟରେ ଦେଖିବାକୁ ମିଳିଛି । ଏ ସମ୍ପର୍କରେ କେତେଜଣ ଲୋକ କହିଛନ୍ତି, ଜଗତ୍‌ସିଂହପୁର ସାନ ବଜାରରେ ଥିବା ମଦ ଦୋକାନରୁ ସେମାନେ ଅନେକ ସମୟରେ ଚଢ଼ା ଦରରେ ମଦ କିଣୁଛନ୍ତି। କିନ୍ତୁ ବିଲ୍ ମିଳୁନି । ଗତ ଖରା ଦିନେ ଏହି ଦୋକାନରେ ଥିବା ସେଲ୍‌ସ ମ୍ୟାନ୍ ସରକାରୀ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଦରରେ ବିୟର ବିକ୍ରି କରୁଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରି କି ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଲୋକଙ୍କ ଦୁର୍ବଳତାର ସୁଯୋଗ ନେଇ ମଦ ଦୋକାନୀମାନେ ଲୁଟୁଥିବା ଦର୍ଶାଯାଇଥିଲା। ଅନ୍ୟପଟେ ଜିଲାର ଦୋକାନୀମାନେ ଚୋରା ମଦ କାରବାରକାରୀଙ୍କୁ ପେଟି ପେଟି ବିକୁଥିଲେ ସୁଦ୍ଧା ତା'ଉପରେ ଅଙ୍କୁଶ ରହୁନି। ଏହି ଚୋରା କାରବାରକାରୀମାନେ ଗାଁ ଗହଳିରେ ମନଇଚ୍ଛା ଦରରେ ମଦ ବିକି ଅସ୍ଥିରତା ସୃଷ୍ଟି କରୁଛନ୍ତି। ଠିପି ବନ୍ଦ ଦୋକାନ ଆଗରେ ଦିବାଲୋକରେ ମଦୁଆମାନେ ଠିପି ଖୋଲି ମଦ ପିଉଥିଲେ ସୁଦ୍ଧା ପ୍ରତ୍ୟେକ ନୀରବଦ୍ରଷ୍ଟା ସାଜିଛନ୍ତି। ତେବେ ବେଆଇନ ଦେଶୀ, ବିଦେଶୀ ମଦ ସାଙ୍ଗକୁ ଗଞ୍ଜେଇ, ଅଫିମ ଏପରି କି ବ୍ରାଉନସୁଗାର କାରବାର ଉପରେ ମଝିରେ ମଝିରେ ଉପରଠାଉରିଆ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। କାରଣ ଅସାଧୁ କର୍ମଚାରୀମାନେ ଏହି ବେଆଇନ ମାଦକଦ୍ରବ୍ୟ କାରବାରକାରୀଙ୍କଠାରୁ ମୋଟା ଅଙ୍କର ମାସିକିଆ ଚାନ୍ଦା ଆଦାୟ କରୁଛନ୍ତି। ଏନେଇ ସେମାନଙ୍କ ପ୍ରତି ମାତ୍ରାଧିକ ଅନୁକମ୍ପା ରହୁଛି। ଏଠାରେ ସୂଚାଇ ଦିଆଯାଇପାରେ ନିର୍ଦ୍ଦିଷ୍ଟ କିଛି ସ୍ଥାନରେ ଉପରୋକ୍ତ ବିଭାଗର ଅସାଧୁ କର୍ମଚାରୀମାନେ ଚୋରା ମାଦକଦ୍ରବ୍ୟ କାରବାରରେ ପରୋକ୍ଷଭାବେ ସମ୍ପୃକ୍ତ ରହିଛନ୍ତି। ଏସବୁ ଜାଣି ମଧ୍ୟ ବିଭାଗୀୟ ଅଧିକାରୀମାନେ ନୀରବ ରହୁଛନ୍ତି। ଅପରପକ୍ଷେ ପ୍ରତିବର୍ଷ ଅବକାରୀ ବିଭାଗ ପକ୍ଷରୁ ବିଭାଗୀୟ ସୁପରିଣ୍ଟେଣ୍ଡେଣ୍ଟମାନଙ୍କୁ କେତେ ମାମଲା ରୁଜୁ କରିବାକୁ ପଡିବ ସେ ସମ୍ପର୍କରେ ଟାର୍ଗେଟ୍ ଦିଆଯାଉଛି। ଏହି ଅନୁଯାୟୀ ଜଗତ୍‌ସିଂହପୁର ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ମଧ୍ୟ ଧାର୍ଯ୍ୟ ମାମଲା ସଂଖ୍ୟା ପୂରଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗୀୟ ଅଧିକାରୀମାନେ କୌଶଳ କ୍ରମେ ଏହି ଲକ୍ଷ୍ୟ ପୂରଣ ପାଇଁ ଚେଷ୍ଟା କରି ଆପାତତଃ ସଫଳ ହେଉଛନ୍ତି। ମାତ୍ର ଯେଉଁମାନଙ୍କଠାରୁ ମାସିକିଆ ଚାନ୍ଦା ଆଦାୟ କରାଯାଉଛି ସେମାନଙ୍କ ନାମରେ ମଝିରେ ମଝିରେ ଦୁର୍ବଳ ମାମଲା ରୁଜୁ କରାଯାଉଛି। ଏଭଳି କରାଯିବାର ଉଦ୍ଦେଶ୍ୟ ହେଉଛି ମାମଲା ସଂଖ୍ୟା ପୂରଣ ହେବା ସଙ୍ଗେସଙ୍ଗେ ଅଭିଯୁକ୍ତଙ୍କୁ ସହଜରେ ଜାମିନ ମିଳିଯିବ। ଜାମିନ ମିଳିଗଲା ପରେ ଅଭିଯୁକ୍ତ ନିର୍ଦ୍ଦୋଷ ହେବାରେ ଆଉ ବାଧା ଉପୁଜିବ ନାହିଁ। କାରଣ ବିଭାଗୀୟ ଅଧିକାରୀମାନେ କୋର୍ଟରେ କୋହଳ ଚାର୍ଜଶିଟ୍ ଦାଖଲ କରିଦେବେ। ତା'ପରେ ଅଭିଯୁକ୍ତ ନିର୍ଦ୍ଦୋଷ ବୋଲି ପ୍ରମାଣିତ ହୋଇଯିବେ। ବେଆଇନ ମାଦକଦ୍ରବ୍ୟ କାରବାରକାରୀ, ଅବକାରୀ ଓ ପୋଲିସ କର୍ମଚାରୀଙ୍କ ମଧ୍ୟରେ ଏଭଳି ଗୁପ୍ତ ବୁଝାମଣା ସମାଜ ଉପରେ କୁପ୍ରଭାବ ପକାଇ ଚାଲିଛି। ଏ ସମ୍ପର୍କରେ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ବୈଜୟନ୍ତୀ ପଣ୍ଡାଙ୍କୁ ପଚାରିବାରୁ ଚଢ଼ାଉ ଜାରି ରହିବା ସହ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା କହିଛନ୍ତି। ତଥାପି ଅଭିଯୋଗ ହେଉଥିବାରୁ ବିଭାଗ ଅଧିକ ଦାୟିତ୍ୱବାନ ହେବ ବୋଲି ସେ କହିଛନ୍ତି ।

## ଶାଶୁଘର ପିଣ୍ଡାରେ ନବବଧୂଙ୍କ ଧାରଣା



ଏରସମା,୨।୯(ସ୍ୱ.ପ୍ର.)

ଏରସମା ଥାନା ଅନ୍ତର୍ଗତ ଜପା ପଞ୍ଚାୟତସ୍ଥିତ ପ୍ରହରାଜପୁର ଗ୍ରାମରେ ଜଣେ ନବବଧୂ ଶୁକ୍ରବାର ଶାଶୁଘର ପିଣ୍ଡାରେ ଧାରଣା ଦେଇଛନ୍ତି। ସେ ହେଲେ ଜାନକାଦେଇପୁର ପଞ୍ଚାୟତସ୍ଥିତ ଦୁର୍ଗାପୁର ଗ୍ରାମର ସୁରେଶ ଖଟୁଆଙ୍କ ଝିଅ ରୀନା। ଗତ ଜୁଲାଇରେ ପ୍ରହରାଜପୁର ଗ୍ରାମର ଅତୁଳ ମାଝୀଙ୍କ ପୁଅ ଲିଟୁନାଙ୍କ ସହ ରୀନାଙ୍କ ବିବାହ ହୋଇଥିଲା। ବିବାହର ୧୫ ଦିନ ପରେ କୌଣସି ଘଟଣାକୁ ନେଇ ଲିଟୁନା ଓ ରୀନାଙ୍କ ମଧ୍ୟରେ ବିବାଦ ହୋଇଥିଲା। ଏହାପରେ ରୀନାଙ୍କୁ ଶାଶୁ ଘର ଲୋକେ ତାଙ୍କ ଘରେ ଛାଡି ଦେଇ ଆସିଥିଲେ। ମାତ୍ର ରୀନା ଶାଶୁ ଘରକୁ ଫେରି ଆସିବାରୁ ଶାଶୁ ଘର ଲୋକେ ଘରେ ତାଲା ପକାଇ ପଳାଇ ଯାଇଥିଲେ। ଏନେଇ ରୀନା ଥାନାରେ ଅଭିଯୋଗ କରିବା ସହ ଧାରଣାରେ ବସିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ବୁଝାଶୁଝା କରିଛି। କିନ୍ତୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ରୀନା କହିଛନ୍ତି।

# ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ



ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ପୀଡିତାଙ୍କ ପରିବାର ସଦସ୍ୟ ।

## ଏସ୍‌ପିଙ୍କୁ ଭେଟିଲେ ପୀଡ଼ିତାଙ୍କ ପରିବାର

ଜଗତ୍‌ସିଂହପୁର ଅଫିସ, ୨।୯

ପାରାଦୀପ ଲକ୍ ଥାନା ଅନ୍ତର୍ଗତ ରଙ୍ଗିଆଗଡ଼ (ଚାନ୍ଦିନୀ) ଗ୍ରାମର ଝାନି ମଣ୍ଡଳ ଓରଫ ରିଙ୍କି ରାମ ହତ୍ୟା ମାମଲା ଭିନ୍ନ ମୋଡ ନେଇଛି। ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରୁ ନ ଥିବା ଅଭିଯୋଗ କରି ଝାନିଙ୍କ ପରିବାର ଲୋକେ ଶୁକ୍ରବାର ଏସ୍‌ପି ଅଖିଳେଶ୍ୱର ସିଂହଙ୍କୁ ଭେଟିଛନ୍ତି।

କୋଷ୍ଟି ମଲ୍ଲିକାପୁର ଅଞ୍ଚଳର ଦେବ ମଣ୍ଡଳଙ୍କ ପୁଅ ଅଜୟଙ୍କ ଅଭିଯୋଗ ଅନୁଯାୟୀ, ୧୧।୩।୨୦୨୦ରେ ତାଙ୍କ ଭଉଣୀ ଝାନିଙ୍କ ସହ ଚାନ୍ଦିନୀ ଗ୍ରାମର ଇନ୍ଦ୍ରଜିତ ରାମଙ୍କ ପୁଅ ବିଜୟଙ୍କ ବିବାହ ସମ୍ପନ୍ନ ହୋଇଥିଲା। ବିବାହ ପରେ ଭଉଣୀଙ୍କୁ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ନିର୍ଯାତନା ଦେଇ ଆସୁଥିଲେ। ଗତ ଅଗଷ୍ଟ ୨୪ରେ ଭଉଣୀଙ୍କୁ ହତ୍ୟା କରି ଏକ ଫ୍ୟାନ୍‌ରେ ଝୁଲାଇ ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରାଯାଇଥିଲା। ଏନେଇ ପରିବାର ପକ୍ଷରୁ ବାପା ପାରାଦୀପ ଲକ୍ ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ଏଥିରେ ଦର୍ଶାଯାଇଥିଲା ଯେ, ଜ୍ୱାଇଁ ବିଜୟ, ଶାଶୁ, ଶ୍ୱଶୁର ଓ ନଣନ୍ଦ ମିଶିକରି ଝାନିଙ୍କୁ ମାରି ଦେଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୨୬୧/୨୨) ରୁଜୁ କରି ବିଜୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। କିନ୍ତୁ ଅନ୍ୟ ୩ ଅଭିଯୁକ୍ତଙ୍କ ପ୍ରତି ପୋଲିସ କୋହଳ ମନୋଭାବ ପୋଷଣ କରୁଥିବା ଅଜୟ କହିଛନ୍ତି। ଇତିମଧ୍ୟରେ ୮ଦିନ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ପୋଲିସ ନୀରବ ରହିବା ପ୍ରତିବାଦରେ ଦେବ ଓ ତାଙ୍କ ପରିବାର ଲୋକେ ଏସ୍‌ପିଙ୍କୁ ସାକ୍ଷାତ କରି ନ୍ୟାୟଭିକ୍ଷା କରିଛନ୍ତି । ସେମାନେ ଏକଥା ମଧ୍ୟ କହିଛନ୍ତି, ଝାନିଙ୍କ ବର୍ଷକର ପୁଅ ଅଛି। ମାତ୍ର ଝାନିଙ୍କ ଶାଶୁଘର ଲୋକେ ତାକୁ ଦେଖାଇବାର ସୁଯୋଗ ଦେଉନାହାନ୍ତି। ଫଳରେ ପୁଅ କେମିତି ଅଛି ଝାନିଙ୍କ ପରିବାର ଲୋକେ ଜାଣିପାରୁନାହାନ୍ତି। ଝିଅକୁ ହତ୍ୟା କରାଯାଇଥିବାରୁ ଶିଶୁ ପୁତ୍ର ଜୀବନ ପ୍ରତି ମଧ୍ୟ ବିପଦ ରହିଛି ବୋଲି ଝାନିଙ୍କ ପରିବାର ଲୋକେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ଶୁଣିବା ପରେ ଏସ୍‌ପି ସିଂହ ତୁରନ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ତଦନ୍ତକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଜାତୀୟ କ୍ରୀଡ଼ାରେ ଚମକିଲେ ବନ୍ଦନା ଓ ଲକ୍ଷ୍ମୀ

### ଜଗତ୍‌ସିଂହପୁର ଜିଲାକୁ ୪ ପଦକ

ପାରାଦୀପ, ୨।୯(ସ୍ୱ.ପ୍ର.)

ଆସାମର ଗୌହାଟିରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଜାତୀୟ କ୍ରୀଡ଼ାରେ ଓଡ଼ିଶାକୁ ୮ ଟି ପଦକ ମିଳିଛି। ସେଥିରୁ ଜଗତ୍‌ସିଂହପୁର ଜିଲାକୁ ୪ଟି ପଦକ ଦେବାରେ ସଫଳ ହୋଇଛନ୍ତି ପାରାଦୀପର ଦୁଇ ଛାତ୍ରୀ । ସେମାନେ ହେଲେ ବନ୍ଦନା ମାଝୀ ଓ ଲକ୍ଷ୍ମୀ ବର୍ମନ। ଜୁଡୋରେ ଲକ୍ଷ୍ମୀ ୪୪ କେଜି ବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି। ବନ୍ଦନା ୭୦ କେଜି ବର୍ଗରେ ରୌପ୍ୟ, ଜୁନିୟର ଓ ସିନିୟର ୭୮ କେଜି ବର୍ଗରେ ବ୍ରୋଞ୍ଜ ପଦକ ଜିତିଛନ୍ତି ବୋଲି କୋଚ ଲୋପାମୁଦ୍ରା ପତି ସୂଚନା ଦେଇଛନ୍ତି। ଏହି କ୍ରୀଡା ପ୍ରତିଯୋଗିତାରେ ଜିଲାର ୭ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନଙ୍କ ପାଇଁ ପିପିଏଲ କମ୍ପାନୀ ସମସ୍ତ ପ୍ରକାର ସହଯୋଗ ସହାୟତା ଯୋଗାଇ ଦେଇଥିଲା। ପୋଷାକ, ଯୋତା, ଯାତାୟାତ ଖର୍ଚ୍ଚ ସମେତ ଉପକରଣ ଆଦି ଯୋଗାଇ ଦିଆଯାଇଥିଲା ବୋଲି କମ୍ପାନୀ କର୍ପୋରେଟ ଆଫେୟାର୍ସ ମୁଖ୍ୟ ସୁଧିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ସମସ୍ତ ଖେଳାଳି ଶୁକ୍ରବାର ଜଗତସିଂହପୁର ଜିଲାପାଳଙ୍କୁ ସାକ୍ଷାତ କରି ପାରାଦୀପ ଫେରିଛନ୍ତି। ସେମାନଙ୍କୁ ଅଠରବାଙ୍କି ଅମ୍ବିକା ସ୍କୁଲ ପରିସରରେ ଶନିବାର ସମ୍ମାନିତ କରାଯିବ ବୋଲି ସୂଚନା ମିଳିଛି।

# ବନ୍ୟାବିପନ୍ନଙ୍କୁ କ୍ଷତିପୂରଣ ଦାବିରେ ବିକ୍ଷୋଭ




ତହସିଲ କାର୍ଯ୍ୟାଳୟ ଆଗରେ ଭାଜପା ପକ୍ଷରୁ ବିକ୍ଷୋଭ କରାଯାଉଛି ।

କୁଜଙ୍ଗ,୨।୯(ଡି.ଏନ୍.ଏ.):

ଚଳିତ ବନ୍ୟାରେ କୁଜଙ୍ଗ ବ୍ଲକର ୧୦ ପଞ୍ଚାୟତବାସୀ ପ୍ରଭାବିତ ହୋଇଛନ୍ତି। ତୁରନ୍ତ ସେମାନଙ୍କ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି। ଏନେଇ ପାରାଦୀପ ନିର୍ବାଚନ ମଣ୍ଡଳୀ ଭାଜପା ନେତା ସମ୍ପଦ ସ୍ୱାଇଁ ଓ ପୂର୍ବତନ ଏମ୍‌ପି ତଥା ରାଜ୍ୟ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଡ. ବିଭୁପ୍ରସାଦ ତରାଇଙ୍କ ନେତୃତ୍ୱରେ କୁଜଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲ୍‌ଦାର ପ୍ରୀତିପର୍ଣ୍ଣା ମିଶ୍ରଙ୍କୁ ଦାବିପତ୍ର ଦିଆଯାଇଛି। ପ୍ରଥମେ ଭାଜପା ନେତୃମଣ୍ଡଳୀ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ତହସିଲ୍ କାର୍ଯ୍ୟାଳୟ ପହଞ୍ଚି ପ୍ରତିବାଦ ସଭା କରିଥିଲେ। ମଣ୍ଡଳ ସଭାପତି ଚୈତନ୍ୟ ଖଟୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଭାଜପା ନେତା ସମ୍ପଦ ସ୍ୱାଇଁ ଅଭିଯୋଗ କରିଥିଲେ, ହୀରାକୁଦ ପାଣିକୁ ରାଜ୍ୟ ସରକାର ଠିକ୍ ଭାବେ ପରିଚାଳନା କରିବାରେ ବିଫଳ ହେବାରୁ ମହାନଦୀରେ ଭୟଙ୍କର ବନ୍ୟା ହୋଇ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏଥିସହ ବନ୍ୟା ମୁକାବିଲା ନିମନ୍ତେ ପୂର୍ବ ପ୍ରସ୍ତୁତି କରିବାରେ କୁଜଙ୍ଗ ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏହି ପରିପ୍ରେକ୍ଷୀରେ ପୂର୍ବତନ ଏମ୍‌ପି ତରାଇ କହିଥିଲେ, ୩୦ ବର୍ଷ ତଳେ ଜଳ ସମ୍ପଦ ବିଭାଗ ଦ୍ୱାରା ନଦୀ ବନ୍ଧ ନିର୍ମାଣ ହୋଇଥିଲା, ମାତ୍ର ତାହାର ସ୍ଥାୟୀ ଦୃଢ଼ୀକରଣ ହେଲା ନାହିଁ। ଫଳରେ ଦୁର୍ବଳ ବନ୍ଧ ସବୁରେ ଘାଇ ସୃଷ୍ଟି ହୋଇ ବ୍ୟାପକ କ୍ଷତି ହୋଇଛି। ଏନେଇ ବାଲିକଣୀରେ ହୋଇଥିବା ଘାଇର ତୁରନ୍ତ ମରାମତି, କାଳିକୁଦ, ହରିପୁର ଓ ମଧୁପୁର ଗ୍ରାମରେ ବନ୍ୟା ସମସ୍ୟାର ସ୍ଥାୟୀ ସମାଧାନ, ଚାଷୀଙ୍କ ପୂର୍ବ ଋଣ ଛାଡକରି ପୁନର୍ବାର ଋଣ ପ୍ରଦାନ, ପନିପରିବା ଚାଷ ପାଇଁ ଉନ୍ନତ ମଞ୍ଜି, କୀଟନାଶକ ଯୋଗାଣ, ଗୋ-ସମ୍ପଦ, କୁକୁଡା, ଛେଳି ଏବଂ ମତ୍ସ୍ୟ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି କ୍ଷତି ପୂରଣ ଯୋଗାଇ ଦେବାକୁ ଭାଜପା ପକ୍ଷରୁ ଦାବି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଏଥିରେ ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ଦୁଷ୍ମନ୍ତ ନାଥ ଶର୍ମା, ପାରାଦୀପଗଡ଼ ମଣ୍ଡଳ ସଭାପତି ରଶ୍ମିରଞ୍ଜନ ଚୌଧୁରୀ, ରାହାମା ମଣ୍ଡଳ ସଭାପତି ନୃସିଂହ ଚୌଧୁରୀ, ପୂବତନ ସରପଞ୍ଚ ଅରକ୍ଷିତ ଦାସ ପ୍ରମୁଖ ସାମିଲ ହୋଇଥିଲେ।

# ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ବାୟୋ କମ୍ପୋଷ୍ଟ ମେଶିନ ପ୍ରତିଷ୍ଠା

କୁଜଙ୍ଗ,୨।୯(ଡି.ଏନ୍.ଏ)

ପାରାଦୀପସ୍ଥିତ ଜେଏସ୍‌ଡବ୍ଲ୍ୟୁ କାର୍ଯ୍ୟାଳୟ ପରିସରରେ ଏକ ଅତ୍ୟାଧୁନିକ ବାୟୋ କମ୍ପୋଷ୍ଟ ମେଶିନ୍ ସ୍ଥାପନ କରାଯାଇଛି। ଏହି ମେଶିନ ଦ୍ୱାରା ପନିପରିବା ଚୋପାଠାରୁ ଆରମ୍ଭ କରି ବଳକା ଖାଦ୍ୟ ପଦାର୍ଥ ଆଦି ପ୍ରକ୍ରିୟାକରଣ କରାଯାଇ ୧୫ ଦିନ ମଧ୍ୟରେ ଜୈବିକ ଖତସାର ପ୍ରସ୍ତୁତ ହୋଇପାରିବ। ଏନେଇ ଜେଏସ୍‌ଡବ୍ଲ୍ୟୁ କାର୍ଯ୍ୟାଳୟ ତଥା ଅତିଥି ଭବନରୁ ବାହାରୁଥିବା ସମସ୍ତ ବର୍ଜ୍ୟବସ୍ତୁ ସଂଗ୍ରହ କରାଯିବ। ଏହାଦ୍ୱାରା ପରିବେଶ ପ୍ରଦୂଷଣ ରୋକାଯିବା ସହ ଉଦ୍ୟାନ କୃଷିରେ ଜୈବିକ ଖତ ବ୍ୟବହାର ହୋଇପାରିବ। ଏହି ମେଶିନ୍ ଦୈନିକ ୫୦ କିଲୋଗ୍ରାମ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କରିପାରିବ। ଏହା ସ୍ୱୟଂ ଚାଳିତ। ଏହି ବାୟୋ କମ୍ପୋଷ୍ଟ ମେଶିନ୍‌କୁ ବରିଷ୍ଠ ଅଧିକାରୀ ଲ୍ୟୁଟନାଣ୍ଟ କର୍ନେଲ୍ ଦାବିନ୍ଦର ସାଙ୍ଗା ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କେସି ଶ୍ରୀବାସ୍ତବ, ବିଭୂପ୍ରଦ ନନ୍ଦ, ରୀତେଶ୍ ଗୁପ୍ତା, ପ୍ରଶାନ୍ତ ପାଟିଲ୍, ଅକ୍ଷୟ ପତି, ପ୍ରସନଜିତ୍ ରାୟ ପ୍ରମୁଖ ଉପସ୍ଥିତ ଥିଲେ।




ବାୟୋ କମ୍ପୋଷ୍ଟ ମେଶିନ ପ୍ରତିଷ୍ଠା ଅବସରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

# ଚାଷୀଙ୍କୁ କ୍ଷତିପୂରଣ ଦାବିରେ ତହସିଲ ଘେରାଉ

ଏରସମା,୨।୯(ସ୍ୱ.ପ୍ର.)

୨୦୨୧ ଲଗାଣ ବର୍ଷାରେ ଏରସମା ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ କ୍ଷତିପୂରଣ ମିଳିନାହିଁ। ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି କରି ଶୁକ୍ରବାର ଶତାଧିକ ସିପିଆଇ କର୍ମୀ ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରାମଚନ୍ଦ୍ର ମୁଦୁଲି, ସର୍ବେଶ୍ୱର ବେଉରା ଏହାର ନେତୃତ୍ୱ ନେଇଥିଲେ। କର୍ମୀମାନେ ଲାଲ ଝଣ୍ଡା ଧରି ବିଭିନ୍ନ ସ୍ଲୋଗାନ ଦେଇ ଏରସମା ବଜାର ପରିକ୍ରମା କରି ତହସିଲ ସମ୍ମୁଖରେ ପହଞ୍ଚିଥିଲେ। ଗୋଡକ୍ଷ ପଞ୍ଚାୟତର ପୂର୍ବତନ ସରପଞ୍ଚ ଦାମୋଦର ବେହେରାଙ୍କ ନେତୃତ୍ୱରେ ସେଠାରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ଏଥିରେ ସିପିଆଇ ଜିଲା ସମ୍ପାଦକ ଅଭିଜିତ ସାହୁ ଯୋଗଦେଇ ଗତ ୨୦୨୧ରେ ହୋଇଥିବା ଲଗାଣ ବର୍ଷାର କ୍ଷତିପୂରଣ ୧୫ ଦିନ ମଧ୍ୟରେ ନ ମିଳିଲେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଛନ୍ତି।



ସିପିଆଇ କର୍ମୀମାନେ ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରୁଛନ୍ତି ।

ଏହି ଅବସରରେ ବାଲିତୁଠ ଜୋନ ସମ୍ପାଦକ ପୀତାମ୍ବର ଦାସ ଯୋଗଦେଇ ଜଟାଧାରମୁହାଣ ଖନନ କରି ଉଦ୍‌ବୃତ୍ତ ବର୍ଷା ଜଳ ସମସ୍ୟା ଦୂର କରିବାକୁ ଦାବି କରିଥିଲେ। ଏଥିରେ ଅଖିଳ ଭାରତ କୃଷକ ସଭାର ରାଜ୍ୟ ସଭାପତି ଶଶୀଭୂଷଣ ସ୍ୱାଇଁ, ଏରସମା ଜୋନ ସମ୍ପାଦକ ବଂଶୀଧର ବେହେରା, ପ୍ରସନ୍ନ କୁମାର କୁଅଁର, ଦେବାଶିଷ ପରିଜା, ପ୍ରଫୁଲ୍ଲ ଦାସ, ସମରେଶ ମୁଦୁଲି, ଶରତ ଚନ୍ଦ୍ର ମଲ୍ଲିକ, ବାନାମ୍ବର ଖଟୁଆ ପ୍ରମୁଖ ଯୋଗଦେଇଥିଲେ। ପରେ ଚାଷୀଙ୍କ ପକ୍ଷରୁ ୨ଦଫା ସମ୍ବଳିତ ଦାବି ପତ୍ର ଅତିରିକ୍ତ ତହସିଲଦାର ରଞ୍ଜନ ମହାନ୍ତିଙ୍କୁ ପ୍ରଦାନ କରାଯାଇଥିଲା।

# ଭୁବନେଶ୍ୱରରେ ହୋଇପାରେ ଅଲ୍‌ଟିମେଟ ଖୋ ଖୋ



ତେନ୍‌ଜିଂ ନିୟୋଗୀ

**ଅଲ୍‌ଟିମେଟ ଖୋ ଖୋ ଲିଗ୍‌କୁ ରୋଚକ ଏବଂ ଆକର୍ଷଣୀୟ କରିବା ପାଇଁ କେତେକ ନିୟମରେ ପରିବର୍ତ୍ତନ କରାଯାଇଛି। ଆଗକୁ ଏଥିରେ ବିଦେଶୀ ଖେଳାଳିଙ୍କୁ ମଧ୍ୟ ସାମିଲ କରାଯିବାର ଯୋଜନା ରହିଛି। କୋଭିଡ୍‌କୁ ଦୃଷ୍ଟିରେ ରଖି ଏହାକୁ ଏବେ ଗୋଟିଏ ସହର ମଧ୍ୟରେ ସୀମିତ ରଖାଯାଇ ଥିବାବେଳେ ଆଗାମୀ ଦିନରେ ଏକାଧିକ ସହରରେ ଆୟୋଜନର ଯୋଜନା ରହିଛି।**

ପୁଣେର ମହାଲୁଙ୍ଗେସ୍ଥିତ ଶ୍ରୀ ଛତ୍ରପତି ଶିବାଜୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଛି ଅଲ୍‌ଟିମେଟ ଖୋ ଖୋ ଲିଗ୍‌ର ପ୍ରଥମ ସଂସ୍କରଣ। ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାରୁ ପ୍ରତିଯୋଗିତା କ୍ରମେ ରୋମାଞ୍ଚକ ହେବାରେ ଲାଗିଛି। ଓଡ଼ିଶା ସରକାରଙ୍କ ସହଯୋଗରେ ରାଜ୍ୟର ଏକ ଗଣମାଧ୍ୟମ ପ୍ରତିନିଧି ଦଳ ଇତିମଧ୍ୟରେ ପୁଣେର ଉକ୍ତ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ପ୍ରତ୍ୟକ୍ଷଭାବେ ଖେଳର ରୋମାଞ୍ଚ ନେବା ସହ ଖେଳାଳି, କୋଚ୍ ଏବଂ ଉଚ୍ଚପଦସ୍ଥ କର୍ମକର୍ତ୍ତାଙ୍କୁ ଭେଟିବା ସୁଯୋଗ ପାଇଥିଲେ। ଏକ ସାକ୍ଷାତକାର ଅବସରରେ ଲିଗ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ତେନ୍‌ଜିଂ ନିୟୋଗୀ ଲିଗ୍‌ର ଉଦ୍ଦେଶ୍ୟ, ପରିବର୍ତ୍ତିତ ନୀତିନିୟମ, ପ୍ରଥମ ସଂସ୍କରଣରେ ଏହାକୁ ମିଳିଥିବା ସମର୍ଥନ ଏବଂ ଆଗାମୀ ଦିନର ଯୋଜନା ସମ୍ପର୍କରେ ପ୍ରକାଶ କରିଥିଲେ।

ଖୋ ଖୋ ହେଉଛି ସ୍ୱଦେଶୀ କ୍ରୀଡ଼ା। ଗ୍ରାମାଞ୍ଚଳରୁ ସହର ପର୍ଯ୍ୟନ୍ତ ଏହି ଖେଳ ସବୁଠାରେ ଖେଳାଯାଉଥିଲେ ହେଁ ଏହାର ପ୍ରଚାର ପ୍ରସାର ଏତେ ହୋଇପାରି ନାହିଁ। ତେଣୁ ଏହାକୁ ଅଧିକ ଲୋକପ୍ରିୟ କରିବା ପାଇଁ ଦୀର୍ଘ ଦିନରୁ ସ୍ୱପ୍ନ ରହିଥିଲା। ଅଲ୍‌ଟିମେଟ ଖୋ ଖୋ ସେହି ପରିକଳ୍ପନାରୁ ଜନ୍ମ ନେଇଛି। ପ୍ରତ୍ୟେକ ଜିନିଷର ଆରମ୍ଭ ସହଜ ହୋଇ ନ ଥାଏ। ଆରମ୍ଭ ହେଲା ପରେ ତାହାକୁ ବଜାୟ ରଖିବା ମଧ୍ୟ କଷ୍ଟକର ହୋଇଥାଏ। ତେଣୁ ଏହି ଲିଗ୍ ଯେପରି ଆଗାମୀ ଦିନରେ ଆହୁରି ବଡ଼ ଆକାରରେ ହୋଇପାରିବ ଏବଂ ଅଧିକ ଆକର୍ଷଣୀୟ ହେବ ସେଥିପାଇଁ ଯୋଜନା ପ୍ରସ୍ତୁତ କରାଯିବ। କୋଭିଡ୍-୧୯ ପାଇଁ ଏହି ଲିଗ୍ ବିଳମ୍ବରେ ଆରମ୍ଭ ହୋଇଛି ଏବଂ ଆମେ ଏହାକୁ ଗୋଟିଏ ସହରରେ ସୀମିତ ରଖିଛୁ। ଆଗାମୀ ଦିନରେ ଏହାକୁ ଅଧିକ ସହରରେ ପହଞ୍ଚାଇବା ପାଇଁ ଯୋଜନା କରୁଛୁ। ଓଡ଼ିଶା ସରକାର ଖେଳ ପାଇଁ ଅନେକ କିଛି ପଦକ୍ଷେପ ଗ୍ରହଣ କରିଛନ୍ତି। ଫଳରେ ସେଠାରେ ଏବେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ସମ୍ଭବ ହୋଇପାରିଛି। ତେଣୁ ଭବିଷ୍ୟତରେ ଭୁବନେଶ୍ୱରରେ ମଧ୍ୟ ଏହି ଲିଗ୍‌ର କିଛି ମ୍ୟାଚ ଆୟୋଜନ ହୋଇପାରେ। ବିଦେଶୀ ଖେଳାଳିଙ୍କୁ ସାମିଲ କରାଯିବାର କିଛି ଯୋଜନା ରହିଛି କି ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ନିୟୋଗୀ କହିଲେ ଯେ, ଆଫ୍ରିକୀୟ ଦେଶଗୁଡ଼ିକରେ ୬ ଫୁଟରୁ ଊର୍ଦ୍ଧ୍ୱ ଖେଳାଳିମାନେ ଖେଳୁଥିବା ନଜିର ରହିଛି। ତେଣୁ ବିଦେଶୀ ଖେଳାଳିଙ୍କ ଉପସ୍ଥିତି ନିଶ୍ଚିତ ପ୍ରତିଯୋଗିତାକୁ ଅଧିକ ଆକର୍ଷଣୀୟ ଏବଂ ରୋମାଞ୍ଚକ କରିବ। ଆଗାମୀ ଦିନରେ ଯଦି ବିଦେଶୀ ଖେଳାଳିଙ୍କୁ ସାମିଲ କରାଯିବ ତେବେ ବିଭିନ୍ନ ଦୃଷ୍ଟିକୋଣକୁ ବିଚାରକୁ ନେଇ ବିଶେଷ କରି ଯେପରି ଭାରତୀୟ ଖେଳାଳିମାନେ ଅଧିକ ଉପକୃତ ହୋଇପାରିବେ ତାକୁ ଦୃଷ୍ଟିରେ ରଖାଯିବ।

ନିୟମ ପରିବର୍ତ୍ତନ ସମ୍ପର୍କରେ ନିୟୋଗୀଙ୍କ ମତ ହେଲା, ପ୍ରତିଯୋଗିତାକୁ ମନୋରଞ୍ଜନଧର୍ମୀ କରାଯିବାକୁ ଚେଷ୍ଟା କରାଯାଇଛି। ଏବେ ଅଧିକାଂଶ ଖେଳରେ ନିୟମ ପରିବର୍ତ୍ତନ ହୋଇଯାଇଛି। ବିଶେଷ କରି ଲିଗ୍‌ଗୁଡ଼ିକରେ ଏହା ପ୍ରଣୟନ ହୋଇଛି। ତେଣୁ ଆମେ ଖେଳାଳି ନିଲାମ ପ୍ରକ୍ରିୟା ସହ ଅଲ୍‌ଟିମେଟ ଖୋ ଖୋରେ ଡିଆର୍‌ଏସ୍, ଆଟାକର ଓ ୱାଜିର ଭଳି କେତେକ ନୂଆ କଥାକୁ ସାମିଲ କରିଛୁ। ବିଶେଷ କରି କ୍ୟାମେରାରେ ଯେପରି ମ୍ୟାଚ ସମୟର ଆକ୍ସନ ଭଲଭାବେ ଦୃଶ୍ୟମାନ ହୋଇପାରିବ ତାକୁ ଦୃଷ୍ଟିରେ ରଖିଛୁ। ଏଥିପାଇଁ ବିଶେଷଜ୍ଞଙ୍କ ପରାମର୍ଶ ମଧ୍ୟ ନିଆଯାଇଛି। ଆଗାମୀ ଦିନରେ ମହିଳା ଖୋ ଖୋ ଲିଗ୍‌ର ମଧ୍ୟ ଆୟୋଜନ ଯୋଜନା ରହିଛି। ତେବେ ଏଥିପାଇଁ ଭଲଭାବେ ବିଚାରବିମର୍ଶ ପରେ ଯାହାକିଛି ନିଷ୍ପତ୍ତି ନିଆଯିବ। ଖୋ ଖୋର ପ୍ରଚାର ଓ ପ୍ରସାର ଠିକ୍‌ଭାବେ ହୋଇପାରିଲେ ଏହା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅନ୍ୟ କ୍ରୀଡ଼ା ପରି ଲୋକପ୍ରିୟତା ଅର୍ଜନ କରିପାରିବ ଏଥିରେ ଦ୍ୱିମତ ନାହିଁ ବୋଲି ତେନ୍‌ଜିଂ ପ୍ରକାଶ କରିଛନ୍ତି।

-ସାକ୍ଷାତ: ତପନ ସ୍ୱାଇଁ

# ଫୁଟ୍‌ବଲ, ହକି ଟ୍ରେନିଂ ପାଇଁ ବଡ଼ ସୁଯୋଗ





**ଭୁବନେଶ୍ୱର, ୨୧୯ (କ୍ରୀଡ଼ା ପ୍ରତିନିଧି)**

ଭବିଷ୍ୟତକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର କ୍ରୀଡ଼ା କ୍ଷେତ୍ରରେ ଅନେକ ପଦକ୍ଷେପ ନେଉଛନ୍ତି। ଏହା କେବଳ ଗୋଟିଏ କିମ୍ବା ୨ଟି ଖେଳରେ ସୀମିତ ରହିନାହିଁ। ହକିଠାରୁ ଆରମ୍ଭ କରି ଫୁଟବଲ, ସନ୍ତରଣ ଓ ଖୋ ଖୋ ପର୍ଯ୍ୟନ୍ତ ଏହା ଲମ୍ବିବାରେ ଲାଗିଛି। ରାଜ୍ୟରେ ବିଶ୍ୱସ୍ତରୀୟ ଭିତ୍ତିଭୂମୀ ଉପଲବ୍ଧ କରାଯାଉଛି। ଫଳରେ ଏଠାରେ ପ୍ରଥମଥରପାଇଁ ବିଶ୍ୱ ଫୁଟବଲ ପରିଚାଳନା ସଂସ୍ଥା ଫିଫାର ଏକ ଟୁର୍ନାମେଣ୍ଟ ହେବାକୁ ଯାଉଛି। ଫିଫା ଷ୍ଟାଣ୍ଡାର୍ଡର ୪ଟି ପଡ଼ିଆ ମଧ୍ୟ ପ୍ରସ୍ତୁତ କରାଯାଇଛି। ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ ପାଇଁ ଉତ୍ସାହ କ୍ରମେ ବଢ଼ିବାରେ ଲାଗିଥିବାବେଳେ ଏବେ ଫୁଟବଲକୁ କ୍ୟାରିୟର କରିବାକୁ ଚାହୁଁଥିବା ପିଲାମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବଡ଼ ସୁଯୋଗ ସୃଷ୍ଟି କରାଯାଇଛି। ଆଗାମୀ ୧୦ ବର୍ଷ ମଧ୍ୟରେ ରାଜ୍ୟରେ ଏକ ଉନ୍ନତ ଫୁଟବଲ ସଂସ୍କୃତି ସୃଷ୍ଟି ଲକ୍ଷ୍ୟରେ ଏବେ 'ଲେଟ୍ସ ପ୍ଲେ ଫୁଟବଲ ପ୍ରୋଗ୍ରାମ' ନାମରେ ଏକ କାର୍ଯ୍ୟକ୍ରମ ଆରମ୍ଭ କରାଯାଉଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ପେ ଆଣ୍ଡ ପ୍ଲେ ଭିତ୍ତିରେ ୯ରୁ ୧୦ ଏବଂ ୧୧ରୁ ୧୩ ବର୍ଷ ବୟସ ବର୍ଗର ପିଲାଙ୍କ ପାଇଁ ଟ୍ରେନିଂ ପ୍ରୋଗ୍ରାମ ଆରମ୍ଭ କରାଯାଉଛି। ୨୦୧୩ରୁ ୨୦୧୪ ମଧ୍ୟରେ ଜନ୍ମିତ ପିଲାଙ୍କୁ ନେଇ ଏକ ବ୍ୟାଚ୍ ଏବଂ ୨୦୧୧ରୁ ୨୦୨୧ ମଧ୍ୟରେ ଜନ୍ମଗ୍ରହଣ କରିଥିବା ପିଲାଙ୍କୁ ନେଇ ଆଉ ଏକ ବ୍ୟାଚ୍ ଗଠନ କରାଯିବ। ଉଭୟ ବ୍ୟାଚରେ ସର୍ବାଧିକ ୩୦ ଜଣ ଲେଖାଏ ବାଳିକା ଓ ବାଳକ ରହିପାରିବେ। ଏଥିପାଇଁ ଶୁକ୍ରବାରଠାରୁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ପଞ୍ଜୀକରଣ ପାଇଁ ଥରେ ୨୦୦୦ ଟଙ୍କା ଏବଂ ଟ୍ରେନିଂ ପାଇଁ ପିଲାମାନଙ୍କୁ ମାସିକ ୧୦୦୦ ଟଙ୍କା ଦେବାକୁ ପଡ଼ିବ। ପ୍ରତି ସପ୍ତାହରେ ୩ ଦିନ ଲାଇସେନ୍ସପ୍ରାପ୍ତ କୋଚ୍‌ମାନେ ପିଲାମାନଙ୍କୁ ଟ୍ରେନିଂ ଦେବେ। ଏହି କାର୍ଯ୍ୟକ୍ରମ ଜାରି ରହିଲେ ଆଗାମୀ ୧୦ ବର୍ଷ ମଧ୍ୟରେ ଉନ୍ନତ ଟ୍ରେନିଂପ୍ରାପ୍ତ ଅନେକ ଖେଳାଳି ଉପଲବ୍ଧ ହୋଇପାରିବେ ଏବଂ ରାଜ୍ୟ ଫୁଟବଲ ଅଧିକ ଶକ୍ତିଶାଳୀ ହୋଇପାରିବ ବୋଲି ଲକ୍ଷ୍ୟ ରଖାଯାଇଛି।

ଫୁଟବଲ ପରି ହକିରେ ମଧ୍ୟ ସମାନ ବ୍ୟବସ୍ଥା ଆରମ୍ଭ ହେଉଛି। ଗୋଟିଏ ବ୍ୟାଚ୍‌ରେ ୮ରୁ ୧୧ ଏବଂ ଦ୍ୱିତୀୟ ବ୍ୟାଚ୍‌ରେ ୧୨ରୁ ୧୫ ବର୍ଷୀୟ ପିଲାଙ୍କୁ ନିଆଯିବ। ପ୍ରତି ବ୍ୟାଚ୍‌ରେ ବାଳିକା ଓ ବାଳକ ମିଶି ୪୦ ଜଣ ରହିବେ। କଳିଙ୍ଗ ଷ୍ଟାଡିୟମରେ ପ୍ରତି ରବିବାର ପିଲାମାନଙ୍କୁ ଟ୍ରେନିଂ ଦିଆଯିବ। ଏହାପରେ ଟ୍ରେନିଂ ଦିବସକୁ ବୃଦ୍ଧି କରାଯିବ। ଚଳିତ ମାସ ୪ ତାରିଖରୁ ଏଥିପାଇଁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି କ୍ରୀଡ଼ା ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି।

# ଜାଡେଜା ଆହତ, ଏସିଆ କପ୍‌ରୁ ଓହରିଲେ

**ଦୁବାଇ, ୨୧୯ (ପି.ଟି.):** ଆଣ୍ଠୁରେ ଆଘାତ ଯୋଗୁ ଟିମ୍ ଇଣ୍ଡିଆ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଚଳିତ ଏସିଆ କପର ଅବଶିଷ୍ଟ ଭାଗରୁ ଓହରି ଯାଇଛନ୍ତି। ତାଙ୍କ ସ୍ଥାନରେ ଅକ୍ଷର ପଟେଲଙ୍କୁ ଦଳରେ ନିଆ ଯାଇଛି। ଅଗଷ୍ଟ ୨୮ରେ ପାକିସ୍ତାନ ବିପକ୍ଷରେ ଭାରତର ବିଜୟରେ ଜାଡେଜା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେ ୨୯ ବଲ୍‌ରୁ ୩୫ ରନ ସଂଗ୍ରହ କରିଥିଲେ। ହଂକଂ ବିପକ୍ଷ ମ୍ୟାଚରେ ସେ ବ୍ୟାଟିଂ ସୁଯୋଗ ପାଇ ନ ଥିଲେ ହେଁ ଚମତ୍କାର ବୋଲିଂ କରି ୪ ଓଭରରେ ମାତ୍ର ୧୫ ରନ ଦେଇ ଗୋଟିଏ ଉଇକେଟ ନେଇଥିଲେ। ତେବେ ସେ ଆସନ୍ତା ଅକ୍ଟୋବର-ନଭେମ୍ବରରେ ହେବାକୁଥିବା ଟି୨୦ ବିଶ୍ୱକପ ବେଳକୁ ସୁସ୍ଥ ହୋଇଯାଇଥିବେ ବୋଲି ଟିମ୍ ମ୍ୟାନେଜମେଣ୍ଟ ଆଶା ରଖିଛି। ଏସିଆର କପ୍‌ର ସୁପର-୪ ପର୍ଯ୍ୟାୟରେ ଭାରତ ଏହାର ପ୍ରଥମ ମ୍ୟାଚ ରବିବାର ଖେଳିବ।


ଉତ୍ତରାଖଣ୍ଡର ପର୍ବତ ଶୃଙ୍ଗ ସତୋପନ୍ଥ (୭୦୭୫ ମିଟର) ଆରୋହଣ ପରେ ଓଡ଼ିଶାର ସତ୍ୟବ୍ରତ ଦାସ।

# ଅଭିଜ୍ଞତା ନେଇ ଫେରିଲେ ଆର୍ଯ୍ୟନ

**ଭୁବନେଶ୍ୱର, ୨୧୯ (କ୍ରୀଡ଼ା ପ୍ରତିନିଧି):**

ଅଗଷ୍ଟ ୨୦ରୁ ୩୧ ପର୍ଯ୍ୟନ୍ତ ୯ମ ଏସୀୟ ଯୁବ ହ୍ୟାଣ୍ଡବଲ୍ ଚାମ୍ପିୟନଶିପ୍ ବାହାରିନ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ ଓଡ଼ିଶାର ଆର୍ଯ୍ୟନ ବ୍ରାହ୍ମିନ। ପ୍ରତିଯୋଗିତାରେ ଭାରତର ପ୍ରଦର୍ଶନ ଭଲ ରହି ନ ଥିଲେ ହେଁ ଅଭିଜ୍ଞତା ଆହରଣ କରି ବ୍ରାହ୍ମିନ ଶୁକ୍ରବାର ଭୁବନେଶ୍ୱର ଫେରିଛନ୍ତି। ଏହି ଅଭିଜ୍ଞତା ଆଗାମୀ ଦିନରେ ତାଙ୍କୁ ବେଶ୍ ସହାୟକ ହେବ ବୋଲି ସେ ଆଶା ରଖିଛନ୍ତି। ଏହା ପୂର୍ବରୁ ତେହେରାନରେ ଅନୁଷ୍ଠିତ ଦ୍ୱିତୀୟ ଏସୀୟ ବିଚ୍ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ମଧ୍ୟ ଆର୍ଯ୍ୟନ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।


ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ ପରେ ଆର୍ଯ୍ୟନ ବ୍ରାହ୍ମିନ।

## ରାଜ୍ୟ ଖବର

# ନବଦମ୍ପତିଙ୍କ ଆତ୍ମହତ୍ୟା

**ବାଲେଶ୍ୱର ଅଫିସ, ୨୧୯:** ବାଲେଶର ଜିଲା ସଦର ଥାନା ଅଧୀନ ଚଷାଖଣ୍ଡ ପଞ୍ଚାୟତର ମଧୁପୁରା ଗାଁର ଅଭାବନୀୟ ଘଟଣା ଘଟିଛି। ବାହାଘରର ୨ମାସ ନ ପୂରୁଣୁ ଶୁକ୍ରବାର ସନ୍ଧ୍ୟାରେ ଉଭୟ ସ୍ତ୍ରୀ ସ୍ୱାମୀ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ହରିଶଙ୍କର ଜେନା (୨୮) ଓ ଭଦ୍ରକ ଅଞ୍ଚଳର ବେବି ଜେନା (୨୪) ଦୁଇମାସ ତଳେ ସୋସିଆଲ ମିଡିଆରେ ସମ୍ପର୍କ ସ୍ଥାପନ କରିବା ପରେ ପ୍ରେମ ବିବାହ କରିଥିଲେ। ସେମାନେ ପରିବାର ମଧ୍ୟରେ ଅଲଗା ହୋଇ ରହୁଥିଲେ। ଆର୍ଥିକ ଅନାଟନ ଲାଗି ରହିଥିବା କାରଣରୁ ଦମ୍ପତିଙ୍କ ମଧ୍ୟରେ କଥା କଟାକଟି ହେଉଥିଲା। ହରିଶଙ୍କରଙ୍କ ମା' ୪ ଦିନ ଧରି ବନ୍ଧୁ ଘରକୁ ଯାଇଥିବା ବେଳେ ବାପା ଓ ସାନଭାଇ ମଧ୍ୟ କାମକୁ ଯାଇଥିଲେ । ଘରେ କେହି ନ ଥିବା ବେଳେ ହରିଶଙ୍କର ଓ ବେବି ବିଷ ପିଇ ଦେଇଥିଲେ। ସାନ ଭାଇ ପଡୋଶୀଙ୍କ ସହାୟତାରେ କବାଟ ଭାଙ୍ଗି ଉଭୟଙ୍କୁ ଜିଲା ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ନାଡ଼ପାଲି ଜଙ୍ଗଲରୁ ୨ ମାଓବାଦୀ ଗିରଫ

**ମାଲକାନଗିରି, ୨୧୯ (ଡି.ଏନ.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ପୋଲିସର ସର୍ଚ୍ଚ ଅପରେଶନ ବେଳେ ନାଡପାଲି ଜଙ୍ଗଲରୁ ୨ ଜଣ ମାଓବାଦୀ ଗିରଫ ହୋଇଛନ୍ତି। ସେମାନେ ହେଲେ କାକା କିସ୍ତା ଓ କଡତି ନରସ। ପୋଲିସ ଓ ସିଆରପିଏଫ୍‌ର ପକ୍ଷରୁ ଏହି ଜଙ୍ଗଲରେ ସର୍ଚ୍ଚ ଅପରେଶନ ବେଳେ ଦୁଇ ଜଣ ସନ୍ଦିଗ୍ଧ ବ୍ୟକ୍ତି ଯବାନଙ୍କୁ ଦେଖି ଲୁଚି ପଳାଇବାକୁ ଉଦ୍ୟମ କରୁଥିଲେ। ସେମାନଙ୍କୁ ସନ୍ଦେହ କରି ଯବାନମାନେ କାବୁ କରି ନେଇଥିଲେ। ପଚରାଉଚରା କରିବାରୁ ସେମାନେ ଉଭୟେ ମାଓବାଦୀ ବୋଲି ଜଣାପଡିଥିଲା। ଉଭୟେ ବିଭିନ୍ନ ହିଂସାକାଣ୍ଡରେ ଜଡିତ ରହିଛନ୍ତି। କାକାଙ୍କ ଉପରେ ଜଣେ ଗ୍ରାମବାସୀଙ୍କୁ ଅପହରଣ ଓ ହତ୍ୟା ଅଭିଯୋଗ ରହିଛି। ସେମାନଙ୍କ ନାମରେ ସରକାର ପୂର୍ବରୁ ୧୦ ହଜାର ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ।


ଗିରଫ ୨ ମାଓବାଦୀ।

# ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଶାଖାର କର୍ମକର୍ତ୍ତା ନିର୍ବାଚନ

**ଭୁବନେଶ୍ୱର, ୨୧୯ (ବ୍ୟୁରୋ):** ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଓଡ଼ିଶା ଶାଖାର ନୂତନ କର୍ମକର୍ତ୍ତା ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଛି । ୩ ବର୍ଷ ପାଇଁ ରାଜ୍ୟ ସଭାପତି ଭାବେ ପୂର୍ବତନ ଏମପି ରାମଚନ୍ଦ୍ର ଖୁଣ୍ଟିଆ, କାର୍ଯ୍ୟକାରୀ ସଭାପତି ଘନଶ୍ୟାମ ଜେନା, ସାଧାରଣ ସମ୍ପାଦକ କିଶୋର ଜେନା, ପ୍ରଶାନ୍ତ ବେହେରା, ସୌଭାଗ୍ୟ ପ୍ରଧାନ, ଉପସଭାପତି ମଦନ ମୋହନଧଳ, ବନଲତା ମିଶ୍ର, ସନ୍ଧ୍ୟା ମହାପାତ୍ର, ଶ୍ୟାମ ସୁନ୍ଦର ମହାପାତ୍ର, ପ୍ରଶାନ୍ତ ମହାପାତ୍ର, ବିଦ୍ୟାଧର ମହାନ୍ତି, ପରେଶ ଜେନା, କୋଷାଧ୍ୟକ୍ଷ ଧରଣୀଧର ସ୍ୱାଇଁ, ଯୁଗ୍ମ ସାଧାରଣ ସମ୍ପାଦକ ନିର୍ମାଲ ସାମଲ, ଅକ୍ଷୟ ତ୍ରିପାଠୀ, ସତ୍ୟବ୍ରତ ନାୟକ, ସମ୍ପାଦକ ଏସ୍.ଏନ୍. ସାହୁ, କ୍ଷୀରୋଦ ଓଝା, ପ୍ରଣତୀ ମିଶ୍ର, ଚାରୁଲତା ଦାସ, ପୀତବାସ ପଣ୍ଡା,ପି.କେ. ଦାସ, ବୈଭବ ଜେନା, ଶିବାଜୀ କଅଁର ପ୍ରମୁଖ କାର୍ଯ୍ୟକାରୀ କମିଟିରେ ୩୬ ଓ ସ୍ଥାୟୀ ସଦସ୍ୟ ଭାବେ ୨୮ ଜଣ ନିର୍ବାଚିତ ହୋଇଛନ୍ତି।

# ସ୍ୱତନ୍ତ୍ର ଡ୍ରାଇଭ: କଟିଲା ୨୪,୪୭୪ ଇ-ଚାଲାଣ

**ଭୁବନେଶ୍ୱର, ୨୧୯(ବ୍ୟୁରୋ)**

- ରାଜପଥରେ ଯାନବାହନ ଯାଞ୍ଚ କଡ଼ାକଡ଼ି
- ବିନା ଲାଇସେନ୍ସ ପାଇଁ ୮୮୮ ଗାଡ଼ି ଜବତ
- ୧୨,୫୪୫ ଚାଳକଙ୍କ ଲାଇସେନ୍ସ ରଦ୍ଦ

ଦୁର୍ଘଟଣା ହ୍ରାସ, ନିୟମ ଉଲ୍ଲଂଘନ କରି ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କ ଉପରେ ଅଙ୍କୁଶ ଲଗାଇବାକୁ ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ)ଙ୍କ ପକ୍ଷରୁ ଯାନବାହନ ଯାଞ୍ଚ କଡ଼ାକଡ଼ି କରାଯାଇଛି। ଅଗଷ୍ଟ ୧୬ରୁ ୩୦ ଯାଏ ଦୁଇ ସପ୍ତାହ ଧରି ଜାତୀୟ ଓ ରାଜ୍ୟ ରାଜପଥରେ ସ୍ୱତନ୍ତ୍ର ଡ୍ରାଇଭ କରାଯାଇଛି। ଏହି ସମୟରେ ବିନା ହେଲମେଟରେ ବେପରୁଆ ଗାଡ଼ି ଚାଳନା ପାଇଁ ୨୪,୪୭୪ ଇ-ଚାଲାଣ କଟାଯାଇଛି। ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚଳାଉଥିବା ଅଭିଯୋଗରେ ୮୮୮ ଗାଡ଼ି ଜବତ କରାଯାଇଛି। ଜରିମାନା ବାବଦକୁ ଏସ୍‌ଟିଏ ଟ୍ରାଫିକ୍ ଏନ୍‌ଫୋର୍ସମେଣ୍ଟ ଟିମ୍ ୬୩ ଲକ୍ଷ ୯୮ ହଜାର ୧୧୬ ଟଙ୍କା ଆଦାୟ କରିଛି। ସେହିପରି ବିନା ହେଲ୍‌ମେଟରେ ଗାଡ଼ି ଚଲାଇବା କାରଣରୁ ୧୨,୫୪୫ ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି।



ପାର୍ବଣ ଋତୁକୁ ନଜରରେ ରଖି ସେପ୍ଟେମ୍ବରରେ ଟ୍ରାଫିକ୍ ଏନ୍‌ଫୋର୍ସମେଣ୍ଟ ଡ୍ରାଇଭକୁ ଆହୁରି କଡ଼ାକଡ଼ି କରାଯାଇଛି। ବିନା ହେଲ୍‌ମେଟରେ ଗାଡ଼ି ଚଲାଇଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ମୋଟରଯାନ ଏବଂ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯିବ ବୋଲି ଏନ୍‌ଫୋର୍ସମେଣ୍ଟ ଓ ସଡ଼କ ସୁରକ୍ଷା ଅତିରିକ୍ତ କମିଶନର ଲାଲମୋହନ ସେଠୀ ଚେତାବନୀ ଦେଇଛନ୍ତି। ଏନ୍‌ଫୋର୍ସମେଣ୍ଟ ଡ୍ରାଇଭରେ ହେଲ୍‌ମେଟ ଯାଞ୍ଚ, ସ୍କୁଲ ବସ୍, ଓଭର ଲୋଡିଂ, ଫିଟ୍‌ନେସ ଯାଞ୍ଚ କରାଯିବ। ନିଶାସେବନ କରି ଧରାପଡ଼ିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

ଏକ ପ୍ରେସ୍ ବିଜ୍ଞପ୍ତିରେ ଲାଲମୋହନ କହିଛନ୍ତି, ବାଇକ୍ ଚାଳକଙ୍କ ବିରୋଧରେ ଏହି ସ୍ୱତନ୍ତ୍ର ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସଡ଼କ ଦୁର୍ଘଟଣା ଓ ମୃତ୍ୟୁହାର ରୋକିବା ପାଇଁ ଚାଳକଙ୍କ ମଧ୍ୟରେ ଦାୟିତ୍ୱବୋଧ ସୃଷ୍ଟି କରିବା। ଲୋକମାନେ ସହରାଞ୍ଚଳରେ ହେଲ୍‌ମେଟ ବ୍ୟବହାର କରୁଥିଲେ ମଧ୍ୟ ରାଜପଥରେ ହେଲ୍‌ମେଟ ନ ପିନ୍ଧି ଗାଡ଼ି ଚଲାଇବା କାରଣରୁ ଦୁର୍ଘଟଣା ଘଟୁଛି। ସୂଚନାଯୋଗ୍ୟ, ୨୦୨୧ରେ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ୮୬୮ ବାଇକ୍ ଚାଳକ ସମେତ ମୋଟ୍ ୧୩୦୮ ଜୀବନ ଯାଇଥିଲା। ତନ୍ମଧ୍ୟରୁ ଅଧିକାଂଶ ହେଲ୍‌ମେଟ ପିନ୍ଧି ନ ଥିବା କାରଣରୁ ମୃତ୍ୟୁମୁଖରେ ପଡ଼ିଛନ୍ତି। ସେହିପରି ୧,୨୮୦ ଜଣ ଗୁରୁତର ଓ ୭୪୭ ଜଣ ସାମାନ୍ୟ ଆହତ ହୋଇଥିଲେ।

# ତହସିଲଦାରଙ୍କ ସମେତ ୩୦ କର୍ମଚାରୀଙ୍କ ଦରମା ବନ୍ଦ

**କର୍ତ୍ତବ୍ୟରେ ଅବହେଳା, ଜିଲାପାଳଙ୍କ କାର୍ଯ୍ୟାନୁଷ୍ଠାନ**

**ରାୟଗଡ଼ା ଅଫିସ,୨୧୯**

କର୍ତ୍ତବ୍ୟରେ ଅବହେଳା ବିରୋଧରେ ରାୟଗଡ଼ା ଜିଲାପାଳ ସ୍ୱାଧାଦେବ ସିଂ ଶୁକ୍ରବାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। କାଶୀପୁର ତହସିଲଦାରଙ୍କ ସମେତ ତହସିଲ କାର୍ଯ୍ୟାଳୟର ୩୦ କର୍ମଚାରୀଙ୍କ ମାସକର ଦରମା ବନ୍ଦ କରିଛନ୍ତି।

ସୂଚନାଯୋଗ୍ୟ, ଜିଲାର ବିଭିନ୍ନ ତହସିଲ କାର୍ଯ୍ୟାଳୟରେ ଅନେକ ସମୟରେ କର୍ମଚାରୀଙ୍କ ଅନୁପସ୍ଥିତି, ଠିକ୍ ସମୟରେ ଲୋକଙ୍କୁ ସେବା ପ୍ରଦାନ କରାଯାଉ ନ ଥିବାରୁ ଲୋକେ ନିରାଶ ହୋଇ ଫେରିବା ଏବଂ ସରକାରୀ ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେବାରେ ବିଳମ୍ବ ଘଟୁଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ପହଞ୍ଚିଥିଲା। ବିଶେଷକରି କାଶୀପୁର ତହସିଲ କାର୍ଯ୍ୟାଳୟରେ ଲୋକେ ସେବା ନ ପାଇ ଅଧିକ ହଇରାଣ ହେଉଥିବା ଜିଲାପାଳଙ୍କ ନଜରକୁ ଆସିଥିଲା। ଶୁକ୍ରବାର ଜିଲାପାଳ ରାଜସ୍ୱ ବିଭାଗ ଅଧିକାରୀଙ୍କୁ ନେଇ ସମୀକ୍ଷା ବୈଠକ କରିଥିବାବେଳେ ଏ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ବୈଠକ ପରେ ଜିଲାପାଳ କାଶୀପୁର ତହସିଲଦାର ଏବଂ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଜିଲାର ଅନ୍ୟ ସମସ୍ତ ତହସିଲଦାରଙ୍କୁ ତାଗିଦକରି ତୁରନ୍ତ ରାଜସ୍ୱ ମାମଲାଗୁଡ଼ିକର ଫଇସଲା କରିବାକୁ କହିଥିଲେ। ପ୍ରତ୍ୟେକ ବ୍ଲକରେ ହେବାକୁ ଥିବା ମିନି ଷ୍ଟାଡିୟମ ପାଇଁ ତୁରନ୍ତ ୫ ଏକର ଜାଗା ଚିହ୍ନଟ, ବସ୍‌ଷ୍ଟାଣ୍ଡ ପାଇଁ ଜାଗା ପ୍ରଦାନ, ମିଶନ ଶକ୍ତି ଗୃହ ପାଇଁ ରାୟଗଡ଼ା ତହସିଲ ପକ୍ଷରୁ ଶୀଘ୍ର ଜାଗା ଚିହ୍ନଟ କରିବାକୁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ଗୁଣପୁର ଉପଜିଲାପାଳ ସୋମନାଥ ଦଳବେହେରା, ରାୟଗଡ଼ା ଉପଜିଲାପାଳ ଭୀମସେନ ଶବରଙ୍କ ସମେତ ଜିଲାର ସମସ୍ତ ତହସିଲଦାର ଉପସ୍ଥିତ ଥିଲେ। ତେବେ କାଶୀପୁର ତହସିଲଦାର ଓ କର୍ମଚାରୀଙ୍କ ଦରମା ବନ୍ଦ ବିଷୟରେ ଜିଲାପାଳଙ୍କୁ ପଚାରିବାରୁ ସେ କହିଛନ୍ତି, ଏହା ପ୍ରଶାସନିକ ସ୍ତରର ନିଷ୍ପତ୍ତି। ତେଣୁ ଏ ବିଷୟରେ କୌଣସି ସୂଚନା ଦେଇପାରିବେ ନାହିଁ ବୋଲି ସେ କହିଛନ୍ତି।

# ହୀରାଖଣ୍ଡ ଧକ୍କାରେ ଗାଈ ଚରାଳିଙ୍କ ସହ ୫ ଗୋରୁ ମୃତ

**କୋରାପୁଟ,୨୧୯(ସ୍ୱ.ପ୍ର. )**

ହୀରାଖଣ୍ଡ ଟ୍ରେନ ଧକ୍କାରେ ଶୁକ୍ରବାର ୫ ଗୋରୁ ସମେତ ଗୋଚରାଳିଙ୍କ ମୃତ୍ୟୁ ହୋଇଛି। କୋରାପୁଟ ଜିଲା ଲକ୍ଷ୍ମୀପୁର ରେଳ ଷ୍ଟେସନ ନିକଟରେ ଥିବା ଭୁଇପାଟଣି ଗ୍ରାମଠାରେ ଏପରି ଘଟିଥିବା ଜଣାପଡିଛି। ଗ୍ରାମ ନିକଟ ଦେଇ କେଆର୍ ରେଳ ଲାଇନ ଯାଇଛି। ସବୁ ଦିନ ପରି ଭୁଇପାଟଣି ଗ୍ରାମର ମୁକୁନା ପ୍ରେପେକା ଗାଈ ଚରାଇବାକୁ ଟ୍ରେନ ଲାଇନ ପାର ହେଉଥିବା ସମୟରେ ହଠାତ୍ ଟିକିରି ଆଡୁ ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନ ଆସିଯାଇଥିଲା। ଗୋରୁ ଟ୍ରେନ ଲାଇନ ଉପରେ ଫଶି ରହିଥିବାରୁ ମୁକୁନା ସେମାନଙ୍କୁ ବଞ୍ଚାଇବାକୁ ଚେଷ୍ଟା କରୁଥିଲେ। ଏହି ସମୟରେ ତାଙ୍କ ଉପରେ ଟ୍ରେନ ମାଡ଼ି ଯାଇଥିଲା। ଘଟଣା ସ୍ଥଳରେ ୫ଟି ଗୋରୁ ସମେତ ମୁକୁନାଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଭୁଇପାଟଣି ସମେତ ଆଖପାଖ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଘଟଣା ସ୍ଥଳରେ ଲକ୍ଷ୍ମୀପୁର ରେଳବାଇ ପୋଲିସ ପହଞ୍ଚି ମୁକୁନାଙ୍କ ମୃତଦେହ ଜବତ କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ମୁକୁନାଙ୍କ ଦୁଇ ପୁଅ ବିବାହ କରି ଅନ୍ୟତ୍ର ରହୁଛନ୍ତି। ସେ ଦିନ ମଜୁରି ଲାଗି ଚଳିଥାନ୍ତି।

# ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା

**ବାଲୁଗାଁ,୨୧୯(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ଅଞ୍ଚଳରେ ଅଧିକ ଯୌତୁକ ଦାବିରେ ଜଣେ ମହିଳାଙ୍କୁ ଶ୍ୱଶୁରଘର ଲୋକେ ସଂଘବଦ୍ଧ ଭାବେ ହତ୍ୟା କରିଥିବା ନେଇ ଶୁକ୍ରବାର ଅଭିଯୋଗ ହୋଇଛି। ମୃତା ହେଲେ ସିଙ୍ଗେଶ୍ୱର ଅଞ୍ଚଳର ପ୍ରୀତମ ହୋତାଙ୍କ ସ୍ତ୍ରୀ ସ୍ୱାଗତିକା ପଣ୍ଡା। ଏହି ଘଟଣାରେ ପୋଲିସ ମୃତାଙ୍କ ସ୍ୱାମୀ ପ୍ରୀତମ ଓ ଶ୍ୱଶୁର ଅରୁଣ ହୋତାଙ୍କୁ ଗିରଫ କରିଛି। କୃଷ୍ଣପ୍ରସାଦ ଥାନା ଅଧୀନ ମୋରଡ଼ା ଗ୍ରାମର ସ୍ୱାଗତିକା ଦୁଇ ବର୍ଷ ପୂର୍ବେ ସିଙ୍ଗେଶ୍ୱର ଅଞ୍ଚଳର ପ୍ରୀତମଙ୍କୁ ବିବାହ କରିଥିଲେ। ତେବେ ବିବାହର ତିନିମାସ ପରେ ଅଧିକ ଯୌତୁକ ଦାବିରେ ସ୍ୱାଗତିକାଙ୍କୁ ଶ୍ୱଶୁର ଘର ଲୋକେ ନିର୍ଯାତନା ଦେଇ ଆସୁଥିଲେ। ନିର୍ଯାତନା ଅସହ୍ୟ ହେବାରୁ ଘଟଣା ସମ୍ପର୍କରେ ସ୍ୱାଗତିକା ବାପଘରକୁ ଜଣାଇଥିଲେ। ଗୁରୁବାର ସନ୍ଧ୍ୟାରେ ଶାଶୁଘର ଲୋକେ ମାରପିଟ୍ କରୁଥିବା ନେଇ ସ୍ୱାଗତିକା ଫୋନରେ ଭାଇ ଗୋପାଳ କୃଷ୍ଣ ପଣ୍ଡାଙ୍କୁ ଜଣାଇଥିଲେ। କିଛି ସମୟ ପରେ ଗୋପାଳ ଫୋନରେ ସ୍ୱାଗତିକାଙ୍କ ଶ୍ୱଶୁର ଘର ଲୋକଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କେହି ଫୋନ ଉଠାଇ ନ ଥିଲେ। ରାତି ପ୍ରାୟ ୧୦ ଟାରେ ସ୍ୱାଗତିକାଙ୍କ ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ଗୋପାଳ ପରିବାର ଓ ସମ୍ପର୍କୀୟ ବାଲୁଗାଁ ଡାକ୍ତରଖାନାରେ ପହଞ୍ଚିଥିଲେ। ସ୍ୱାଗତିକାଙ୍କ କାନପାର୍ଶ୍ୱ, ବେକ ଓ ପିଠିରେ କ୍ଷତ ଚିହ୍ନ ଏବଂ ମାଡ଼ ଦାଗ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଶୁକ୍ରବାର ସକାଳେ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ଆଇଆଇସି ରଶ୍ମିରଞ୍ଜନ ଦାସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏ ସମ୍ପର୍କରେ ପୋଲିସ ଦଫା ୪୯୮(କ), ୩୦୨, ୩୦୪(ଖ)ରେ ଏକ ମାମଲା (ନଂ.୧୭୨/୨୨) ରୁଜୁକରି ଅଭିଯୁକ୍ତ ସ୍ୱାମୀ ଓ ଶ୍ୱଶୁରଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ଜଣାପଡ଼ିଛି।

# ତଥ୍ୟବେତ୍ତା ଦେବେନ୍ଦ୍ରଃ କୁଣ୍ଠିତ ବିଦାୟ

**ପ୍ରଦକ୍ଷିଣ**

**ଡକ୍ଟର ହୃଷୀକେଶ ମଲ୍ଲିକ**

ଚଳିତ ଅଗଷ୍ଟ ୨୫ ତାରିଖ ଗୁରୁବାର ମଧ୍ୟାହ୍ନରେ ଜାଣିଲି ଅଗ୍ରଜ ସାରସ୍ୱତ ବନ୍ଧୁ ଦେବେନ୍ଦ୍ର ଦାଶ ଚାଲିଗଲେ। ଏ ଖବରଟି ଶୁଣି ଆକାଶରୁ ଖସିପଡ଼ିଲା ପରି ଲାଗିଲା। ନା, ଏହା ବିଶ୍ୱାସଯୋଗ୍ୟ ନୁହେଁ। କିନ୍ତୁ ସତ୍ୟ ସବୁବେଳେ ସତ୍ୟ। ପରେ ନିଃସନ୍ଦେହ ହେଲି ଯେ ସତରେ ଦେବେନ୍ଦ୍ରବାବୁ ଚାଲିଗଲେ। ସଙ୍ଗେସଙ୍ଗେ 'ଓଡ଼ିଶା ସାହିତ୍ୟ ଏକାଡେମୀ'ରେ ଏକ ଶୋକସଭାର ଆୟୋଜନ ହେଲା ଓ ଆମେ ଏକାଡେମୀ ପରିବାରର ଲୋକେ ସ୍ୱର୍ଗତ ଆତ୍ମା ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଲୁ। ତା'ପରେ ମନ ଭିତରେ ଦେବେନ୍ଦ୍ର ବାବୁ ନାନା ଭାବେ ସାକାର ହୋଇଉଠିଲେ। ସମ୍ପୂର୍ଣ୍ଣ ସୁସ୍ଥ ଥାଇ (ଆପାତଃ ଦୃଷ୍ଟିରୁ) ହଠାତ୍ କ'ଣ ଟିକିଏ ହୋଇଯିବାରୁ ଡାକ୍ତରଖାନା ଯାଇ ସେ ହୃଦ୍‌ଘାତର ଶିକାର ହେଲେ ଓ ଅକୁହାବୋଲା ଆମ ଗହଣରୁ ବିଦାୟ ନେଇଗଲେ।

ମୋ' ମତରେ ଆମ ସମକାଳର ସାହିତ୍ୟ-ସମାଲୋଚକଙ୍କ ମଧ୍ୟରେ ଦେବେନ୍ଦ୍ରବାବୁ ଥିଲେ ଜଣେ ଅସଲି ଜହୁରୀ। ଯେଉଁ ବିଷୟରେ ଲେଖୁଥିଲେ, ଛେନାରୁ ଚୋପା ଛଡ଼େଇ ଲେଖୁଥିଲେ। ନାନା ପାଠାଗାର, ଅଭିଲେଖାଗାର, ବ୍ୟକ୍ତି-ବଳୟ- ଖୋଜାଖୋଜି କରି ସେ ତାଙ୍କ ଗବେଷଣାକୁ ଉପଯୁକ୍ତ ତଥ୍ୟ ଦ୍ୱାରା ପୁଷ୍ଟ କରୁଥିଲେ। ତାଙ୍କର କୌଣସି ଲେଖାରେ ସେ ଉପରଠାଉରିଆ କେବେ ବି ନ ଥିଲେ। ରାଧାନାଥ ରାୟ ଓ ନଗେନ୍ଦ୍ରବାଳାଙ୍କ ସମ୍ପର୍କରେ ଯେଉଁ ତଥ୍ୟରାଜିର ସେ ଉଦ୍‌ଘାଟନ କରିଯାଇଛନ୍ତି, କବି ବ୍ରଜନାଥ ରଥଙ୍କ ଛଡ଼ା ଅନ୍ୟ କାହାରି ଲେଖାରେ ସେ ପ୍ରକାର ମୌଳିକତା ମୁଁ ଲକ୍ଷ୍ୟକରି ନାହିଁ। ଓଡ଼ିଆ ସାହିତ୍ୟର ପୁନଃ ଅଧ୍ୟୟନ କରି ଅଧ୍ୟୟନ କାଳରେ ସେ ଲକ୍ଷ୍ୟ କରିଥିବା କେତେକ ତ୍ରୁଟିର ଯେଉଁ ସଂଶୋଧନ କରିଛନ୍ତି, ତାହା ଓଡ଼ିଆ ସାହିତ୍ୟ ଇତିହାସର ନବ ନିର୍ମାଣରେ ମୂଲ୍ୟବାନ୍ ଆଧାର ହୋଇଉଠିଛି। ତାଙ୍କର ପ୍ରଧାନ ଗ୍ରନ୍ଥଗୁଡ଼ିକ ମଧ୍ୟରେ 'ଉତ୍କଳ ସମ୍ମିଳନୀ: ୧୮୦୩-୧୯୩୬', 'ଫକୀରମୋହନ ସେନାପତିଙ୍କ ଗଳ୍ପ ସମଗ୍ର', ରାଧାନାଥ, ଫକୀରମୋହନ, ଗୋପବନ୍ଧୁ ଓ ମଧୁସୂଦନ ଗ୍ରନ୍ଥାବଳୀର ସମ୍ପାଦନା ବିଶେଷ ତାତ୍ପର୍ଯ୍ୟ ବହନ କରେ। 'ରାମକୃଷ୍ଣ କାବ୍ୟ ସଂଗ୍ରହ'ର ମଧ୍ୟ ସେ ସମ୍ପାଦନା କରିଛନ୍ତି। ନନ୍ଦକିଶୋର ଓ ଗଙ୍ଗାଧରଙ୍କ କବିତ୍ୱର ଯେଉଁ ବିରଳ ଚର୍ଚ୍ଚା ସେ କରିଯାଇଛନ୍ତି, 'ଫୁଲ ଫୁଟିବାର କାହାଣୀ' ଓ 'ଗଙ୍ଗାଧର : କବିତା ଓ କବିଆତ୍ମା' ଗ୍ରନ୍ଥଦ୍ୱୟ ତା'ର ପ୍ରମାଣ। ଓଡ଼ିଆ ସାହିତ୍ୟର ସଂଶୟମୁକ୍ତ କାଳନିର୍ଣ୍ଣୟ, ନବ ବ୍ୟାଖ୍ୟା ଓ ସାରସ୍ୱତ ସ୍ରଷ୍ଟାମାନଙ୍କର 'ଜୀବନ ଚରିତ' ପ୍ରଣୟନରେ ତାଙ୍କ ସରି ହେବାଭଳି ସମାଲୋଚକ ଓଡ଼ିଆ ସାହିତ୍ୟରେ କ୍ୱଚିତ୍ ପରିଦୃଷ୍ଟ।

ବିଶିଷ୍ଟ ଲେଖକ ଓ ସାହିତ୍ୟ ସମାଲୋଚକ ଗୋବିନ୍ଦଚନ୍ଦ୍ର ଉଦ୍‌ଗାତାଙ୍କର ଚଳିତବର୍ଷ ମେ' ୨୯ ତାରିଖରେ ଯେଉଁ ଜନ୍ମ-ଶତବାର୍ଷିକୀ ସମାରୋହ ସମ୍ବଲପୁରଠାରେ ଅନୁଷ୍ଠିତ ହୋଇଥିଲା (ଯାହାର ଆୟୋଜକ ଥିଲେ ଓଡ଼ିଶା ସାହିତ୍ୟ ଏକାଡେମୀ), ତା'ର ବହୁ ଶ୍ରେୟ ଦେବେନ୍ଦ୍ରବାବୁଙ୍କର ହିଁ ପ୍ରାପ୍ୟ ଥିଲା। ସେ ଓ ମୁଁ ଏକାଡେମୀରେ ବସି ସମୁଦାୟ ସମ୍ମାନର ଖସଡ଼ା ପ୍ରସ୍ତୁତ କରିଥିଲୁ। କାହା କାହାକୁ ପ୍ରବନ୍ଧ ପାଠ ପାଇଁ ଡକାଯିବ- ତାହାର ତାଲିକା ତିଆରି କରିଥିଲୁ। ଆରମ୍ଭରୁ ଗୋବିନ୍ଦ ଚନ୍ଦ୍ରଙ୍କ କନ୍ୟା ଓ ଜାମାତାଙ୍କୁ ନେଇ ଦେବେନ୍ଦ୍ରବାବୁ କିପରି ଏହି ସମାରୋହ ଉନ୍ନତମାନର ହୋଇପାରିବ, ମୋ' ସହ ତାଳମେଳ ରଖି, କାନ୍ଧକୁ କାନ୍ଧ ମିଳାଇ କାର୍ଯ୍ୟ କରିଥିଲେ। ମେ ୨୮ ତାରିଖରେ ଆମେ ସାଙ୍ଗ ହୋଇ ସମ୍ବଲପୁର ଯାଇଥିଲୁ। ବାଟସାରା ସେ ତାଙ୍କ ଜୀବନର କେତେ ଯେ ଅସରା ଗପ ଗପିଥିଲେ, ତା'ର ହିସାବ ନାହିଁ। ଅଧ୍ୟାପନା ପାଇଁ ଚୟନବୋର୍ଡରେ ନିଜର ଶିକ୍ଷକ ସର୍ବନିୟନ୍ତା ଥାଇ ତାଙ୍କୁ କିପରି ଶିଶୁପାଳ ହେବାକୁ ପଡ଼ିଥିଲା ଓ ଏହା ସତ୍ତ୍ୱେ କିପରି ତାଙ୍କର କିଛି କ୍ଷୋଭ ନ ଥିଲା- ତାହା ସେ ମୋତେ ଗୋଟି ଗୋଟି କରି କହିଥିଲେ।

 କଥା ପ୍ରସଙ୍ଗରେ ବି କହିଥିଲେ, ନିଜ ଜନ୍ମିତ ଗାଁ (ଜଗତ୍‌ସିଂହପୁର ଜିଲାର ମାଛ ଗାଁ ପାଖ ବୀରନରସିଂହପୁର ଶାସନ)ର କେତେ କାହାଣୀ। କିପରି ସେ ସେଠାରେ ପାଠାଗାର ଓ ଦେବାଳୟମାନ ସ୍ଥାପନ କରି ନିତ୍ୟ ପୁରାଣପାଠର ବ୍ୟବସ୍ଥା ନିଜ ବ୍ୟୟରେ କରିଛନ୍ତି ଓ ମଝିରେ ମଝିରେ ଗାଁକୁ ଯାଇ ଗାଁ ଲୋକଙ୍କ ସହ ସମ୍ପର୍କ ରଖିଛନ୍ତି, ତାହା ବଖାଣି ଥିଲେ। ସେ ରହୁଥିବା ଫ୍ଲାଟ୍‌ର ଉପର ମହଲାରେ ତାଙ୍କ ପଢ଼ାଘର। ସେଠି ସେ ପଢ଼ାପଢ଼ି ଓ ଲେଖାଲେଖି କରନ୍ତି। ମଧ୍ୟାହ୍ନ ଭୋଜନ ପରେ ପତ୍ନୀଙ୍କ ସହ ସୁଖଦୁଃଖ ହେବାରେ ତାଙ୍କ ସମୟ କଟେ। ତାଙ୍କ ଘର ଓ ଗାଡ଼ି କିଣାର କାହାଣୀ ମଧ୍ୟ ସମ୍ବଲପୁର ଯାତ୍ରା କାଳର ଗପସପରୁ ସେଦିନ ବାଦ୍ ପଡ଼ି ନ ଥିଲା। ଏତେ ନିଷ୍କପଟ, ଖୋଲା ହୃଦୟର ଲୋକ ଖୁବ୍ କମ୍ ଅଛନ୍ତି ଆଜିର ଯୁଗରେ।

ଘରୋଇ କଲେଜରେ ଚାକିରି କରିବାରେ ତାଙ୍କର ଅଧ୍ୟାପନା ଜୀବନ ବିତିଥିଲା। ଚାକିରିକାଳର ବେଶୀ ସମୟ ସେ ରାଉରକେଲାରେ କଟାଇଥିଲେ। ସ୍ୱର୍ଗତ କ୍ଷେତ୍ରବାସୀ ନାୟକଙ୍କ ଦ୍ୱାରା ସ୍ଥାପିତ 'ଓଡ଼ିଆ ଗବେଷଣା ପରିଷଦ' ସହ ସେ ଦୀର୍ଘକାଳ ସକ୍ରିୟ ଭାବେ ଜଡ଼ିତ ଥିଲେ। 'ଏଷଣା' (ପରିଷଦର ମୁଖପତ୍ର)ର ମଧ୍ୟ ସେ ଥିଲେ ଅନ୍ୟତମ ବିନ୍ଧାଣି। ଦେବେନ୍ଦ୍ରବାବୁ ସ୍ୱଚ୍ଛନ୍ଦରେ ଗବେଷଣା ପାଇଁ କମଳା ନେହେରୁ କଲେଜରେ ଅବସ୍ଥାପିତ ଥିବାବେଳେ ଅଧ୍ୟାପନା ବୃତ୍ତିରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିଲେ। ସେ ଥିଲେ ଆତ୍ମପ୍ରଚାର ବିମୁଖ, ନିରଳସ ବାଣୀ ସେବକ। ଓଡ଼ିଆ ସାହିତ୍ୟର ସବୁଠୁଁ ନିର୍ଭରଯୋଗ୍ୟ ଏହି ତଥ୍ୟବେତ୍ତା ସାଧକ ଜଣକ ଆମକୁ ଅଧା ବାଟରେ ଛାଡ଼ିଦେଇ ଚାଲିଗଲେ- ଏହା ହିଁ ଆମର ଅବସୋସ। ୨୦୨୦ ମସିହା ପାଇଁ 'ଓଡ଼ିଶା ସାହିତ୍ୟ ଏକାଡେମୀ' ଦ୍ୱାରା ସେ ସମ୍ବର୍ଦ୍ଧିତ ହୋଇଥିଲେ ଓ ମୋ ସଭାପତିତ୍ୱରେ ସଂସ୍କୃତି ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ଉତ୍ସବରେ ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ।

ଏ ସ୍ମୃତି ଅଲିଭା। ୧୯୫୪ (ଜୁଲାଇ ୨୮ରେ ଜନ୍ମ)ରୁ ୨୦୨୨ (ମେ' ୨୫ରେ ପରଲୋକ)-୬୮ ବର୍ଷର ଏକ ଚଳମାନ ଜ୍ଞାନ-ତପସ୍ୱୀଙ୍କର ଏ ଅକାଳ-ଅସ୍ତ ବରଦାସ୍ତ କରିବାର ନୁହେଁ। ତାଙ୍କ ଶୂନ୍ୟସ୍ଥାନ ନିକଟ ଭବିଷ୍ୟତରେ ପୂରଣ ହେବ- ଏ ଆଶା ଦିଶୁନାହିଁ। ତାଙ୍କୁ ମୋର ଓ ମୋ' ଭାଷା-ସାହିତ୍ୟର ଶତଶତ ପ୍ରଣାମ!

ମୋ: ୯୮୫୩୨୮୭୭୫୫






ଦେବେନ୍ଦ୍ର କୁମାର ଦାଶଙ୍କ ଜନ୍ମ ୨୮ ଜୁଲାଇ ୧୯୫୪ରେ, ଜଗତ୍‌ସିଂହପୁର ଜିଲାର ମାଛଗାଁ ନିକଟବର୍ତ୍ତୀ ବୀରନରସିଂହପୁର ଶାସନରେ। ଗାଁ ସ୍କୁଲ୍‌ରୁ ପ୍ରାଥମିକ ଶିକ୍ଷା, ଓଟିନ୍ଦା ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍, ଗଙ୍ଗାଧର ମେହେର ମହାବିଦ୍ୟାଳୟରୁ ସ୍ନାତକ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଶିକ୍ଷାଲାଭ। ଓଡ଼ିଆ ଭାଷା-ସାହିତ୍ୟରେ ଦୀର୍ଘକାଳର ଅଧ୍ୟାପନା ପରେ, ଗବେଷଣା ଓ ଅଧ୍ୟୟନ ପାଇଁ ଅନେକ ସମୟ ଦେବା ଲକ୍ଷ୍ୟରେ ଭୁବନେଶ୍ୱରର କମଳା ନେହେରୁ କଲେଜରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ। ବହୁ ଗ୍ରନ୍ଥ ଓ ଗ୍ରନ୍ଥାବଳୀର ତଥ୍ୟନିଷ୍ଠ ସମ୍ପାଦନା, ଯହିଁରେ ପ୍ରମୁଖ ରାଧାନାଥ, ଫକୀରମୋହନ, ଗୋପବନ୍ଧୁ ଓ ମଧୁସୂଦନ ଗ୍ରନ୍ଥାବଳୀ। ଓଡ଼ିଆ ସାହିତ୍ୟକୁ ବିରଳ ଅବଦାନ ପାଇଁ ୨୦୨୦ରେ 'ଓଡ଼ିଶା ସାହିତ୍ୟ ଏକାଡେମୀ' କର୍ତ୍ତୃକ ସମ୍ବର୍ଦ୍ଧିତ। ୨୫ ଅଗଷ୍ଟ ୨୦୨୨ରେ ହୃଦ୍‌ଘାତରେ ପରଲୋକ। ଜ୍ଞାନ-ତପସ୍ୱୀ ଦେବେନ୍ଦ୍ରଙ୍କୁ ନେଇ ଏ ଶୋକାଲେଖ୍ୟ...

## କବିତା

### ପଥର

**ରଞ୍ଜନ କୁମାର ଦାସ**

ପଥର ବଡ଼ ଅଭିଶପ୍ତ !

ଶିଳ୍ପୀର ଶତ ପ୍ରଚେଷ୍ଟା ସତ୍ତ୍ୱେ
ଯେତେ ଜୀବନ୍ତ ଦିଶିଲେ ବି ପଥର
ତା' ଦେହକୁ ଫେରିପାରେନା ଜୀବନ।

ପଥରର ମୂର୍ତ୍ତି ପଥର ସବୁବେଳେ
ସ୍ଥିର, ସ୍ଥବିର, ନିସ୍ତରଙ୍ଗ
ତା' ଦେହରେ ନ ଥାଏ ଆବେଗ, ଉଚ୍ଛ୍ୱାସ
ହର୍ଷ, ବିଷାଦ, ଉଲ୍ଲାସ
ପ୍ରେମ, ବିରହ, ଆଗ୍ରହ, ଅଭିମାନ।

ପଥରର ମୂର୍ତ୍ତି ପଥର ସବୁବେଳେ
ସେ କ'ଣ ବୁଝିବ ସମ୍ପର୍କ
ବୁଝିବ ଆପଣାପଣ
ଯେତେ କୁଣ୍ଢେଇଲେ ତାକୁ
ସେ କ'ଣ ଲାଗିବ ନରମ ?

ପଥର ବଡ଼ ଅଭିଶପ୍ତ
ଖୁବ୍ ଏକୁଟିଆ ତା'ର ଜୀବନ।

ମୋ: ୯୪୩୭୨୮୬୫୧୨

### ସୂର୍ଯ୍ୟଘଡ଼ି

**ଡ. ଗୌରୀଶଙ୍କର ସାହୁ**

ଦେଖା ହେଲେ,
ରେଭେନ୍ସାର ସୂର୍ଯ୍ୟଘଡ଼ି
ପ୍ରତିଥର ଗୋଟିଏ କଥା କହେ।
ଉଡୁଥିବା ସମୟର ସଦ୍ୟ ସ୍ଥିତି
ରଙ୍ଗ ବେରଙ୍ଗର ନାନା ଫୁଲଗଛ,
ଫୁଲେଇ ଘାସ ଗାଲିଚା ମଝିରେ
ଚୁପ୍‌ଚାପ୍ ବସିଥିବା
ସୂର୍ଯ୍ୟଘଡ଼ିଟି ଜଣାଇଥାଏ।

ସୂର୍ଯ୍ୟ ଆସେ, ଯାଏ ପ୍ରତିଦିନ
ଯେମିତି ଆସନ୍ତି, ଯାଆନ୍ତି
ଶିକ୍ଷକ, ଶିଷ୍ୟ ଓ ବାକି କର୍ମଚାରୀଗଣ
ସେଇଠି ସେମିତି ବସିଥାଏ ସୂର୍ଯ୍ୟଘଡ଼ି
ରାତିସାରା, ଦିନତମାମ,
ଯେମିତି କୁରୁକ୍ଷେତ୍ର ଯୁଦ୍ଧ ଦେଖୁଥିଲା
ବେଲାଳସେନ।

ଏ ଘଡ଼ି ଆଜି କି କାଲିର ନୁହେଁ,
ଯୁଗ ଯୁଗ ଧରି ଦେଖିଆସିଛି ସେ
ସୂର୍ଯ୍ୟ ପରାଗ ଓ ଚନ୍ଦ୍ର ଗ୍ରହଣ।
ଏ ଜାତିର ଯେତେ ତିଥି ବାର
ଏକୋଇଶିଆ, ତୁଠଘର
ସବୁଠି ଲୋଡ଼ାଯାଏ ପାଞ୍ଜି
ଏଇ ଘଡ଼ିଟିରୁ ସମୟର
ସ୍ୱରୂପ ଜାଣେ ପାଞ୍ଜିକାର।

ଏଇ ଘଡ଼ିଟି କହେ
କେବେ ହେବ କେଉଁ ପୂଜା
କେବେ କେଉଁ ପାର୍ବଣ।
ଆର୍ଯ୍ୟଭଟ୍ଟଙ୍କ ଆଗରୁ ବି ଥିଲା ଏ ଘଡ଼ି
ପଠାଣି ସାମନ୍ତଙ୍କ ସିଦ୍ଧାନ୍ତ ଦର୍ପଣ
ତା'ର ପ୍ରମାଣ।
'ଛାଇ' କେବେ ବି
ସଇତାନର ପ୍ରତୀକ ନୁହେଁ
ପରମ ପବିତ୍ର ସମୟର ରୂପକାର ସିଏ
ଏଇକଥା, ଦୁନିଆର ସବୁ
ସୂର୍ଯ୍ୟଘଡ଼ି କହେ।

ଯେତେବେଳେ ସମାଜର
ବଡ଼ପଣ୍ଡାମାନେ
ପାଟି ସିଲେଇ କରି ବସିଥିଲେ,
ସେତେବେଳେ ୟାକୁ ଏଇଠି
ବସେଇଦେଇ
ବଡ଼ପାଟିରେ ଏହି କଥା
କହିଦେଇଥିଲେ
ଯୋଗେଶ ଚନ୍ଦ୍ର ରାଏ।

ମୋ: ୭୯୭୮୪୨୧୮୩୫

### ବଢ଼ି

**ମଧୁସୂଦନ ଦାଶ**

କୁମ୍ଭୀରର ଆଁ ଭିତରେ
ସନାତନର ଘର।

ନଈକୂଳିଆ ଧୀର ପବନ
ଛାଡ଼ିଯିବାକୁ ନ ହୁଏ ମନ
ପ୍ରେମରେ ବାଇଆ ହୋଇ
ସାତପୁରୁଷ ଭିଟାମାଟିରେ
ଦାନ୍ତକାମୁଡ଼ି ପଡ଼ିଛି ସନାତନ।

କୁମ୍ଭୀରର କଲିଜା ସୁହାଗ
ନଈବଢ଼ିର ନିବିଡ଼ତା ଭିତରେ
ସେ ବିତେଇ ସାରିଲାଣି
ପଚାଶ ପାରେ ବୟସ।

ଡକରା ଆସିଛି ତାକୁ
ନଈବନ୍ଧ ମରାମତି ହେବ
ଆଜି ରାତି ଭିତରେ
କହିହବନି କିଛି
ବନ୍ଧର ଭାଗ୍ୟ କ'ଣ ହେବ
ଆସନ୍ତାକାଲି।

କାମକୁ ଯିବକି ଯିବନି
ଭାବୁଭାବୁ ଝିଅ ତା'ର
ଡାକ ଦେଲା ବାପା ଆସ
ଖାଇବ ରୁଟି ଶୁଖି ଗଲାଣି।

ରୁଟି ଖଣ୍ଡ ପାଟିକୁ
ନଉନଉ ବଢ଼ି କଥା ଭୁଲିଯାଉଥିଲା
ସନାତନ ତା'ବଢ଼ିଲା ଝିଅ
ତାକୁ ନଈବଢ଼ି ପରି ଦିଶୁଥିଲା।

ମୋ: ୯୪୩୭୩୩୨୪୯୮

## ପୁସ୍ତକ ପରିଚୟ

### ମହାଦ୍ରୁମ



**ଲେଖକ:** ଗୁରୁଚରଣ ବେହେରା
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୯୫/-

ଆଲୋଚ୍ୟ ଗଳ୍ପଗ୍ରନ୍ଥରେ ମୋଟ ୧୭ଟି ଗଳ୍ପ ସ୍ଥାନିତ। ଗଳ୍ପଗୁଡ଼ିକ ଭିତରେ ଖୁବ୍ ନିଃଶବ୍ଦରେ ନଈର ଏକ ସ୍ପନ୍ଦନ ସମାହିତ ହୋଇ ରହିଛି- ଏପରି ଲାଗେ। ଗ୍ରନ୍ଥାରମ୍ଭରେ ଲେଖକ କହିଛନ୍ତି: ''ନଈ ଓ ନଈକୂଳିଆଙ୍କୁ ନେଇ ଅଜବ ଅଜବ ମିଥ୍, ଲୋକକଥା ଓ ଲୋକଶ୍ରୁତି। ସେଇ ନଈ, ସେଇ ଗାଁ ମୋ' କାହାଣୀର ରକ୍ତ, ମାଂସ, ଆତ୍ମା। ନଈଟିର ନାଁ ବ୍ରାହ୍ମଣୀ, ଗାଁଟିର ନାଁ କଅଁରପୁର। ମୋ' କାହାଣୀର ନଈଟି ଅନେକ ନଈରେ ମିଶିଯାଇଛି, ଗାଁଟି ଅନେକ ଗାଁରେ ମିଶିଯାଇଛି।'' 'ନଈର ଆତ୍ମା', 'ନଈପଠା' ଓ 'କୁମ୍ଭୀର ଶିକାର' ଭଳି ଗଳ୍ପଗୁଡ଼ିକ ଗାଳ୍ପିକଙ୍କ ବକ୍ତବ୍ୟ ସପକ୍ଷରେ ସଦମ୍ଭରେ ଛିଡ଼ା ହୁଅନ୍ତି। ଗୁରୁଚରଣଙ୍କ ଗଳ୍ପଗୁଡ଼ିକ ପଢ଼ିଲେ ମନେହୁଏ, ପ୍ରତିଟି ଗଳ୍ପରେ ଏକ ବିଶାଳ ଉପନ୍ୟାସର ସମ୍ଭାବନା ଲୁଚି ରହିଛି। ଏକ ବଡ଼ କାନ୍‌ଭାସ୍‌ରେ ତାଙ୍କ କାହାଣୀ ସବୁ ବିବୃତ ହେବା ପ୍ରତୀକ୍ଷାରେ ଯେପରି ଗୋଡ଼ଟେକି ବସିଛନ୍ତି। ଗଳ୍ପର ଭାଷା ସାଦାସିଧା, ଘରୋଇ ଓ ମନଘେନା ନାନା ସମ୍ଭାବନାରେ ସୃଜନଦୀପ୍ତ। 'ଘର ତିଆରି' ଶୀର୍ଷକ ଗଳ୍ପରୁ ଉଦାହରଣଟିଏ ନେବା: ''ଗାଁର ଚାଳଘର, ଯେଉଁଠି ତା'ର ନାହି କଟା ହେଇଥିଲା, ତା'ର ଷଠୀଘର ହେଇଥିଲା, ଯେଉଁ ଗାଁରେ ତା'ର ଶୈଶବ ଓ କୈଶୋର କଟିଥିଲା, ଯା'ର ଦାଣ୍ଡଧୂଳିରେ କେତେ ମିଛିମିଛିକିଆ ଧୂଳିଘର, କେତେ ବାଗୁଡ଼ି ଖେଳ ଖେଳାଯାଇଥିଲା, ଯା'ର ନଈରେ ପହଁରା ବୁଡ଼ା ଯାଇଥିଲା, ଯା'ର ଆମ୍ବତୋଟା, ବରଗଛ ଥିଲା ତା'ର ଖେଳର ସାଥୀ। x x ଏମିତି ଘରକୁ ଘର ବଦଳି ଚାଲିଛି, ଘରକୁ ଘର ଘୁଞ୍ଚିଘୁଞ୍ଚି ଯାଉଛି।'' ଏକ ଶକ୍ତ ନଷ୍ଟାଲଜିଆ ଗୁରୁଚରଣଙ୍କ ଗଳ୍ପର ଶକ୍ତି ଓ ଖୁବ୍ ସହଜରେ ପାଠକଙ୍କୁ କାବୁ କରିନିଏ।

### ଉପେନ୍ଦ୍ରଭଞ୍ଜଙ୍କ ସୂକ୍ତିମାଳା



**ସଂକଳକ:** ଡ. କମ୍ବୁପାଣି ସାମନ୍ତ
**ପ୍ରକାଶକ:** ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ. ୨୦୦/-

ଆଲୋଚ୍ୟ ଗ୍ରନ୍ଥଟି କବି ଉପେନ୍ଦ୍ରଭଞ୍ଜଙ୍କ କାବ୍ୟ-କବିତାରେ ଶାମୁକା ଗର୍ଭରେ ମୁକ୍ତା ପରି ଲୁଚି ରହିଥିବା 'ସୂକ୍ତିମାଳା'ର ଏକ ଚମତ୍କାର ଚୟନିକା। ଏଥିରେ ଓଡ଼ିଶାର ଜନଜୀବନରେ ପ୍ରଚଳିତ ଢଗଢମାଳି ବା ପ୍ରବାଦ-ପ୍ରବଚନଗୁଡ଼ିକର ରସାଳ ସଂଯୋଜନ କବି ଉପେନ୍ଦ୍ର ତାଙ୍କ କାବ୍ୟଗୁଡ଼ିକରେ କିପରି କରିଛନ୍ତି- ତା'ର ସନ୍ଧାନ କରି ତହିଁରୁ କେତେକକୁ ସଂକଳିତ କରିଛନ୍ତି ସଂକଳକ ଡ. ସାମନ୍ତ। ଉପେନ୍ଦ୍ରଙ୍କ ସାହିତ୍ୟରେ ଉପଲବ୍ଧ ସୂକ୍ତିମାଳାକୁ 'ଲୋକବାଣୀ', 'ସୁଭାଷିତ' ଓ 'କାବ୍ୟରୀତି ସମ୍ବନ୍ଧୀୟ'- ଏହିପରି ତିନୋଟି ଉପବିଭାଗରେ ସେ ସଜାଇଛନ୍ତି। ସଂଗୃହୀତ ସୂକ୍ତି ସପକ୍ଷରେ ସଂକଳକ କହିଛନ୍ତି: ''ଗୋଷ୍ଠୀ ଓ ସମ୍ପ୍ରଦାୟ ନିରପେକ୍ଷତା ତଥା ଧାର୍ମିକ ସହିଷ୍ଣୁତା ସମ୍ପନ୍ନ ନିଖିଳ ମାନବର ଅଭାବ, ସ୍ୱଭାବ ଓ ଭାବର କଥା ଭଞ୍ଜଙ୍କ ଅଧିକାଂଶ ସୂକ୍ତିରେ କଥିତ ହୋଇଛି।'' (ନେପଥ୍ୟ କଥା)। ପୁସ୍ତକରେ ୩୮୫ଟି କ୍ରମିକ ସଂଖ୍ୟାରେ ଛ' ଶହ ସତୁରି ସୂକ୍ତି ସଂକଳିତ। ସୂକ୍ତିଗୁଡ଼ିକର ଆଧାର ହେଉଛି ଉପେନ୍ଦ୍ରଙ୍କ 'ବୈଦେହୀଶ ବିଳାସ', 'ଲାବଣ୍ୟବତୀ', 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ', 'ରସିକ ହାରାବଳୀ', 'ପ୍ରେମ ସୁଧାନିଧି', 'ସୁଭଦ୍ରା ପରିଣୟ', 'ଛାନ୍ଦଭୂଷଣ', 'ରସଲେଖା' ଓ 'ସୁବର୍ଣ୍ଣରେଖା' ଆଦି କାବ୍ୟ। 'ଲୋକବାଣୀ' ପର୍ଯ୍ୟାୟରେ ଥିବା ଗୋଟିଏ ଲୋକବାଣୀ- 'ସପନଧନକୁ କୁଣ୍ଢି ପାତିବା'ର କାବ୍ୟିକ ପ୍ରୟୋଗ 'ଲାବଣ୍ୟବତୀ'ରେ ହୋଇଛି ଏହିପରି: ''ଚିକୁରଶୋଭି ମୁକୁର ପ୍ରତିବିମ୍ବ ଆଲିଙ୍ଗନେ ଯେବେ ଆସିବ/ ମୃଗତୃଷ୍ଣା ଯେବେ ତୃଷ୍ଣାକୁ ନାଶିବ, ସ୍ୱପ୍ନ ତେବେ ସତ ଦିଶିବ।'' ନିହିତାର୍ଥ ହେଲା- ଦର୍ପଣରେ ପ୍ରତିଫଳିତ ପ୍ରତିବିମ୍ବକୁ ଆଲିଙ୍ଗନ କରିହେବ ନାହିଁ। ମରୀଚିକା ଶୋଷ ମେଣ୍ଟାଇ ପାରିବ ନାହିଁ। ସୁତରାଂ ସ୍ୱପ୍ନ-ଧନ କୁଣ୍ଢି ଭିତରକୁ ଆସିପାରିବ ନାହିଁ। ପାଠକଙ୍କ ଅବବୋଧ ପାଇଁ ସୂକ୍ତିଗୁଡ଼ିକରେ ଥିବା କଠିନ ଶବ୍ଦର ଅର୍ଥ ଓ ଭାବାର୍ଥର ସଂଯୋଜନ କରିଥିବାରୁ ସଂକଳକଙ୍କ ଉଦ୍ୟମଟି ଦୀକ୍ଷିତ ଓ ଦୀକ୍ଷାରହିତ ପାଠକଙ୍କ ନିକଟରେ ଯେ ଆଦୃତ ହେବ, ଏଥିରେ ସନ୍ଦେହ ନାହିଁ।

## ମାମୁଘର ଗାଁ ଓ ଶେଫାଳି ଅପା

**ଡ. ସ୍ମୃତି ପଟ୍ଟନାୟକ**

ଗଳ୍ପ

ସୁଜଳା, ସୁଫଳା, ଶସ୍ୟ ଶ୍ୟାମଳା ଗାଁଟିଏ, ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର, ନଈ କୂଳରେ, ସୋରିଷ ଫୁଲର କ୍ଷେତ ମଝିରେ ନାଲି ଓଢ଼ଣି ମଥାରେ ଦେଇ ବିରାଜିତା ଦିବ୍ୟ ସୁନ୍ଦରୀ ଝିଅଟିଏ, ଲାବଣ୍ୟଭରା ମୁଖମଣ୍ଡଳ, ସଦା ପ୍ରସ୍ଫୁଟିତ, ମନକୁ ବିମୋହିତ କଳାଭଳି ରୂପ ରଙ୍ଗ, ଆରଣ୍ୟକ ସବୁଜିମା, ସୁନାରୀ ଫୁଲର ରଙ୍ଗରେ ଚମକୁଥିବା ଗାଁ, ଉଦିତ ସୂର୍ଯ୍ୟର ଆଭାରେ ପ୍ରଥମକରି ଚିତ୍ରୋତ୍ପଳା ନଈର ପାଣି ଚିକିଚିକ୍ କରେ, ସତେକି ସୁନାଖଣ୍ଡସବୁ ଝଲମଲ କରୁଥାଏ ପାଣିରେ, ଖୁବ୍ ସୁନ୍ଦର ବିମୋହିତ କଳାଭଳି ଦୃଶ୍ୟରାଜି, ଐଶ୍ୱର୍ଯ୍ୟମୟୀ ଓ ଆନନ୍ଦମୟୀ ମୋ' ମାମୁଘର ଗାଁ ବାରୁଣା।

ଛୋଟ ବେଳେ ବହୁତ ଥର ମାମୁଘର ଗାଁକୁ ଯାଇଛି ମାଆ ଓ ଭାଇ ଭଉଣୀଙ୍କ ସାଙ୍ଗରେ। ସେତେବେଳେ ମୋର ଯାହା ବି ଅନୁଭବ ଥିଲା, ତାହା ସାଇତା ହୋଇ ରହିଥିଲା ସାତ ତାଳ ପଙ୍କ ଭିତରେ ଶାମୁକାକୁ ସନ୍ଧାନ କଲାପରି ହୃଦୟର କେଉଁ ଏକ କୋଣରେ। ନ ଥିଲା କୌଣସି ଆବିଳତା, ଆମ୍ବ ତୋଟା, ନିଘଞ୍ଚ ବୃକ୍ଷରାଜି ସର୍ବୋପରି କେଳିକୁସୁମର ମହକ ମନ ଭିତରେ ସୃଷ୍ଟି କରିଥିଲା ଖାମଖିଆଲ ସ୍ୱପ୍ନ ଓ ଯେତେସବୁ ଭାବପ୍ରବଣତାର କାରୁକାର୍ଯ୍ୟଭରା କଳାକୃତି। ବାସ୍ତବତାର ପୃଷ୍ଠଭୂମିରେ ଖୁବ୍ ଜୀବନ୍ତ ଲାଗୁଥିଲା ଛୋଟ ବେଳର ମାମୁଘର ଗାଁ। ସତରେ କ'ଣ ଆଉ ଥରେ ଫେରି ଆସିବ ସେଇ ସବୁ ସ୍ମୃତି! ଶେଫାଳି ଅପା ଥିଲା ସବୁଠାରୁ ବଡ଼ ଆକର୍ଷଣ। ସେ ନରେଶ ମାମୁଙ୍କ ଝିଅ, ଭାରି ଚୁଲ୍‌ବୁଲି। ତା' ସହ ସବୁଆଡ଼େ ବୁଲିବାକୁ ଯାଏ ମୁଁ। ସେ ମୋ'ଠାରୁ ଚାରି ପାଞ୍ଚ ବର୍ଷ ବଡ଼ଥିଲା ବୟସରେ, କିନ୍ତୁ ଭାରି ପରିପକ୍ୱ ଥିଲା ସବୁ କାମରେ। ପ୍ରତିବର୍ଷ ଖରାଛୁଟି ମାମୁଘର ଗାଁରେ କଟେ। ମୋର ସପ୍ତମ ଶ୍ରେଣୀବେଳକୁ ଶେଫାଳି ଅପା କଲେଜରେ ପଢ଼ିଲାଣି। ତା'ର ବହୁତ ସାଙ୍ଗ ଥିଲେ। ସେମାନେ ସମସ୍ତେ ମେଳି ହୋଇ ବୁଲନ୍ତି, ନଟ ଭାଇ ପାଖରୁ ଆଇସ୍‌କ୍ରିମ୍ ଖାଆନ୍ତି, ହାଟପାଳି ଦିନ ହାଟରୁ ଖାଆନ୍ତି ଆମ୍ବ, ତାଳସଜ, ବରା ଘୁଗୁନି, ଆଳୁଦମ୍। ମୁଁ ବି ଥାଏ ସେମାନଙ୍କ ସାଙ୍ଗରେ। ଶେଫାଳି ଅପା ମୋତେ ସବୁଠିକୁ ତା' ସାଙ୍ଗରେ ନିଏ। ବାରେଣୀ ଯାତ୍ରାକୁ ବି ଯାଇଥିଲି ତା' ସାଙ୍ଗରେ। ବହୁତ ବଢ଼ିଆ ଲାଗିଥିଲା ସେଦିନ। ବାରମଜା, ଖଜା, ଲଡ୍ଡୁ, ସବୁ ଖାଇଥିଲି। ଫେରିଲାବେଳକୁ ରାତି ଦଶଟା ହେଇଯାଇଥିଲା। ରାତିରେ ସେଦିନ ଆଉ କିଛି ଖାଇ ନ ଥିଲି, ଖୁସିରେ ଶୋଇପଡ଼ିଥିଲି।

ଏମିତି ଏମିତି ମାଇନର ସ୍କୁଲ ସମୟ କଟିଯାଇଥିଲା। ତା'ପରେ ହାଇସ୍କୁଲ, ପାଠପଢ଼ାକୁ ନେଇ ନିଜ ଭିତରେ ଅଙ୍ଗୀକାରବଦ୍ଧତା, ତା' ସତ୍ତ୍ୱେ ବେଳେବେଳେ କେଉଁଠି କେତେବେଳେ ଉଙ୍କିମାରୁଥିଲା ପାହାନ୍ତି ସ୍ୱପ୍ନ ପରି ମାମୁଘରର ସ୍ମୃତି। ଶେଫାଳି ଅପା କଥା ବେଶି ମନେପଡୁଥିଲା। ବର ଓହଳ ପରି ଖୁବ୍ ଶକ୍ତ ଭାବେ ମୋ' ହୃଦୟ ଭିତରେ ବିସ୍ତାରିତ ହୋଇଯାଇଥିଲା ସେ। କେବେଠାରୁ ସେସବୁ ଦିନ ଅତୀତ ହେଲାଣି। ଚିର ଭାସ୍ୱର ହୋଇ ରହିଯାଇଛି ବୟସର ଦିଗ୍‌ବଳୟରେ। ୟା' ଭିତରେ ନଈରେ ବୋହିଗଲାଣି କେତେ ପାଣି, ପିଲାଥିଲାବେଳେ ମୁଁ ନଈର ଯେଉଁ ଧାରରେ ବସି ପାଣି ଚବଚବ କରୁଥିଲି, ସେ ପାଣି କ'ଣ ସ୍ଥିର ହୋଇ ରହିଛି ସେଠି ଆଜି ପର୍ଯ୍ୟନ୍ତ! ବୋଧେ ନା। କେତେ କେତେ ପାଣି ସମୁଦ୍ରରେ ମିଶିଗଲାଣି, ତା'ର ହିସାବନିକାଶ ରଖିବାକୁ କାହା ପାଖରେ ଆଉ ସମୟ ଅଛି ଆଜିର ଯାନ୍ତ୍ରିକ ଯୁଗରେ! ଯାହା ଶୁଣିଥିଲି ମୁଁ କଲେଜରେ ପଢ଼ିଲାବେଳେ କୁଆଡ଼େ ଦିନେ ଶେଫାଳି ଅପା ଘରୁ ଲୁଚି ପଳାଇଥିଲା ଆଇସ୍‌କ୍ରିମ୍‌ବାଲା ନଟଭାଇ ସାଙ୍ଗରେ। ତାକୁ ମନ୍ଦିରରେ ବାହା ହୋଇଥିଲା। ଏ କଥା ଶୁଣିଲା ପରେ ମୁଁ ମନେମନେ ଖୁସି ହେଇଥିଲି, ଯାହା ହେଉ ଭଲ ହେଇଛି। ତାକୁ ତ ଶୁଳି ମାଇଁ(ତା'ର ନୂଆ ମା') ଜମା ଭଲ ପାଉ ନ ଥିଲେ, ସବୁବେଳେ ତା' ଉପରେ ଗରଗର ହେଉଥିଲେ। ଶେଫାଳି ଅପାକୁ ଜନ୍ମ ଦେଲା ପରେ ତା' ନିଜ ମା'ଙ୍କ ଦେହ ଖୁବ୍ ଅସୁସ୍ଥ ହୋଇପଡ଼ିଥିଲା। ସେ ମୃତ୍ୟୁ ସହ ସଂଗ୍ରାମ କରି ଚାଲି ଯାଇଥିଲେ। ଏବେ ଶେଫାଳି ଅପା ଭଲରେ ରହୁ। ସମୟ ବିତିଯାଇଥିଲା। ତା' ସହ ତାଳ ଦେଇ ବହୁତ କିଛି ଘଟଣା ମଧ୍ୟ। ମୋର ପିଜି ସରିଲା ପରେ ଘରୋଇ ମହାବିଦ୍ୟାଳୟରେ ଅଧ୍ୟାପିକା ଚାକିରି, ତା'ପରେ ଘର ସଂସାର ଇତ୍ୟାଦି।

ମାମୁଘର ଗାଁର ସ୍ମୃତି ପୁଣି ଥରେ ଝଲସି ଉଠିଥିଲା ତିନି ଚାରି ବର୍ଷ ତଳେ। ଦୋଳପୂର୍ଣ୍ଣିମାର ମହୋତ୍ସବରେ, ନାଲି ନେଳି, ହଳଦିଆ, ନୀଳ, ପୁଣି ସବୁଜ ଓ ଗୋଲାପି ରଙ୍ଗର ସମାହାର, ବୃତ୍ତାକାର ବଳୟ ମଧ୍ୟରେ ବିନ୍ଦୁବିନ୍ଦୁ ସମ୍ମୋହନର ମାୟା। ଖୁସିର ମାହୋଲ ଭିତରେ ଅବିସ୍ମରଣୀୟ ଦିନଟିଏ। ମଞ୍ଚ ଉପରେ ଛିଡ଼ା ହୋଇ କବିତା ଆବୃତ୍ତି କରିବା ହୋଲିକୁ ନେଇ, ପୁଣି ମାମୁଘର ଗାଁରେ, ଖୁବ୍ ସୁନ୍ଦର ଆୟୋଜନ କରିଥିଲେ ମାମୁ। ଭବ୍ୟ ସମାରୋହ ଭିତରେ ସେଦିନର ଉତ୍ସବ ସରିଯାଇଥିଲା। ସେଦିନଟି ମୋ' ପାଇଁ ଖୁବ୍ ବିଶେଷ ଓ ସ୍ମରଣୀୟ ଦିନ ଥିଲା। ଉତ୍ସବ ଶେଷରେ ମୋର ବଡ଼ ଆଈଙ୍କ ସହ ଏକ ଫଟୋ ମୋବାଇଲ୍ କ୍ୟାମେରାରେ ବାନ୍ଧି ହୋଇ ରହିଯାଇଥିଲା, ଯାହା କି ମୋ' ଜୀବନର ସର୍ବୋତ୍ତମ ଫଟୋ। ସେଦିନ ସବୁ ସରିଲା ପରେ ଶୁଳି ମାଇଁଙ୍କ ସାଙ୍ଗରେ ଦେଖାହେଲା। ତାଙ୍କ ଚେହେରା ଭାରି ଶୁଖିଲା ଦିଶୁଥିଲା। ମୋତେ ଦେଖି ବହୁତ ଖୁସି ହେଲେ। ମୁଁ ପଚାରିଲି, ଶେଫାଳି ଅପା କେମିତି ଅଛି ମାଇଁ? ଆଖିରୁ ତାଙ୍କର ଠପ୍‌ଠପ୍ ହୋଇ ଲୁହ ଝରି ପଡୁଥିଲା। କହିଲେ ବଡ଼ ହତଭାଗିନୀଟିଏ! ସ୍ୱାମୀ ଦୁର୍ଘଟଣାରେ ଚାଲିଗଲା ପରେ ଶାଶୁଘରେ କେହି କିଛି ବୁଝିଲେନି। ଏବେ ସେ ପୁଅକୁ ନେଇ ଆମ ପାଖରେ ଅଛି। ଆଜି ସେ ଯାଇଛି ଭୁବନେଶ୍ୱର ତା' ସ୍କୁଲ ପାଇଁ କ'ଣ ସବୁ ଆଣିବ। ମାମୁ ତା' ପାଇଁ ଆର୍ଟ୍ ସ୍କୁଲଟିଏ କରିଦେଇଛନ୍ତି। ଛୋଟ ଛୋଟ ପିଲାମାନଙ୍କୁ ସେ ନିଜେ ଆର୍ଟ ଶିଖାଉଛି। ସେଦିନ କଟକ ଫେରିଲା ପରେ ମୁଁ ଭାବୁଥିଲି ଶେଫାଳି ଅପା କଥା ଆଉ ଶୁଳି ମାଇଁଙ୍କ କଥା। ଶୁଳି ମାଇଁ କେତେ ବଦଳି ଯାଇଛନ୍ତି ସତେ!

ଆଜି ତିନି ଚାରି ବର୍ଷ ପରେ ପୁଣି ଥରେ ମାମୁଘର ଗାଁକୁ ଯିବାର ଇଚ୍ଛା। ଭଲପାଇବାର ଦାୟରେ, ଶେଫାଳି ଅପାର ଅବର୍ତ୍ତମାନରେ, ତା'ର ସେଇ ସ୍ନେହ ମମତାକୁ ଝୁରିବା ପାଇଁ ହୁଏତ ଈଶ୍ୱରଙ୍କର ଏହା ଏକ ଅଭିପ୍ରାୟ ଓ ଅଭିସନ୍ଧି ବି। ଭାବିଲେ ବଡ଼ ଆଶ୍ଚର୍ଯ୍ୟ ଲାଗେ ମଣିଷ କେତେ ଅସହାୟ ସତେ ମୃତ୍ୟୁ ସାମ୍ନାରେ! ଜନ୍ମ ଥିଲେ ମୃତ୍ୟୁ ଅନିବାର୍ଯ୍ୟ, ଏହି ଉକ୍ତିଟି ଧ୍ରୁବ ସତ୍ୟ। ଆଜି ଶେଫାଳି ଅପା ଆକାଶର ତାରା ହୋଇ ଝଟକୁଛି। ସିଏ ଯେଉଁଠି ଥାଉ ଭଲରେ ଥାଉ, ଶେଫାଳି ଅପାକୁ ସର୍ଭିକାଲ୍ କ୍ୟାନ୍‌ସର୍ ହୋଇଥିଲା। ତା' ପୁଅ ଶ୍ରେୟମ୍‌ଠାରୁ ଶୁଣିଲା ପରେ ଭାରି ଛଟପଟ ଲାଗୁଥିଲା ମନ। ଶେଫାଳି ଅପାର କେତେ ଆଶା ଓ ଆକାଂକ୍ଷା ଥିଲା ତା' ନିଜ ହାତରେ ଗଢ଼ି ଉଠିଥିବା ଆର୍ଟ ସ୍କୁଲକୁ ନେଇ। ତା' ପୁଅ ପାଖରେ ପ୍ରଚୁର ଆତ୍ମବିଶ୍ୱାସ ରହିଥିଲା, ଶ୍ରେୟମ୍ ଏବେ ଯୁକ୍ତ ଦୁଇ ସରିଲା ପରେ ଫାଇନ୍ ଆର୍ଟ ଓ ଫ୍ୟାଶନ ଡିଜାଇନିଂରେ କୋର୍ସ କରୁଛି। ସେ ଶେଫାଳି ଅପାର ସବୁ ସ୍ୱପ୍ନକୁ ସାକାର କରିପାରିବ ଏଇ ବିଶ୍ୱାସ ନେଇ ଫେରିଥିଲି।

ମୋ: ୯୯୩୮୪୪୦୯୪୯



## କାଳକାଳକୁ



''ଇଂରେଜୀ ପଢ଼ି କେ ହୁଅଇ ଯଦ୍ୟପି
ସର୍ବ ଗୁଣରେ ପ୍ରବୀଣ,
ନିଜ ଭାଷା-ଜ୍ଞାନ ବିନା ଜାଣ ସେହି
ହୀନଠାରୁ ବଳି ହୀନ।''
-ଭାରତେନ୍ଦୁ ହରିଶ୍ଚନ୍ଦ୍ର

**ଭାରତେନ୍ଦୁ ହରିଶ୍ଚନ୍ଦ୍ରଙ୍କ** ଜନ୍ମ ୯ ସେପ୍ଟେମ୍ବର ୧୮୫୦ରେ, ବାରାଣସୀରେ ଓ ପରଲୋକ ସେଇଠି, ୬ ଜାନୁୟାରୀ ୧୮୮୫ରେ। ମାତ୍ର ୩୫ ବର୍ଷର ଜୀବଦ୍ଦଶାରେ ସେ ହିନ୍ଦୀ-ସାହିତ୍ୟକୁ ଯେଭଳି ସମୃଦ୍ଧ କରିଯାଇଛନ୍ତି, ତାହା ଖୁବ୍ ବିରଳ। ସେ ଏକାଧାରରେ ଥିଲେ କବି, ଲେଖକ ଓ ନାଟ୍ୟକାର। ତାଙ୍କର ପ୍ରମୁଖ ନାଟକଗୁଡ଼ିକ ମଧ୍ୟରେ ବହୁବିଦିତ କେଇଟି ହେଲା- 'ସତ୍ୟ ହରିଶ୍ଚନ୍ଦ୍ର' (୧୮୭୫), 'ନୀଳଦେବୀ' ଓ 'ଅନ୍ଧେର ନଗରୀ' (୧୮୮୧) ଏବଂ ପ୍ରମୁଖ କବିତାଗ୍ରନ୍ଥ: 'ପ୍ରେମ ମାଳିକା' (୧୮୭୨), 'ପ୍ରେମ ମାଧୁରୀ' (୧୮୭୫) ଓ 'ମଧୁ ମୁକୁଳ' (୧୮୮୧) ଇତ୍ୟାଦି। ଜନଜାଗରଣ ସୃଷ୍ଟି ଥିଲା ତାଙ୍କ ନାଟକଗୁଡ଼ିକର ଅଭିପ୍ରେତ ଲକ୍ଷ୍ୟ। 'ହିନ୍ଦୀ ସାହିତ୍ୟର ଜନକ' ଭାବେ ସେ ସ୍ୱୀକୃତ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୩/୨୦୨୨ Bhubaneswar, Saturday, September 3/ 2022

# ଫାଇନାଲରେ ଓଡ଼ିଶା ଜଗରନଟ୍ସ



ବିଜୟ ହାସଲ ପରେ ଉଲ୍ଲସିତ ଓଡ଼ିଶା ଜଗରନଟ୍ସ ଦଳ।



ଗୁଜରାଟର ଅଙ୍କିତ ପୋଟେଙ୍କୁ ଚେଜ୍ କରିବା ଅବସରରେ ଓଡ଼ିଶାର ମହେଶ ପି. (ଡାହାଣ)।

**ଅଲ୍‌ଟିମେଟ ଖୋ ଖୋ**

## ଜାଏଣ୍ଟ୍ସ-ଯୋଦ୍ଧାସ କ୍ୱାଲିଫାୟର-୨ ଆଜି

ଭୁବନେଶ୍ୱର, ୨୧ୡ (କ୍ରୀଡ଼ା ପ୍ରତିନିଧି)

ପୁଣେର ମହାଲୁଙ୍ଗେସ୍ଥିତ ଶ୍ରୀ ଛତ୍ରପତି ଶିବାଜୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ଅଲ୍‌ଟିମେଟ ଖୋ ଖୋ ଲିଗ୍‌ର ପ୍ରଥମ ସଂସ୍କରଣରେ ଚମକ ଦେଖାଇଛି ଓଡ଼ିଶା ଜଗରନଟ୍ସ। ଶୁକ୍ରବାର ଅନୁଷ୍ଠିତ କ୍ୱାଲିଫାୟର-୧ ମ୍ୟାଚରେ ଭୁବନେଶ୍ୱର ଭିତ୍ତିକ ଏହି ଦଳ ୧୪ (୫୭-୪୩) ପଏଣ୍ଟରେ ଗୁଜରାଟ ଜାଏଣ୍ଟ୍ସକୁ ପରାସ୍ତ କରିଛି। ତାରକା ଖେଳାଳିଙ୍କୁ ବିଶ୍ରାମ ଦେଇ ବେଞ୍ଚ୍ ଷ୍ଟ୍ରେଣ୍ଥ ପରୀକ୍ଷା ନିରୀକ୍ଷା କରିଥିବାରୁ ଶେଷ ୨ଟି ଲିଗ୍ ମ୍ୟାଚରେ ପରାଜିତ ହୋଇଥିବା ଜଗରନଟ୍ସ ଗୁଜରାଟ ବିପକ୍ଷରେ ଦମ୍‌ଦାର ପ୍ରଦର୍ଶନ କରି ସଫଳ ପ୍ରତ୍ୟାବର୍ତ୍ତନ କରିଛି। ଓଡ଼ିଶା ଦଳର ସୂରଜ ଲାଣ୍ଡେ ୫ ଖେଳାଳିଙ୍କୁ ଆଉଟ କରିବାସହ ୧୩ ପଏଣ୍ଟ ହାସଲ କରି ଶ୍ରେଷ୍ଠ ଆଟାକର ବିବେଚିତ ହୋଇଥିଲେ। ଅନ୍ତିମ ଟର୍ନରେ ଦିଲୀପ ଖାଣ୍ଡାଭି ୩.୪୮ ମିନିଟ ଡିଫେଣ୍ଡ କରି ନିଜ ଦକ୍ଷତା ଦେଖାଇଥିଲେ। ଜାଏଣ୍ଟ୍ସ ପକ୍ଷରୁ ଅଭିନନ୍ଦନ ପାଟିଲ ସର୍ବାଧିକ ୧୦ ପଏଣ୍ଟ ହାସଲ କରିଥିଲେ। ଗୁଜରାଟ ଦଳ ପରାଜିତ ହୋଇଥିଲେ ହେଁ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବାକୁ ଆଉ ଏକ ସୁଯୋଗ ପାଇବ। ଅର୍ଥାତ୍ ଏହି ଦଳ ଏଲିମିନେଟର ମ୍ୟାଚର ବିଜେତା ତେଲ୍‌ଗୁ ଯୋଦ୍ଧାସକୁ କ୍ୱାଲିଫାୟର-୨ରେ ଭେଟିବ। ଶନିବାର ଏହି ମ୍ୟାଚ ଖେଳାଯିବ। କ୍ୱାଲିଫାୟର-୨ର ବିଜେତା ସହ ଓଡ଼ିଶା ଜଗରନଟ୍ସ ରବିବାର ଫାଇନାଲ ଖେଳିବ।

### ଚେନ୍ନାଇ କୁଇକ୍ ଗନ୍ସ ଏଲିମିନେଟ

କ୍ୱାଲିଫାୟର-୧ ପୂର୍ବରୁ ଅନୁଷ୍ଠିତ ଏଲିମିନେଟର ମ୍ୟାଚରେ ତେଲ୍‌ଗୁ ଯୋଦ୍ଧାସ ୧୮ (୬୧-୪୩) ପଏଣ୍ଟରେ ଚେନ୍ନାଇ କୁଇକ୍ ଗନ୍ସକୁ ପରାସ୍ତ କରିଛି। ଫଳରେ ଚେନ୍ନାଇ ଦଳ ଏଲିମିନେଟ୍ ହୋଇଛି ଏବଂ ତେଲ୍‌ଗୁ ଯୋଦ୍ଧାସ କ୍ୱାଲିଫାୟର-୨ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଲିଗ୍ ପର୍ଯ୍ୟାୟରେ ୧୦ ମ୍ୟାଚରୁ ୧୫ ପଏଣ୍ଟ ପାଇ ୪ର୍ଥ ଶ୍ରେଷ୍ଠ ଦଳଭାବେ ପ୍ଲେ-ଅଫ୍‌ରେ ପ୍ରବେଶ କରିଥିବା କୁଇକ୍ ଗନ୍ସ ଏଲିମିନେଟର ମ୍ୟାଚରେ ଲଢ଼ୁଆ ପ୍ରଦର୍ଶନ କରିଥିଲେ ହେଁ ତେଲ୍‌ଗୁ ଯୋଦ୍ଧାସକୁ ହରାଇବା ପାଇଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ୧୬ ପଏଣ୍ଟ ହାସଲ କରି ତେଲ୍‌ଗୁ ଯୋଦ୍ଧାସର ଆଦର୍ଶ ମୋହିତେ ଶ୍ରେଷ୍ଠ ଆଟାକର ଏବଂ ଚେନ୍ନାଇ କୁଇକ୍ ଗନ୍ସର ରାମଜି କାଶ୍ୟପ ସର୍ବାଧିକ ୧:୫୯ ସେକେଣ୍ଡ ପର୍ଯ୍ୟନ୍ତ ତିଷ୍ଠିରହି ଶ୍ରେଷ୍ଠ ଡିଫେଣ୍ଡର ବିବେଚିତ ହୋଇଥିଲେ।



ଭାରୋତ୍ତୋଳନ ଅବସରରେ ଜଣେ ପ୍ରତିଯୋଗୀ।

# ଅଲ୍ ଓଡ଼ିଶା ଆନ୍ତଃକ୍ଲବ ଭାରୋତ୍ତୋଳନ ଆରମ୍ଭ

ଭୁବନେଶ୍ୱର, ୨୧ୡ (କ୍ରୀଡ଼ା ପ୍ରତିନିଧି)

କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ଭାରୋତ୍ତୋଳନ ସଂଘ ଏବଂ ଓଡ଼ିଶା ଏଚପିସିର ମିଳିତ ଆନୁକୂଲ୍ୟରେ ଅଲ୍ ଓଡ଼ିଶା ଆନ୍ତଃକ୍ଲବ ସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତା ଶୁକ୍ରବାର ଉଦଘାଟିତ ହୋଇଛି । କଳିଙ୍ଗ ଷ୍ଟାଡିୟମ ବିଜୁ ପଟ୍ଟନାୟକ ଭାରୋତ୍ତୋଳନ ହଲ ପରିସରରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାକୁ କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମଶାସନ ସଚିବ ଶୈଳେନ୍ଦ୍ର କୁମାର ଜେନା ଉଦଘାଟନ କରିଥିଲେ । ରାଜ୍ୟର ୧୮ଟି କ୍ଲବରୁ ମୋଟ ୧୯୦ ବାଳିକା ଓ ବାଳକ ପ୍ରତିଯୋଗୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି। ପରିଚାଳନା ପାଇଁ ୧୫ ଜଣ ଅଫିସିଆଲ ନିୟୋଜିତ ହୋଇଛନ୍ତି । ଯୁଥ, ଜୁନିୟର ଏବଂ ସିନିୟର ବର୍ଗର ମୋଟ ୬୦ଟି ଓଜନ ବର୍ଗରେ ଏହି ପ୍ରତିଯୋଗିତା ତିନି ଦିନ ଧରି ହେବ। ଉଦଘାଟନ ଉତ୍ସବରେ କ୍ରୀଡା ଓ ଯୁବସେବା ବିଭାଗର ବୈଷୟିକ ନିର୍ଦ୍ଦେଶକ କର୍ଣ୍ଣେଲ ରାଜେଶଙ୍କ ସମେତ ଓଡ଼ିଶା ଭାରୋତ୍ତୋଳନ ସଙ୍ଘର ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସାଧାରଣ ସମ୍ପାଦକ ନାରାୟଣ ସାହୁ, କୋଚ କେ. ରବି କୁମାର, ପି. ଧର୍ମାରାଓଙ୍କ ସମେତ ବିଭିନ୍ନ କ୍ଲବର ସଦସ୍ୟଙ୍ଗ୍ ଉପସ୍ଥିତ ଥିଲେ।

# ନାଡାଲ, ସ୍ୱିଟେକ ତୃତୀୟ ରାଉଣ୍ଡରେ

**ୟୁଏସ୍ ଓପନ ଟେନିସ**

ନ୍ୟୁୟର୍କ, ୨୧ୡ (ଏପି)

ରାଫାଲ ନାଡାଲ ଓ ଇଗା ସ୍ୱିଟେକ୍ ଯଥାକ୍ରମେ ୟୁଏସ୍ ଓପନ ପୁରୁଷ ଓ ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଆର୍ଥର ଆଶେ ଷ୍ଟାଡିୟମରେ ପୁରୁଷ ସିଙ୍ଗଲ୍ସର ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ସ୍ପାନିଶ ଟେନିସ ଷ୍ଟାର ନାଡାଲ ୨-୬, ୬-୪, ୬-୨, ୬-୧ରେ ଫାବିଓ ଫଗ୍ନିନିଙ୍କୁ ହରାଇ ଦେଇଛନ୍ତି। ମ୍ୟାଚ ବେଳେ ଶଟ୍ ଖେଳୁଥିବା ସମୟରେ ନାଡାଲ ନାକରେ ର୍‍ୟାକେଟ ବାଜି ରକ୍ତସ୍ରାବ ହୋଇଥିଲା। ମ୍ୟାଚକୁ କିଛି କ୍ଷଣ ସ୍ଥଗିତ ରଖାଯାଇଥିଲା। ଆବଶ୍ୟକ ଚିକିତ୍ସାପରେ ନାଡାଲ ନାକରେ ବ୍ୟାଣ୍ଡେଜ ଲଗାଇ ଆସିଥିଲେ ଏବଂ ମ୍ୟାଚର ଅବଶିଷ୍ଟାଂଶ ଖେଳାଯାଇଥିଲା। ସ୍ପେନର ଅନ୍ୟ ଜଣେ ଖେଳାଳି କାର୍ଲୋସ ଅଲ୍‌କାରାଜ ମଧ୍ୟ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ସନ୍ଧାନରେ ଥିବା ୧ୡ ବର୍ଷୀୟ ତୃତୀୟ ସିଡ୍ ଖେଳାଳି ଆର୍ଜେଣ୍ଟାଇନ୍ କୋରିଆଙ୍କୁ ୬-୨, ୬-୧, ୭-୫ରେ ହରାଇ ଦେଇଛନ୍ତି। ତୃତୀୟ ରାଉଣ୍ଡଠାରେ ସେ ଜେନସନ ବ୍ରୁକ୍ସବାଏଙ୍କୁ ଭେଟିବେ। ଆମେରିକାର ଏହି ଖେଳାଳି କ୍ରୋଏସିଆର ସିନ୍‌ସିନାଟି ବିଜେତା ବୋର୍ନା କୋରିକ୍‌ଙ୍କୁ ୬-୪, ୭-୬ (୧୨-୧୦) ୬-୧ରେ ହରାଇ ଦେଇଛନ୍ତି। ପୋଲାଣ୍ଡର ୮ମ ସିଡ୍ ହୁବର୍ଟ ହୁର୍କାଜ୍ ଆଶ୍ଚର୍ଯ୍ୟଜନକ ଭାବେ ବେଲାରୁଷର ଇଲ୍ୟା ଇଭାସ୍କାଙ୍କଠାରୁ ହାରିଯାଇଛନ୍ତି। ରୁଷିଆର ୯ମ ସିଡ୍ ଆନ୍ଦ୍ରେ ରୁବ୍ଲେଭ ଓ ୧୧ତମ ସିଡ୍ ଇଟାଲୀର ଜାନିକ ସିନର, ଇଟାଲୀର ଲୋରେଞ୍ଜୋ ମୁସେଟି ପୁରୁଷ ସିଙ୍ଗଲ୍ସରେ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ମହିଳା ସିଙ୍ଗଲ୍ସରେ ଦୁଇଥର ଫ୍ରେଞ୍ଚ ଓପନ ଚାମ୍ପିୟନ ସ୍ୱିଟେକ୍ ୨୦୧୭ ୟୁଏସ୍ ଓପନ ବିଜୟିନୀ ସ୍ଲୋଏନ୍ ଷ୍ଟିଫେନ୍ସଙ୍କ ବିପକ୍ଷରେ ୬-୩, ୬-୨ରେ ବିଜୟ ହାସଲ କରିଛନ୍ତି। ଇତିମଧ୍ୟରେ ଦ୍ୱିତୀୟ ସିଡ୍ ଆନେଟ କୋଣ୍ଟାଭିଟ୍, ବିଶ୍ୱର ୩ ନମ୍ବର ଖେଳାଳି ମାରିଆ ସାକାରି ପ୍ରତିଯୋଗିତାରୁ ବିଦାୟ ନେଇସାରିଛନ୍ତି। ଫଳରେ ସ୍ୱିଟେକଙ୍କ ପାଇଁ ଚଳିତ ବର୍ଷ ୭ମ ଟାଇଟଲ ଜିତିବା ସମ୍ଭାବନା ସୃଷ୍ଟି ହୋଇଛି, ଯାହାକି ୨୦୧୪ରେ ୱିଲିୟମ୍ସଙ୍କ ପକ୍ଷରେ ସମ୍ଭବ ହୋଇଥିଲା। ପୂର୍ବତନ ୟୁଏସ୍ ଚାମ୍ପିୟନ ନାଓମି ଓସାକା ଓ ଇମା ରାଡୁକାନୁ ଏବଂ ୨୦୨୧ ରନର-ଅପ୍ ଲେଲା ଫର୍ନାଣ୍ଡିଜ ମଧ୍ୟ ବିଦା ହୋଇସାରିଛନ୍ତି।

# ଏସିଆ କପ୍: ସୁପର ୪ରେ ପାକିସ୍ତାନ

ଶାରଜା, ୨୧ୡ (ପି.ଟି.)

ଏସିଆ କପ୍ ଟି୨୦ କ୍ରିକେଟ ଗ୍ରୁପ୍ ଲିଗ୍‌ରେ ଶୁକ୍ରବାର ହଂକଂ ବିପକ୍ଷ ମ୍ୟାଚରେ ପାକିସ୍ତାନ ୧୫୫ ରନରେ ବିଜୟ ଲାଭ କରି ସୁପର-୪ରେ ପ୍ରବେଶ କରିଛି। ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୧ୡ୪ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଜବାବରେ ହଂକଂ ୧୦.୪ ଓଭରରେ ମାତ୍ର ୩୮ରନରେ ଅଲଆଉଟ ହୋଇଯାଇଥିଲା। ଦଳର ଜଣେ ହେଲେ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ସ୍ପର୍ଶ କରିପାରି ନ ଥିଲେ। ପାକିସ୍ତାନ ପକ୍ଷରୁ ସାଦାବ ଖାନ୍ ୪, ମହମ୍ମଦ ନୱାଜ ୩ ଓ ନସିମ ଶାହା ୨ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ମହମ୍ମଦ ରିଜୱାନ ଓ ଫଖର ଜମାନଙ୍କ ଅର୍ଦ୍ଧଶତକ ସହାୟତାରେ ପାକିସ୍ତାନ ୨ ଉଇକେଟ ବିନିମୟରେ ୧ୡ୩ ରନ କରିଛି। ରିଜୱାନ ୫୭ ବଲ୍‌ରୁ ୭୮ ରନ କରି ଅପରାଜିତ ରହିଥିବା ବେଳେ ଜମାନ ୪୧ ବଲ୍‌ରୁ ୫୩ ରନ କରିଥିଲେ। ହଂକଂ ତରଫରୁ ଏହେସାନ ଖାନ୍ ୨୮ ରନ ବିନିମୟରେ ୨ଟି ଯାକ ଉଇକେଟ ନେଇଥିଲେ। କ୍ରିକେଟର କ୍ଷୁଦ୍ରତମ ଫର୍ମାଟରେ ପାକିସ୍ତାନର ଏହା ହେଉଛି ସର୍ବ ବୃହତ୍ ବିଜୟ। ଦଳ ରବିବାର ଭାରତ ସହ ମୁକାବିଲା କରିବ।







# ଚୌବେ ଏଆଇଏଫ୍‌ଏଫ୍ ନୂଆ ସଭାପତି

**■ ୮୫ ବର୍ଷର ଇତିହାସରେ ପ୍ରଥମ**
**■ ଭୂତିଆଙ୍କୁ ମାତ୍ର ଗୋଟିଏ ଭୋଟ**

ନୂଆଦିଲ୍ଲୀ, ୨୧ୡ(ପି.ଟି.)

କଲ୍ୟାଣ ଚୌବେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର ନୂଆ ସଭାପତି ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ନିର୍ବାଚନରେ ସେ କିମ୍ବଦନ୍ତୀ ଖେଳାଳି ବାଇଚୁଙ୍ଗ ଭୂତିଆଙ୍କୁ ୩୩-୧ ଭୋଟ ବ୍ୟବଧାନରେ ହରାଇ ଦେଇଛନ୍ତି। ଜଣେ ପୂର୍ବତନ ଫୁଟ୍‌ବଲ ଖେଳାଳି ସଭାପତି ପଦ ଅଳଙ୍କୃତ କରିବା ଏଆଇଏଫ୍‌ଏଫ୍ ୮୫ ବର୍ଷର ଇତିହାସରେ ପ୍ରଥମ। ୪୫ ବର୍ଷୀୟ ଚୌବେ ହେଉଛନ୍ତି ଜଣେ ପୂର୍ବତନ ଗୋଲ୍‌କିପର। ରାଜ୍ୟ ଆସୋସିଏଶନଗୁଡ଼ିକର ପ୍ରତିନିଧିମାନଙ୍କୁ ନେଇ ଗଠିତ ୩୪ଜଣିଆ ଭୋଟର ତାଲିକାରେ ପୂର୍ବତନ ଅଧିନାୟକ ଭୂତିଆଙ୍କର ଯଥେଷ୍ଟ ସମର୍ଥକ ନ ଥିବାରୁ ଏହି ଫଳାଫଳ ପୂର୍ବରୁ ଆଶା କରାଯାଉଥିଲା। ଚୌବେଙ୍କ ଦୁଇ ପୂର୍ବାଧିକାରୀ ପ୍ରିୟରଞ୍ଜନ ଦାସମୁନ୍‌ସୀ ଓ ପ୍ରଫୁଲ୍ଲ ପଟେଲ ପୂର୍ଣ୍ଣକାଳୀନ ରାଜନେତା ଥିଲେ। 'ସିକିମର ସ୍ନାଇପର' ଭାବେ ପରିଚିତ ଭୂତିଆଙ୍କ ବୟସ ମଧ୍ୟ ୪୫ ବର୍ଷ। ଭାରତୀୟ ଫୁଟ୍‌ବଲର ସେ ଅନ୍ୟତମ ମହାନ୍ ଖେଳାଳି। ସେ ପ୍ରାର୍ଥୀ ହେବା ଦ୍ୱାରା ନିର୍ବାଚନର ଆକର୍ଷଣ ବଢ଼ିଥିଲା। ଚୌବେ ହେଉଛନ୍ତି ଜଣେ ଭାଜପା ରାଜନେତା। ଗତ ପାର୍ଲାମେଣ୍ଟ ନିର୍ବାଚନରେ ସେ ପଶ୍ଚିମବଙ୍ଗର କ୍ରିଷ୍ଣନଗର ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ସେ ସିନିୟର ଦଳରେ କେତେଥର ସ୍ଥାନ ପାଇଥିଲେ ହେଁ ଥରେ ହେଲେ ଭାରତ ପାଇଁ ଖେଳିବାର ସୁଯୋଗ ପାଇନାହାନ୍ତି। ତେବେ ସେ ଏଜ୍ ଗ୍ରୁପ୍ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟଗୁଡ଼ିକରେ ଭାରତ ପାଇଁ ଖେଳିଛନ୍ତି। ସେ ଭାରତର ଦୁଇ ହେଭିୱେଟ୍ ଫୁଟ୍‌ବଲ ଟିମ୍ ମୋହନବାଗାନ ଓ ଇଷ୍ଟବେଙ୍ଗଲର ପୂର୍ବତନ ଗୋଲ୍‌କିପର। ଭୂତିଆ ଓ ଚୌବେ ଏକଦା ଇଷ୍ଟବେଙ୍ଗଲର ଟିମ୍‌ମେଟ ଥିଲେ। କର୍ଣ୍ଣାଟକ ଫୁଟ୍‌ବଲ ଆସୋସିଏଶନ ସଭାପତି ତଥା ବର୍ତ୍ତମାନ ବିଧାୟକ ରହିଥିବା ଏନ୍. ଏ. ହାରିସ ଏକମାତ୍ର ଉପସଭାପତି ପଦ ହୋଇଥିବା ନିର୍ବାଚନରେ ବିଜୟ ଲାଭ କରିଛନ୍ତି। ସେ ରାଜସ୍ଥାନ ଫୁଟ୍‌ବଲ ଆସୋସିଏଶନର ମାନବେନ୍ଦ୍ର ସିଂଙ୍କୁ ୨ୡ-୫ ଭୋଟରେ ପରାସ୍ତ କରିଛନ୍ତି। ଅରୁଣାଚଳ ପ୍ରଦେଶର କିପା ଅଜୟ ଆନ୍ଧ୍ର ପ୍ରଦେଶର ଗୋପାଳକ୍ରିଷ୍ଣ କୋସାରାଜୁଙ୍କୁ ୩୨-୧ରେ ହରାଇ ଏଆଇଏଫ୍‌ଏଫ୍‌ର କୋଷାଧ୍ୟକ୍ଷ ହୋଇଛନ୍ତି। ଏଥିରେ ଗୋଟିଏ ଭୋଟ ନାକଚ ହୋଇଯାଇଥିଲା। କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ପଦବୀ ପାଇଁ ସମସ୍ତ ୧୪ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ପରେ ଭୂତିଆ ତାଙ୍କ ପ୍ରଥମ ପ୍ରତିକ୍ରିୟା ରଖି କହିଛନ୍ତି, ଭବିଷ୍ୟତରେ ସେ ଭାରତୀୟ ଫୁଟ୍‌ବଲର ଉନ୍ନତି ପାଇଁ ତାଙ୍କ କାର୍ଯ୍ୟ ଜାରି ରଖିବେ। କଲ୍ୟାଣଙ୍କୁ ସେ ଅଭିନନ୍ଦନ ଜଣାଇବା ସହ ଭାରତୀୟ ଫୁଟ୍‌ବଲକୁ ସେ ଆଗେଇ ନେବେ ବୋଲି ଆଶା ପ୍ରକାଶ କରିଛନ୍ତି।



କଲ୍ୟାଣ ଚୌବେ

### ବିବାଦୀୟ ଅଧ୍ୟାୟର ପରିସମାପ୍ତି

ଏଆଇଏଫ୍‌ଏଫ୍‌ର ନିର୍ବାଚନ ଫଳରେ ଏକ ବିବାଦୀୟ ଅଧ୍ୟାୟର ପରିସମାପ୍ତି ଘଟିଛି। ପୂର୍ବତନ ସଭାପତି ପ୍ରଫୁଲ୍ଲ ପଟେଲ ୨୦୨୦ ଡିସେମ୍ବରରେ ନିର୍ବାଚନ କରାଇବାରେ ବିଫଳ ହେବାରୁ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସକ କମିଟି (ସିଓଏ) ତାଙ୍କୁ ବହିଷ୍କାର କରି ଫୁଟ୍‌ବଲ ମହାସଂଘର କାମଚଳା ଦାୟିତ୍ୱ ନେଇଥିଲା। ମାତ୍ର ଏଥିରେ ବିଶ୍ୱ ଫୁଟବଲ ପରିଚାଳନା ସଂସ୍ଥା ଫିଫା ଅସନ୍ତୋଷ ପ୍ରକାଶ କରିବା ସହ ତୃତୀୟ ପକ୍ଷ ହସ୍ତକ୍ଷେପ ଦର୍ଶାଇ ଭାରତକୁ ନିଲମ୍ବନ କରିଥିଲା। ନୂଆ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟଭାବେ ଯେଉଁମାନେ ନିର୍ବାଚିତ ହୋଇଛନ୍ତି ସେମାନେ ହେଲେ ଜି.ପି. ପାଲ୍‌ଗୁନା, ଅଭିଜିତ୍ ପଲ୍, ପି. ଅନିଲ କୁମାର, ଭାଲାଙ୍କା ନାତାଶା ଆଲେମାଓ, ମାଲୋଜି ରାଜେ ଛତ୍ରପତି, ମେନ୍‌ଲା ଇଥେନ୍‌ପା, ମୋହନ ଲାଲ, ଅରିଫ ଅଲି, କେ. ନିମ୍ପୋ ସେଖୋସ୍, ଲାଲଙ୍ଘିଙ୍ଗ୍ଲୋଭା ହ୍ମାର, ଦୀପକ ଶର୍ମା, ବିଜୟ ବାଲି ଓ ସୟଦ ଇମତିଆଜ ହୁସେନ। ଭୂତିଆଙ୍କ ସମେତ ଆଇ.ଏମ୍ ବିଜୟନ, ଶବିର ଅଲି ଓ କ୍ଲାଇମାକ୍ସ ଲରେନ୍ସ ପ୍ରମୁଖ ଇଲେକ୍ଟୋରାଲ କଲେଜରେ ଖେଳାଳିଙ୍କ ପ୍ରତିନିଧି ରହିବେ।

### ଚୌବେଙ୍କ ଫୁଟ୍‌ବଲ କ୍ୟାରିୟର

କଲ୍ୟାଣ ଚୌବେ ଟାଟା ଫୁଟ୍‌ବଲ ଏକାଡେମୀରେ ସ୍ନାତକ ହାସଲ କରିଛନ୍ତି। ତାଙ୍କ ସହପାଠୀମାନଙ୍କ ମଧ୍ୟରେ ଦୀପେନ୍ଦୁ ବିଶ୍ୱାସ, ରେନେଡି ସିଂ, ଲୋଲେନ୍ଦ୍ରୋ ସିଂ ଓ ପୂର୍ବତନ ମୋହନବାଗାନ କୋଚ୍ ଶଙ୍କରଲାଲ ଚକ୍ରବର୍ତ୍ତୀ ଅନ୍ୟତମ ଥିଲେ। ଚୌବେ ତାଙ୍କ ସିନିୟର ଫୁଟ୍‌ବଲ ପଦାର୍ପଣ ୧ୡୡ୬ରେ ମୋହନବାଗାନ ସହ କରିଥିଲେ। ୧ୡୡ୭ରୁ ୨୦୦୩ ମଧ୍ୟରେ ସେ ଇଷ୍ଟବେଙ୍ଗଲ, ଜେସିଟି ଓ ସାଲଗାଓକାର ତରଫରୁ ଖେଳିଛନ୍ତି। ଏହି ପୂର୍ବତନ ଗୋଲ୍‌କିପର ୩ଥର ସାଫ୍ ଚାମ୍ପିୟନଶିପ୍ ଜିତିଥିବା ଦଳର ଅନ୍ୟତମ ସଦସ୍ୟ ଥିଲେ। ସେ ତାଙ୍କ କ୍ୟାରିୟରରେ ଜାତୀୟ ଚାମ୍ପିୟନଶିପ୍‌ରେ ବିଭିନ୍ନ ରାଜ୍ୟ ତରଫରୁ ଖେଳିଛନ୍ତି। ଚୌବେ ତାଙ୍କ ୧୫ବର୍ଷର ପ୍ରଫେସନାଲ କ୍ୟାରିୟରରେ ଆଇ-ଲିଗ୍/ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ୫ଥର ରନର୍ସଅପ୍ ହୋଇଛନ୍ତି। ସେ କାର୍ଲ ବ୍ରୁଶର ଏସ୍‌ସି ଓ ଭିଏଫ୍‌ଆର ହିଲ୍‌ବ୍ରୋନ୍ ଭଳି ବୁନ୍ଦେସ ଲିଗା ଖେଳିବା ପାଇଁ ଅନୁଷ୍ଠିତ ଟ୍ରାଏଲରେ ଭାଗ ନେବାକୁ ଜର୍ମାନୀ ଯାଇଥିଲେ। ଖେଳାଳି ଭାବେ ଅବସର ନେବା ପରେ ସେ ୨୦୧ୡ ଲୋକ ସଭା ନିର୍ବାଚନରେ କ୍ରିଷ୍ଣନଗର ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରି ହାରିଯାଇଥିଲେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୪ ବଖରା ଭସ୍ମୀଭୂତ



**ଖଣ୍ଡପଡ଼ା,୨।୯(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତସ୍ଥିତ ହରିସୁବୁଦ୍ଧିପାଟଣା ହରିଜନ ସାହିରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡରେ ୪ ବଖରା ଭସ୍ମୀଭୂତ ହୋଇଯାଇଛି। ଖବରପାଇ ଖଣ୍ଡପଡା ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ରାତି ପ୍ରାୟ ୧ଟାରେ ହରିଜନସାହିର ରୋହିତ ନାଏକ ଓ ଅନ୍ତର୍ଯାମୀ ନାଏକଙ୍କ ୪ ବଖରା ଘର ପୋଡି ଯାଇଥିବା ଅଭିଯୋଗ ହୋଇଛି। ଏହି ଗରିବ ହରିଜନ ପରିବାରବର୍ଗଙ୍କର ଘରେ ଥିବା ସମସ୍ତ ଆସବାବପତ୍ର, ଖାଦ୍ୟଶସ୍ୟ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପୋଡି ଯାଇଛି। ପୂର୍ବ ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ଘରେ ସମସ୍ତେ ଶୋଇଥିବା ବେଳେ ଏପରି ଘଟଣା ଘଟିଥିବା ଅଭିଯୋଗ ହେଉଛି। ବାହାରେ ଅଗ୍ନି ବିପନ୍ନ ପରିବାର ଆଶ୍ରୟ ନେଇଛନ୍ତି। ରାଜସ୍ୱ ବିଭାଗ ପକ୍ଷରୁ ୨ ପରିବାରକୁ ଜରିପାଲ ଯୋଗାଇ ଦିଆଯାଇଛି। ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି।

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**ନୟାଗଡ଼ ଅଫିସ,୨।୯:** ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅଶୋକ ସାହୁ(୧୮)। ଘର ଶରଣକୁଳ ଥାନା ନରେନ୍ଦ୍ରପୁର ମାଳିସାହିରେ। ଅଶୋକ ଦରପଦାରୁ ବାଇକ୍ ଯୋଗେ ଶୁକ୍ରବାର ସନ୍ଧ୍ୟାରେ ଘରକୁ ଫେରୁଥିଲେ। ନୟାଗଡ଼ରୁ ଶରଣକୁଳ ରାସ୍ତାରେ ଆସୁଥିବାବେଳେ କଟରାଝରୀ ଠାକୁରାଣୀ ମନ୍ଦିର ପାଖରେ ଦୁର୍ଘଟଣା ହୋଇଥିଲା। ଦୁର୍ଘଟଣା ପରେ ରାସ୍ତାକଡରେ ଅଶୋକ ପଡି ରହିଥିଲେ। ଖବରପାଇ ପୋଲିସ ଅଶୋକଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଶନିବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

### ଦୁର୍ଘଟଣାରେ ୨ ଗୁରୁତର

**ଖଲ୍ଲିକୋଟ,୨।୯(ଡି.ଏନ.ଏ.):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ସାକିରି ଗ୍ରାମ ନିକଟରେ ଗୋଟିଏ ବାଇକ ଓ ସାଇକେଲ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ମହେଶ୍ୱରପୁର ନୂଆଁ ସାହିର ବିପିନ ଗୌଡ଼ ଓ ଜଣେ ବୃଦ୍ଧ। ସ୍ଥାନୀୟ ଲୋକେ ଉଭୟଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ବ୍ରହ୍ମପୁର ଏମକେସିଜି ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ବୃଦ୍ଧ ବ୍ୟକ୍ତି ଜଣକ ଅଚେତ ହୋଇଯାଇଥିବାରୁ ତାଙ୍କର ପରିଚୟ ଜଣାପଡିନାହିଁ।

# ଭଙ୍ଗାଗଲା ପୁରୁଣା ଜେଲ ପ୍ରାଚୀର

ନୟାଗଡ଼ ଅଫିସ,୨।୯

ନୟାଗଡ଼ ପୁରୁଣା ଜେଲର ପୂର୍ବ ପାର୍ଶ୍ୱ ପ୍ରାଚୀର ସହ ଜୁବୁଲି ମାର୍କେଟ ପଛ ପାଖରେ ନିର୍ମାଣ ହୋଇଥିବା ୧୬ଟି ଦୋକାନ ଗୃହ ପାଇଁ ନୟାଗଡ଼ ଦେୱାନୀ ଜଜ୍ କନିଷ୍ଠ କୋର୍ଟଙ୍କ ସ୍ଥିତାବସ୍ଥା ବଳବତ୍ତର ରହିଛି। ତେବେ ବିପଦସଙ୍କୁଳ ଦର୍ଶାଇ ୬୦ ଫୁଟରୁ ଊର୍ଦ୍ଧ୍ୱ ପ୍ରାଚୀର ଭଙ୍ଗାଯିବା ପରେ କୋର୍ଟ ରହିତାଦେଶକୁ ଅଣଦେଖା କରାଯାଇଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ବରଗଛ ଉଠି ପ୍ରାଚୀରର ୨ରୁ ୫ ଫୁଟ ବିପଦସଙ୍କୁଳ ଥିବାବେଳେ ୬୦ ଫୁଟରୁ ଊର୍ଦ୍ଧ୍ୱ ପ୍ରାଚୀର ଭଙ୍ଗା ଯିବାକୁ ନେଇ ସମାଲୋଚନା କରାଯାଇଛି। ଜେଲ ଜମି ଉପରେ ନୟାଗଡ଼ ସହରର ଅନେକ ଲୋକ ଜବରଦଖଲ ପାଇଁ ଆଖି ରହିଛି। ବିଭିନ୍ନ ସମୟରେ ଜେଲ ଜମିକୁ ଜବରଦଖଲ କରାଯାଇଛି। ଯାହାର ନଜୀର ପୂର୍ବ ପାର୍ଶ୍ୱ ପ୍ରାଚୀର ପାଖର ଦୋକାନ ଘର। ଏଭଳିସ୍ଥଳେ ପ୍ରଚାର ଭାଙ୍ଗୁ ଭାଙ୍ଗୁ କେତେଜଣ ଲୋକ ଓ ମ୍ୟୁନିସିପାଲିଟିର ଜଣେ କାଉନସିଲର ଇଟା ନେଇ ଯାଇଥିବା ଅଭିଯୋଗ ହୋଇଛି। ପୁରୁଣା ଜେଲ ଜମିର ପ୍ରାଚୀର ଭଙ୍ଗାଯିବା ପରେ କେତେଜଣ ଚୋର ଏଥିରୁ ଇଟା ଓ ଅନ୍ୟ ଘର ତିଆରି ଆସବାବପତ୍ର ନେବାକୁ ପ୍ରସ୍ତୁତ ହୋଇ ରହିଲେଣି। ରାତି ହେଲେ ସେମାନଙ୍କର ଚୋରି ଆରମ୍ଭ କରିବେ ବୋଲି କୁହାଯାଉଛି।

ଏ ନେଇ ଆଇନଜୀବୀ ରଣଜିତ ଦାଶ କୁହନ୍ତି, ପୁରୁଣା ଜେଲ ଜମିର ପୂର୍ବ ପାଖରେ କେତେଜଣ ବ୍ୟବସାୟୀ ୧୬ ଟି ଦୋକାନ ଘର ନିର୍ମାଣ କରିଛନ୍ତି। ସମ୍ପୃକ୍ତ ଦୋକାନ ଘରଗୁଡିକ ଜୁବୁଲି ମାର୍କେଟ ପଛ ପାଖରେ ରହିଛି। ତେବେ ପୁରୁଣା ଜେଲ ଜମି ଉପରେ ୨୦୦୯ ଓ ୨୦୧୦ ମସିହାରେ କୋର୍ଟରେ ୨ଟି ମକଦ୍ଦମା ହୋଇଥିଲା। ପ୍ରଥମ



ପୁରୁଣା ଜେଲର ପ୍ରାଚୀରକୁ ଭାଙ୍ଗି ଦିଆଯାଇଛି ।

- ସ୍ୱଳ୍ପ ଅଂଶ ବିପଦସଙ୍କୁଳ ଥିଲା, ଅଧିକ ଭଙ୍ଗାଗଲା
- କୋର୍ଟଙ୍କ ସ୍ଥିତାବସ୍ଥାକୁ ଅଣଦେଖା ଅଭିଯୋଗ
- ଜବରଦଖଲ, ଘର ନିର୍ମାଣ ଉପକରଣ ଚୋରି ଭୟ

ମକଦ୍ଦମାଟି ପୁରୁଣା ଜେଲ ଜମିର ୬୩ ଏକର ଉପରେ ହୋଇଥିଲା। ହାଇକୋର୍ଟ ରହିତାଦେଶ ଜାରି କରିଥିଲେ। ତେବେ ଜିଲା କୋର୍ଟ ପାଇଁ ସ୍ଥାନ ଚୟନ କରାଯାଇ ନୂଆ କୋଠା ନିର୍ମାଣ ପରେ ହାଇକୋର୍ଟ ରହିତାଦେଶ ଉଠାଇ ଦେଇଥିଲେ। କିନ୍ତୁ ଜବରଦଖଲ କରି ଦୋକାନ ଘର କରାଯାଇଥିବାରୁ ନୟାଗଡ଼ ଦେୱାନୀ ଜଜ୍ କନିଷ୍ଠଙ୍କ କୋର୍ଟରେ ୨୦୧୦ରେ ଅନୁରୂପ ମକଦ୍ଦମା ହୋଇଥିଲା। ଏଣୁ ଜେଲ ଜମିର ପୂର୍ବ ପାଖ ପ୍ରାଚୀରଠାରୁ ବିବାଦୀୟ ଦୋକାନ ଘର ପର୍ଯ୍ୟନ୍ତ କୋର୍ଟ ରହିତାଦେଶ ଜାରି କରିଥିଲେ। ବର୍ତ୍ତମାନ ସମ୍ପୃକ୍ତ ଅଞ୍ଚଳ ସ୍ଥିତାବସ୍ଥା ବଳବତ୍ତର ଥିବାରୁ ପ୍ରାଚୀର ଭଙ୍ଗାଯିବା ବେଆଇନ। ପୁରୁଣା ଜେଲ ଜମି ପ୍ରାଚୀର କିଏ ଭାଙ୍ଗିଲା, କାହିଁକି ଭାଙ୍ଗଲା, ଇଟା କିଏ ନେଲା ଏମତି କିଛି ପ୍ରଶ୍ନ ଉଠିଛି। ଏ ନେଇ ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ଥିବା କହିଛନ୍ତି। ଅନ୍ୟପକ୍ଷେ ଦାଶ କହିଛନ୍ତି, କୋର୍ଟରେ ମାମଲା ଥିବାରୁ ଏଯାବତ ଜେଲ ଜମି ସୁରକ୍ଷିତ ଥିଲା। ତେବେ ପ୍ରାଚୀର ଭଙ୍ଗା ଆରମ୍ଭ ହେବାରୁ ଆଉ ଜେଲ ଜମି ସୁରକ୍ଷିତ ନୁହେଁ। ପ୍ରାଚୀର ଭାଙ୍ଗୁ ଭାଙ୍ଗୁ ଇଟା ଚୋରି ଆରମ୍ଭ ହୋଇଗଲାଣି। ଚିନି ଶିଳ୍ପ ପରି ଏହା ଧ୍ୱଂସ ପାଇଯିବ। ପୁରୁଣା ଜେଲ ଜମିରେ ଯଦି ପାର୍କିଂ ଜୋନ କରା ନ ଯାଏ କଂଗ୍ରେସ ଆନ୍ଦୋଳନକୁ ତ୍ୱରାନ୍ୱିତ କରିବ। ସାମାଜିକ କର୍ମୀ ସନ୍ତୋଷ ପ୍ରଧାନ କୁହନ୍ତି, ବିପଦ ସଙ୍କୁଳ ଆଳ ଦେଖାଇ ପୁରୁଣା ଜେଲ ପ୍ରାଚୀରକୁ ଭଙ୍ଗାଗଲା। ପ୍ରାଚୀର ଭଙ୍ଗାଯିବାର କେଇ ମିନିଟ୍ ପରେ ଇଟା ଚୋରି ହୋଇଗଲା। ଜେଲ ଜମି ଘର ବିପଦସଙ୍କୁଳ ହୋଇପାରେ। କିନ୍ତୁ ଏଥିରୁ ବାହାରୁ ଥିବା ଇଟା ଭଲ ଅଛି। ଏହା ପୁଣି ନୂଆ ଘର ନିର୍ମାଣରେ ଲାଗିଲେ କିଛି ଅସୁବିଧା ହେବନି। ପୁରୁଣା ଜେଲ ଘରକୁ ସୁରକ୍ଷା ନ ଦେଲେ ଏହାର ଉପକରଣ ଇଟା ପରି ଚୋରି ହୋଇଯିବ ଏଥିରେ ସନ୍ଦେହ ନାହିଁ। ଜେଲ ଜମିରେ ପାର୍କିଂ ଜୋନ କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱାତି ମିଶ୍ରଙ୍କୁ ପଚାରିବାରେ ପୁରୁଣା ଜେଲ ଜମିର ପ୍ରାଚୀରର କିଛି ଅଂଶ ବିପଦସଙ୍କୁଳ ହେବା ପରେ ଏହାକୁ ଭଙ୍ଗା ଯାଇଛି। ଇଟା ଚୋରି ହୋଇନାହିଁ। ଭିତର ପାଖକୁ ରଖାଯାଇଛି। ତେବେ ପ୍ରାଚୀର ଏବେ ଭାଙ୍ଗାଯିବ ନାହିଁ ବୋଲି ସେ କହିଛନ୍ତି।

## ମାଙ୍କଡ଼ା ପଥର ଖଣି ପାଣିରୁ ଯୁବତୀଙ୍କ ମୃତଦେହ ଜବତ

ଓଡ଼ଗାଁ, ୨।୯ (ସ୍ୱ.ପ୍ର.)

ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ କୋମଣ୍ଡ ମାଙ୍କଡ଼ା ପଥର ଖଣି ପାଣିରୁ ଯୁବତୀଙ୍କ ମୃତଦେହ ଶୁକ୍ରବାର ଜବତ ହୋଇଛି। ସୂଚନା ଅନୁସାରେ, କୋମଣ୍ଡ ବଜାର ଅନ୍ତର୍ଗତ ମକରପଦା ସାହିର ବାବୁଲା ବେହେରାଙ୍କ ୨୦ ବର୍ଷିୟା ଝିଅ କୌଣସି କାରଣରୁ ବୁଧବାରଠାରୁ ନିଖୋଜ ରହିଥିଲେ। ହେଲେ ବାବୁଲାଙ୍କ ସ୍ତ୍ରୀ ନିଜ ବାପଘରକୁ ଯାଇଥିବା ବେଳେ ଝିଅ ନିଖୋଜ ହେବା ନେଇ ଗାଁରେ ଗୁଜବ ହେଉଛି। ପରିବାର ଲୋକେ ଝିଅ ନିଖୋଜ ହେବା ନେଇ ପୋଲିସରେ କୌଣସି ଅଭିଯୋଗ କରି ନାହାନ୍ତି। ଝିଅ ମୃତଦେହ ଶୁକ୍ରବାର ସକାଳୁ ନିକଟସ୍ଥ ମାଙ୍କଡ଼ା ପଥର ଖଣି ପାଣିରେ ଭାସୁଥିବା ଲୋକେ ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ବାପା ବାବୁଲା ଝିଅଙ୍କ ମୃତଦେହ ପାଣିରୁ ବହାର କରି ସାଇକେଲ ପଛରେ ବାନ୍ଧି ନେଉଥିବା ନେଇ ପୋଲିସ ସୂଚନା ପାଇଥିଲା। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏ ନେଇ ବାପା ବାବୁଲାଙ୍କ ଅଭିଯୋଗ ଅନୁସାରେ ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୦୨୨) ରୁଜୁ କରିଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ଏ ନେଇ ବାପା ବାବୁଲାଙ୍କୁ ପଚରାଉଚୁରା କରିଥିବା ବେଳେ ଝିଅର ଅନ୍ତିମ ସତ୍କାର ନିମନ୍ତେ ଛାଡିଥିବା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ ସୂଚନା ଦେଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଆଇଆଇସି ପଟ୍ଟାୟତ କହିଛନ୍ତି।

## ସରକାରୀ ଜାଗା ଜବରଦଖଲ କରି ଗୃହ ନିର୍ମାଣ

ନୟାଗଡ଼ ଅଫିସ,୨।୯

ନୟାଗଡ଼ ତହସିଲ ଲାଠିପଡ଼ା ଆରଆଇ ଅଫିସ ଅନ୍ତର୍ଗତ ରାଜପାଟଣା ବଜାରର ଏକ ସରକାରୀ ଜମିକୁ ଜବରଦଖଲ କରି ଗୃହ ନିର୍ମାଣ ଚାଲିଛି। ସେଠାରେ କେତେଜଣ ଚାଷୀ ବସି ସେମାନଙ୍କର ଅସ୍ଥାୟୀ ଦୋକାନ କରି ବ୍ୟବସାୟ କରୁଥିଲେ। ହେଲେ ସେହି ମୂଲ୍ୟବାନ ଜମି ଜବରଦଖଲ କରି ଘର କରାଯାଉଥିଲେ ମଧ୍ୟ ଆରଆଇ ଅଫିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି।

# କୁମ୍ଭାରସାହି ଟିମ୍ ଫାଇନାଲକୁ ଉନ୍ନୀତ



ଖେଳାଳିଙ୍କ ଗହଣରେ ଅତିଥିମାନେ।

ଖଣ୍ଡପଡ଼ା,୨।୯(ସ୍ୱ.ପ୍ର.)

**ଖଣ୍ଡପଡ଼ା ଏନ୍‌ଏସି କପ ଫୁଟବଲ ଟୁର୍ନାମେଣ୍ଟ**

ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ ପରିସରରେ ଯୁବକ ସଂଘ ପକ୍ଷରୁ ଆୟୋଜିତ ଏନ୍‌ଏସି କପ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ୨ୟ ସେମିଫାଇନାଲ ମ୍ୟାଚରେ କରଡାବଣି ଓ ବାଲୁଙ୍କେଶ୍ୱର କ୍ଲବ କୁମ୍ଭାରସାହି ଟିମ ଖଣ୍ଡପଡ଼ା ପରସ୍ପରକୁ ଭେଟିଥିଲେ। ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। କୁମ୍ଭାରସାହି ୩-୧ ଟ୍ରାଇବ୍ରେକର ଗୋଲରେ କରଡାବଣି ଟିମ୍‌କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। କ୍ରୀଡା ଶିକ୍ଷକ ସମୀର କୁମାର ଖୁଣ୍ଟିଆ ମ୍ୟାଚକୁ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସହାୟତା କରିଥିଲେ ବାପି ମହାନ୍ତି ଓ ରାଜେଶ ଅଗ୍ରୱାଲା। ମୁଖ୍ୟ ଅତିଥି ରୂପେ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ ଯୋଗଦେଇ ଉଭୟ ଖେଳାଳି ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ।

# ଅପରିଚିତ ମହିଳାଙ୍କୁ ସେବା

ନୟାଗଡ଼ ଅଫିସ,୨।୯

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ଶର୍ଜରୀ ୱାର୍ଡ ବାରଣ୍ଡାରେ ଜଣେ ୪୦ ବର୍ଷର ମହିଳା ଅଖିଆ ଅପିଆ ପଡି ରହିଥିଲେ। ସମ୍ପୃକ୍ତ ମହିଳା ୭ ଦିନ ଧରି ପଡି ରହିଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ଅଥବା ପୋଲିସର ସହଯୋଗ ମିଳୁ ନ ଥିଲା। ସେପଟେ ଅଖିଆ ଅପିଆ ରହିବାରୁ ମହିଳାଙ୍କ ସ୍ୱାସ୍ଥ୍ୟ ବିଗିଡିବାର ଆରମ୍ଭ ହୋଇଥିଲା। ତେବେ ମହିଳା ରୋଗୀ ନିଜର ଠିକଣା କହୁ ନ ଥିବା ବେଳେ ନୟାଗଡ଼ର ରେଡକ୍ରସ ସମାଜିକ ସଙ୍ଗଠନ ସେବା କରିବାକୁ ଆଗେଇ ଆସିଛି। ଏହାର ସ୍ୱେଚ୍ଛାସେବୀ ଚିକୁ ପଟ୍ଟନାୟକ ରୋଗୀଙ୍କୁ ସେବା ଦେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଉଛନ୍ତି। ମହିଳା ରୋଗୀଙ୍କର କେହି ନ ଥିବାରୁ ଚିକୁ ତାଙ୍କୁ ବୁଝାସୁଝା କରୁଛନ୍ତି। ଅନ୍ୟପକ୍ଷେ ସମ୍ପୃକ୍ତ ମହିଳାଙ୍କର କ୍ୟାନସର ହୋଇଥିବା ସନ୍ଦେହ କରାଯାଉଛି। ପରିବାର ଲୋକ ଅଣଦେଖା କରିବା ପରେ ସେ ଘରୁ ପଳାଇ ଆସିଥିଲେ। ମହିଳାଙ୍କ ଘର ଦଶପଲ୍ଲାରେ ଜଣା ପଡିଥିବାବେଳେ ପ୍ରକୃତ ଠିକଣା ଓ ନାମ ଜଣାପଡୁନାହିଁ।



ଜିଲା ମୁଖ୍ୟ ଚିକିତ୍ସାଳୟରେ ଅପରିଚିତ ମହିଳା।

## ଗାଡ଼ିରୁ ବ୍ୟାଟେରି ଚୋରି

ନୟାଗଡ଼ ଅଫିସ,୨।୯

ନୟାଗଡ଼ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ବୋଲେରୋ (ନଂ. ଓଡି ୨୫ ଜି ୭୨୭୭)ରୁ ବ୍ୟାଟେରି ଚୋରି ହୋଇଛି। କେହି ଦୁର୍ବୃତ୍ତ ଡ୍ରାଇଭର ବସୁଥିବା ଗେଟର ଲକ୍ ଭାଙ୍ଗି ବନେଟ ଭାଙ୍ଗି ବ୍ୟାଟେରି ଚୋରି କରିଛି। ଗଣେଶ ପୂଜା ଓ ନୂଆଖାଇ ଛୁଟିଥିବାବେଳେ ଦୁର୍ବୃତ୍ତମାନେ ଏହାର ସୁଯୋଗ ନେଇ ଜିଲା ମୁଖ୍ୟ କୃଷୀ ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟରୁ ବ୍ୟାଟେରି ଚୋରି କରିଛନ୍ତି। ଗାଡିର ମାଲିକ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଅଭିଯୋଗ କରି ନୟାଗଡ଼ ଟାଉନ ଥାନାରେ ଅଭିଯୋଗ କରିଛନ୍ତି।

# ପିଇଓଙ୍କ ନାଁରେ ଥାନାରେ ବିଡିଓଙ୍କ ଅଭିଯୋଗ

ନୂଆଗାଁ, ୨।୯ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ଜଣେ ପୂର୍ବତନ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ)ଙ୍କ ନାମରେ ବିଡିଓ ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ବସନ୍ତ କୁମାର ପଣ୍ଡା କୋରଡା ପଞ୍ଚାୟତର ପିଇଓ ଭାବେ କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ପଣ୍ଡାଙ୍କର ଖଣ୍ଡପଡ଼ା ବ୍ଲକକୁ ବଦଳି ହୋଇଯାଇଛି। ତେବେ କୋରଡା ପଞ୍ଚାୟତର ୩୨୬ ଜଣ ହିତାଧିକାରୀଙ୍କୁ ଜୁଲାଇ ମାସର ଭତ୍ତା ବଣ୍ଟନ କରିବା ନିମନ୍ତେ ୧୮।୭।୨୨ରେ ୧,୮୦,୬୦୦ ଟଙ୍କା ଦିଆଯାଇଥିଲା। ତେଣୁ ଜୁଲାଇ ୨୫ ତାରିଖ ପୂର୍ବରୁ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ ହୋଇଥିଲା। ଏଥିସହ ୨୫ ତାରିଖରେ କେତେଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି।

କେତେଜଣ ଭତ୍ତା ପାଇନାହାନ୍ତି ତାହାର ସବିଶେଷ ତଥ୍ୟ ବ୍ଲକରେ ପ୍ରଦାନ କରିବା କଥା। କିନ୍ତୁ ମାସେ ପରେ ବି ସେ କୌଣସି ହିସାବ ହେଇ ନ ଥିଲେ। କୋରଡା ପଞ୍ଚାୟତର ଅନେକ ହିତାଧିକାରୀ ଜୁଲାଇ ମାସର ଭତ୍ତା ପାଇ ନ ଥିବା ଅଭିଯୋଗ ହେବା ପରେ ଉକ୍ତ ମାସର ସମ୍ପୂର୍ଣ୍ଣ ହିସାବ ଦେବା ପାଇଁ ପିଇଓ ପଣ୍ଡାଙ୍କୁ ୨୪।୮।୨୨ରେ ବ୍ଲକ କାର୍ଯ୍ୟାଳୟରୁ ଚିଠି କରାଯାଇଥିଲା। ତଥାପି ପିଇଓ ଏହାକୁ ଖାତିର କରି ନ ଥିଲେ। ଖଣ୍ଡପଡ଼ା ବ୍ଲକକୁ ବଦଳି ହୋଇଯିବା ପରେ ସେଠାରେ ଯାଇ କାର୍ଯ୍ୟରେ ଯୋଗ ଦେଇଥିବା ବେଳେ ଆଉ ନୂଆଗାଁ ବ୍ଲକ କାର୍ଯ୍ୟାଳୟ ମାଡି ନ ଥିଲେ। ତେଣୁ ଶେଷରେ ବାଧ୍ୟ ହୋଇ ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ହୋଇଥିଲେ ମଧ୍ୟ ଖବର ଲେଖା ହେବା ସୁଦ୍ଧା କୌଣସି ମାମଲା ରୁଜୁ ହୋଇ ନ ଥିବା ନୂଆଗାଁ ଥାନା ଇନ୍ସପେକ୍ଟର ପୁଷ୍ପଲତା ବେହେରା କହିଛନ୍ତି। ଏ ସମ୍ପର୍କରେ ଜାଣିବାକୁ ପିଇଓ ପଣ୍ଡାଙ୍କ ମୋବାଇଲ ନମ୍ବରକୁ ବାରମ୍ବାର ଫୋନ୍ କରାଯାଇଥିଲା। ତାହା ସୁଇଚ୍ ଅଫ୍ ଦେଖାଇ ଥିଲା।

# ଷଠି ଓଷାରେ ମନେପଡ଼େ ମା'ର ବଜ୍ରମୂଳି ମାଡ଼

ଖଣ୍ଡପଡା,୨।୯ (ସ୍ୱ.ପ୍ର.)

ଷଠି ଓଷା ସାଧାରଣତଃ ଓଡ଼ିଶାର ପୁରପଲ୍ଲୀରେ ଧୁମ୍‌ଧାମରେ ପାଳନ କରାଯାଏ। ଏହି ପୂଜା ମା'ମାନେ ତାଙ୍କ ଶିଶୁମାନଙ୍କର ଦୀର୍ଘ ଜୀବନ କାମନା କରି ପାଳନ କରିଥାନ୍ତି। ଶୁକ୍ରବାର ପବିତ୍ର ଷଠି ଓଷା ତିଥିରେ ଖଣ୍ଡପଡ଼ା ବ୍ଲକର ଖଣ୍ଡପଡ଼ା, ଜଗନ୍ନାଥପ୍ରସାଦ, କୋସକା, ଢୋଲମରା, କୁମ୍ଭାରପଡା, କଣ୍ଟିଲୋ, ବାଣପୁର, ବଳରାମପ୍ରସାଦ, ସିଧାମୂଳା, ବେଣାଗାଡିଆ, ଧାନଚେଙ୍ଗଡା, ଖଳିସାହି ଆଦି ଅଞ୍ଚଳରେ ଷଠିଓଷା ପାରମ୍ପରିକ ରୀତିରେ ପାଳନ ହୋଇଯାଇଛି। ଏହି ପୂଜାର ବିଶେଷତ୍ୱ ହେଉଛି ଷଠି ଓଷା ଉଦ୍‌ଯାପନ ପରେ ମା'ମାନେ ସେମାନଙ୍କ ପିଲାଙ୍କୁ ବଜ୍ରମୂଳି ଗଛରେ ବାଡେଇବା। ଏହି ଅବସରରେ ମା'ର ବଜ୍ରମୂଳି ମାଡ଼କୁ ମନେ ପକାଇ ଏହାର ରହସ୍ୟ ଅବତାରଣା କରିଛନ୍ତି, ଖଣ୍ଡପଡ଼ା ଓ କଣ୍ଟିଲୋ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ। ଏମାନଙ୍କ ମଧ୍ୟରେ ଅଛନ୍ତି, ଡାକ୍ତର ଏଲୋରା ମହାନ୍ତି, ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସାହୁ, ଗୃହିଣୀ ଜୟପ୍ରଭା ସାହୁ, ଅଧ୍ୟାପିକା ଜ୍ୟୋତ୍ସ୍ନା ମହାରଣା ପ୍ରମୁଖ। ଏମାନେ ମା'ର ସ୍ନେହକୁ ସୁରକ୍ଷା ପ୍ରାଚୀର ସଦୃଶ ବର୍ଣ୍ଣନା କରିବା ସହ ବଜ୍ରମୂଳିର ବ୍ୟବହାର ଉପରେ ଅବଗତ କରାଇଥିଲେ। ଏହି ଓଷା ସମୟରେ ମା'ମାନେ ବଜ୍ରମୂଳି ଧରି ପିଲାମାନଙ୍କ ଫେରିବା ବାଟକୁ ଚାହିଁ ବସୁଥିଲେ। ସନ୍ଧ୍ୟାରେ ପିଲାମାନେ ଘରେ ପହଞ୍ଚିବା ମାତ୍ରେ ମା'ମାନେ ବଜ୍ରମୂଳି ଗଛରେ ୭ ଥର ପିଟିବା ପରେ ଷଠି ମା'ଙ୍କୁ ପିନ୍ଧା ଯାଇଥିବା ହଳଦୀ ଭିଜା କନାକୁ ଚିରି ସେମାନଙ୍କ ବେକରେ ବାନ୍ଧି ଦେଇଥାନ୍ତି। ବଜ୍ରମୂଳିରେ ପିଲାଙ୍କୁ ମାରିଲେ ସେମାନଙ୍କ ଦେହ ସୁସ୍ଥ ରହିବା ସହ ବଜ୍ର ଭଳି କଠିନ ହେବ। ଏହାଛଡା କୌଣସି ଅଶୁଭ ଶକ୍ତି ସେମାନଙ୍କ ଦେହରେ ପ୍ରବେଶ କରିପାରିବ ନାହିଁ ବୋଲି ଷଠିଓଷା କରୁଥିବା କେତେଜଣ ମହିଳା କହିଛନ୍ତି। ଷଠି ବୁଢୀ ମା' ସମସ୍ତଙ୍କର ଜନ୍ମଦାତ୍ରୀ ବୋଲି ହିନ୍ଦୁମାନେ ବିଶ୍ୱାସ କରିଥାନ୍ତି। ସକାଳୁ ଗୃହିଣୀମାନେ ବିଭିନ୍ନ ସ୍ଥାନରୁ ବଣ ସାରୁ ଓ ବଜ୍ରମୂଳି ଗଛ, ଦୁବ ବରକୋଳି ପତ୍ର, ଫୁଲ ଆଦି ସଂଗ୍ରହ କରିବା ପରେ ଘରେ ଥିବା ଶିଳ, ଶିଳପୁଆକୁ ଧୋଇ ସଫା କରିଥିଲେ। ଏହି ଶିଳପୁଆରେ ହଳଦୀ ଲେପି ୬ ଖଣ୍ଡ ହଳଦୀ କନା ଗୁଡାଇ କଉଡିରେ ମଥା ଚିତା, ଦୁଇ ଆଖି ଓ ପାଟି ପ୍ରସ୍ତୁତ କରି ଷଠି ଦେବୀ ଭାବରେ ପୂଜା ବେଦୀରେ ସ୍ଥାପନା କରିଥିଲେ। ବେଦୀରେ ଚିତା ପକାଇବା ପରେ ଷଠୀ ବୁଢୀ ମା'ଙ୍କ ପାଖରେ ବଜ୍ରମୂଳି ଓ ବଣ ସାରୁ ଗଛ ରଖିଥିଲେ। ଘରେ ପ୍ରସ୍ତୁତ ହୋଇଥିବା ୬ ତରକାରୀ, ୬ ପିଠାକୁ ମା'ଙ୍କୁ ସମର୍ପଣ କରି ପୂଜା କରିଥିଲେ। ସନ୍ଧ୍ୟାରେ ମା'ଙ୍କୁ ବନ୍ଦାପନା କରଯାଇ ଓଷା ଉଦ୍‌ଯାପନ କରାଯାଇଥିଲା।



ଷଠି ଓଷାରେ ପୂଜାର୍ଚ୍ଚନା କରାଯାଉଛି।

## ସଂକ୍ଷେପରେ

### ନବନିଯୁକ୍ତ ରାଜ୍ୟ ବିଜେଡି ମହିଳା ଉପଦେଷ୍ଟାଙ୍କୁ ସ୍ୱାଗତ



ଧର୍ମଶାଳା,୨।୯(ଡି.ଏନ.ଏ.): ଯାଜପୁରର ପୂର୍ବତନ ଏମ୍‌ପି ରୀତା ତରାଇଙ୍କୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ମହିଳା ବିଜେଡିର ଉପଦେଷ୍ଟା ଭାବେ ନିଯୁକ୍ତି ଦେଇଛନ୍ତି। ଏହାକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ତରାଇ ଉପଦେଷ୍ଟା ଭାବେ ନିଯୁକ୍ତି ପାଇବା ପରେ ମୁଖ୍ୟମନ୍ତ୍ରୀ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ(ସଙ୍ଗଠନ)ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ସମେତ ଯାଜପୁର ଏମ୍‌ପି ଏବଂ ସମସ୍ତ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟପକ୍ଷରେ ଧର୍ମଶାଳା ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି, ଯୁବ ବିଜେଡି ସଭାପତି କ୍ଷିତୀଶ ନାୟକ, ମହିଳା ବିଜେଡି ସଭାପତି ବିଶ୍ୱବନ୍ଦନା ଜେନା, ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ, ଗାର୍ଲସ ୱିଙ୍ଗସ ସଭାନେତ୍ରୀ କ୍ଷୀରାବ୍ଧି ତନୟା ମଲିକ, ଯୁବ ସଙ୍ଗଠକ ସଂଗ୍ରାମ ଜେନା, ବିଜୟ ନାୟକ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ତରାଇଙ୍କୁ ସ୍ୱାଗତ ଜଣାଇଛନ୍ତି।

# ପୌରାଧକ୍ଷା-ନିର୍ବାହୀ ଅଧିକାରୀ ମତଭେଦ

**ବ୍ୟାସନଗରରେ ପରିମଳ ବ୍ୟବସ୍ଥା**
- ବଟି ଆଦାୟକୁ ନେଇ ଉଚ୍ଚ ବଚସା
- ବିନା ଟେଣ୍ଡରରେ ଠିକାସଂସ୍ଥାର କାର୍ଯ୍ୟ ସମ୍ପ୍ରସାରଣ

ଯାଜପୁର ରୋଡ,୨।୯(ଡି.ଏନ.ଏ.)



ଗଣେଶ ବଜାର ଓ ଏଡିଏମ୍ ଅଫିସ ସମ୍ମୁଖ ରାସ୍ତାରେ ପାଣି ଜମିଛି।

ବ୍ୟାସନଗର ପୌର ପରିଷଦରେ ପରିମଳ ବ୍ୟବସ୍ଥାରେ ବ୍ୟାପକ ଅନିୟମିତତାର ପର୍ଦ୍ଦାଫାଶ ହୋଇଛି। ଏହାବାଦ୍ ବିନା ଟେଣ୍ଡରରେ ପରିମଳ ବ୍ୟବସ୍ଥାରେ ନିୟୋଜିତ ଠିକାସଂସ୍ଥାକୁ ୧ ବର୍ଷ ପାଇଁ ସଂପ୍ରସାରଣ କରାଯାଇଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ପୌରାଧକ୍ଷା ଏବଂ ନିର୍ବାହୀ ଅଧିକାରୀଙ୍କ ଉଚ୍ଚ ବଚସାରୁ ଏହା ସ୍ପଷ୍ଟ ହୋଇଛି। ତେବେ ପରିମଳ ବ୍ୟବସ୍ଥାରେ ନିୟୋଜିତ ଠିକାସଂସ୍ଥାଠାରୁ ମାସିକ ବଟି ଆଦାୟକୁ ନେଇ ଉପରୋକ୍ତ ବଚସା ହୋଇଥିବା ଚର୍ଚ୍ଚା ହେଉଛି।
୨୬ଟି ୱାର୍ଡକୁ ନେଇ ଗଠିତ ବ୍ୟାସନଗର ପୌରାଞ୍ଚଳରେ ବେସରକାରୀ ଭାବେ ପ୍ରାୟ ଦେଢଲକ୍ଷ ଜନସାଧାରଣ ବସବାସ କରୁଛନ୍ତି। ଏକାଧିକ ନୂତନ ବସ୍ତି ମଧ ଗଢ଼ି ଉଠିଛି। କେତେକ ୱାର୍ଡରେ ଏ ପର୍ଯ୍ୟନ୍ତ ଡ୍ରେନ୍ ନିର୍ମାଣ ହୋଇପାରିନାହିଁ। ସେହିପରି ଡ୍ରେନ୍ ରହିଥିବା ଅଧିକାଂଶ ୱାର୍ଡରେ ଜଳ ନିଷ୍କାସନର ସୁବିଧା ନ ଥିବାରୁ ବର୍ଷାଦିନେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ବିଶେଷକରି କୋପଣ୍ଡ, ମୁଣ୍ଡୋମାଳ, ଲକ୍ଷ୍ମୀ ମାର୍କେଟ, କନ୍ହେଇପୁର, କାଳୀ ମେଳଣ ପଡିଆ, ଇନ୍ଦିରା ଗାନ୍ଧୀ ମହିଳା କଲେଜ, କାଚହୁଡି ସାହି, ମହତାବନଗର, ଗଣେଶ ବଜାର ପ୍ରଭୃତି ଅଞ୍ଚଳରେ ନର୍ଦ୍ଦମା ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ସହରର ସଫେଇ କାର୍ଯ୍ୟ ନିମନ୍ତେ ୨୦୨୧ ମାର୍ଚ୍ଚରେ ସବ୍ୟସାଚୀ ମହାକୁଡ ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ୨୦୨୨ ମାର୍ଚ୍ଚରେ ଏହାର ଅବଧି ସରି ଯିବା କଥା। କିନ୍ତୁ କୌଣସି ଟେଣ୍ଡର କରା ନ ଯାଇ ଏହି ଠିକାସଂସ୍ଥାର କାର୍ଯ୍ୟ ଅବଧି ୨୦୨୩ ମାର୍ଚ୍ଚ ପର୍ଯ୍ୟନ୍ତ ସଂପ୍ରସାରଣ କରାଯାଇଛି। ଏହି ସମ୍ପ୍ରସାରଣ କାର୍ଯ୍ୟ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ଏବଂ ଠିକାସଂସ୍ଥାଙ୍କ ଭିତିରିଆ ବୁଝାମଣାରେ ହୋଇଛି ବୋଲି ଅଭିଯୋଗ ହୋଇଛି। ଚର୍ଚ୍ଚା ହେଉଛି ଯେ, ପୌରପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତଙ୍କୁ ଠିକାସଂସ୍ଥା ମହାକୁଡ କୌଣସି ପ୍ରକାର ଗୁରୁତ୍ୱ ଦେଉ ନ ଥିବାରୁ ପରିମଳ କାର୍ଯ୍ୟରେ କଡାକଡି ତଦାରଖ କରୁଥିଲେ। ଏପରିକି ମାସିକ ବିଲ ପ୍ରଦାନରେ ବିଳମ୍ବ କରୁଥିଲେ। ଏହା ଜାଣିବା ପରେ ପୌରାଧକ୍ଷା ସଙ୍ଗିତା ପିଙ୍ଗୁଆ ଶୁକ୍ରବାର ନିର୍ବାହୀ ଅଧିକାରୀଙ୍କୁ ଭେଟି କାହିଁକି ପରିମଳ କାର୍ଯ୍ୟରେ ଅଯଥା ହସ୍ତକ୍ଷେପ କରୁଛନ୍ତି ବୋଲି କହିଥିଲେ। ତେବେ ନିର୍ବାହୀ ଅଧିକାରୀ ସେ ତାଙ୍କର କର୍ତ୍ତବ୍ୟ କରୁଛନ୍ତି ବୋଲି କହିବାରୁ ଅଧକ୍ଷା ରାଗି ଯାଇ ଅଯଥା ହସ୍ତକ୍ଷେପରୁ ବିରତ ରହିବାକୁ ଚେତାବନୀ ଦେଇଥିଲେ। ଏହାକୁ ନେଇ ଉଭୟ ପକ୍ଷରୁ ଉଚ୍ଚ ବଚସା ହୋଇଥିବା ଦେଖଣାହାରୀଙ୍କଠାରୁ ପ୍ରକାଶ। ସରକାରୀ ଅଧିକାରୀ ଭାବେ ଦରମା ପାଉଛନ୍ତି, କିନ୍ତୁ ଆମେ କୁଆଡେ ଯିବୁ, କୋଉଠୁ ପାଇବୁ ବୋଲି କୁଆଡେ ଅଧକ୍ଷା କହିଥିବା ଚର୍ଚ୍ଚା ହେଉଛି। ଏଥିରୁ ପରିମଳ ବାବଦକୁ ବିଲ୍ ହେଉଥିବା ମାସିକ ଅର୍ଥରୁ ସିଂହଭାଗ ମିଳିମିଶି ଲୁଟ କରାଯାଉଥିବା ସ୍ପଷ୍ଟ ହୋଇଛି।
ସୂଚନାଯୋଗ୍ୟ ଯେ, ବର୍ଷା ଦିନ ପୂର୍ବରୁ ପ୍ରତ୍ୟେକ ୱାର୍ଡର ଡ୍ରେନେଜ ସଫେଇ କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ହୋଇଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇ ନ ଥିଲା। ଫଳରେ ସାମାନ୍ୟ ବର୍ଷା ହେଲେ ବି ଡ୍ରେନ ପାଣି ରାସ୍ତାରେ ଗଡୁଥିବା ଦେଖିବାକୁ ମିଳିଛି। ଗୃହ ଏବଂ ନଗର ଉନ୍ନୟନ ବିଭାଗର ପୌର ପ୍ରଶାସକ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ସହରରେ ପାଣି ଜମି ରହୁଥିବା ସ୍ଥାନଗୁଡିକର ପରିଚାଳନା ଉପରେ ସମସ୍ତ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶନାମାରେ ଡ୍ରେନଗୁଡିକର ନିୟମିତ ନିରୀକ୍ଷଣ କରିବା ସହ ଆବଶ୍ୟକସ୍ଥଳେ ମରାମତି ଏବଂ ପୁରୁଣା ଢାଙ୍କୁଣି ବଦଳାଇବାକୁ ଦର୍ଶାଯାଇଥିଲା। କିନ୍ତୁ ଠିକାସଂସ୍ଥାର ମାସିକ ଚାନ୍ଦାରେ ପ୍ରଶାସନର ନିର୍ଦ୍ଦେଶ ଫାଇଲ ତଳେ ଚାପି ରହି ଯାଉଛି। ସହରରେ ୧୬୦ ଜଣ ଶ୍ରମିକଙ୍କୁ ନିୟୋଜିତ କରିବାକୁ ଚୁକ୍ତି ହୋଇଥିଲେ ହେଁ ୭୦/୮୦ ଜଣ ଶ୍ରମିକଙ୍କୁ ନିୟୋଜିତ କରାଯାଉଛି। ସହରର ସଫେଇ କାର୍ଯ୍ୟ ପାଇଁ ମାସିକ ପାଖାପାଖି ୨୫ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ସୂଚନା ମିଳିଛି। ଗତ ଜୁନରେ ସଫେଇ କର୍ମଚାରୀଙ୍କ ପାଇଁ ବାୟୋମେଟ୍ରିକ ବ୍ୟବସ୍ଥା କରାଯାଇଥିଲା। ତଥାପି କର୍ମଚାରୀମାନେ ଏହାକୁ ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳିଥିଲା। ଏହାକୁ ପାଥେୟ କରି ନିର୍ବାହୀ ଅଧିକାରୀ କଡାକଡି ନିୟମ ପାଳନ କରିବାକୁ ନିର୍ଦ୍ଦେଶ ଦେଉଥିଲେ। ତେବେ ଶୁକ୍ରବାର ଘଟଣାକୁ ଅବଲୋକନ କଲେ ପରିମଳ କାର୍ଯ୍ୟରେ ଏକ ବଡ଼ ର୍‍ୟାକେଟ କାମ କରୁଥିବା ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ନିର୍ବାହୀ ଅଧିକାରୀ ରାଉତଙ୍କୁ ପଚାରିବାରେ ସେ କହିଛନ୍ତି, ସହରର ପରିମଳ ବ୍ୟବସ୍ଥାକୁ ନେଇ ସେ ଆନ୍ତରିକତାର ସହ କାର୍ଯ୍ୟ କରୁଛନ୍ତି। କୌଣସି ଚାପରେ ସେ ଅନିୟମିତତା କରିବେ ନାହିଁ। ଅଧକ୍ଷା ପିଙ୍ଗୁଆଙ୍କୁ ପଚାରିବାରେ ସେ କହିଛନ୍ତି, ପରିମଳ ବ୍ୟବସ୍ଥାରେ କୌଣସି ପ୍ରକାର ଅନିୟମିତତା ହେଉନାହିଁ। ସଫେଇ କର୍ମଚାରୀଙ୍କୁ ଦରମା ପ୍ରଦାନରେ ଅବହେଳା ତଥା ବିଭିନ୍ନ କାର୍ଯ୍ୟରେ ଅବହେଳା କରାଯାଉଥିବାରୁ ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା ହୋଇଥିଲା।

### ୧୨ ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ

**ପୁରୀ ଅଫିସ,୨।୯:** ବଳିଆପଣ୍ଡା ଥାନା ଅଞ୍ଚଳରେ ବ୍ରାଉନ ସୁଗାର କାରବାର କରିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ଶୁକ୍ରବାର ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ବଳିଆପଣ୍ଡା ବସ୍ତି ମଙ୍ଗଳା ସାହିର ଗଣେଶ ମଲ୍ଲିକ୍ (୨୮) । ପୋଲିସ ଅଭିଯୁକ୍ତଙ୍କଠାରୁ ୧୨.୫ ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିବା ସହ ଗୋଟିଏ ମୋବାଇଲ ଫୋନ ଏବଂ ନଗଦ ୪ହଜାର ୫୦୦ ଟଙ୍କା ଜବତ କରିଛି। ଏ ନେଇ ପୋଲିସ ନଂ. ୧୦୯/୨୨ରେ ଏକ ମାମଲା ରୁଜୁ କରିଛି। ଜବତ ବ୍ରାଉନସୁଗାରର ମୂଲ୍ୟ ସାଢ଼େ ୧୨ହଜାର ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି। ପୋଲିସ ସୂଚନା ଅନୁଯାୟୀ, ଜଣେ ବ୍ରାଉନ ସୁଗାର ବେପାରୀ ବ୍ରାଉନ ସୁଗାର କାରବାର କରିବା ନିମନ୍ତେ ବଳିଆପଣ୍ଡା ଥାନା ଅନ୍ତର୍ଗତ ବନଦୁର୍ଗା ମନ୍ଦିର ନିକଟରେ ଅଞ୍ଚଳରେ ରହିଥିଲେ। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଶୁକ୍ରବାର ସକାଳ ପ୍ରାୟ ୯ ଟା ୩୦ ମିନିଟ୍ ସମୟରେ ଉକ୍ତ ସ୍ଥାନରେ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ବ୍ରାଉନସୁଗାର ଜବତ କରିଥିଲା। ପରେ ଥାନାକୁ ଆଣି ପଚାରିବାରେ ସେ ବ୍ରାଉନ ସୁଗାର କାରବାର କରୁଥିବା ସ୍ୱୀକାର କରିଥିଲା।

## ବୀମା ରାଶି ବୃଦ୍ଧି, ପେନ୍‌ସନ୍ ଉପରେ ଆଲୋଚନା



ଜେୟୁଜେ ସାଧାରଣ ପରିଷଦ ବୈଠକରେ ମଞ୍ଚାସୀନ କର୍ମକର୍ତ୍ତା।

ଯାଜପୁର ଟାଉନ,୨।୯ (ଡି.ଏନ.ଏ.)

**ଜେୟୁଜେ ସାଧାରଣ ପରିଷଦ ବୈଠକରେ ମଞ୍ଚାସୀନ କର୍ମକର୍ତ୍ତା।**

ଯାଜପୁର ଜିଲା ସାମ୍ବାଦିକ ୟୁନିୟନ (ଜେୟୁଜେ)ର ସାଧାରଣ ପରିଷଦ ବୈଠକ ବିରଜା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି।ଜିଲା ସଭାପତି ଆଦିତ୍ୟ ମେକାପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଉପସଭାପତି କିଷାନ ରାଉତ, ରାଜ୍ୟ ସମ୍ପାଦକ ସମରଜିତ୍ ମହାନ୍ତି, ଜିଲା କାର୍ଯ୍ୟକାରୀ ସଭାପତି ରଞ୍ଜିତ ରାଉତ, ଜିଲା ସାଧାରଣ ସମ୍ପାଦକ ଦେବପ୍ରସାଦ ସାହୁ ପ୍ରମୁଖ ଯୋଗଦେଇ ଖବରଦାତାଙ୍କ ବୀମା ରାଶି ବୃଦ୍ଧି, ପେନ୍‌ସନ୍ ଓ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ନିକଟରେ ବୀମା ରାଶି ୨ ଲକ୍ଷରୁ ୫ଲକ୍ଷ ଓ ଖବରଦାତାଙ୍କୁ ପେନ୍‌ସନ୍ ଯୋଗାଇ ଦେବା ନେଇ ଓଡ଼ିଶା ସାମ୍ବାଦିକ ୟୁନିୟନ (ଓୟୁଜେ)ଦୀର୍ଘ ଦିନ ହେବ ଦାବି କରି ଆସୁଛି ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ଓୟୁଜେ ଖବରଦାତାଙ୍କ ମୂଳ ଦାବି ଉପରେ ଗୁରୁତ୍ୱ ଦେଇ ଆସୁଛି। ଏପରି କି ଖବରଦାତାଙ୍କ ଉପରେ ହେଉଥିବା ଆକ୍ରମଣକୁ ଦୃଷ୍ଟିରେ ରଖି ଖବରଦାତା ସୁରକ୍ଷା ଆଇନ ଓ ନକ୍ସଲ ଅଧ୍ୟୁଷିତ ଅଞ୍ଚଳରେ କାର୍ଯ୍ୟରତ ଖବରଦାତାଙ୍କୁ ସୁରକ୍ଷା ଯୋଗାଇ ଦେବା ନେଇ ବୈଠକରେ ଆଲୋଚନା ହୋଇଥିଲା। ରାଜ୍ୟରେ ଗଢ଼ି ଉଠିଥିବା କେତେକ ବେନାମୀ ସଙ୍ଗଠନ ଖବରଦାତାଙ୍କୁ ବିଭ୍ରାନ୍ତକର ତଥ୍ୟ ପ୍ରଦାନ କରି ଆସ୍ଥା ଭାଜନ ହେବାକୁ ପ୍ରୟାସ କରୁଥିବାରୁ ବୈଠକରେ ଏତାଦୃଶ୍ୟ କାର୍ଯ୍ୟକୁ ନିନ୍ଦା କରାଯାଇଥିଲା।
ବୈଠକରେ ବିଭିନ୍ନ ବ୍ଲକ ଅଞ୍ଚଳରୁ ଚନ୍ଦ୍ରଶେଖର ସାହୁ, ମହେନ୍ଦ୍ର ସ୍ୱାଇଁ, ବିଜୟ କୁମାର ମହାନ୍ତି, ଏକାଦଶୀ ସେଠୀ, ଶିବରାମ ସ୍ୱାଇଁ, ପ୍ରଶାନ୍ତ ଜେନା, ଦେବେନ୍ଦ୍ର ପାଢ଼ୀ, ଜଗମୋହନ ରାଉତ, ପ୍ରବୋଧ ମିଶ୍ର, ରାକେଶ ବାରିକ, ଦୀପକ ଦାସ, ସୁଶାନ୍ତ ବେଉରିଆ, ରାଜକୁମାର ମହାନ୍ତି, ସତ୍ୟଜିତ ବାରିକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ବିଭିନ୍ନ ଜାଲିଆତି ସମ୍ପର୍କରେ ୟୁନିୟନ ପକ୍ଷରୁ ଏକ ଅଭିଯୋଗ ଯାଜପୁର ଥାନାଧିକାରୀ ଅଜୟ କୁମାର ଜେନାଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ କଲ୍ୟାଣ ପାଣ୍ଠି ଅଧକ୍ଷ ରାଜୀବ ମହାନ୍ତି, ବରିଷ୍ଠ ସଦସ୍ୟ ଅଭୟ ପତି, ଉପସଭାପତି ଦିଲୀପ ଦାସ, ସଂଗଠନ ସମ୍ପାଦକ ତପନ ମହାନ୍ତି, ମହେଶ୍ୱର ସାହୁ, ପରମେଶ୍ୱର ବେହୁରିଆ, ଅନିଲ ପଣ୍ଡା, ଗୁଲସନ ନୱାଜ, ଶକ୍ତିସୌରଭ ମହାପାତ୍ର, ଅଜୟ ରାଉଳ, କୌଶିକ ଦାସ ଓ ବିଶ୍ୱଭୂଷଣ ଜେନାଙ୍କ ସମେତ ଶତାଧିକ ଖବରଦାତା ଉପସ୍ଥିତ ଥିଲେ।

### ନିଖୋଜ ଯୁବକଙ୍କ ମୃତଦେହ ଜବତ

ପଟ୍ଟାମୁଣ୍ଡାଇ,୨।୯(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ପୌରାଧକ୍ଷ ହେମନ୍ତ ସାହୁଙ୍କ ସାନ ଭାଇ ପ୍ରମୋଦ (୪୩) ଗୁରୁବାରଠାରୁ ନିଖୋଜ ଥିବା ବେଳେ ଶୁକ୍ରବାର ତାଙ୍କ ମୃତଦେହ କେନାଲରୁ ଜବତ କରାଯାଇଛି। ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ବକ୍ତାରପୁର ଗାଁର ପ୍ରମୋଦ ଗୁରୁବାର ସନ୍ଧ୍ୟାରୁ ନିଖୋଜ ଥିଲେ। ଏ ନେଇ ଶୁକ୍ରବାର ସକାଳେ ଥାନାରେ ପୌରାଧକ୍ଷ ସାହୁ ଅଭିଯୋଗ କରିଥିଲେ। ଅପରାହ୍ନ ପ୍ରାୟ ୩ଟାରେ ପ୍ରମୋଦଙ୍କ ମୃତଦେହ ପାଖ କେନାଲରେ ମିଳିଛି। ପରେ ପରିବାର ଲୋକ ମୃତଦେହକୁ ଚିହ୍ନଟ କରିବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ପ୍ରମୋଦଙ୍କ ମୃତଦେହକୁ ଜବତ କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୫/୨୦୨୨) ରୁଜୁ ହୋଇଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଅଧିକ ତଦନ୍ତ ଚଳାଇଛି। ଶନିବାର ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିବା ସହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ପ୍ରମୋଦ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ୪ ଶ୍ରେଣୀ କର୍ମଚାରୀ ଥିଲେ। ତାଙ୍କର ପତ୍ନୀ ସହ ୨ ଝିଅ ଅଛନ୍ତି। ତାଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଅବ୍ୟବସ୍ଥାରେ ଜେନାପୁର ରେଳ ଷ୍ଟେଶନ

**ଶୌଚାଳୟ ବ୍ୟବହାର କରି ହେଉନି, ପିଇବା ପାଣି ଟ୍ୟାପ୍ ଶୁଖିଲା**



ଜେନାପୁର,୨।୯(ଡି.ଏନ.ଏ.)

ଯାଜପୁର ଜିଲା ଅନ୍ତର୍ଗତ ଜେନାପୁର ରେଳ ଷ୍ଟେଶନରେ ନାନା ଅବ୍ୟବସ୍ଥା ଦେଖାଦେଇଛି। ଏହି ଷ୍ଟେଶନଟି ବ୍ରିଟିଶ ଅମଳରୁ ନିର୍ମିତ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତା'ର ସାମଗ୍ରିକ ଭିତ୍ତିଭୂମିକୁ ଉନ୍ନତମାନର କରାଯାଇ ପାରିନାହିଁ। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ଷ୍ଟେଶନ ପରିସରରେ ଥିବା ଶୌଚାଳୟ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଦୈନିକ ଷ୍ଟେଶନକୁ ଦୂରଦୁରାନ୍ତରୁ ଆସୁଥିବା ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି।
କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତ୍ୟେକ ଷ୍ଟେଶନକୁ ସ୍ୱଚ୍ଛ କରିବା ପାଇଁ ବିଭିନ୍ନ କାର୍ଯ୍ୟ କରୁଛନ୍ତି। ହେଲେ ଏହି ଷ୍ଟେଶନରେ ଏ ଭଳି ଅବସ୍ଥାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ଷ୍ଟେଶନରେ ବିପୁଳ ଟଙ୍କା ଖର୍ଚ୍ଚ କରାଯାଇ ଶୌଚାଳୟ ନିର୍ମାଣ କରାଯାଇଛି। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଶୌଚାଳୟ ବ୍ୟବହାର ଯୋଗ୍ୟ ହୋଇ ପାରିନାହିଁ। ଶୌଚାଳୟ ପରିସର ଅପରିଷ୍କାର ଓ ଦୁର୍ଗନ୍ଧ ମୟ ହୋଇଛି। କେତେକ ସ୍ଥାନରେ ଅନାବନା ଗଛ ଉଠି ଜଙ୍ଗଲ ହେବା ଦ୍ୱାରା ତାହା ସରୀସୃପଙ୍କ ବାସ ସ୍ଥଳି ପାଲଟିଛି। ତେଣୁ ଯାତ୍ରୀ ଭୟରେ ଶୌଚାଳୟକୁ ନ ଯାଇ ବାହାରକୁ ଶୌଚ ହେବା ପାଇଁ ଯାଉଥିବା ଦେଖିବାକୁ ମିଳୁଛି। ସେହିପରି ଏଠାରେ ଯାତ୍ରୀଙ୍କ ନିମନ୍ତେ ବସା ଯାଇଥିବା ଶୁଦ୍ଧ ପିଇବା ପାଣି ଟ୍ୟାପ ବେଶିନ ଗୁଡିକରେ ଗଛ ଉଠିବା ସହ ଅଳିଆ ଆବର୍ଜନା ଭର୍ତ୍ତି ହୋଇଛି। କେତେକ ଟ୍ୟାପ ଭାଙ୍ଗି ଯିବା ସହ ଆଉ କେତେକରେ ପାଣି ଆସୁନାହିଁ। ଷ୍ଟେଶନକୁ ବହୁ ଅଧିକାରୀ ଆସୁଛନ୍ତି। ହେଲେ ଏଥିପ୍ରତି କୌଣସି ଅଧିକାରୀଙ୍କ ଦୃଷ୍ଟି ନ ପଡ଼ିବା ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ନବନିର୍ମାଣ କୃଷକ ସଂଗଠନର ଚାଷୀ ସତ୍ୟାଗ୍ରହ ପ୍ରସ୍ତୁତି

ବ୍ରହ୍ମବରଦା,୨।୯(ଡି.ଏନ.ଏ.)

ଯାଜପୁର ଜିଲା ନବନିର୍ମାଣ କୃଷକ ସଂଗଠନର ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ରସୁଲପୁର ବ୍ଲକ ଅଧୀନ ବ୍ରହ୍ମବରଦାସ୍ଥିତ ରୁହାନୀ ମଦରସାଠାରେ ସଂଗଠନ ରାଜ୍ୟ ସହସଂଯୋଜକ ନିମାଇଁ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୧୯ ଦଫା ଦାବି ନେଇ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ରାଜ୍ୟବ୍ୟାପୀ ଚାଷୀ ସତ୍ୟାଗ୍ରହ ହେବ ବୋଲି ସୂଚନା ଦିଆଯାଇଛି। ଏହି ଅବସରରେ ଏକ ବାଇକ୍ ଶୋଭାଯାତ୍ରା ଆସନ୍ତା ୪ ତାରିଖରୁ ଭଦ୍ରକଠାରୁ ଆରମ୍ଭ ହୋଇ ୩୦ ତାରିଖରେ ଗଞ୍ଜାମରେ ପହଞ୍ଚିବ। ସେଥିମଧ୍ୟରୁ ୧୩ ଓ ୧୪ ତାରିଖ ଦୁଇ ଦିନ ମଧ୍ୟରେ ଯାଜପୁର ଜିଲାରେ ବାଇକ୍ ଶୋଭାଯାତ୍ରା ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ସରକାର କୃଷକଙ୍କୁ ମାସିକ ସର୍ବନିମ୍ନ ୫୦୦୦ ଟଙ୍କା ପେନସନ୍ ପ୍ରଦାନ କରିବା, ୨୩ଟି ଫସଲର ଏମ୍‌ଏସ୍‌ପି ଧାର୍ଯ୍ୟ କରିବା ଓ ବାର୍ଦ୍ଧକ୍ୟ ଭତ୍ତା ୫୦୦ ଟଙ୍କା ପରିବର୍ତ୍ତେ ୨୦୦୦ ଟଙ୍କାକୁ ବୃଦ୍ଧି କରିବା ଆଦି ଦାବିନେଇ ଏହି ସତ୍ୟାଗ୍ରହ କରାଯିବ ବୋଲି ସଂଗଠନ ରାଜ୍ୟ ସହସଂଯୋଜକ ରାୟ ପ୍ରକାଶ କରିଛନ୍ତି। ତେବେ କିପରି ଏହି କୃଷକ ସତ୍ୟାଗ୍ରହରେ ଜିଲାର ସମସ୍ତ କୃଷକ ଅଂଶଗ୍ରହଣ କରିପାରିବେ ଓ ସୁରୁଖୁରୁରେ ବାଇକ ଶୋଭାଯାତ୍ରା ଯାଜପୁର ଅତିକ୍ରମ କରିପାରିବ ସେ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଅଶୋକ ଶାନ୍ତି, ବସନ୍ତ ନାୟକ, ଶିଶିର ସାମଲ, ଚୌଧୁରୀ ଜେନା, ମୁକୁନ୍ଦ ମହାନ୍ତି, ସନାତନ ସାହୁ, ଅଜୟ ରଉତ ଓ ଲକ୍ଷ୍ମୀଧର ଶାନ୍ତି ପ୍ରମୁଖ ଯୋଗଦେଇ ନାନା ପ୍ରସ୍ତାବ ଦେଇଥିଲେ। ବିଜୟ କୁମାର ଦାସ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଶେଷରେ ଦିଲୀପ କୁମାର ବେହେରା ଧନ୍ୟବାଦ ଦେଇଥିଲେ।




ବୈଠକରେ ଉପସ୍ଥିତ ଚାଷୀ ଓ ନବ ନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତା।

# ପାଟନାଳୀ ସଫେଇ ନାଁରେ ଅର୍ଥ ହରିଲୁଟ୍

ଚଣ୍ଡିଖୋଲ,୨।୯(ଡି.ଏନ୍.ଏ.)

ଯାଜପୁର ଜିଲା ବଡ଼ଚଣା ବ୍ଲକର ଡ୍ରେନେଜ୍ ଡିଭିଜନ ତରଫରୁ ପାଟନାଳୀ ସଫେଇ ନାମରେ ବ୍ୟାପକ ଅର୍ଥ ହରିଲୁଟ୍ ହୋଇଛି। ଏହି ପାଟନାଳୀଗୁଡ଼ିକ ସାଧାରଣତଃ ଚାଷ ଜମିରୁ ଜଳ ନିଷ୍କାସନ ପାଇଁ ବ୍ୟବହାର ହୋଇଥାଏ। ତେବେ ବିଭାଗ ତରଫରୁ ଏହି କାର୍ଯ୍ୟରେ ଠିକାଦାରଙ୍କୁ ପୋଷିବା ପାଇଁ ଏକ ଅଭିନବ ଯୋଜନା ହୋଇଥିବା ଅଭିଯୋଗ ହୋଇଛି। ବଡ଼ଚଣା ବ୍ଲକର ଅଶିଳା ଡ୍ରେନେଜ୍ ସିଷ୍ଟମ୍ ଏହାର ଉଦାହରଣ ପାଲଟିଛି। ଏହି ପାଟନାଳୀଟି କଟକ ଜିଲା ମାହାଙ୍ଗା ବ୍ଲକର ଦୋବଣ୍ଡିଆ ନିକଟରୁ ବାହାରି ଅଶିଳା ନିକଟ ବିରୂପା ନଦୀରେ ପଡ଼ିଛି। ମାଣ୍ଡୁକା ପଞ୍ଚାୟତର ଭାକୁଡ଼, ଦୌଲତପୁର, ପଦ୍ମନାଭପୁର ଓ ଅଶିଳା ଗ୍ରାମର ଚାଷ ଜମିରୁ ଜଳ ନିଷ୍କାସନ ପାଇଁ ଅଶିଳା ଡ୍ରେନେଜ୍ ସିଷ୍ଟମ ବ୍ୟବହାର ହୋଇଥାଏ। ଚଣ୍ଡିଖୋଲ ସବ୍‌ଡିଭିଜନ୍ ଅଧୀନରେ ଥିବା ଏହି ପାଟନାଳୀ ଖନନ ଓ ସଫେଇ ଆଳରେ ବ୍ୟାପକ ଅର୍ଥ ହରିଲୁଟ ହେବା ଚର୍ଚ୍ଚାର ବିଷୟ ହୋଇଛି।




ପାଟନାଳୀରେ ଦଳ ଭର୍ତ୍ତି ହୋଇଛି।

ସୂଚନା ଅଧିକାରରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୨୦ ଓ ୨୦୨୧ରେ ଏହାର ସଫେଇ ବାବଦରେ ୩୦ ଲକ୍ଷରୁ ଊର୍ଦ୍ଧ୍ୱଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଏବେବି ପାଟନାଳୀରେ ଦଳ ଭର୍ତ୍ତି ହୋଇ ରହିଛି। କୌଣସି ଗୋଟିଏ କାମ ହୋଇ ନ ଥିବା ନେଇ ମାଣ୍ଡୁକା ପଞ୍ଚାୟତ ତରଫରୁ ଅଭିଯୋଗ ହୋଇଛି। ଏହାର ପୁନରୁଦ୍ଧାର ଓ ସଫେଇ ବାବଦରେ ବିଭାଗ ତରଫରୁ ମିଳିଥିବା ତଥ୍ୟ କହୁଛି, ୨୦୨୦ ଜୁଲାଇ ୩ରୁ ୧୭ ତାରିଖ ମଧ୍ୟରେ ୩ଟି ଏଫ୍‌ଟୁ ଜରିଆରେ ଖର୍ଚ୍ଚ କରାଯାଇଛି। ଠିକାଦାର ସସ୍ମିତା ମହାନ୍ତିଙ୍କ ନାମରେ ୩ଲକ୍ଷ ୯୮ହଜାର୪ଶହ ୪୨ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ମୁକ୍ତିକାନ୍ତ ବିଶ୍ୱାଳଙ୍କ ନାମରେ ୨ଲକ୍ଷ ୯୭ହଜାର ୨ଶହ ୩୩ଟଙ୍କା ଖର୍ଚ୍ଚ କରାଯାଇଛି। ସେହିଭଳି ପ୍ରକାଶ ଚନ୍ଦ୍ର ରାଉତଙ୍କ ନାମରେ ୪ଲକ୍ଷ ୨୨ହଜାର ୫ଶହ ୭୯ଟଙ୍କା ଖର୍ଚ୍ଚ ହୋଇଛି। ଠିକ୍ ସେହି ବର୍ଷ ଅବିନାଶ ମହାନ୍ତିଙ୍କ ନାମରେ ୩ଲକ୍ଷ ୪ହଜାର ୫ଶହ ୧୬ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଶେଷାନ୍ତ ରଞ୍ଜନ ନାଥଶର୍ମାଙ୍କ ନାମରେ ୨ ଲକ୍ଷ ୬୧ ହଜାର ୨ଶହ ୧୫ଟଙ୍କା ବ୍ୟୟ କରାଯାଇଛି।
ଦୁଇଟି ଯାକ ଏଫ-ଟୁ ଟେଣ୍ଡର ଡିସେମ୍ବର ୯ତାରିଖ ୨୦୨୦ରୁ ଆରମ୍ଭ କରାଯାଇ ୧୫ଦିନ ମଧ୍ୟରେ ଅର୍ଥାତ୍ ଡିସେମ୍ବର୨୩ ତାରିଖ ସୁଦ୍ଧା ଖର୍ଚ୍ଚ କରାଯାଇଛି। ସେହିଭଳି ଏହି ପାଟନାଳୀ ଖନନରେ ୨୦୨୧ ନଭେମ୍ବର ୨୨ରୁ ଡିସେମ୍ବର ୬ ମଧ୍ୟରେ ୨ଟି ଏଫ୍-ଟୁ କରାଯାଇଛି। ଗୋଟିଏ ନିରଞ୍ଜନ ସାହୁଙ୍କ ନାମରେ ୧ଲକ୍ଷ ୧୮ହଜାର ୫ଶହ ୫୬ଟଙ୍କା ହୋଇଥିବାବେଳେ ସସ୍ମିତା ମହାନ୍ତିଙ୍କ ନାମରେ ୧ଲକ୍ଷ ୫୮ହଜାର ୪ଶହ ୪୬ଟଙ୍କା ଖର୍ଚ୍ଚ କରାଯାଇଛି। ସେହିପାଟନାଳୀରେ ୨୦୨୧ ମାର୍ଚ୍ଚ ୧୫ରୁ ୨୯ତାରିଖ ମଧ୍ୟରେ କିଶୋର ଚନ୍ଦ୍ର ବେହେରାଙ୍କ ନାମରେ ୪ଲକ୍ଷ ୯୧ହଜାର ୫ଶହ ୪୮ଟଙ୍କା ଖର୍ଚ୍ଚ କରାଯଇଥିବା ଦର୍ଶାଯାଇଛି। ପୁନର୍ବାର ୨୦୨୨ ଜାନୁୟାରୀ ୧୦ରୁ ୨୪ତାରିଖ ମଧ୍ୟରେ ପ୍ରକାଶ ଚନ୍ଦ୍ର ରାଉତଙ୍କ ନାମରେ ୩ଲକ୍ଷ ୨୦ହଜାର ୬ଶହ ୩୬ଟଙ୍କା ଖର୍ଚ୍ଚ କରାଯାଇଥିବା ବିଭାଗ ତରଫରୁ ଦର୍ଶାଯାଇଥିବା ବେଳେ କାମରେ କିନ୍ତୁ ଟଙ୍କାଟିଏ ବି ଖର୍ଚ୍ଚ କରାଯାଇନାହିଁ। ବର୍ଷାଦିନେ ଚାଷ ଜମିରୁ ଜଳ ନିଷ୍କାସନ ପାଇଁ ଏହି ପାଟନାଳୀ ବ୍ୟବହୃତ ହେଉଥିବା ବେଳେ ପ୍ରକୃତ ପକ୍ଷେ ଚାଷୀଙ୍କର ପାଟନାଳୀ ଦୁଃଖର କାରଣ ପାଲଟିଛି। ଏହି ପାଟନାଳୀ ଦେଇ ପାଣି ନିଷ୍କାସନ ହେଉ ନ ଥିବାରୁ ବହୁ ଚାଷ ଜମି ବୁଡ଼ି ରହୁଛି। ଏ ସମ୍ପର୍କରେ ଡ୍ରେନେଜ୍ ଡିଭିଜନ୍‌ର ଅଧୀକ୍ଷଣ ଯନ୍ତ୍ରୀ ଦିଲ୍ଲୀପ କୁମାର ମହାପାତ୍ର କହିଛନ୍ତି, ପ୍ରତ୍ୟେକ ବର୍ଷ ପାଟନାଳୀ ଗୁଡ଼ିକ ସଫେଇ ହୋଇଥାଏ। ସେଥିପାଇଁ ଏହି ବ୍ୟୟବରାଦ କରାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୩ ସେପ୍ଟେମ୍ବର, ୨୦୨୨



# ୯୬୩ ଇ-ଅଭିଯୋଗ ବିଚାରାଧୀନ

ଛତ୍ରପୁର, ୨।୯(ଡି.ଏନ୍.ଏ)

ସରକାରଙ୍କ ପକ୍ଷରୁ ଲୋକଙ୍କୁ କିପରି ଉତ୍ତମ ସେବା ଯୋଗାଇ ଦିଆଯିବ ସେନେଇ ଗୁରୁତ୍ୱ ଦିଆଯାଉଛି । ପୂର୍ବରୁ ଲୋକମାନେ ଯେକୌଣସି ସମ୍ପର୍କରେ ଅଭିଯୋଗ କରିବାକୁ ହେଲେ ଅଫିସ ଆସି ସେମାନଙ୍କୁ ଅଭିଯୋଗ କରିବାକୁ ପଡୁଥିଲା । କିନ୍ତୁ ବହୁ ଲୋକ ନିଜ ନିଜର ସମସ୍ୟା ପାଇଁ ଅଫିସ ଆସିପାରୁନଥିବାରୁ ପୋର୍ଟାଲ ମାଧ୍ୟମରେ ଇ-ଅଭିଯୋଗ କରିବାର ସୁବିଧା ଦିଆଯାଇଛି। ଗଞ୍ଜାମ ଜିଲାରେ ଅନଲାଇନ ମାଧ୍ୟମରେ ଆସିଥିବା ଅଭିଯୋଗ ଗୁଡିକର ତୁରନ୍ତ କିପରି ସମାଧାନ ହୋଇପାରିବ ସେନେଇ ଛତ୍ରପୁରସ୍ଥିତ ଜିଲାପାଳଙ୍କ ସଦଭାବନା ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ୨୦୨୧ରୁ ଅନଲାଇନରେ ଚଳିତ ବର୍ଷ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଏଯାବତ ୪୪୨୬ଟି ଅଭିଯୋଗ ଆସିଛି । ସେଥିମଧ୍ୟରୁ ୩୪୬୩ଟି ଅଭିଯୋଗର ସମାଧାନ କରାଯାଇଥିବା ବେଳେ ୯୬୩ ଟି ଅଭିଯୋଗ ବିଚାରାଧୀନ ଥିବା ବୈଠକରେ ସୂଚନା ଦିଆଯାଇଥିଲା। ଆସନ୍ତା ଏକ ସପ୍ତାହ ମଧ୍ୟରେ ଏହି ସବୁ ଅଭିଯୋଗ ଗୁଡିକର ସମାଧାନ କରିବାକୁ ଅତିରିକ୍ତ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଜିଲା ସମାଜ ମଙ୍ଗଳ, ପୋଲିସ ଆଦି ବିଭିନ୍ନ ବିଭାଗକୁ ଲୋକମାନେ ପୋର୍ଟାଲ ମାଧ୍ୟମରେ ଇ ଅଭିଯୋଗ କରିଥାନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଜରୁରୀକାଳୀନ ଅଧିକାରୀ ସୁକାନ୍ତ କୁମାର ମିଶ୍ର, ଡେପୁଟି କଲେକ୍ଟର ସୁଚିସ୍ମିତା ମାଝୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।


ବୈଠକରେ ଅତିରିକ୍ତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ।

## ସଂକ୍ଷେପରେ

### ପୁନମ ପୁଣି ଜିଲା ବିଜେଡି ମହିଳା ସଭାନେତ୍ରୀ



କୋଟଗଡ଼,୨।୯(ଡି.ଏନ୍.ଏ.)-କନ୍ଧମାଳ ଜିଲା ବିଜେଡି ମହିଳା ଜିଲା ସଭାନେତ୍ରୀ ଭାବେ ପୁନମ କହଁର ଦ୍ୱିତୀୟ ଥର ମନୋନୀତ ହୋଇଛନ୍ତି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ବିଜେଡି ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଜିଲା ବରିଷ୍ଠ ପର୍ଯ୍ୟବେକ୍ଷକ ଦେବୀ ପ୍ରସାଦ ମିଶ୍ର, ଜିଲା ପର୍ଯ୍ୟବେକ୍ଷକ ପ୍ରତାପ ଜେନା, ଏମ୍‌ପି ଡ.ଅଚ୍ୟୁତ ସାମନ୍ତ, ବିଧାୟକ ଅଙ୍ଗଦ କହଁର, ବିଧାୟକ ଚକ୍ରମଣୀ କହଁର, ବିଧାୟକ ସାଲୁଗା ପ୍ରଧାନ, ଜିଲା ସଭାପତି ସରୋଜ କର୍ଣ୍ଣଙ୍କ ସମେତ ଜିଲାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପୁଣିଥରେ ଏହି ଦାୟିତ୍ୱ ମିଳିଥିବାରୁ ଏହାକୁ ସୂଚାରୁ ରୂପେ ତୁଲାଇବେ ବୋଲି ପୁନମ କହିଛନ୍ତି।

### ସନ୍ଧ୍ୟା ପୂର୍ବରୁ ହେବ ସବୁ ମେଢ଼ ବିସର୍ଜନ

ସୋରଡ଼ା,୨।୯(ଡି.ଏନ୍.ଏ.)- ସୋରଡା ପୋଲିସ ଚଳିତ ଥର ପ୍ରଥମ କରି ଗଣେଶ ମେଢ ବିସର୍ଜନ ପାଇଁ ସ୍ୱତନ୍ତ୍ର ନିୟମାବଳୀ ଜାରି କରିଛି । ସହର ତଥା ଗ୍ରାମାଞ୍ଚଳରେ ହୋଇଥିବା ଗଣେଶ ମେଢ ଗୁଡିକ ୪ ତାରିଖ ମଧ୍ୟରେ ବିସର୍ଜନ କରାଯିବ। ଶୋଭାଯାତ୍ରା ସନ୍ଧ୍ୟା ପୂର୍ବରୁ ସରିବ। ଡିଜେ ବଜାଇ ପାରିବେନି। ଶୋଭାଯାତ୍ରାରେ ଛୋଟ ପିଲା ସାମିଲକୁ ବରଣ କରାଯାଇଛି ବୋଲି ଆଇଆଇସି ରମେଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ସମସ୍ତ ମେଢ କମିଟି ଗୁଡିକୁ କୁହାଯାଇଛି ବୋଲି କହିଛନ୍ତି।

### କୁକୁର କାମୁଡ଼ାରେ ୭ ଆହତ

ବୁଗୁଡ଼ା,୨।୯(ଡି.ଏନ.ଏ.)ବୁଗୁଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ଶୁକ୍ରବାର କୁକୁର କାମୁଡ଼ାରେ ୭ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ବେତାରସିଂ ଗ୍ରାମର କୁନା ଖଣ୍ଡେଇ, ଲକ୍ଷ୍ମଣ ଗୌଡ, ବୁଗୁଡ଼ାର ଦିଲ୍ଲୀପ କୁମାର ମିଶ୍ର, ବାଲିପଦର ଗ୍ରାମର ନୀଳକଣ୍ଠ ରାଉତ, ସୁବୁଦ୍ଧିପଲ୍ଲୀର ଖଦାଳ ଗୌଡ, ଉଦୟପୁର ଗାଁର ଉମା ନାୟକ ଓ କାନସୁକାର ରାମଚନ୍ଦ୍ର ଭୂୟାଁ। ସମସ୍ତ ଆହତଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମେଡିକାଲରେ ସମସ୍ତଙ୍କୁ ଆଣ୍ଟି ରାବିସ୍ ଭ୍ୟାକ୍ସିନ୍ ଦିଆଯାଇଥିଲା। ଏହି ଘଟଣା ପ୍ରଚାରିତ ହେବା ପରେ ଅଞ୍ଚଳରେ କୁକୁର କାମୁଡ଼ା ଭୟ ଘାରିଛି।

# ଗଣେଶ ବିସର୍ଜନ ବେଳେ ୩ ଭାସିଗଲେ

## ଜଣେ ମୃତ, ୨ ଉଦ୍ଧାର

ଭଞ୍ଜନଗର, ୨।୯ (ଡି.ଏନ୍.ଏ)

ଭଞ୍ଜନଗର ଥାନା ଅନ୍ତର୍ଗତ ଡହରେ ଶୁକ୍ରବାର ଅପରାହ୍ନରେ ଗଣେଶ ମେଢ଼ ବିସର୍ଜନ କରିବା ସମୟରେ ୩ ଜଣ ଛାତ୍ରୀଛାତ୍ର କେନାଲରେ ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ୨ ଜଣଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। କିନ୍ତୁ ଅନ୍ୟ ଜଣେ ତୃତୀୟ ଶ୍ରେଣୀ ଛାତ୍ରୀ ଭାସିଯାଇ ପ୍ରାଣ ହରାଇଛନ୍ତି। ସେ ହେଲେ ରୁପାଲି ସାହୁ (୧୦)। ଭଞ୍ଜନଗର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍ପିଟାଲକୁ ପଠାଇଛି। ସନ୍ଧ୍ୟା ହୋଇଯାଇଥିବା ଯୋଗୁଁ ଶନିବାର ମୃତଦେହ ବ୍ୟବଚ୍ଛେଦ ହେବ। ପ୍ରକାଶ ଯେ, ରୁପାଲି ସ୍କୁଲରୁ ଫେରି ସାଙ୍ଗମାନଙ୍କ ସହ ମିଶି ଟ୍ୟୁସନରେ ହୋଇଥିବା ଗଣେଶ ମେଢ଼ ଭସାଣି କରିବାକୁ ଯାଇଥିଲେ। କେନାଲରେ ପାଣି କ୍ଷିପ୍ର ବେଗରେ ଆସୁଥିବା ଯୋଗୁଁ ରୁପାଲି ଓ ଅନ୍ୟ ଦୁଇଜଣ ଭାସି ଯାଇଥିଲେ। ସେଠାରେ ଥିବା ଲୋକେ ଦୁଇଜଣଙ୍କୁ ଉଦ୍ଧାର କରିଥିଲେ। କିଛିଦୂର ପରେ ରୂପାଲିଙ୍କୁ ଉଦ୍ଧାର କରି ପରିବାର ଲୋକେ ତାଙ୍କୁ ଭଞ୍ଜନଗର ହସ୍ପିଟାଲକୁ ଆଣିଥିଲେ। ଡାକ୍ତର ସେଠାରେ ରୁପାଲିଙ୍କୁ ମୃତ ଘୋଷଣା କରିଥିଲେ।

# ନାଟକ ବେଳେ ଛିଡ଼ି ପଡ଼ିଲା ବିଦ୍ୟୁତ୍ ତାର, ୫ ଆହତ

ପାତ୍ରପୁର, ୨।୯(ଡି.ଏନ୍.ଏ)

ପାତ୍ରପୁର ବ୍ଲକ ପଦାଦିଗି ପଞ୍ଚାୟତ ନୂଆଁପେଣ୍ଠ ଗ୍ରାମରେ ଗଣେଶ ପୂଜା ଉପଲକ୍ଷେ ନାଟକ 'ମହାଭାରତ' ମଞ୍ଚସ୍ଥ ହେଉଥିଲା। ଏହି ସମୟରେ ପେଣ୍ଡାଲ ଉପରେ ଯାଇଥିବା ବିଦ୍ୟୁତ୍ ତାର ଛିଡ଼ି ପଡ଼ିଥିଲା। ଫଳରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୫ଜଣ ଛାତ୍ର ଆହତ ହୋଇଥିଲେ। ଆହତମାନଙ୍କୁ ୧୦୮ଯୋଗେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରି ଚିକିତ୍ସା କରାଯାଇଥିଲା। ସେମାନେ ହେଲେ ପଦାଦିଗି ଗ୍ରାମର ଶ୍ରୀତମ ପାଣିଗ୍ରାହୀ, ଆଶିଷ ପାଣିଗ୍ରାହୀ, ଶୁଭମ ପାଣିଗ୍ରାହୀ, ଦେବରାଜ ସାବତ ଏବଂ ସତ୍ୟସାଇ ଚୌଧୁରୀ। ପ୍ରକାଶ ଯେ, ନୂଆପେଣ୍ଠ ବିଦ୍ୟାଳୟ ନିକଟରେ ଗଣେଶ ପୂଜା ପାଇଁ ଗୁରୁବାର ରାତିରୁ ମହାଭାରତ ନାଟକ ପରିବେଷଣ ହେଉଥିଲା। ଯାତ୍ରା ପେଣ୍ଡାଲ ଉପର ଦେଇ ଯାଇଥିବା ବିଦ୍ୟୁତ ତାର ଛିଡ଼ି ପେଣ୍ଡାଲ ଲୁହା ଗ୍ରୀଲ ଉପରେ ପଡିଥିଲା । ନାଟକ ଦେଖୁଥିବା ଜଣେ ଛାତ୍ର ଏହି ଗ୍ରୀଲରେ ଲାଗିଯିବା ଫଳରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ, ଫଳରେ ଏକାଠି ବସିଥିବା ଅନ୍ୟ ପିଲାମାନଙ୍କୁ ମଧ୍ୟ ବିଦ୍ୟୁତ ଆଘାତ ଲାଗିଥିଲା। ତେବେ ପ୍ରାଥମିକ ଚିକିତ୍ସାପରେ ସବୁ ପିଲା ସୁସ୍ଥ ହୋଇ ଘରକୁ ଫେରିଥିବା ସୂଚନା ମିଳିଛି।

# ପକ୍କାରାସ୍ତା ନିର୍ମାଣ ପାଇଁ ବିଧାୟକଙ୍କ ପ୍ରତିଶ୍ରୁତି


ବିଧାୟକ ଦୁର୍ଗମ ତଜଡ଼ବାଡ଼ି ଗ୍ରାମକୁ ଘାଟି ରାସ୍ତା ଦେଇ ଚାଲି ଯାଉଛନ୍ତି ।

ଦାରିଙ୍ଗବାଡ଼ି,୨।୯(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକର ଦୁର୍ଗମ ଗ୍ରାମ ତଜଡ଼ବାଡ଼ିରେ ଶୁକ୍ରବାର ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ପହଞ୍ଚି ଲୋକଙ୍କ ଦୁର୍ଦ୍ଦଶା ଅନୁଭବ କରିବା ସହ ଲୋକଙ୍କ ଗୁହାରି ଶୁଣିଛନ୍ତି । ତଜଡ଼ବାଡ଼ି ଗ୍ରାମକୁ ସବୁଦିନିଆ ରାସ୍ତାଟିଏ ନଥିବା ବେଳେ କରୋନା ପରଠାରୁ ବିଦ୍ୟାଳୟ ବନ୍ଦ କରିଦିଆଯାଇଥିବା ନେଇ 'ଧରିତ୍ରୀ'ରେ ଜୁଲାଇ ୯ରେ ଏବଂ ୧୦ରେ ଦୁଇଦିନ ଧରି ଖବର ପ୍ରକାଶିତ ହୋଇଥିଲା । ଫଳରେ ସ୍ଥାନୀୟ ବିଡିଓ ଗଦାଧର ପାତ୍ର ଉକ୍ତ ଗ୍ରାମକୁ ଘାଟି କଟାଯାଇ ରାସ୍ତା ସଂପ୍ରସାରଣ ପାଇଁ ଏମଜିଏନ୍ଆରଇଜିଏସ ଯୋଜନାରେ ପ୍ରାୟ ୧୭ଲକ୍ଷ ଟଙ୍କା ଅନୁଦାନ ଦେଇଥିଲେ। ଏବେ ତଜଡ଼ବାଡ଼ି ଦେଇ କଣ୍ଡାପାଡ଼ି, ରାବତବାଡ଼ି ଦେଇ କ.ନୂଆଗାଁ ବ୍ଲକକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ପକ୍କା ରାସ୍ତା ସଂପ୍ରସାରଣ କରାଯିବାକୁ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକାଶଯେ, ବିଧାୟକ ସାଲୁଗା ପ୍ରଧାନ, ୧୦ନଂ ଜିଲା ପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ, ପୂର୍ବତନ ସମିତି ସଭ୍ୟ ଦିଲିପ କୁମାର ପ୍ରଧାନ, ସରପଞ୍ଚ ଅଶୋକ କୁମାର ପ୍ରଧାନ, ମିଳନ ନାୟକ ପ୍ରମୁଖ ତଜଡ଼ବାଡ଼ିକୁ ପାହାଡ଼ ଚଢ଼ି ଯାଇ ପହଞ୍ଚିଥିଲେ। ସେଠାରେ ଏକ ବୈଠକରେ ବିଜେଡିର ପୂର୍ବତନ ବ୍ଲକ ସଭାପତି ଦିଲିପ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀ ବିଭିନ୍ନ ସମସ୍ୟା ନେଇ ବିଧାୟକଙ୍କୁ ଅବଗତ କରାଇଥିଲେ । ସବୁ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯାଇ ଗ୍ରାମର ବିକାଶ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି।

## ସାହିତ୍ୟିକଙ୍କ ସ୍ମୃତିସଭା

ଆସିକା,୨।୯(ଡି.ଏନ୍.ଏ.)

ଆସିକା ବ୍ଲକ ଭେଟନଇ ପଞ୍ଚାୟତ କାର୍ଯ୍ୟାଳୟ ସଭା ଗୃହରେ ଗୁରୁବାର ସାହିତ୍ୟିକ ଅଭିମନ୍ୟୁ ଗୌଡଙ୍କ ଦ୍ୱାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସମ୍ଭାବନା ସାରସ୍ୱତ ସାଂସ୍କୃତିକ ପରିଷଦ ଓ ଆସିକା ବ୍ଲକ ଶିକ୍ଷକ ସଂଗଠନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶରତ ଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଯୁବ ବିଜେଡି ଗଞ୍ଜାମ ଜୋନ ସଭାପତି ନଚିକେତା ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ପରିଡା, ସାମାଜିକ କର୍ମୀ ଇ. ମାହେଶ୍ୱରୀ ଦୋରା, ପୂର୍ବତନ ଶିକ୍ଷକ ରାଜେଶ୍ୱର ପାତ୍ର, କୁଶ ନାଇଡୁ, ସରପଞ୍ଚ ପ୍ରତିନିଧି ଟୁଲୁ ଜେନା, ସଂଗଠନର ସମ୍ପାଦକ ରବିନ୍ଦ୍ର କୁମାର ମଲ୍ଲ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଗୌଡଙ୍କ ବହୁମୁଖୀ ପ୍ରତିଭାର ସ୍ମୃତି ଚାରଣ କରିଥିଲେ।

# ସ୍ୱାୟତ୍ତ ଶାସନ ଦିବସ ଉଦ୍‌ଯାପିତ


ଉପସ୍ଥିତ ଅତିଥିମାନେ ।

ହିଞ୍ଜିଳିକାଟୁ,୨।୯(ଡି.ଏନ.ଏ.)

ସ୍ୱାୟତ୍ତ ଶାସନ ଦିବସ ଅବସରରେ ହିଞ୍ଜିଳିକାଟୁ ପୌରପରିଷଦ ପକ୍ଷରୁ ଆୟୋଜିତ ୩ ଦିନିଆ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗଞ୍ଜାମ ଜିଲା ଅତିରିକ୍ତ ଜିଲାପାଳ (ସାଧାରଣ) ଲୀନା କୁମାରୀ ଖେସ, ଜିଲା ଅତିରିକ୍ତ ଜିଲାପାଳ (ରାଜସ୍ୱ) ପ୍ରିୟରଞ୍ଜନ ପୃଷ୍ଟି, ଡୁଡା ପିଡି ସଚ୍ଚିଦାନନ୍ଦ ନାୟକ, ଏସଡିପିଓ ଉମାଶଙ୍କର ସିଂ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଲେଇ ସ୍ୱାଗତ ଭାଷଣ ଦେଇଥିଲେ। ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା ଉପସ୍ଥିତ ଥିଲେ। ଯାତ୍ରା ପାର୍ଟିର ଜଣାଶୁଣା କଳାକାର ଦୈତାରି ପଣ୍ଡା ବିଭିନ୍ନ ସଂଳାପ ମାଧ୍ୟମରେ ଲୋକଙ୍କ ମନୋରଞ୍ଜନ କରିଥିଲେ। ସେହିପରି କାର୍ଯ୍ୟକ୍ରମର ୨ୟ ସନ୍ଧ୍ୟାରେ ଗଞ୍ଜାମ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଭି କିର୍ତ୍ତୀଭାସନ, ସମ୍ମାନିତ ଅତିଥି ଭାବେ ଛତ୍ରପୁର ଉପଜିଲାପାଳ ପ୍ରସନ୍ନ କୁମାର ପାତ୍ର, ଶେରଗଡ଼ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ହିଞ୍ଜିଳିକାଟୁ ବ୍ଲକ ଅଧ୍ୟକ୍ଷା ସରସତୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ସୁବାସ ପଲେଇ ଓ ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଫେଇ କର୍ମଚାରୀ, ସ୍ୱଚ୍ଛ ବିଦ୍ୟାଳୟ, ମନ୍ଦିର, ବ୍ୟବସାୟ ପ୍ରତିଷ୍ଠାନ, ଉଠା ବେପାରୀ ଇତ୍ୟାଦିଙ୍କୁ ସମ୍ମାନିତ କରାଯାଇଥିଲା। ଗଞ୍ଜାମ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମରେ ମହାତ୍ମାଗାନ୍ଧୀଙ୍କ ସମ୍ପୂର୍ଣ୍ଣ ଜୀବନୀକୁ ନେଇ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜନ ନିମନ୍ତେ ଜିଲା ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ମାଓବାଦୀ ପୋଷ୍ଟରରେ ଏମ୍‌ପି ପ୍ରତିନିଧି, ବ୍ଲକ କୋଷାଧ୍ୟକ୍ଷଙ୍କୁ ଧମକ

କୋଟଗଡ଼, ୨।୯ (ଡି.ଏନ୍.ଏ)

କୋଟଗଡ଼ ଥାନା ଅନ୍ତର୍ଗତ ଜାମଝୋର ରାସ୍ତା କଡ଼ରେ ଲାଗିଛି ମାଓ ପୋଷ୍ଟର। ଏହି ପୋଷ୍ଟରରେ କୋଟଗଡ଼ ଏମ୍‌ପି ପ୍ରତିନିଧିଙ୍କ ନାଁରେ ସଙ୍ଗୀନ ଅଭିଯୋଗ ଅଣାଯାଇଛି।

ଏମପି ପ୍ରତିନିଧି ଧର୍ମ ନାମରେ ଲୋକଙ୍କୁ ବିଭାଜନ କରୁଛନ୍ତି, ପାଳକମାନଙ୍କୁ ଏକତ୍ରିତ କରି ଭ୍ରାନ୍ତ କରୁଛନ୍ତି, ପୂର୍ବତନ ବିଡ଼ିଓ କୈଳାଶ ଚନ୍ଦ୍ର ମୁର୍ମୁ ଓ କୋଷାଧ୍ୟକ୍ଷ ଛବି ବାବୁଙ୍କ ସହ ମିଶି ଗରିବ ଲୋକଙ୍କ ଜଙ୍ଗଲ ଜମି ଓ ସରକାରଙ୍କ କୋଟି କୋଟି ଟଙ୍କା ହଡପ କରିଥିବା, କଲେଜର ଟଙ୍କା ଖାଇଥିବା ଓ ଯୋଗୀରାଜକୁ ଧମକ ଦେଇଥିବା ପୋଷ୍ଟରରେ ଉଲ୍ଲେଖ ରହିଛି। ସେ କୋଟି କୋଟି ଟଙ୍କା ଆଣୁଛନ୍ତି, ପୋଲିସ ସହ ହାତ ମିଶାଇ ନିଜ ନାମରେ ମାଓ ପୋଷ୍ଟର ମାରୁଛନ୍ତି।

ଏଥିପାଇଁ ଭିଜିଲାନ୍ସ ଦଣ୍ଡ ଦେଉ ନଚେତ ଆମେ ଏହାର ପର୍ଦାଫାଶ କରି ବସନ୍ତ ଭାଟ ପରି ହତ୍ୟା କରାଯିବ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି। କୋଟଗଡ଼ର ଆରଆଇ ଓ ତହସିଲଦାରଙ୍କୁ ହାତରେ ରଖି ଶହ ଶହ ଏକର ଜଙ୍ଗଲ ଜମିକୁ ନିଜ ଓ ପରିବାର ଲୋକଙ୍କ ନାମରେ କରିବା ଓ ଗରିବ ଲୋକଙ୍କ ଜମି, ଘରକୁ ଅକ୍ତିଆର କରୁଥିଲେ ମଧ୍ୟ ସରକାର ସମର୍ଥନ କରୁଥିବାରୁ ତାଙ୍କୁ ଭିଜିଲାନ୍ସ ଧରୁନି, ଆମେ ମାଓବାଦୀ ସଂଗଠନ ଓଡ଼ିଶା ଡିଭିଜନ ବିରୋଧ କରୁଛୁ ଓ ବ୍ଲକ କୋଷାଧ୍ୟକ୍ଷ ଛବିଙ୍କୁ ମଧ୍ୟ ହତ୍ୟା କରିବେ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି।

## ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟର ନିଜସ୍ୱ କୋଠା ନିର୍ମାଣ ଦାବି

ଶେରଗଡ଼, ୨।୯(ଡି.ଏନ.ଏ.)

ଶେରଗଡ଼ ସବ ରେଜିଷ୍ଟାର କାର୍ଯ୍ୟାଳୟ ବହୁ ବର୍ଷ ହେଲା ଖୋଲିଥିଲେ ମଧ୍ୟ ତାହା ତହସିଲ ବାରଣ୍ଡାର ଏକ ଛୋଟ କୋଠରୀରେ ଚାଲିଛି। ସବ ରେଜିଷ୍ଟ୍ରାର କାର୍ଯ୍ୟାଳୟର ନିଜସ୍ୱ କୋଠା ନିର୍ମାଣ ପାଇଁ ବାରମ୍ବାର ଦାବି ହୋଇଆସୁଛି। ରେଜିଷ୍ଟ୍ରେସନ ପାଇଁ ଆସୁଥିବା ବହୁ ହିତାଧିକାରୀ ଅପେକ୍ଷା କରିବାକୁ ଜାଗା ଖଣ୍ଡିଏ ନାହିଁ। ନିଜସ୍ୱ କୋଠା ପାଇଁ ଜାଗା ଚିହ୍ନଟ ହୋଇଥିଲେ ମଧ୍ୟ ଅର୍ଥ ମଞ୍ଜୁର ହୋଇନଥିବାରୁ କାମ ହୋଇ ପାରୁନାହିଁ ବୋଲି ଜଣେ କର୍ମଚାରୀ କହିଛନ୍ତି। ସରକାର ଓ ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବା ସହ ସବ ରେଜିଷ୍ଟାର କାର୍ଯ୍ୟାଳୟ ନିଜସ୍ୱ କୋଠା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରନ୍ତୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

# ଦୁର୍ନୀତି ଅଭିଯୋଗ, ବିଡିଓଙ୍କୁ ଦାବିପତ୍ର


ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ ।

ପୋଲସରା,୨।୯(ଡି.ଏନ.ଏ.)

ପୋଲସରା ବ୍ଲକ ଭାବରଡା ପଞ୍ଚାୟତରେ ପୂର୍ବତନ ସରପଞ୍ଚ ପ୍ରତିନିଧି ଓ ବର୍ତ୍ତମାନର ସରପଞ୍ଚଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିବା ଚର୍ଚ୍ଚାର ବିଷୟ ପାଲଟିଛି। ଭାବରଡା ପଞ୍ଚାୟତର ବିକାଶ ଓ ଉନ୍ନତି ନାଁରେ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ପୂର୍ବତନ ସରପଞ୍ଚ ପ୍ରତିନିଧି ଖଗେଶ୍ୱର ପ୍ରଧାନଙ୍କ ଅଭିଯୋଗ ପ୍ରକାରେ, ଭାବରଡା ପଞ୍ଚାୟତର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ସରପଞ୍ଚ ପ୍ରଦ୍ୟୁମ୍ନ ବିଷୋୟୀ ଚଞ୍ଚକତା କରି ପାଞ୍ଚ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଆତ୍ମସାତ କରିଛନ୍ତି। କେଉଁ ବିଭାଗରେ କେତେ ଟଙ୍କାର ଦୁର୍ନୀତି ହୋଇଛି ସେ ନେଇ ବିଡ଼ିଓ କୈଳାସ ଚନ୍ଦ୍ର ମୁର୍ମୁଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଏହାର ଉଚିତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗ୍ରାମର ଦିଲ୍ଲୀପ ପ୍ରଧାନ, ରମାକାନ୍ତ ପ୍ରଧାନ, ବିପିନ ପାଢ଼ୀ, ଅଭିମନ୍ୟୁ ସାହୁ, ସୁବାସ ଚନ୍ଦ୍ର ବେହେରା, ସୁରେଶ ଚନ୍ଦ୍ର ବରାଡ଼, ସୁଧିର କୁମାର ଗୌଡ଼ ଓ ଜିତେନ୍ଦ୍ର କୁମାର ପ୍ରଧାନ ସମେତ ବହୁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ସରପଞ୍ଚ ବିଷୋୟୀ କହିଛନ୍ତି, ମୁଁ ଦାୟିତ୍ୱ ନେବା ଠାରୁ କୌଣସି ଦୁର୍ନୀତି କରିନାହିଁ। ଏହି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ବିଡ଼ିଓ ମୁର୍ମୁ କହିଛନ୍ତି, ସଠିକ୍ ତଦନ୍ତ କରି ଉଚିତ ପଦକ୍ଷେପ ଗ୍ରହଣ କରିବି ।

## ସ୍ତ୍ରୀଙ୍କ ଉପରେ ସାନିଟାଇଜର ଢାଳି ନିଆଁ ଲଗାଇଦେବା ଘଟଣା, ସ୍ୱାମୀ ଅଟକ

ଦିଗପହଣ୍ଡି,୨।୯(ଡି.ଏନ.ଏ.)

ଦିଗପହଣ୍ଡି ଥାନା ମହୁଡ଼ା ଗ୍ରାମ ମଝିସାହିରେ ରିତା ପ୍ରଧାନଙ୍କୁ ତାଙ୍କ ସ୍ୱାମୀ ସଞ୍ଜୟ ହତ୍ୟା ଉଦ୍ୟମ କରିଥିବା ଶୁକ୍ରବାର ଅଭିଯୋଗ ହୋଇଛି। ତାଙ୍କ ଦେହରେ ସାନିଟାଇଜର ପକାଇ ନିଆଁ ଲଗାଇ ଜିଅନ୍ତା ଜାଳି ଦେବାକୁ ଉଦ୍ୟମ କରାଯାଇଥିବା ରିତାଙ୍କ ବାପା ଛେନା ପ୍ରଧାନ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ପୋଲିସ ମାମଲା ନଂ.୩୧୪/୨୨ ଦଫା - ୩୦୭/୪୯୮(କ)/୫୦୬ ଆଇପିସି ସମେତ ଯୌତୁକ ନିରୋଧ ଆଇନର ଧାରା-୪ ଅନୁଯାୟୀ ମକଦ୍ଦମା ରୁଜୁ କରାଯାଇଛି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ରିତାଙ୍କ ସ୍ୱାମୀ ସଞ୍ଜୟଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଶନିବାର ଅଭିଯୁକ୍ତ ସ୍ୱାମୀଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ଦୀପ୍ତିରଞ୍ଜନ ବେହେରା କହିଛନ୍ତି। ରୀତାଙ୍କ ଶରୀରର ପ୍ରାୟ ୩୦ ଭାଗ ପୋଡିଯାଇଛି। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଚିକିତ୍ସା ଜାରି ରହିଥିବା ପୋଲିସ କହିଛି।

# କିଚରଲିଙ୍ଗ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଦାବି

ପାରଳାଖେମୁଣ୍ଡି, ୨।୯ (ଡି.ଏନ୍.ଏ)

ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପର୍ଯ୍ୟଟନ ସ୍ଥଳୀ କିଚରଲିଙ୍ଗ। ପାହାଡ଼ ବକ୍ଷରେ ବୋହି ଯାଉଥିବା ଝରଣା ସହ ପ୍ରକୃତିର ମନଲୋଭା ସୃଷ୍ଟିର ଏଭଳି ଏକ ଆକର୍ଷଣୀୟ ସ୍ଥାନ ରହିଛି ଗଜପତି ଜିଲା ନୂଆଗଡ ବ୍ଲକ ସଦରମହକୁମା ଠାରୁ ମାତ୍ର ୫କିମି ଦୂରରେ। ପର୍ବତମାଳାର ପାଦଦେଶରେ କୁଳୁକୁଳୁ ନାଦରେ ବୋହିଯାଉଥିବା ଝରଣା, ଯାହା କିଛିଦୂରରେ ପୋଖରୀରେ ମିଶୁଥିବା ଦୃଶ୍ୟ ସୁଇମିଂ ପୋଲ୍‌ର ଭ୍ରମ ସୃଷ୍ଟି କରୁଛି। ଏଠାରେ ଥିବା କ୍ଷୁଦ୍ର ଜଳ ପ୍ରପାତରେ ଭିଜିବାର ମଜା ଖୁବ ନିଆରା। ପର୍ଯ୍ୟଟନର ବିକାଶ ଦୃଷ୍ଟିରୁ ଏହାର ଉନ୍ନତିକରଣ ଆବଶ୍ୟକ ବୋଲି କହିଛନ୍ତି ସ୍ଥାନୀୟ ବାସିନ୍ଦା ପୃଥ୍ୱୀରାଜ ପାଲ, ଇଫ୍ରିୟମ ପାଣି ପ୍ରମୁଖ।

ବର୍ଷା ଋତୁରେ ଝରଣାର ସ୍ରୋତ ପ୍ରଖର ରହୁଥିବାରୁ ପର୍ଯ୍ୟଟକଙ୍କୁ ବାରଣ କରାଯାଉଥିବା ବେଳେ ଶୀତ ଋତୁରେ ଏହା ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି।


କିଚରଲିଙ୍ଗ ପର୍ଯ୍ୟଟନସ୍ଥଳୀରେ ବୋହି ଯାଉଥିବା ଝରଣା।

ତେବେ ଏହି ସ୍ଥାନକୁ ଯିବା ନିମନ୍ତେ ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରହିଛି। ଝରଣା ମଧ୍ୟକୁ ପ୍ରବେଶ କରିବାକୁ ପାହାଚ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ସୃଷ୍ଟି କରିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଆସନ୍ତା ମାର୍ଚ୍ଚ ସୁଦ୍ଧା ରାସ୍ତା କାର୍ଯ୍ୟ ସଂପୂର୍ଣ୍ଣ ହେବ ବୋଲି କହିଛନ୍ତି ପଞ୍ଚାୟତ ନିର୍ବାହୀ ଅଧିକାରୀ ପି ଗୋପାଳ ରାଓ। ଆଗାମୀ ଦିନରେ ଅଧିକରୁ ଅଧିକ ପର୍ଯ୍ୟଟକ ଆସିବେ ବୋଲି ଆଶା କରାଯାଉଛି। ତେବେ ପ୍ରକୃତିର ଏହି ସୁନ୍ଦର ଅବଦାନକୁ ଆହୁରି ଆକର୍ଷଣ କରିବା ପାଇଁ ପର୍ଯ୍ୟାପ୍ତ ପରିମାଣର ଅନୁଦାନର ଆବଶ୍ୟକ ରହିଛି। ସେଥିପାଇଁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।